# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17




କୋର୍ଟ ନିଷ୍ପତ୍ତି ସରଳ ଭାଷାରେ ଲେଖାଯିବା ଉଚିତ

ପୃଷ୍ଠା ୪


## ଜିଲ୍ଲା ପ୍ରତିନିଧି ଆବଶ୍ୟକ

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

**ଯୋଗାଯୋଗ**

Mail :- sancharodisha@gmail.com
Whatsapp :- +91 8093008776


Vol. 33 | ISSUE 262 | ଭାଗ ୩୩ | ସଂଖ୍ୟା ୨୬୨ | Monday 15 December 2025 | Page 8 Rs. 5.00 | ଭୁବନେଶ୍ୱର ସୋମବାର ୧୫ ଡିସେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

### ସିଡ୍‌ନୀରେ ପହଲଗାମ୍ ଭଳି ନରସଂହାର

# ଗୁଳିମାଡ଼ରେ ୧୧ ମୃତ

- ହନୁକ୍କା ପର୍ବରେ ଇହୁଦୀଙ୍କୁ ଟାର୍ଗେଟ୍
- ୧୫ ଆହତ ; ଜଣେ ବନ୍ଧୁକଧାରୀ ମୃତ
- ପୁଲିସ୍ କହିଲା ଆତଙ୍କବାଦୀ ଆକ୍ରମଣ
- ମୋଦିଙ୍କ ସମେତ ବିଶ୍ୱ ନେତାଙ୍କ ନିନ୍ଦା




**ସିଡନୀ,୧୪।୧୨:** ଅଷ୍ଟ୍ରେଲିଆର ସିଡ୍‌ନୀରେ ଗତ ଏପ୍ରିଲ୍ ୨୧ ତାରିଖରେ ଜମ୍ମୁ-କଶ୍ମୀରର ପହଲଗାମ ଭଳି ନରସଂହାର ଘଟଣା ଘଟିଛି। ଆତତାୟୀଙ୍କ ଆଖିବୁଜା ଗୁଳିମାଡ଼ରେ ୧୧ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ଏଠାକାର ଲୋକପ୍ରିୟ ବୋଣ୍ଡି ବିଚ୍‌ରେ ରବିବାର ଅଚାନକ ଦୁଇ ଜଣ ବନ୍ଧୁକଧାରୀ ଆଖିବୁଜା ଗୁଳିମାଡ଼ କରିବା ଫଳରେ ନିରୀହ ଲୋକଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ କେତେକ ଶିଶୁ ଥିବା ବେଳେ ଆହତଙ୍କ ମଧ୍ୟରେ ଦୁଇ ଜଣ ପୁଲିସ ଅଧିକାରୀ ବି ଅଛନ୍ତି। ଅନ୍ୟପକ୍ଷରେ ପୁଲିସର ପାଲଟା ଗୁଳିମାଡ଼ରେ ଦୁଇ ବନ୍ଧୁକଧାରୀଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଛି। ➪ପୃଷ୍ଠା-୬

### ୧୬ରେ ଜାତୀୟ ସମ୍ମିଳନୀ

# ଓଡ଼ିଶା ହେବ ଫାର୍ମା ଡେଷ୍ଟିନେସନ୍

**ଭୁବନେଶ୍ୱର,୧୪।୧୨(ସଂଚାର ବ୍ୟୁରୋ):** ଆସନ୍ତା ୧୬ ତାରିଖରେ ଏଠାରେ ଆୟୋଜିତ ହେବ ଓଡ଼ିଶା ଫାର୍ମା ସମ୍ମିଟ। ରାଜ୍ୟରେ ଔଷଧ ନିର୍ମାଣକାରୀ କମ୍ପାନୀର ବିକାଶ ସାଙ୍ଗକୁ ମେଡିକାଲ ଯନ୍ତ୍ରାଂଶ ସମ୍ପର୍କିତ ଷ୍ଟାର୍ଟଅପ ଶିଳ୍ପକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଆୟୋଜିତ ହେବାକୁ ଥିବା ଏହି ଫାର୍ମା ସମ୍ମିଟକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିବେ। ଏଥିରେ ସ୍ୱାସ୍ଥ୍ୟ ଓ ଔଷଧ ପ୍ରସ୍ତୁତକାରୀ ଶିଳ୍ପ ସହ ଜିଡିତ ସବୁ ଷ୍ଟାର୍ଟଅପ, ନିବେଶକ, ବିଶେଷଜ୍ଞ, ଶିଳ୍ପପତି ଯୋଗଦେବେ।

ଏହି ଅବସରରେ ରାଜ୍ୟ ସରକାର ଓଡ଼ିଶା ଔଷଧ ଓ ମେଡିକାଲ ଯନ୍ତ୍ରାଂଶ ନୀତି ୨୦୨୫ର ଘୋଷଣା କରିବେ। ନୂଆ ନୀତିରେ ଔଷଧ ଶିଳ୍ପ ଓ ମେଡିକାଲ ଯନ୍ତ୍ରାଂଶ ଶିଳ୍ପକୁ ଆକର୍ଷିତ କରିବାକୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଘୋଷଣା କରାଯିବ। ଏହି ଶିଳ୍ପ ଜରିଆରେ ରାଜ୍ୟରେ ବହୁ ସଂଖ୍ୟାରେ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହେବାର ମଧ୍ୟ ସମ୍ଭାବନା ରହିଛି। ଏହି ଅବସରରେ ରାଜ୍ୟ ସରକାର ପ୍ରସ୍ତାବିତ ଔଷଧ ପାର୍କ ଓ ମେଡିକାଲ ଯନ୍ତ୍ରାଂଶ ପାର୍କ ପ୍ରତିଷ୍ଠା ନେଇ ଘୋଷଣା କରିବେ। ରାଜ୍ୟରେ ଚିକିତ୍ସା ଶିଳ୍ପର ବିକାଶ ପାଇଁ ଏହି ଦୁଇ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ସହ ଏଥିରେ ଜଡିତ ଶିଳ୍ପର ବିକାଶକୁ ମଧ୍ୟ ଗୁରୁତ୍ୱ ଦେଉଛନ୍ତି।



- ଘୋଷଣା ହେବ ଔଷଧ ଓ ମେଡିକାଲ ଉପକରଣ ନୀତି
- ପ୍ରତିଷ୍ଠା ହେବ ଔଷଧ ଶିଳ୍ପ ଓ ମେଡିକାଲ ଉପକରଣ ପାର୍କ
- ଅର୍ଥନୈତିକ ବିକାଶ ସହ ବଢ଼ିବ ନିଯୁକ୍ତି ସୁଯୋଗ
- ବିକଶିତ ଓଡ଼ିଶା ଲକ୍ଷ୍ୟ ହାସଲରେ ହେବ ସହାୟକ

ପୁଞ୍ଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିଥିବା କିଛି ଔଷଧ ନିର୍ମାଣକାରୀ ସଂସ୍ଥା ଓ ମେଡିକାଲ ଯନ୍ତ୍ରାଂଶ ଶିଳ୍ପ ସହ ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମରେ ଏମଓୟୁ କରିବେ। ରାଜ୍ୟରେ କେବଳ ଇସ୍ପାତ କିମ୍ବା ଆଲୁମିନିୟମ ଶିଳ୍ପର ବିକାଶକୁ ଗୁରୁତ୍ୱ ଦିଆଯାଉଛି। ସ୍ୱାସ୍ଥ୍ୟ କ୍ଷେତ୍ର ସହ ରାଜ୍ୟର ଅଧିକାଂଶ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିର୍ଭରଶୀଳ ଥିବାରୁ ଏ ସମ୍ପର୍କିତ ଶିଳ୍ପର ବିକାଶ ମଧ୍ୟ ରାଜ୍ୟର ଅନ୍ୟତମ ଏଜେଣ୍ଡା ରହିଛି। ଏହାଦ୍ୱାରା ରାଜ୍ୟରେ ଆଗାମୀ ଦିନରେ କେବଳ ସ୍ୱାସ୍ଥ୍ୟ କ୍ଷେତ୍ରର ବିକାଶ ହେବନି, ଯୁବକଯୁବତୀଙ୍କ ପାଇଁ ବ୍ୟାପକ ନିଯୁକ୍ତି ସମ୍ଭାବନା ମଧ୍ୟ ସୃଷ୍ଟି ହେବ ବୋଲି କହିଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ। ପୂର୍ବ ଭାରତରେ ଓଡ଼ିଶା ଇସ୍ପାତ ଓ ଉତ୍ପାଦନଭିତ୍ତିକ ଶିଳ୍ପର ଅନ୍ୟତମ ଡେଷ୍ଟିନେସନ ହୋଇଥିବା ବେଳେ ଆଗାମୀ ଦିନରେ ଔଷଧ ଓ ମେଡିକାଲ ଯନ୍ତ୍ରାଂଶ ଶିଳ୍ପର ଅନ୍ୟତମ ଆକର୍ଷଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ➪ପୃଷ୍ଠା-୬

# ହାର୍ଦ୍ଦିକଙ୍କ ବିଶ୍ୱ ରେକର୍ଡ




**ଧର୍ମଶାଳା,୧୪।୧୨:** ଆଜି ଏଠାରେ ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ଟି-୨୦ରେ ଭାରତୀୟ ଦଳର ପ୍ରମୁଖ ଅଲ୍‌ରାଉଣ୍ଡର୍ ହାର୍ଦ୍ଦିକ ପାଣ୍ଡ୍ୟା ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେ ବିଶ୍ୱର ପ୍ରଥମ ପେସ୍ ଅଲ୍‌ରାଉଣ୍ଡର୍ ଭାବେ ଟି-୨୦ କ୍ରିକେଟ୍‌ରେ ଏକ ହଜାର ରନ୍ ଓ ଶହେ ୱିକେଟ୍ ପୂରଣ କରିଛନ୍ତି। ଆଜି ସେ ଦକ୍ଷିଣ ଆଫ୍ରିକାର ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ୍ ଟ୍ରିଷ୍ଟାନ୍ ଷ୍ଟବ୍ସଙ୍କୁ ଆଉଟ୍ କରିବା ପରେ ଅନ୍ତର୍ଜାତୀୟ ଟି-୨୦ରେ ତାଙ୍କର ଶହେତମ ଶିକାର ହାସଲ କରିବା ପରେ ଏହି ବିରଳ କ୍ଲବ୍‌ରେ ପଞ୍ଚମ ଅଲ୍‌ରାଉଣ୍ଡର୍ ଭାବେ ସାମିଲ୍ ହୋଇଥିଲେ। ପୂର୍ବରୁ ଏହି କ୍ଲବ୍‌ରେ ପହଞ୍ଚିଥିବା ୪ ଜଣଯାକ ଅଲ୍‌ରାଉଣ୍ଡର୍ ସ୍ପିନର୍ ଥିଲେ। ସେମାନେ ➪ପୃଷ୍ଠା-୬

### ବିଜେପିର ସାଙ୍ଗଠନିକ ନିଷ୍ପତ୍ତିରେ ଯୁବ ନେତୃତ୍ୱକୁ ଗୁରୁତ୍ୱ

# ନୀତିନ ନୂଆ ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ

- ନେତୃତ୍ୱ ଦକ୍ଷତାକୁ ମୋଦିଙ୍କ ପ୍ରଶଂସା
- ୫ଥର ବିଧାୟକ ସହ ଏବେ କ୍ୟାବିନେଟ୍ ମନ୍ତ୍ରୀ



**ନୂଆଦିଲ୍ଲୀ,୧୪।୧୨:** ବିଜେପି ଆଜି ଏକ ବଡ଼ ସାଙ୍ଗଠନିକ ନିଷ୍ପତ୍ତି ନେଇଛି। ବିହାର ସରକାରରେ ସଡ଼କ ନିର୍ମାଣ ମନ୍ତ୍ରୀ ଦାୟିତ୍ୱ ତୁଲାଉଥିବା ନୀତିନ ନବୀନ (୪୫)ଙ୍କୁ ଦଳର ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ଦଳର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ମୁଖ୍ୟାଳୟ ପ୍ରଭାରୀ ଅରୁଣ ସିଂହ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଏହି ସୂଚନା ଦେଇଥିବା ବେଳେ ଏହାକୁ ବିହାର ଓ ଜାତୀୟ ରାଜନୀତିରେ ବିଜେପିର ଏକ ବଡ଼ ରଣନୀତି ଭାବରେ ଦେଖାଯାଉଛି। ଦଳୀୟ ନେତୃତ୍ୱ ତାଙ୍କ ସାଙ୍ଗଠନିକ ଅଭିଜ୍ଞତା, ତୃଣମୂଳ ସ୍ତରର ଉପସ୍ଥିତି ଏବଂ ପ୍ରଶାସନିକ ଦକ୍ଷତାକୁ ସ୍ୱୀକୃତି ସ୍ୱରୂପ ୪୫ ବର୍ଷୀୟ ନୀତିନ୍‌ଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏଥିସହ ନୀତିନ୍ ବିହାରର ➪ପୃଷ୍ଠା-୬

### ମୋହନ ଦେଲେ ଶୁଭେଚ୍ଛା

**ଭୁବନେଶ୍ୱର:** ନୀତିନ୍‌ଙ୍କୁ ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିବା ପରେ ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ବଧେଇ ଜଣାଇଛନ୍ତି। ସୋସିଆଲ୍ ମିଡିଆ 'ଏକ୍ସ'ରେ ସେ ନୀତିନ୍‌ଙ୍କ କାର୍ଯ୍ୟଦକ୍ଷତା, ନିଷ୍ଠାପରତା ଓ ନେତୃତ୍ୱ ନେବାର ଦକ୍ଷତାକୁ ତାଙ୍କ ନୂତନ ନିଯୁକ୍ତିର ମାପକାଠି ବୋଲି ଦର୍ଶାଇବା ସହ ନୀତିନ୍ ନିଶ୍ଚିତ ଭାବେ ତାଙ୍କ ନୂତନ ଭୂମିକାରେ ସଫଳ ହେବେ ବୋଲି ଶ୍ରୀ ମାଝୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ଧର୍ମଶାଳାରେ ରାଜନୈତିକ ହିଂସା



- ପୂର୍ବତନ ବିଧାୟକଙ୍କ ଫାର୍ମହାଉସରେ ମାରପିଟ୍
- 'ବିଜେଡି ନେତାଙ୍କ ମୁଣ୍ଡରୁ ଯାଉନି କ୍ଷମତା ନିଶା'
- ବିଧାୟକଙ୍କ ପାଇଁ ଧର୍ମଶାଳାରେ ବଢ଼ୁଛି ହିଂସା: ପ୍ରଣବ

**ଧର୍ମଶାଳା,୧୪।୧୨(ସଂଚାର ବ୍ୟୁରୋ):** କ୍ଷମତାରୁ ଯିବା ପରେ ବିଜେଡି ନେତାଙ୍କ କ୍ଷମତା ନିଶା ଛାଡୁନାହିଁ। ସୋସିଆଲ ମିଡିଆରେ ପ୍ରତିପକ୍ଷଙ୍କୁ କମେଣ୍ଟ ମାରିବ ସହ ବାଟରେ ଅଟକାଇ ଆକ୍ରମଣ କରୁଛନ୍ତି ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ସମର୍ଥକ। ଯାହାକୁ ନେଇ ଆଜି ପ୍ରଣବଙ୍କ ଫାର୍ମହାଉସରେ ତୁମୂଳକାଣ୍ଡ ହୋଇଛି। ଏନେଇ ଥାନାରେ ଉଭୟ ପକ୍ଷ ପରସ୍ପର ବିରୋଧରେ ଏତଲା ବି ଦେଇଛନ୍ତି। ଅଭିଯୋଗ ହେଉଛି ଯେ ପ୍ରଣବଙ୍କ ସମର୍ଥକମାନେ ହାରିଯିବା ପରେ ରାଗରେ ରକ୍ତଚାଉଳ ଚୋବାଉଛନ୍ତି। ବିଭିନ୍ନ ➪ପୃଷ୍ଠା-୬

### ଜଟିଳ ହେଉଛି କଂଗ୍ରେସ କଳି

# ବିଜେପି ଲିଙ୍କରେ ଅଛନ୍ତି ମୋକିମ

**ଭୁବନେଶ୍ୱର,୧୪।୧୨(ସଂଚାର ବ୍ୟୁରୋ):** ରାଜ୍ୟ କଂଗ୍ରେସରେ ପିସିସି ସଭାପତି ଭକ୍ତ ଦାସ ଓ ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ମଧ୍ୟରେ ଆରମ୍ଭ ହୋଇଥିବା କଳି ନୂଆ ମୋଡ ନେବାକୁ ଯାଉଛି। ଉଭୟ ରାଜ୍ୟ ଓ ଜାତୀୟ ସ୍ତରରେ କଂଗ୍ରେସର ସ୍ଥିତିକୁ ନେଇ ସୋନିଆ ଗାନ୍ଧୀଙ୍କୁ ମୋକିମ ଲେଖିଥିବା ଚିଠିର ଉତ୍ତର ତିନି ଦିନ ପରେ ଦେଇଛନ୍ତି ଭକ୍ତ। ସେ ପରୋକ୍ଷରେ ଇଙ୍ଗୀତ କରିଛନ୍ତି କରିଛନ୍ତି ଯେ, ମୋକିମ ବିଜେପି ଲିଙ୍କରେ ଅଛନ୍ତି। ଆଉ ତାଙ୍କୁ ଯଦି ବିଜେପି ଭଲ ଲାଗୁଛି ସେ କଂଗ୍ରେସ ଛାଡି ଚାଲିଯାଆନ୍ତୁ ବୋଲି ଭକ୍ତ ଦାସ ଆହ୍ୱାନ ଦେଇଛନ୍ତି। ରାଜ୍ୟ କଂଗ୍ରେସରେ ନେତୃତ୍ୱ ବିରୋଧରେ ଅସନ୍ତୁଷ୍ଟ ନେତାଙ୍କୁ ନେଇ ବିଭାଜନ ଯୋଜନାରେ ଅଛନ୍ତି ମୋକିମ। ଯେଉଁଥିପାଇଁ କିଛି ମାସର ବ୍ୟବଧାନରେ ସେ ଦୁଇ ଦୁଇ ଥର ହାଇକମାଣ୍ଡଙ୍କୁ ଚିଠି ଲେଖିଛନ୍ତି। ନିକଟରେ ଲେଖିଥିବା ଚିଠିରେ ସେ କେବଳ ପିସିସି ସଭାପତିଙ୍କୁ ଟାର୍ଗେଟ କରିନାହାଁନ୍ତି। କଂଗ୍ରେସର ଯୁବରାଜ ଏବଂ ଜାତୀୟ ସଭାପତିଙ୍କ ପାରିବାପଣିଆ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଭକ୍ତ ଲେଖିଥିବା ଚିଠି ଓ ନୂଆପଡା ବିଫଳତାକୁ ନେଇ ଆସନ୍ତାକାଲି ଏଆଇସିସି କାର୍ଯ୍ୟାଳୟରେ ମାନସମନ୍ଥନ ହେବ। ତା' ପୂର୍ବରୁ ମୋକିମଙ୍କ ଦୁର୍ବଳତା ଉପରେ ଆଜି ଭକ୍ତ ପ୍ରହାର କରିଛନ୍ତି। ଯେଉଁଥିପାଇଁ ସେ ସିଧାସଳଖ ଆହ୍ୱାନ ଦେଇ କହିଛନ୍ତି ଯେ ଯେଉଁମାନଙ୍କୁ ବିଜେପି ଭଲ ଲାଗୁଛି ସେମାନେ କଂଗ୍ରେସ ଛାଡ଼ିଦିଅନ୍ତୁ।

ଯଦିଓ ଏନେଇ ମୋକିମ ଅଦ୍ୟାବଧି ମୁହଁ ଖୋଲିନାହାଁନ୍ତି, ତଥାପି ସେ ଆଗକୁ ନୂଆ ଦଳ ଗଠନ କରିବାର ସମ୍ଭାବନା ଆହୁରି ଉଜ୍ଜ୍ୱଳ ହୋଇଛି। କଂଗ୍ରେସ ତାଙ୍କ ବିରୋଧରେ ଓ ବିଧାୟିକା ଝିଅ ସୋଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେମାନଙ୍କୁ ଦଳରୁ ନିଲମ୍ବିତ କରିବା ନିଷ୍ପତ୍ତିକୁ ମୋକିମ ଅପେକ୍ଷା କରିଛନ୍ତି। କିନ୍ତୁ କଂଗ୍ରେସ ମଧ୍ୟ ଏତେଶୀଘ୍ର ଏପରି କୌଣସି ନିଷ୍ପତ୍ତି ନେବାର ସମ୍ଭାବନା କ୍ଷୀଣ। ଚିରାଚରିତ ଭାବେ ନିନ୍ଦା ଓ ଅପବାଦରୁ ମୁକୁଳିବାକୁ ଏକ କମିଟି ଗଠନ କରି ଭକ୍ତ ଓ ମୋକିମଙ୍କ ମଧ୍ୟ ପ୍ୟାଚ ପକାଇବାକୁ ମଧ୍ୟ ଉଦ୍ୟମ କରିପାରେ। ସେପଟେ ବାହ୍ୟ ଚାପରେ ମୋକିମ ତ୍ୱରିତ ଆକ୍ସନକୁ ଅପେକ୍ଷା କରିଛନ୍ତି। ମିଳୁଥିବା ସୂଚନାନୁଯାୟୀ, କଂଗ୍ରେସ ମୋକିମଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲେ ➪ପୃଷ୍ଠା-୬

- ପିସିସି ସଭାପତି ଦେଲେ ସଙ୍କେତ
- ଦଳ ଛାଡ଼ି ଚାଲିଯିବାକୁ ବି ଆହ୍ୱାନ
- ନିଲମ୍ବନକୁ ଅପେକ୍ଷା କରିଛନ୍ତି ସଂଖ୍ୟାଲଘୁ ନେତା





### ବାମଗଡ଼ରେ ପଶିଲା ଏନ୍‌ଡିଏ

# ନିର୍ଣ୍ଣାୟକ ହେଲା ୱାକଫ୍ ବୋର୍ଡ ଜମି ବିବାଦ

**ତିରୁବନନ୍ତପୁରମ୍,୧୪।୧୨:** ଗତକାଲି କେରଳର ତିରୁବନନ୍ତପୁରମ୍ କର୍ପୋରେସନ୍‌ରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପ୍ରଥମ ଥର ପାଇଁ ବିଜୟ ହାସଲ କରିବା ସହ ଏହି ବାମପନ୍ଥୀ କବଳିତ ରାଜ୍ୟରେ ତା'ର ଉପସ୍ଥିତି ଜାହିର୍ କରିଛି। ପାଖାପାଖି ୩୦ ବର୍ଷ ଧରି ଏଠାରେ ସିପିଆଇ ନେତୃତ୍ୱାଧୀନ ବାମଦଳର ଦବ୍‌ଦବା ରହିଥିଲେ ହେଁ ଏଥର କିନ୍ତୁ ବିଜେପି ଏହାକୁ ଭାଙ୍ଗିଛି ଓ ଆଗାମୀ ଦିନ ପାଇଁ ଏଠାରେ ଦଳୀୟ କର୍ମୀଙ୍କ ସକାଶେ ଏକ ସକାରାତ୍ମକ ମାହୋଲ୍ ତିଆରି କରିଛି। ତେବେ ବିଜେପିର ଏହି ବିଜୟ ପଛରେ ଏକ ନିର୍ଦ୍ଦିଷ୍ଟ ଘଟଣାକୁ ଶ୍ରେୟ ଦିଆଯାଉଛି। ୱାକଫ୍ ବୋର୍ଡ ପକ୍ଷରୁ ଆଗତ ଏକ ଜମି ବିବାଦ ବିଜେପି ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ଚର୍ଚ୍ଚା ହେଉଛି। ଏର୍ଣ୍ଣାକୁଲମ୍ ଜିଲ୍ଲାର ମୁନାମ୍ବାମ୍ ୱାର୍ଡର ପାଖାପାଖି ୫୦୦ ପରିବାର ଉକ୍ତ ଜମି ବିବାଦ ଯୋଗୁଁ ବାସଶୂନ୍ୟ ହେବାର ଆଶଙ୍କା ➪ପୃଷ୍ଠା-୬

# ଶାଳକ ଜମିରେ ଭିଣୋଇଙ୍କ ଚାଷ




### ଆଇଆଇସିଙ୍କ ଚନ୍ଦକା ଫାର୍ମ ହାଉସ

୨ ଏକର ଜମିରେ ଫାର୍ମ ହାଉସ। ପୋଖରୀରେ ମାଛ ଚାଷ, ଫରେନ ବ୍ରିଡ୍ କୁକୁର ସାଙ୍ଗକୁ ମକାଓ ଚଢ଼େଇର ପ୍ରେମ। ଏସବୁ ସାଙ୍ଗକୁ ଆଲିସାନ ବଙ୍ଗଳା। ଦେଖିଲେ ଆଖି ଖୋସି ହୋଇଯିବ। ଦୀର୍ଘ ୬ ବର୍ଷ ଧରି ଚାଲିଥିବା କାମ ପ୍ରାୟ ଶେଷ ପର୍ଯ୍ୟାୟରେ। ରାଜଧାନୀରେ କାର୍ଯ୍ୟରତ ଇନ୍ସପେକ୍ଟରଙ୍କ ଏହି ଫାର୍ମ ହାଉସକୁ ନେଇ ଏବେ ଭାରୀ ଚର୍ଚ୍ଚା। ବାବୁ ଜଣଙ୍କ ଚନ୍ଦକା ଥାନାରେ ଥିବା ସମୟରେ ଜଣେ ମୋରମ ମାଫିଆଠାରୁ କୁଆଡ଼େ ଏହି ଜମି ଉପହାର ଆକାରରେ ପାଇଥିଲେ। ବର୍ଷ ବର୍ଷ ଧରି ମୋରମ୍ ଟ୍ରକ୍‌କୁ ପ୍ରୋଟେକ୍ସନ ଦେଇଥିବାରୁ ବାବୁଙ୍କୁ ପ୍ରତିବଦଳରେ ମିଳିଥିଲା ଏହି ଉପହାର। ଅବଶ୍ୟ ସେତେବେଳେ ଏହା ଏକ ଧାନବିଲ ଥିବା ବେଳେ ଏହାକୁ ଲାଞ୍ଚ ଟଙ୍କାରେ ବେଶ ସରସସୁନ୍ଦର କରିପାରିଛନ୍ତି ଏହି ଇନ୍ସପେକ୍ଟର ଜଣଙ୍କ। ତେବେ ସବୁଠାରୁ ମଜା କଥା ହେଉଛି ଯେ ଭିଜିଲାନ୍ସକୁ ଫାଙ୍କିବା ପାଇଁ ବାବୁ ଜଣଙ୍କ ନିଜ ଶାଳକଙ୍କ ନାଁରେ ଏହି ଜମି କିଣି ସେଥିରେ ଫାର୍ମହାଉସ କାମ ଚଳାଇଛନ୍ତି। ଏକ ପ୍ରମୁଖ ଥାନାରେ ବାବୁଙ୍କ ଡ୍ୟୁଟି ଥିଲେ ସୁଦ୍ଧା ମାଛ ଚାଷ, ଗାଲିଚା କାମ ଦେଖିବାକୁ ଅଫିସ୍ ସ୍କର୍ପିଓ ନେଇ ଘେରାଟେ ବୁଲି ଆସୁଛନ୍ତି। ରାଜଧାନୀ ଉପକଣ୍ଠରେ ହେବାକୁ ଥିବା ଏକ ନୂଆ ଥାନା ପାଇଁ ରାଜନେତାଙ୍କୁ ଧରି ବେଶ୍ କସରତ ଚଳାଇଥିବା ଏହି ଖାକି ବାବୁଙ୍କ କାରନାମାକୁ ନେଇ ପୁଲିସ ମହଲରେ ଏବେ ଭାରୀ ଚର୍ଚ୍ଚା। କିଏ କହୁଛି 'ଶାଳକ ଜମିରେ ଭିଣୋଇ ଚାଷ' ତ ଆଉ କିଏ କହୁଛି 'ମାଛ ଖାଇବ ଇଲିଶି ଆଉ ଚାକିରି କରିବ ପୁଲିସି'।



### କାନ ଡେରିଆ

ଚା' କପେ କପେ
ଦେଇଦେଲେ ନେତା
ଲକ୍ଷେ ଟଙ୍କା ତାଙ୍କ ସରୁଛି
ଦରମା ଏପଟେ ତିନି ଗୁଣା ହେଲା
ତଥାପି ନିଅଣ୍ଟ ହେଉଛି
ଜନସେବା ଏଠୁ ଦିଶୁଛି...
ଗରିବ ରାଜ୍ୟର ଧନୀ ନେତା ଆମ
ତଥାପି ଅଣ୍ଟୁନି ଲାଗୁଛି
କହିଲେ କହିବ କହୁଛି ।

■ ଦେବାଶିଷ

# ପେନସନ ପଇସାରେ ବର୍ତ୍ତମାନଙ୍କ ପଛରେ ଲାଗିବେ ପୂର୍ବତନ

**ଭୁବନେଶ୍ୱର,୧୪।୧୨(ସଂଚାର ବ୍ୟୁରୋ):** ପୂର୍ବତନ ବିଧାୟକମାନଙ୍କ ପେନ୍‌ସନ ଓ ଭତ୍ତା ବୃଦ୍ଧି ଏବେ ସରକାର ଓ ସରକାରୀ ଦଳ ପାଇଁ ଏକପ୍ରକାର ବୁମେରାଂ ହେବାକୁ ଯାଉଛି। ବର୍ଦ୍ଧିତ ପଇସାରେ ପୂର୍ବତନ ବିଧାୟକମାନେ ଏଣିକି



- ଫେରୁଛନ୍ତି ମୁହଁ ମୋଡ଼ିଥିବା କର୍ମୀ
- ଗାଁ ଗାଁରେ ଚାଲିଲାଣି ପ୍ରସ୍ତୁତି

ନିଜର ରାଜନୈତିକ ଭବିଷ୍ୟତକୁ ଦୃଷ୍ଟିରେ ରଖି ଗାଁ ଗାଁରେ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ସେମାନଙ୍କ ଟାର୍ଗେଟରେ ମୁଖ୍ୟତଃ ଶାସକ ଦଳର ବିଧାୟକମାନେ ରହିଛନ୍ତି।

ଦରମା ଓ ଭତ୍ତା ବିଲ୍ ବିଧାନସଭାରେ ପାରିତ ପରେ ପୂର୍ବତନ ବିଧାୟକମାନଙ୍କର ମାସିକ ପେନସନ ଏବେ ୩୦ ହଜାର ଟଙ୍କାରୁ ବଢ଼ି ସର୍ବନିମ୍ନ ୧ ଲକ୍ଷରେ ପହଞ୍ଚିଛି। ଏକାଧିକ ଥର ନିର୍ବାଚନ ଜିଣିଥିବା ବିଧାୟକମାନଙ୍କ ପେନସନ୍ ୧ ଲକ୍ଷ ୬୨ ହଜାରକୁ ବି ଟପିଯିବ। ଏଥିରେ ସରକାର ସେମାନଙ୍କୁ ମାସିକ ୧୨,୫୦୦ ଟଙ୍କାର ଗସ୍ତ ଖର୍ଚ୍ଚ ବି ଦେଉଛନ୍ତି। ଏଥିସହ ଦେଢ଼ ବର୍ଷର ବକେୟା ବାବଦରେ ସେମାନେ ଲକ୍ଷାଧିକ ଟଙ୍କା ବି ପାଇବେ।

ଏହି ପଇସା ପାଇବା ପରେ ଅର୍ଥାଭାବରୁ ସୁପ୍ତ ଅବସ୍ଥାରେ ଥିବା ପୂର୍ବତନ ବିଧାୟକମାନେ ଏବେ ଜାଗି ଉଠିବେ ବୋଲି ଆଲୋଚନା ହେଲାଣି। ପୂର୍ବରୁ ଅର୍ଥାଭାବ ଯୋଗୁଁ କର୍ମୀମାନେ ସେମାନଙ୍କ ନିକଟରୁ ଦୂରେଇ ଯାଉଥିଲେ। ନିଜ ନିଜ ନିର୍ବାଚନ କ୍ଷେତ୍ରରେ ସେମାନେ ବି ସେଭଳି କୌଣସି ସଭା, ସମାବେଶ କରିପାରୁ ନଥିଲେ। ଏବେ କିନ୍ତୁ ପରିସ୍ଥିତି ବଦଳିଯାଇଛି। ସେମାନଙ୍କ ବ୍ୟାଙ୍କ୍ ଖାତାରେ ଏବେ ସରକାର ଲକ୍ଷାଧିକ ଟଙ୍କା ଜମା କରିବେ।

ପୂର୍ବତନ ବିଧାୟକମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ବିଜେଡି ଓ କଂଗ୍ରେସର। କାରଣ ଗତ ବିଧାନସଭାରେ ବିଜେପିର ସର୍ବାଧିକ ୨୭ ଜଣ ବିଧାୟକ ଥିବା ବେଳେ ସେମାନଙ୍କ ମଧ୍ୟରୁ ବି ଅନେକ ଏଥର ବିଧାନସଭାକୁ ଆସିଛନ୍ତି। ସେହିଭଳି ଗତ ୨୫ ବର୍ଷ ଧରି କଂଗ୍ରେସ ବି ରାଜ୍ୟରେ ଉଠିପାରୁନାହିଁ। ହେଲେ ସେମାନେ ପୂର୍ବରୁ କ୍ଷମତାରେ ଥିବାରୁ ପୂର୍ବତନ ତାଲିକାରେ ସେମାନଙ୍କର ସଂଖ୍ୟା ବି ଅଧିକ। ବିଜେଡିରେ ପାରିବାରିକ ରାଜନୀତି ଯୋଗୁଁ ବହୁ ନେତାଙ୍କ ଘରେ ଦୁଇ ଦୁଇଟି ପେନ୍‌ସନ ରହିଛି। ବିଜେଡି ଓ କଂଗ୍ରେସର ଏବେ ରାଜ୍ୟରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ବିଜେପି ସହ ଚାଲିଛି। ଗାଁଗହଳରେ ବିଜେପି ସହ ଏହି ଦୁଇ ଦଳ ଲଢୁଛନ୍ତି।

ଏବେ ମୋଟା ଅଙ୍କର ଅର୍ଥ ହସ୍ତଗତ ହେଲା ପରେ ବିଜେଡି ଓ କଂଗ୍ରେସର ଏହି ପୂର୍ବତନମାନେ ବିଜେପି ବିରୁଦ୍ଧରେ ଅଭିଯାନ ଆରମ୍ଭ କରିଦେବେ। ଦୂରେଇ ଯାଇଥିବା ଚେଲାଚାମୁଣ୍ଡାଙ୍କୁ ଆଣି କାମରେ ଲଗାଇବେ। ଅର୍ଥ ଚିନ୍ତା ନଥିବାରୁ ଏହି ପୂର୍ବତନମାନେ ଏବେ ପ୍ରାୟତଃ ସବୁ ନିର୍ବାଚନମଣ୍ଡଳୀରେ ସରକାରଙ୍କୁ ଘେରିବାରେ କୌଣସି ହେଳା କରିବେ ନାହିଁ ବୋଲି ➪ପୃଷ୍ଠା-୬

### କ୍ରେଡିଟ୍ ଚକ୍କରରେ ଅଠାକାଠିରେ ନବୀନ

- ମୁଖିଆଙ୍କ ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଇଲେ ବିଧାୟକ
- କଂଗ୍ରେସ ଓ ଉପମୁଖ୍ୟମନ୍ତ୍ରୀଙ୍କ କଟାକ୍ଷ



ବିଧାନସଭାରେ ସର୍ବସମ୍ମତ କ୍ରମେ ଗୃହୀତ ହେଲା ବିଧାୟକ, ବାଚସ୍ପତି, ଉପବାଚସ୍ପତି, ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ଓ ପୂର୍ବତନ ବିଧାୟକଙ୍କ ଦରମା, ଭତ୍ତା ଓ ପେନସନ ବୃଦ୍ଧି ବିଲ। ସେ ସମୟରେ ବିଜେଡି ଏହାକୁ ବିରୋଧ କଲାନାହିଁ। ନିଜେ ନବୀନ ପଟ୍ଟନାୟକ ମଧ୍ୟ ଗୃହକୁ ଆସିନଥିଲେ କି ବିଧାୟକଙ୍କୁ ବିରୋଧ କରିବାକୁ ନିର୍ଦ୍ଦେଶ ଦିଆଯାଇନଥିଲା। ୪ ଦିନ ପରେ ନବୀନ ବିଜେପି ମୁଣ୍ଡରେ ଅଠା ବୋଳିବାକୁ ଯେଉଁ ରାଜନୈତିକ ଗୋଟି ଚଳାଇଛନ୍ତି, ତାହା ତାଙ୍କ ପାଇଁ ବୁମେରାଂ ହୋଇଛି। ଖୋଦ ନିଜ ଦଳର ବିଧାୟକ ବି ନବୀନଙ୍କ ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ବିଜେଡି ବିଧାୟକ ଗଣେଶ୍ୱର ବେହେରା ବର୍ଦ୍ଧିତ ଦରମାକୁ ଖୋଲାଖୋଲି ଭାବେ ସମର୍ଥନ କରିଛନ୍ତି। ସେ କହିଛନ୍ତି ଯେ ନବୀନ ବାବୁ ଦରମା ଉପରେ ନିର୍ଭରଶୀଳ ନୁହନ୍ତି, ସେଥିପାଇଁ ସେ ଦରମା ନେବାକୁ ମନା କରିଦେଇଛନ୍ତି। କିନ୍ତୁ ମୁଁ ଓ ମୋ ଭଳି ଅନେକ ବିଧାୟକଙ୍କର ବର୍ଦ୍ଧିତ ଦରମା ନିହାତି ଆବଶ୍ୟକ। ନବୀନ ବାବୁଙ୍କର ନିଷ୍ପତ୍ତି ତାଙ୍କର ବ୍ୟକ୍ତିଗତ। ଦଳୀୟ ବିଧାୟକଙ୍କୁ ବର୍ଦ୍ଧିତ ଦରମା ନେବା ପାଇଁ ସେ ବାରଣ କରିନାହାନ୍ତି। ବିଜେଡି ଦରମା ବୃଦ୍ଧି ପାଇଁ ଦାବି କରିବା ସହ ବିଲ୍‌କୁ ସମର୍ଥନ କରିଥିଲା। ତେଣୁ ଦରମା ବୃଦ୍ଧିକୁ ବିରୋଧ କରିବାର ପ୍ରଶ୍ନ କାହିଁକି ଉଠୁଛି। ବିଧାୟକମାନେ ବହୁ କଷ୍ଟରେ ଚଳୁଛନ୍ତି, ➪ପୃଷ୍ଠା-୬

# ଚରିତ୍ର

ପ୍ରଶାନ୍ତ ଚନ୍ଦନ

ସେ ଦୋକାନକୁ ଗଲେ ହିଁ ସେ ଦୋକାନୀ ଆଗ ହସେ। ପରେ ଯାଇ ସେ ପଚାରେ ସିଗାରେଟ୍ ଦେବି ନା ଗୁଟ୍‌ଖା... ସୁଶାନ୍ତ ଯେ ଏ ଦି'ଟା ସେବନ କରନ୍ତି। ଏଣୁ କିଛି କହିବାର ନ ଥାଏ... ତେବେ ଲୋକମାନଙ୍କ ପାଇଁ ଯେମିତି ଖୋରାକଟିଏ ହୋଇଯାଏ। ତେଣୁ ତ କିଏ କହେ ଆରେ କାଲି ଗୁଟ୍‌ଖା ଚୋବାଉଥିଲେ ଆଜି କ'ଣ ସିଗାରେଟ୍ ପିଉଛନ୍ତି ? ହଁ ମୁଁ ବି ସେଇ କଥା ଭାବୁଥିଲି ଯେ ଆଜ୍ଞା ଖରାପ ଭାବିବେ ବୋଲି ରହି ଯାଉଥିଲି... ସୁଶାନ୍ତ କହନ୍ତି ନାହିଁ, ନାହିଁ ସେମିତି କିଛି ନାହିଁ ଅସଲ୍ କଥା ହେଲା ଗୁଟ୍‌ଖା ଚୋବାଇ, ଚୋବାଇ ଦାନ୍ତ ବଥାଇଲେ ସେ ସିଗାରେଟ୍ ପିଅନ୍ତି। ଏମିତି ବି ଦିନକୁ ଦି'ତିନିଟା ହୋଇଯାଏ। ଏହା ଛଡା ଛେପ ପକାଇବା ପାଇଁ ଅସୁବିଧା ହେଲେ ବି ସେ ସିଗାରେଟ୍‌'କୁ ପ୍ରାଥମିକତା ଦିଅନ୍ତି ନଚେତ୍ ଗୁଟ୍‌ଖା ହିଁ ବ୍ୟବହାର କରନ୍ତି ହୋଇ, ହୋଇ ଷ୍ଟେଚ୍ୟୁଟାରି ୱାର୍ଣ୍ଣିଙ୍ଗ୍ ପର୍ଯ୍ୟନ୍ତ ବି ପହଞ୍ଚିଯାଏ...

କ'ଣ କରିବା ଗୋଟିଏ, ଗୋଟିଏ ଦୁର୍ଭ୍ୟାସ ତ... ଛାଡି ହେଉଛି କି କହିବେ ସୁଶାନ୍ତ ତ ଶୁଣିବା ଲୋକ ଯଦି କହିଦେବ ନା ତ କ'ଣ କହିବ ଉଲ୍ଲସିତ ହୋଇ ଆହୁରି ଆଗକୁ ଲମ୍ବାଇ ନେଉଥିବେ ସେ। ବୁଝି ପାରିବା ଲୋକ ପାଇଁ ବେଶ୍ ଭଲ। ଅବୁଝା ଲୋକ ପାଇଁ କ'ଣ କହିବ... ଅନେକ ଲୋକଙ୍କ ଅନେକ କଥା... ସେଇ କ୍ରମରେ ପୁରୁଷ ହେଉ କି ସ୍ତ୍ରୀ ହେଉ କ'ଣ ବାଡ ବତା ରହେ, ନୁହେଁ ନା... ଆଉ ସୁଶାନ୍ତ ସେଠୁ ଥିମ୍ ସଂଗ୍ରହ କରି ପ୍ରସ୍ତୁତ କରୁଥିଲେ ତାଙ୍କ ଦ୍ୱାରା ଲିଖିତ କବିତା, ଗଳ୍ପ। ଏବଂ ପରିଚିତ ବି ଥିଲେ ସେ ତାଙ୍କ ପାଖ ପଡୋଶୀ ତଥା ବନ୍ଧୁ ମହଲରେ।

ଏମିତି ଦିନେ ଉଛନ୍ନ ବୋଲି ତାଙ୍କ ପିଲା ଦିନର ସାଙ୍ଗ ସେ ଦୋକାନ ସମ୍ମୁଖରେ ହିଁ ଭେଟି ପଚାରି ଥିଲେ ତାଙ୍କ ସାହିତ୍ୟ ସାଧନା ବିଷୟରେ... ଯାହା ଶୁଣି ନେଇଥିଲା ସେ ଦୋକାନୀ ମଧ୍ୟ... ତା'କୁ ହିଁ ମନେ ପକାଇ ସୁଶାନ୍ତ ବୁଝି ଯାଉଥିଲେ ସେ କାରଣ ହୋଇଥିବା। ତଥାପି ଦିନେ ପଚାରି ଥିଲେ ତା'କୁ ସେ କ'ଣ ଷୋଡ଼ଷୀ ନା ରୂପବତୀ ଯେ ଦେଖିଲା ମାତ୍ରେ କଲ୍ ଗେଟ୍ କି କ୍ଲୋଜ୍‌ଅପିଆ ହସ ହସି ଦେଉଛୁ ଏକା... ନାହିଁ, ନାହିଁ ସେମିତି କିଛି ନାହିଁ ତା'କୁ ଖାଲି ଲେଖକ ବନ୍ଧୁଟିଏ ଦରକାର ଥିଲା କହିଥିଲା ସେ ଦୋକାନୀ। ମାନେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ସୁଶାନ୍ତ।

ମାତ୍ର ସେ ଦୋକାନୀ କହିଥିଲା ଯାହା ନା ତା' ଯେ ମନୁଷ୍ୟତାର ତ ନୁହଁ ଅମନୁଷ୍ୟତାର ପରିଚୟ କହିଲେ ଅତ୍ୟୁକ୍ତି ହେବନି। ହଁ ମିଛ, ମିଛ ସାଙ୍ଗକୁ ଠକ, ଭଣ୍ଡ, ଲନ୍ଦଫନ୍ଦ ସବୁ। ଏହାଛଡା ଏହାକୁ ଦୁର୍ନିତୀ ସହ ବି ତୁଳନା କରା ଯାଇ ପାରିବ। ଦୁଃଖର କଥା ଯେ ତା'ବି ଏକ ନୀରିହ ବାପଛେଉଣ୍ଡ ଯୁବକ ସହ..

ବିଧବା ମା'ର ଉପାର୍ଜନରେ ବଢି ଆସୁଥିବା ସେ ଯୁବକଟିର ନାଁ ହେଲା ଶ୍ରୀକାନ୍ତ। ଏକ ନିମ୍ନ ମଧ୍ୟବିତ୍ତ ପରିବାରର ହେଲେ ମଧ୍ୟ ଶିକ୍ଷିତ ତଥା ସାଙ୍ଗଠନିକ ନେତୃତ୍ୱ ନେବାର ପ୍ରବଳ ଆଗ୍ରହ ଆଗ୍ରହ ହିଁ ତା'କୁ ଅନ୍ୟ ମାନଙ୍କଠୁ ସ୍ୱତନ୍ତ୍ରତା ବଜାୟ ରଖେ। ଆଉ ଏଥିପାଇଁ ସେ ଦୋକାନୀ ଏକା ନୁହଁ ପାଖ ପଡୋଶୀ, ଚିହ୍ନା ପରିଚିତ ସାଙ୍ଗ ସାଥୀ, ବନ୍ଧୁ ବାନ୍ଧବ ସବୁ ଗୋଟିଏ ଦଳ ହୋଇ ଅପେକ୍ଷା କରିଥାନ୍ତି। କେତେବେଳେ ତାଙ୍କ ପରି ସହୃଦୟ ଲେଖକଟିଏ ମିଳିଲେ ସବୁ ଠିକ୍, କଠିନକୁ କେନ୍ଦ୍ର କରି ଗଳ୍ପ କି କବିତାଟିଏ ତିଆରି କରି ଦିଅନ୍ତେ ତ ସେମାନ ତା'କୁ ସାବାଡ୍ କରି ଦିଅନ୍ତେ... ଦି'ପାନ କରି। ଖୁବ୍ ହୋଇ ଯାଉଛି ତ କିଏ, କିଏଯଦି ପାଳି ଧରି ଦେଉଥିଲେ ତ ଲମ୍ବି ଯାଉଥିଲା ସେଠି ଆହୁରି...

ସୁଶାନ୍ତ ବି ବୁଝି ପାରୁ ନ ଥିଲେ ତାଙ୍କ ପରି ସତ୍ୟ କଥନକୁ ଆୟୁଧ କରା ପ୍ରଚଣ୍ଡ ପ୍ରତିଭାଧାରୀ ବ୍ୟକ୍ତିତ୍ୱ ଅଛନ୍ତି ବି ଏମିତି... ଯେମିତି ନିରୁତା ସାହିତ୍ୟକ ପରି ନ ହେଲା ନାହିଁ ତା'ର ପ୍ରଶଂସକ ପରି ତ ହେଲା। ଆଉ କ'ଣ ଖବର... ପରେ, ପରେ ଜଣେ ତାଙ୍କ ମନସ୍ତତ୍ତ୍ୱକୁ ବୁଝିଲା ପରି କହି ଦେଇଥିଲେ ସମୟ ବି ହେଲାଣି ଯେ ଶ୍ରୀକାନ୍ତର ଆସିବାର। ସେ ଯୋଗକୁ ଅନ୍ୟ ଜଣକୁ ଦିଶି ଯାଇଥିଲା କି କ'ଣ ପାଟିକରି ଉଠି ପଡିଥିଲା ହଠାତ୍ ମଝିରେ ତୁନି ହୋଇ ପଡ ସେ ଚଣ୍ଡାଳ ମନୋରମ ବ୍ରାହ୍ମଣ ଆସୁଛି... କ'ଣ କହିବ କେଜାଣି ? ଆଶ୍ଚର୍ଯ୍ୟ ହୋଇ ସୁଶାନ୍ତ ସିଧା ଚାହିଁଥିଲେ ସେ ଦୋକାନୀକୁ। ଦୋକାନୀ ମଧ୍ୟ ସେଇ ଜଣକ ପରି ଦୋହରାଇ ଥିଲା ଚୁପ୍ ହୋଇ ରହ ତ କ'ଣ କହିବ ଦେଖିବା ଏଥର...

ଆସୁଥିବା ଜଣିକ ତଥା ମୁଣ୍ଡିଆ ପେଟୁଆ ଯେ ଦିଶୁଥିଲା ଅବିକଳ ରାମାୟଣର ରାବଣ ପରି। ଚିତ୍କାର କରିଥିଲା ସେ ଦୋକାନ ସମ୍ମୁଖ ହେଉ, ହେଉ ମୋତେ କ'ଣ ବୋକା ବନେଇଛ କି ନା ସେ କିଛି ଜାଣିନୁ? କହି ଦେଉଛି ଶୁଣ, ସେ ତା'କୁ ଛାଡିବନି କେବେ ବି ଛାଡିବନି ଆଉ ତଗ, ତଗ ହୋଇ ଚାଲି ଯାଇଥିଲା ସିଧା ସଳଖ ମୋଡ ଗୁଡା ଗାଗାକୁ ଅନାଇ, ଅନାଇ। କିଂକର୍ତ୍ତବ୍ୟ



ବିମୂଢ ହୋଇ ଯାଇଥିଲେ ସମସ୍ତେ... ସୁଶାନ୍ତ ମଧ୍ୟ। କିଏ ସାହସ ଧରି କହୁଥିଲା ତ କିଏ ଶଙ୍କି ଯାଇ କହୁଥିଲା ଲୋକଟା କ'ଣ ଏବେ?

ସୁଶାନ୍ତ ପରଖି ନେଇଥିଲେ ସେ ସବୁ ବେଶ୍ ସହଜରେ। ତେଣୁ ଅନ୍ୟ କିଛି ଆନୁଷଙ୍ଗିକ ପ୍ରଶ୍ନର ଉତ୍ତର ଖୋଜୁଥିଲେ ସେ। ଉତ୍ତର ଖୋଜୁ, ଖୋଜୁ ଶ୍ରୀକାନ୍ତ ସହ ପ୍ରତ୍ୟକ୍ଷଦର୍ଶୀ ଆଲୋଚନା ବି ଚାହୁଁଥିଲେ ଟିକିଏ... କାରଣ ନିଆଁ ନ ଥାଇ କେବେ ଧୂଆଁ ବାହାରେ କି ? ଆଉ ଯେତେବେଳେ ସାକ୍ଷାତ କରିଥିଲେ ସେତେବେଳେ ସେ ପାଖାପାଖି ମନୋରମା ହୃଦୟ ହୁରୁହୁରୁ ହୋଇ କହୁଥିବାର ଅନୁଭବ କରିଥିଲେ ସେ। ଯୋଉ ଜନଶ୍ରୁତି ନିର୍ଘାତରେ ତା'ଉଣ୍ଡଶୀ, ତା' ବାପା, ତା'ଜକାର ମର ଶରୀର ପାଗଳ ହୋଇ ଯାଉଥିଲା...

କହିଥିଲେ ବି ସମସ୍ତେ ହଁ, ହଁ ଜେବେ ସେ ଶଳା ଜ'ଣ ଛାଡୁଛି ନା ଶ୍ରୀକାନ୍ତର ନାଁ ଶୁଣିଲେ ହିଁ ଆହୁରି ଉଗ୍ର ହୋଇ ଯାଉଛି। କହୁଛି କଳାଯାଦୁ ନ ହେଲେ ଭୂତ, ପ୍ରେତ ଲଗାଇ ମାରିଦେବି। ଛାଡିବନି କଦାପି ଛାଡିବନି। ଅସମ୍ଭବ। ହଁ ଆଜ୍ଞା ବିଶ୍ୱାସ କରିବେନି ସେ ଦିନ ସେ ଛକରେ ବି ତିନି ଚାରି ଜଣଙ୍କୁ ପାଟିକରି କହୁଥିଲା ତା'ପାଇଁ ମୋ ଭଉଣୀ କ୍ୟାନ୍ସର୍ ରୋଗରେ ପୀଡିତ ହେଲା। ମୁଁ କ'ଣ ଛାଡିବି... ଭାଉକୁ ନ କ୍ୟାନ୍ସର୍ କାହିଁକି ହୁଏ ? ନିଶା ଦ୍ରବ୍ୟ ସେବନ ନା ସେପରି ରୋଗୀ ସହ ସମ୍ପର୍କ ନା ସମ୍ବନ୍ଧ ରଖିଲେ ତ... ମାନେ... ଭିତିରି କଥା ସବୁ ଆସି ଯାଉଥିଲା। ତା' ଭଉଣୀ ତା'ପୁରୁଷ ବନ୍ଧୁ ମାନଙ୍କ ସହ ଯିବା ଆସିବା ଓ ପାର୍ଟି ପିକ୍‌ନିକ୍ ଆଦି ବି ଜଡିତ ହୋଇ ଯାଇଥିଲା। ଯାହା ବ୍ୟାଗ୍ରା ମର୍ଡନ୍ ଗାର୍ଲ୍'ର ଛବି ଉର୍ଗଙ୍କ ମାରିଥିଲା। ଜଣେ ପୁଣି କହିଥିଲା ସେ ଯୋଉ ଅଫିସ୍‌ରେ ଫିଲ୍ଡ ଅଫିସର୍ ଥିଲା ତ... ମାନେ ଏକ୍ସଟ୍ରା ଜ୍ୟା ବା ଉପୁରି ମାଲ୍ ବୁଝି ପାରୁଥିବେ ସେ ହୋଇ ହେ, ହେ, ହେ ହୋଇ ହସି ଦେଇଥିଲା। ପରେ କେତେ ଲୋକର ସହଯୋଗ ଆଉ ଗୋପନ ରଖି ନ ଥିଲା... ସୁଶାନ୍ତଙ୍କୁ ମନେ ପଡିଥିଲା ଯାହା ଜୋଉ କମର୍ସିଆଲ୍ ଫିଲ୍ମ ଷ୍ଟାଇଲ୍ ପରିକା ତ ହେଲେ କାବ୍ୟ ରସିକା ପରି ରସିକ ବି କରିଥିଲେ ସେ ନିଜର ଗୋଟିଏ ହାତରେ ମୁଠା କଲା ଭଳି ଓ ଅନ୍ୟ ଗୋଟିଏ ହାତର ଅଙ୍ଗୁଳି ପୁରେଇ ବାଳିକୁ ବିନା ବାକ୍ୟ ବିନିମୟରେ ଅଭିନୟ କରି କରି ଦେଉଥିଲେ ଏମିତି କି ? କ'ଣ ବଡ କଥା ଆଜି କାଲି କଲେଜ୍ ଭିତରେ ବି ବିୟର ବୋତଲ୍ ସାଙ୍ଗକୁ ସିଗାରେଟ୍... ନା... ଆଉ ଏଇଟା କ'ଣ ବାକି ରହୁଛି ?

ସେତେକ ଉପଲବ୍ଧି ପାଇଁ ତ ଶ୍ରୀକାନ୍ତର ବେଡ଼ି... ହଁ ଆଜ୍ଞା... ସେଠୁ ତ ତି'ଜଣ, ଚାରି ଜଣ ଭଡାଟିଆ ଗୁଣ୍ଡା ମାନଙ୍କୁ ଆଣି ଲାଗିଥିଲା। ତଉଥିଲା କଲେ ବଳେ କୌଶଳେ ସେ ଶ୍ରୀକାନ୍ତକୁ ହଟେଇବା। ମାତ୍ର ଭଗବାନଙ୍କୁ ନମସ୍କାର ସବୁବେଳେ ଆମ ଶ୍ରୀକାନ୍ତ ଭାଇଙ୍କୁ ବଞ୍ଚାଇ ଆସୁଛନ୍ତି। ବଡ ଧରଣର କେସ୍'ଟିକୁ ବି ଛିଞ୍ଚାଇ ଦେଉଛନ୍ତି। ମାତ୍ର ତା'କୁ ତା' ବଡ ଭଉଣୀର ଗୁମର ଖୋଲି ଦେଇଛନ୍ତି। ସେମାନେ ସବୁ ବି ଶ୍ରୀକାନ୍ତଙ୍କୁ ଦୋଷି ଭାବୁଥିଲେ। ଭାବୁଥିଲେ ଏହାଙ୍କ ମୁଣ୍ଡ ଖରାପ ହୋଇ ଗଲାଣି କି? ମାତ୍ର ସେ ମୂଳରୁ ହିଁ ଜାଣିଥିଲା ଶ୍ରୀକାନ୍ତ ଯେମିତି ମୁହଁ... ହୁଗୁହୁ ପଛେ ରୋକ୍ ଠୋକ୍ କି ଯାହା...କିଛୁ କାହାକୁ ଖାତିର୍ କରୁଛନି... ବିନା ମାତଗୋଲରେ ପାଟିକୁ ବନ୍ଦ କରି ଦିଅନ୍ତି... ଯାହା କହିବେ ତା'ଉପରି ବି ଦେଖାଇବେ... ସେଥିପାଇଁ ପରା କର୍କଟ ରୋଗ ସବୁକୁ ପର୍ଦାଫାସ କରିଦେଲା। ଏ କଥା ସେ ବି ଅନୁମାନ କରି ଆସୁଥିଲା... ନ ହେଲେ ତା'ବୋପା ବି ଯେ ଗୋଟିଏ ପିଶାଚଧାରୀ ତାନ୍ତ୍ରିକ ସେ ଭଲ ହେଲା ମଲା! ଭଏ ବି ସେମିତି ହୁଟଛା ତା'ଜେଜେ ସେ ଭଗବାନଙ୍କୁ କୋଟି ଜୁହାର କରନ୍ତେ କହିଥିଲା ଅନ୍ୟ ଜଣେ। ସୁଶାନ୍ତ ସମସ୍ତଙ୍କୁ ବୁଝାଇ ଶୁଝାଇ କଥା ଦେଇଥିଲେ ଏ ଥିମ୍'ରେ ଗୋଟିଏ ଗଳ୍ପ ତିଆରି କରି ଦେଖାଇବେ...

ହଁ, ହଁ ସେମିତି କରନ୍ତୁ ଆଜ୍ଞା। କରିବେ ପରା କଥା ଦେଲେ ସେ ବି ସେମିତି ଯାହା କହିବେ କରିବେ ଏବଂ ଏବେ ସେ ତାଙ୍କ ପଡା ଟେବୁଲ୍'ରେ ଭାବୁଥାନ୍ତି ଏତେ ଲୋକଙ୍କ ଆକୁଳ ନିବେଦନ, ଅନୁରୋଧ ସତ୍ତ୍ୱେ ସେ ରାକ୍ଷସ ହୋଇଛି କେମିତି ? ତା'ବିଷ୍ଣା ଚେତନାରେ ପଶି ପାରୁଛି କି ନାହିଁ

ଜେଜାଣି... ଓଲଟା ଗର୍ଜନ ତର୍ଜନ କରୁଛି କେଉଁଆ, ନିର୍ଲଜ୍ଜ ପରି। ବଡ ଲୋକ, ବଡ ଲୋକ। ଗୋଲ ସାନ ମାନଙ୍କର କୌଣସି ମାନ ମର୍ଯ୍ୟାଦା ନାହିଁ ? ନ ସେମାନଙ୍କର ମୂଲ୍ୟବୋଧ ବୋଲିକାର ବି କିଛି ନାହିଁ ? ଖାଲି ପାଟିଫୁଲ, ଛୋ ଲୁଲା କରିଦେଲେ କ'ଣ ସତ ମିଛ ହୋଇଯିବ ? ନା ନ୍ୟାୟ ଅନ୍ୟାୟ ହୋଇଯିବ ?

ହଁ ଏ ସବୁ ପ୍ରଶ୍ନକୁ ନେଇ ସେ ତିଆରିବେ ଗୋଟିଏ ଥିମ୍... ନାଁ ଦେବେ ଚରିତ୍ର ଓ ପରୀକ୍ଷରେ ସମସ୍ତଙ୍କୁ ଆପଣ ହୋଇ ଚରିତ୍ର ଚାହିବେ ? ଶ୍ରୀକାନ୍ତଙ୍କ ପରି, ନୁହେଁ... ଆଉ, କୋଡିଏ ବର୍ଷ ସହ୍ୟ କରି ବି କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରି ନାହାନ୍ତି ବରଂ ଲୋକଙ୍କ ସହାନୁଭୂତିର ଶ୍ରଦ୍ଧାର ଭାଜନ ବି ହୋଇ ପାରିଛନ୍ତି। କିଛି ଆଇନ୍ ଅମାନ୍ୟ ବି କରି ନାହାନ୍ତି ସେ। ଯାହା ଗୋଟିଏ ଶୁଣିଥିଲେ ସୁଶାନ୍ତ ତା' ବି ହାତ ଥିଲା ତା'ର ପରୋକ୍ଷରେ... ମାନେ ସେ ବଦମାସ୍ ମନରୋଗ ସପକ୍ଷରେ କିଛି ସମର୍ଥକ ପଚାରି ପାରନ୍ତି ଅନ୍ତତଃ ଟିକିଏ ପଚାରିବାର କଥା। ମାତ୍ର ବନ୍ଧୁ ଲୋକଙ୍କ ମତ ହେଉଥିଲେ ତା'ବି ଆବଶ୍ୟକ ହେଉନି... କହୁନାହାନ୍ତି ଜନମତ ଅପେକ୍ଷା ଏକ ମତ ବଡ ?

ଅନ୍ୟ ପକ୍ଷରେ ଯାହା ବିଶ୍ୱାସ ନିଶ୍ୱାସ ବୋଲି କହନ୍ତି ନା ତା' କ'ଣ ଏଇଥା ତ... ସେମିତି ସତ ଘଟଣା ସବୁକୁ ଗଳ୍ପର ରୂପ ଦେବା ବି ଅପରାଧ ନୁହେଁ ... କିଛି, କିଛି ଅଜ୍ଞାନ ବ୍ୟକ୍ତିଙ୍କ ସନ୍ଦେହ ମୋଚନ କରିଥିଲେ ସୁଶାନ୍ତ। ଆମ ଦୁଇ ମହାନ୍ ଧର୍ମଗ୍ରନ୍ଥ କ'ଣ ମିଛ ଥିଲା ? ତଥାପି ଆଶ୍ଚର୍ଯ୍ୟର ବିଷୟ ସେଥିରେ ବିଶେଷ ଦ୍ରଷ୍ଟବ୍ୟ ନାହିଁ। ତେଣୁ ଲେଖକ ମାନଙ୍କୁ ଗୋଟିଏ ବାଟ ମିଳିଯାଏ। ସେଠିକୁ ଭଲ ମନ୍ଦ ବିଚାର ଛାଡିବା ଆପଣଙ୍କର... ଚୟନ କରିବା ନୀତି ନ୍ୟାୟର... ଏଣୁ ମନସ୍ଥ ହୋଇ ଲେଖିବାକୁ ସ୍ଥିର କରିଥିଲେ ତା'ପରେ ସେ।

ଈଶାନ୍ୟକ୍ସ କଲୋନୀ, ଲେନ୍ ୩
ଭବାନୀପାଟଣା, କଳାହାଣ୍ଡି
ମୋବାଇଲ: ୬୩୭୦୦୬୪୭୯୨



# ମିକୁର ଝୋଟି



ଡ. ଅନୁପମା ବିଶ୍ୱାଳ

ମିକୁ ଭାରି ସରଳ ପୁଅଟିଏ। ଗାଁ ସ୍କୁଲରେ ପଢି ସାରିଲା ପରେ ପାଖ ଉଚ୍ଚ ବିଦ୍ୟାଳୟରେ ନାଁ ଲେଖାଇଲା। ପାଠ ସହ ତାର ଚିତ୍ରାଙ୍କନ ଭଲ ହୁଏ। ଆଗରୁ ଏଥିପାଇଁ ସେ ବହୁତ ଥର ପୁରସ୍କାର ପାଇଛି। ଅକ୍ଷରଗୁଡିକ ମୁକ୍ତା ପରି,ଖୁବ ସୁନ୍ଦର।

ତା ବ୍ୟବହାର ମଧ୍ୟ ବହୁତ ଭଲ ହୋଇଥିବାରୁ ତାକୁ ଶିକ୍ଷକ, ଶିକ୍ଷୟିତ୍ରୀ ଭଲ ପାଆନ୍ତି। ସାଙ୍ଗସାଥି ଏହା ସହି ନପାରି ତାକୁ ବେଳେବେଳେ ରାଗନ୍ତି ଓ ଅସହ୍ୟ ମଧ୍ୟ କରନ୍ତି।

ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହେବାକୁ ଥାଏ। ପ୍ରଧାନ ଶିକ୍ଷକଙ୍କ ଅନୁମତିରେ କେତୋଟି ପ୍ରତିଯୋଗିତାର ଆୟୋଜନ କରାଗଲା। ପୁଅମାନେ ଓ ଝିଅମାନେ ନିଜ ନିଜ ରୁଚି ଅନୁସାରେ ଶ୍ରେଣୀ ଶିକ୍ଷୟିତ୍ରୀଙ୍କୁ ନାଁ ଦେଲେ। ଗୋଟିଏ ଗୋଟିଏ କରି ପ୍ରତିଯୋଗିତା ଚାଲିଲା। ମିକୁ ଏଥର ଝୋଟି ପ୍ରତିଯୋଗିତାରେ ଭାଗ ନେଇଥିଲା। ସାଙ୍ଗ ପିଲା ଏହା ଜାଣି ତାକୁ ଚିଡ଼େଇଲେ। ଜଣେ କହିଲା, ଆରେ ତୁ ଝିଅଟେ କିରେ! ଆଉ ଜଣେ କହିଲା, ନା ନା ଏ ଝିଅ ନୁହଁ, ଏ ତ......। ପୁଣି ଜଣେ କହିଲା, ତତେ ଆଉ କିଛି ମିଳିଲା ନାହିଁ କି?

ମିକୁ କାହାରି କଥା ନ ଶୁଣି ଝୋଟି ଆଙ୍କିଲା। ମା ତାକୁ କହନ୍ତି, 'ଜୀବନରେ ଆଗକୁ ବଢିବାକୁ ହେଲେ ପଛକୁ ଚାହିଁବୁ ନାହିଁ। ନିଜ ଲକ୍ଷ୍ୟ ସର୍ବଦା ସ୍ଥିର ରଖିବୁ। ମନରେ ଏକାଗ୍ରତ ଭାବ୍ ଓ ଆତ୍ମବିଶ୍ୱାସ ରଖିବୁ।'

ପ୍ରତିଯୋଗିତା ଆରମ୍ଭ ହେଲା। ମିକୁ ଘରୁ ଆଣିଥିବା ପିଠଉ ବାହାର କରି ସୁନ୍ଦର ଝୋଟିଟିଏ କାଟିଲା। ମା ଲକ୍ଷ୍ମୀଙ୍କର ପାଦ ଦୁଇଟି ଝୋଟିରେ ଥୋଇଦେଇ ଶୋଭା ଆହୁରି ବଢ଼େଇ ଦେଲା।

ତା ଝୋଟି କୁ ଯେ ଦେଖୁଥିଲେ ବିଶ୍ୱାସ କରି ପାରୁନଥଲେ ଯେ ,ଏଇଟା ଜଣେ ପୁଅ ଆଙ୍କିଛି। ବିଚାରକ ଆସି ସେଇ ଝୋଟିକୁ ଦେଖିବା ମାତ୍ରେ ପ୍ରଥମ କଲେ।

ବାର୍ଷିକ ଉତ୍ସବ ଦିନ ମିକୁ ମାନପତ୍ର ସହିତ ଉପହାର ପାଇଲା। ଯେଉଁ ସାଙ୍ଗମାନେ ତାକୁ ଥଟ୍ଟା କରୁଥିଲେ ସେମାନେ ନିଜ ଭୁଲ ବୁଝି ପାରିଲେ। ସମସ୍ତେ ଖୁସି ହୋଇ ତାକୁ ଧନ୍ୟବାଦ ଦେବା ସହ ଶୁଭେଚ୍ଛା ଜଣେଇଲେ। ମିକୁ ସମସ୍ତଙ୍କ ପାଇଁ ଏକ ଉଦାହରଣ ହୋଇଗଲା। ପ୍ରଧାନ ଶିକ୍ଷକ କହିଲେ,"ପିଲାମାନେ! ନିଜ ପ୍ରଚେଷ୍ଟା ଓ ବିଶ୍ୱାସ ସବୁ କ୍ଷେତ୍ରରେ ବିଜେତା କରିଥାଏ।

ସମ୍ବଲପୁର, ମୋବାଇଲ୍: ୭୯୭୮୫୬୮୩୨୨

# କହିବାର ଢଙ୍ଗ ବ୍ୟକ୍ତିତ୍ୱର ମାପକାଠି



ଡକ୍ଟର ଲକ୍ଷ୍ମଣ ସାହୁ

ଆଜିକାଲି ବ୍ୟକ୍ତିଗତ ଓ ସାମାଜିକ ପରିବେଶରେ ଏତେ "ପ୍ରତାରଣା" ହେଉଛି ଯେ ଆମେ ବାସ୍ତବତା ସହିତ ସମ୍ପର୍କ ହରାଇ ଦେଉଛୁ। ବର୍ତ୍ତମାନର ପରିସ୍ଥିତି ପରିପ୍ରେକ୍ଷୀରେ ବ୍ୟକ୍ତିର ଆଭ୍ୟନ୍ତରୀଣ ସୌନ୍ଦର୍ଯ୍ୟ ଉପରେ ଆମର ମତାମତ ସ୍ଥାପନ କରିବା ସର୍ବୋତ୍ତମ।

ଚିନ୍ତିତ ପ୍ରକାଶନ ଓ କଥାବାର୍ତ୍ତାର ଶୈଳୀ ହେଉଛି ଆମ ବ୍ୟକ୍ତିତ୍ୱର ମୂଳ। ଏହା ପରିଚୟ ସୁନିଶ୍ଚିତ କରେ। ମନର ଚିନ୍ତାଧାରା ଦର୍ପଣ ଭାବରେ ବିବେଚନା କରାଯାଏ।ବ୍ୟବହୃତ ହେଉଥିବା ପାରସ୍ପରିକ କ୍ରିୟାରେ ଶବ୍ଦକୋଷ ଓ କଥାବାର୍ତ୍ତାର ଶୈଳୀ ଆମର ନିଜସ୍ୱ ମୂଲ୍ୟବୋଧକୁ ପ୍ରତିଫଳିତ କରେ। କିଛି ବ୍ୟକ୍ତି ମଉଳର ଅଟନ୍ତି କିନ୍ତୁ ବ୍ୟକ୍ତିଗତ କିମ୍ବା ଗୋଷ୍ଠୀ ଆଲୋଚନା ସମୟରେ ତର୍କ ବିତର୍କ କରି ଗଭୀର ପ୍ରଭାବ ଛାଡିଥାନ୍ତି। ଏପରି ଅନ୍ୟମାନେ ମଧ୍ୟ ଅଛନ୍ତି ଯେଉଁମାନେ ବହୁଭାଷୀ ଅଟନ୍ତି , କିନ୍ତୁ ସେମାନଙ୍କର କଥା ସେମାନଙ୍କର ପ୍ରଭାବକୁ ହ୍ରାସ କରେ କିମ୍ବା ଦୂର କରିଦିଏ। ତଥାପି ଉଭୟ କ୍ଷେତ୍ରରେ, ଆମ ପ୍ରତି ଅନ୍ୟ ପକ୍ଷର ଧାରଣା ପ୍ରକାଶିତ ହୁଏ ନାହିଁ।

କିନ୍ତୁ ସେମାନଙ୍କ ମନରେ ଆମ ବିଷୟରେ ଏକ ଭିନ୍ନ ପ୍ରକାରର ବୁଝାମଣା ସ୍ଥାପିତ ହୁଏ। ଏହା ହୁଏ ସକାରାତ୍ମକ ଓ ନକାରାତ୍ମକ ଉଭୟ ହୋଇପାରେ। ପ୍ରକୃତରେ ଏହା ଆମ ଉପରେ ନିର୍ଭର କରେ ଯେ ଆମେ ଆମର ସମୟର ଛାୟାଚିତ୍ର ପ୍ରତିଛବିକୁ କିପରି ଗଠନ କରୁ। ଦୈନନ୍ଦିନ ଜୀବନରେ ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ ସରଳ ଆଲୋଚନା କିମ୍ବା ପର୍ଯ୍ୟାଲୋଚନା ସମୟରେ ମଧ୍ୟ, ଆମର ଶରୀର ଭାଷା ଓ ଆଚରଣ ଆମର କଥିତ ଶବ୍ଦ ସହିତ ସମାନ ହେବା ଆବଶ୍ୟକ ନୁହେଁ। ଶୁଦ୍ଧ ଓ ଆନ୍ତରିକ ଭାବନା ସହିତ ପ୍ରକାଶିତ ଶବ୍ଦଗୁଡ଼ିକର ଏକ ଅର୍ଥପୂର୍ଣ୍ଣ ପ୍ରଭାବ ପଡ଼ିଥାଏ। ଯଦି ଆମର ମନ ବିଚରଣ କରୁଛି, ତେବେ ଆମର ଶରୀର ଭାଷା ଆମର ବକ୍ତବ୍ୟ ସହିତ ସମାନ ନ ହୋଇପାରେ।

ଯଦିଓ ସାମାଜିକ ପରିବେଶରେ ସହଜରେ ମିଥ୍ୟା ବୟାନ ଦେଉଥିବା ଲୋକଙ୍କର ଆଜିକାଲି ଅଭାବ ନାହିଁ। କିନ୍ତୁ ଜଣେ ବ୍ୟକ୍ତିର ନିଜ ବକ୍ତବ୍ୟର ସତ୍ୟତା ଉପରେ ଆଭ୍ୟନ୍ତରୀଣ ଆତ୍ମବିଶ୍ୱାସ କେତେ ତାହା ଜାଣିବା କଷ୍ଟକର ନୁହେଁ। ପ୍ରକୃତରେ ଯେତେବେଳେ ଜଣେ ବ୍ୟକ୍ତି ନିଜ ମନରେ ଗୋଟିଏ କଥା ଓ ନିଜ ମୁହଁରେ ଅନ୍ୟ କଥା ପ୍ରକାଶ କରନ୍ତି, ସେତେବେଳେ ତାଙ୍କ ସ୍ୱର ତାଙ୍କର ଆତ୍ମବିଶ୍ୱାସକୁ ପ୍ରକାଶ କରେ। ଏହା ଏକ ମନସ୍ତାତ୍ତ୍ୱିକ ସତ୍ୟ ଯେ ଯେତେବେଳେ ଭିତରେ ଦ୍ୱେଷର ଭାବନା ଥାଏ, ସେତେବେଳେ ସେଗୁଡ଼ିକୁ ଲୁଚାଇବା କଷ୍ଟକର ହୋଇଥାଏ। ତଥାପି ସରଳ ମନ ଥିବା ଲୋକମାନେ ପ୍ରାୟତଃ ସେମାନଙ୍କର କଥାକୁ ସ୍ୱାଭାବିକ ଭାବରେ ଉପସ୍ଥାପନ କରିବାକୁ ଭଲ ପାଇଥାନ୍ତି। ଅଭ୍ୟାସରେ ଏହା ଦେଖାଯାଇଛି ଯେ ଜଣେ କଥାବାର୍ତ୍ତାକାରୀ ବ୍ୟକ୍ତିଙ୍କ ଜୀବନଚକ୍ର ଏକ ଖୋଲା ପୁସ୍ତକ ପରି। ସେମାନେ ସାଧାରଣ କଥାବାର୍ତ୍ତା ମାଧ୍ୟମରେ ସେମାନଙ୍କର ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱକୁ ସର୍ବସାଧାରଣରେ ପ୍ରଦର୍ଶନ କରିବାକୁ ଅଭ୍ୟସ୍ତ ହୋଇଥାନ୍ତି। ତଥାପି ଯେଉଁମାନେ ମଉଳର ସ୍ୱଭାବର, ସେମାନଙ୍କୁ ବୁଝିବା ଟିକେ ସବୁବେଳେ ସବୁଠାରୁ କଷ୍ଟକର ହୋଇପାରେ। ତଥାପି ପ୍ରତ୍ୟେକ ଶବ୍ଦ ଓ ଜଣେ ବ୍ୟକ୍ତି ଦ୍ୱାରା କୁହାଯାଇଥିବା ପ୍ରତ୍ୟେକ ଶବ୍ଦ ଗଭୀର ଭାବରେ ଅନୁଭବ କରାଯାଏ।

ତାଙ୍କ ଭିତରର ଏହି ବାକ୍ୟଟି ସୌନ୍ଦର୍ଯ୍ୟର ଏକ ଅନୁଭବ ପ୍ରଦାନ କରିପାରିବ। ବାହ୍ୟ ସୌନ୍ଦର୍ଯ୍ୟ ବିଷୟରେ କହିବାକୁ ଗଲେ, ଏହାକୁ କେବଳ ଡିଜାଇନ୍ କଳା ଦ୍ୱାରା ବୃଦ୍ଧି କରାଯାଇପାରିବ। ତଥାପି ଆଜିର ସମୟରେ ସ୍ୱତଃସ୍ଫୂର୍ତ୍ତି ଭାବେ ଓ ପ୍ରାକୃତିକତାକୁ ଆନୁଷ୍ଠାନିକତା ଦ୍ୱାରା ବଦଳାଯାଇଛି। ଏହା ସତ୍ତ୍ୱେ ଡିଜାଇନ୍ କଳାକୁ ବୁଝିବା କଷ୍ଟକର ନୁହେଁ।

ସାମାଜିକ ଜୀବନରେ ସମସ୍ତ ପ୍ରକାରର ଔପଚାରିକତା ପରିଲକ୍ଷିତ ହୋଇପାରେ। କିନ୍ତୁ କଥାବାର୍ତ୍ତା ମାଧ୍ୟମରେ ଔପଚାରିକ ଓ ଅନୌପଚାରିକ ମଧ୍ୟରେ ଥିବା ପାର୍ଥକ୍ୟ ଜାଣିହେବ। ଜଣେ ବ୍ୟକ୍ତି ଯେତେ ଚତୁର ହୁଅନ୍ତୁ ନା କାହିଁକି, ତାଙ୍କର ଭିତରର ଭାବନାକୁ ଲୁଚାଇବା ସହଜ ନୁହେଁ। ଏହା ବ୍ୟବହାରିକ ଜୀବନରେ ମଧ୍ୟ ଘଟେ ଯେତେବେଳେ ବିତର୍କର ଝଡ଼ ପରିସ୍ଥିତି ସୃଷ୍ଟି ହୁଏ। ଉଭୟ ପକ୍ଷଙ୍କ ସହିତ ଯୋଗାଯୋଗ କରି, ମାମଲାର ମୂଳ ପର୍ଯ୍ୟନ୍ତ ପହଞ୍ଚି ବିବାଦର ସମାଧାନ କରିବା ଅସହଜ ହୋଇଯାଏ। ଏହାର ମୂଳରେ ଏହାର ଅର୍ଥ ହେଉଛି ପାରସ୍ପରିକ ଆଲୋଚନା ଆଭ୍ୟନ୍ତରୀଣ ଦ୍ୱନ୍ଦ ସମାଧାନ କରିବାରେ ଏକ ଶକ୍ତିଶାଳୀ ସହାୟକ।

ଜଣେ ବ୍ୟକ୍ତିଙ୍କ ମୁହଁରୁ ଗୋଟିଏ ପ୍ରକାରେ ବାହାରୁଥିବା ପ୍ରତ୍ୟେକ ଶବ୍ଦର ଏକ ଗଭୀର ଅର୍ଥ ଲୁଚି ରହିଥାଏ। ସାଧାରଣତଃ ଯେତେବେଳେ ଜଣେ ବ୍ୟକ୍ତି ଆରାମରେ ଥାଏ, ସେ ନିଜକୁ ସରଳ ଭାବରେ ପ୍ରକାଶ କରନ୍ତି। ବିପରୀତରେ ଜଣେ ଅସହଜ ବ୍ୟକ୍ତି କୌଣସି ପ୍ରକାରର କ୍ରୋଧ, ଭାବପ୍ରବଣତା କିମ୍ବା ଆତ୍ମ-ନିୟନ୍ତ୍ରଣର ଅଭାବ ମଧ୍ୟ ଦେଖାଇପାରେ।

ବେଳେ ବେଳେ ପକ୍ଷପାତିତା ଯୋଗୁଁ ବ୍ୟକ୍ତି ନିଜ ବକ୍ତବ୍ୟ ଉପରେ ବିଶେଷ ଗୁରୁତ୍ୱ ଦିଏ। ଏପରି ପରିସ୍ଥିତିରେ ଜଣେ ତାତ୍ତ୍ୱିକ ଆଧାର ପ୍ରଦାନ କରି ନିଜର ଭୁଲକୁ ମଧ୍ୟ ଯଥାର୍ଥ କରିବାକୁ ଚେଷ୍ଟା କରେ। ମିଛକୁ ସତରେ ପରିଣତ କରିବାକୁ ପ୍ରୟାସ ଜାରି ରଖେ। କିନ୍ତୁ ଏହା ଅଧିକ ସମୟ ପାଇଁ




**ଯଦିଓ ସାମାଜିକ ପରିବେଶରେ ସହଜରେ ମିଥ୍ୟା ବୟାନ ଦେଉଥିବା ଲୋକଙ୍କର ଆଜିକାଲି ଅଭାବ ନାହିଁ। କିନ୍ତୁ ଜଣେ ବ୍ୟକ୍ତିର ନିଜ ବକ୍ତବ୍ୟର ସତ୍ୟତା ଉପରେ ଆଭ୍ୟନ୍ତରୀଣ ଆତ୍ମବିଶ୍ୱାସ କେତେ ତାହା ଜାଣିବା କଷ୍ଟକର ନୁହେଁ। ପ୍ରକୃତରେ ଯେତେବେଳେ ଜଣେ ବ୍ୟକ୍ତି ନିଜ ମନରେ ଗୋଟିଏ କଥା ଓ ନିଜ ମୁହଁରେ ଅନ୍ୟ କଥା ପ୍ରକାଶ କରନ୍ତି, ସେତେବେଳେ ତାଙ୍କ ସ୍ୱର ତାଙ୍କର ଆତ୍ମବିଶ୍ୱାସକୁ ପ୍ରକାଶ କରେ। ଏହା ଏକ ମନସ୍ତାତ୍ତ୍ୱିକ ସତ୍ୟ ଯେ ଯେତେବେଳେ ଭିତରେ ଦ୍ୱେଷର ଭାବନା ଥାଏ, ସେତେବେଳେ ସେଗୁଡ଼ିକୁ ଲୁଚାଇବା କଷ୍ଟକର ହୋଇଥାଏ। ତଥାପି ସରଳ ମନ ଥିବା ଲୋକମାନେ ପ୍ରାୟତଃ ସେମାନଙ୍କର କଥାକୁ ସ୍ୱାଭାବିକ ଭାବରେ ଉପସ୍ଥାପନ କରିବାକୁ ଭଲ ପାଇଥାନ୍ତି।**

କରାଯାଇପାରିବ ନାହିଁ, କାରଣ ଏପରି ବ୍ୟକ୍ତିମାନେ ପ୍ରାୟତଃ ନିଜ ବକ୍ତବ୍ୟର ଜାଲରେ ଫସି ଯାଆନ୍ତି। ବିପରୀତରେ ସରଳ, ସତ୍ୟବାଦୀ ଆଚରଣ, ଚିନ୍ତାଧାରା ଓ ଆଚରଣ ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ଅତ୍ୟନ୍ତ ବିଶ୍ୱସ୍ତ କରିଥାଏ।

ତଥାପି ଏହା ମଧ୍ୟ ସମ୍ଭବ ଯେ ଯଦି ଜଣେ ବ୍ୟକ୍ତିଙ୍କ ପ୍ରାମାଣିକତା ସନ୍ଦେହଜନକ, ତେବେ ଏକ ନିର୍ଦ୍ଦିଷ୍ଟ ବିଷୟରେ ସେମାନଙ୍କର ସତ୍ୟବାଦୀ ବକ୍ତବ୍ୟ ମଧ୍ୟ ସନ୍ଦେହଜନକ ହୋଇପାରେ। ଏହି ପରିସ୍ଥିତି ଜଣେ ବ୍ୟକ୍ତିଙ୍କୁ ତାଙ୍କର ପୂର୍ଣ୍ଣ ସମ୍ଭାବନାକୁ ବୁଝିବାରେ ବାଧା ସୃଷ୍ଟି କରିପାରେ। ତେଣୁ ପ୍ରଥମେ ତାଙ୍କ ସହିତ ଆଲୋଚନା ନକରି କୌଣସି ପ୍ରକାରର ପକ୍ଷପାତ ଉପରେ ଆଧାରିତ କୌଣସି ମତାମତ ଗଠନ ନକରିବା ଭଲ।

ପ୍ରକୃତରେ ଆଜିକାଲି ଆମର ବ୍ୟକ୍ତିଗତ ଓ ସାମାଜିକ ପରିବେଶରେ ଏତେ "ପ୍ରତାରଣା" ଅଛି ଯେ ଏପରି ପରିସ୍ଥିତିରେ ଆମେ ବାସ୍ତବତା ସହିତ ସମ୍ପର୍କ ହରାଇ ଦେବାକୁ ବାଧ୍ୟ ହେଉଛୁ। ବର୍ତ୍ତମାନର ପରିସ୍ଥିତି ପରିପ୍ରେକ୍ଷୀରେ ଜଣେ ବ୍ୟକ୍ତିର ଆଭ୍ୟନ୍ତରୀଣ ସୌନ୍ଦର୍ଯ୍ୟ ଉପରେ ଆମର ମତାମତ ସ୍ଥାପନ କରିବା ସର୍ବୋତ୍ତମ କଷ୍ଟକର। କାରଣ ବାହ୍ୟ ସୌନ୍ଦର୍ଯ୍ୟ ପ୍ରତାରଣାମୂଳକ ହୋଇପାରେ।

ଏସଂପର୍କରେ ଥରେ ଭାବି ଦେଖନ୍ତୁ ଈଶ୍ୱର ମଣିଷର ହୃଦୟରେ ବାସ କରନ୍ତି। ଈଶ୍ୱର ସର୍ବଦା ଆମ ହୃଦୟରେ ବାସ କରନ୍ତି। କିନ୍ତୁ ଆମର ଅହଂକାର ଓ ଆମର ଜିଦ୍ ଆମକୁ ତାଙ୍କ ଠାରୁ ଦୂରେଇ ରଖେ। ଏପରି ଏକ ସମୟ ଆସେ ଯେତେବେଳେ ଆମେ ତାଙ୍କୁ ଆମ ଭିତରେ ଅନୁଭବ କରିପାରିବା ନାହିଁ କିମ୍ବା ତାଙ୍କ ଚେତାବନୀ ଓ ଉତ୍ସାହଜନକ ପ୍ରେରଣା ଶୁଣିପାରିବା ନାହିଁ। ପ୍ରତ୍ୟେକ ପଦକ୍ଷେପରେ ସେ ଆମକୁ ରକ୍ଷା କରନ୍ତି, କିନ୍ତୁ ଆମେ ତାଙ୍କ କୃପାକୁ ବୁଝିବାରେ ବିଫଳ ହେଉ।

ମାନବ ଶରୀରର ମନ ଏକ ଅତ୍ୟନ୍ତ ପବିତ୍ର ସ୍ଥାନରେ ରହିଛି। ଆମର ଋଷି ଓ ସନ୍ଥମାନେ ଶରୀରକୁ ମନ୍ଦିର ବୋଲି କୁହନ୍ତି। ଏଥିରେ ତାଙ୍କ ଜୀବନୀ ଶକ୍ତି ସ୍ଥାପିତ କରି ଈଶ୍ୱରଙ୍କୁ ପୂଜା କରାଯାଏ। ଏହି ମନ କିପରି ଏକ ପବିତ୍ର ମନ୍ଦିରରେ ରୂପାନ୍ତରିତ ହୋଇପାରିବ ତାହା ବିଚାର କରିବା ଉଚିତ୍। କେହି କେହି କୁହନ୍ତି ଏହି ମନ ବୃନ୍ଦାବନ। ଏହାକୁ ମନ୍ଦିର କରିବାର ପଦ୍ଧତି କ'ଣ ? ସାଧୁସନ୍ଥମାନେ ଏହି ମନକୁ ମନ୍ଦିର କରିବାର ଏକ ଅତି ସରଳ ଉପାୟ ପରାମର୍ଶ ଦେଇଛନ୍ତି। ସେମାନେ କହିଛନ୍ତି, "ଭୁଲ୍ୟ ରବ ଦା କି ପଣା, ଏତେ ପୁତନା ଓଠେ ଲାନା।" ଏହାର ଅର୍ଥ ହେଉଛି ଈଶ୍ୱରଙ୍କୁ ଖୋଜିବା ବହୁତ ସହଜ। ଏଠାରୁ ନିଜ ମନକୁ ହଟାଇ ଈଶ୍ୱରଙ୍କ ଆଡ଼କୁ ମୁହାଁଇ ଦିଅନ୍ତୁ।

ସାଧାରଣ ଭାବେ ଆମେ ସମସ୍ତେ ଜାଣୁ ଯେ ଯେତେବେଳେ ଧାନ ଚାଷ କରାଯାଏ, ତାହା ଗୋଟିଏ ସ୍ଥାନରେ ବୁଣାଯାଏ। କିଛି ଦିନ ପରେ ଏହାକୁ ଉପାଡ଼ି ଅନ୍ୟ ସ୍ଥାନରେ ଲଗାଯାଏ। ତଳି ଧାନ ବା ଖେଲୁଆ ପଡ଼ିବା ଗାଁ ଗହଳିରେ ଚାଷୀମାନେ କୁହନ୍ତି। ସେହିପରି ମନକୁ ସାଂସାରିକ ଆସକ୍ତିରୁ ଦୂରେଇ ନେଇ ଈଶ୍ୱରଙ୍କ ଆଡ଼କୁ ନିର୍ଦ୍ଦେଶିତ କରିବାକୁ ପଡିବ। ଏହା ଏକ ସରଳ ଓ ତରଳ ସମାଧାନ ପରି ମନେହୁଏ। କିନ୍ତୁ ଏହି ଚଞ୍ଚଳ ମନକୁ ନିୟନ୍ତ୍ରଣ କରିବାରେ ଜୀବନସାରା ବିତାଇ ଦିଆଯାଏ। କାରଣ ମନ ଏକ ଅବାଧ ଲଗାମ୍ ଛଡ଼ା ଘୋଡା। ସହଜରେ ତାକୁ ଆମେ ନିୟନ୍ତ୍ରଣ କରିପାରିବା ସମ୍ଭବ ହୁଏନାହିଁ। ଏହାକୁ ନିୟନ୍ତ୍ରଣ କରିବା ପାଇଁ, ଭଗବାନ ଶ୍ରୀକୃଷ୍ଣ ଗୀତାରେ ପଦ୍ଧତି ପ୍ରଦାନ କରିଛନ୍ତି: ଅଭ୍ୟାସ ଓ ବିଚ୍ଛିନ୍ନତା। ତେଣୁ ଏହାକୁ ନିୟନ୍ତ୍ରଣ କରିବାର ପ୍ରଥମ ଉପାୟ ହେଉଛି ନିରନ୍ତର ଅଭ୍ୟାସ। ମନକୁ ବାରମ୍ବାର ଈଶ୍ୱରଙ୍କ ଉପାସନାରେ ନିୟୋଜିତ କରିଦିଅନ୍ତୁ। ଏହା ବିଚରଣ କରିବ, କିନ୍ତୁ ଏହାକୁ ଫେରାଇ ଆଣନ୍ତୁ। ଦ୍ୱିତୀୟ ଉପାୟ ହେଉଛି ବିଚ୍ଛିନ୍ନତା, ଅର୍ଥାତ୍, ସାଂସାରିକ ପାର୍ଥିବ ବସ୍ତୁ ପ୍ରତି ଆସକ୍ତି ତ୍ୟାଗ କରିବାକୁ ହେବ। ସମସ୍ତ ସାଂସାରିକ କାର୍ଯ୍ୟ କରିବା ସମୟରେ, ଆମେ ଏହି କ୍ଷଣସ୍ଥାୟୀ ଜଗତରେ ଜଳରେ ପଦ୍ମ ପରି ରହିବା ଉଚିତ୍। ଆମର ମନ ଏକ ପାତ୍ର ଯାହା ଈଶ୍ୱରଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତିର ଭାବନା ରଖିବା ଉଚିତ୍। ଆମେ ଆମର ମନକୁ ଈର୍ଷା, ଘୃଣା, କାମନା, କ୍ରୋଧ ଓ ଅହଂକାର ଭଳି ଦୁଷ୍ଟତା ପାଇଁ ଆଶ୍ରୟସ୍ଥଳ କରିଛୁ। ଯେପର୍ଯ୍ୟନ୍ତ ଏଗୁଡ଼ିକ ସେଠାରେ ରହିଥାଏ, ସେପର୍ଯ୍ୟନ୍ତ ଏହା ଈଶ୍ୱରଙ୍କ ବାସସ୍ଥାନ ହୋଇପାରିବ ନାହିଁ। ଯେପରି ଆମେ ପାତ୍ରରେ କିଛି ରଖିବାକୁ ଚାହୁଁ, ଆମକୁ ପ୍ରଥମେ ନିଶ୍ଚିତ କରିବାକୁ ପଡିବ ଯେ ତାହା ଖାଲି ଅଛି। ଯଦି ଏଥିରେ କିଛି ପୂର୍ବରୁ ଅଛି , ତେବେ ସେଠାରେ ନୂତନ ଜିନିଷ ସେଥିରେ ସ୍ଥାନ ପାଇବ ନାହିଁ। ତେଣୁ ନୂତନ ଜିନିଷ ରଖିବା ପୂର୍ବରୁ ପାତ୍ରକୁ ପ୍ରଥମେ ଖାଲି, ଧୋଇ ଓ ଶୁଖାଯିବା ଉଚିତ୍। ସେହିପରି ଆମକୁ ଆମ ମନରୁ ଏହି ସମସ୍ତ ଦୁଷ୍ଟତାକୁ ଦୂର କରି ଆମ ମନର ପାତ୍ରକୁ ଖାଲି କରିବାକୁ ପଡିବ। ତା'ପରେ, ଆମକୁ ଏଥିରେ ପ୍ରଭୁଙ୍କ ନାମର ଜ୍ୱାଳା ଜାଳିବାକୁ ପଡିବ। ତେବେ ହିଁ ଏହାକୁ ଧୋଇ ଓ ସଫା କରାଯିବସ।

ପ୍ରେମ, ଭାଇଚାରା, ଦୟା, ସ୍ନେହ, ପାରସ୍ପରିକ ବିଶ୍ୱାସ ଓ ଦାନ ଭଳି ଭଲ ଭାବନାରେ ପରିପୂର୍ଣ୍ଣ ହେଲେ ହିଁ ଈଶ୍ୱର ଆମ ହୃଦୟରେ ବାସ କରିପାରିବେ। ଯେତେବେଳେ ଆମେ ଭଲ ଗୁଣରେ ଆମ ମନକୁ ଆଲୋକିତ କରିବୁ, କେବଳ ସେତେବେଳେ ଏହା ପ୍ରକୃତରେ ଏକ ଉଜ୍ଜ୍ୱଳ ମନ୍ଦିରରେ ପରିଣତ ହେବ। କେବଳ ସେତେବେଳେ ଆମେ ସେଠାରେ ଆମର ପ୍ରଭୁଙ୍କୁ ସ୍ଥାପନ କରିପାରିବା।

ଅତଏବ ଜୀବନ ହେଉଛି ମୃତ୍ୟୁ ଠାରୁ ଧାର ଆଣିଥିବା କିଛି ସମୟ , ଏ ସମୟ କେବେ ଚାଲିଯିବ କେହି ବି ଜାଣି ପାରିବେ ନାହିଁ। ଏମିତି ଜୀବନ ଥିବା ଯାଏଁ ରାଗ,ଋଷା,ହିଂସା ଛାଡି ସମସ୍ତଙ୍କ ସହିତ, ହସ ଖୁସିରେ ସମୟ ବିତାଇବା ପାଇଁ ଚେଷ୍ଟା କରନ୍ତୁ। ଈଶ୍ୱରାଭିମୁଖୀ ହୁଅନ୍ତୁ। ଯାହା ଫଳରେ କଥା କହିବାର ଢଙ୍ଗରେ ପରିବର୍ତ୍ତନ ଆପେଆପେ ଆସିଯିବ ଓ ବ୍ୟକ୍ତିର ବ୍ୟକ୍ତିତ୍ୱ ସ୍ୱଚ୍ଛ ଦର୍ପଣ ଭଳି ଉଦ୍ଭାସିତ ହେବ ଓ ତାହାହିଁ ବ୍ୟକ୍ତିର ଅସଲ ବ୍ୟକ୍ତିତ୍ୱ...!!!

ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋବାଇଲ୍: ୯୦୪୦ ୧୫୧୪୭୫

## ଶ୍ରମିକଙ୍କ ସୁରକ୍ଷା ପାଇଁ ମିନି ମାରାଥନ୍

### ଏସପିଡି କନଷ୍ଟ୍ରକ୍ସନ୍‌ର ସ୍ୱତନ୍ତ୍ର ପ୍ରୟାସ



ଭୁବନେଶ୍ୱର,୧୪।୧୨(ସଂଚାର ବ୍ୟୁରୋ): ଶ୍ରମିକଙ୍କ ସୁରକ୍ଷିତ ଭବିଷ୍ୟତ ଦିଗରେ ଅଧିକ ସଚେତନତା ଓ ଏହା ପ୍ରାଥମିକ ଦାୟିତ୍ୱ ଭାବେ ଏସପିଡି କନଷ୍ଟ୍ରକ୍ସନ୍ ଲିମିଟେଡ୍ ପକ୍ଷରୁ ଆଜି ଏକ ସେଫ୍ଟି ମିନି ମାରାଥନ ଆୟୋଜିତ ହୋଇଥିଲା। ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଖଣ୍ଡଗିରି ନିକଟସ୍ଥ ଜୟଦେବ ବାଟିକାରୁ ଆରମ୍ଭ ହୋଇ ସମ୍ ହସ୍ପିଟାଲ ନିକଟସ୍ଥ ସୋଆ କ୍ରିକେଟ୍ ଗ୍ରାଉଣ୍ଡରେ ଶେଷ ହୋଇଥିଲା। କାର୍ଯ୍ୟକ୍ରମକୁ ଏସପିଡି କନଷ୍ଟ୍ରକ୍ସନର ପରିଚାଳନା ନିର୍ଦ୍ଦେଶକ ସୌରଭ ଖୈତାନ ଉଦଘାଟିତ କରିଥିଲେ। ତାଙ୍କ ସହ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଚିରାଗ ଖୈତାନ ଓ ନିର୍ଦ୍ଦେଶକ ସଞ୍ଜୟ ଜାଲାନ ମଧ୍ୟ ଉପସ୍ଥିତ ଥିଲେ। ବିଭିନ୍ନ ପୃଷ୍ଠଭୂମିର ଅଂଶଗ୍ରହଣକାରୀମାନେ ଯୋଗଦେଇ ଏକ ସୁରକ୍ଷିତ ଭବିଷ୍ୟତ ପାଇଁ ଏକତ୍ରିତ ହୋଇଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ଶିଳ୍ପ କ୍ଷେତ୍ରରେ ଶ୍ରମିକଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ପାଇଁ ଏସପିଡି କନଷ୍ଟ୍ରକ୍ସନ୍ ପକ୍ଷରୁ ଏପରି ଏକ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି।

### ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ

# ଶକ୍ତି ସଞ୍ଚୟର ଅନ୍ୟନାମ ଶକ୍ତି ଉତ୍ପାଦନ



ଭୁବନେଶ୍ୱର,୧୪।୧୨(ସଂଚାର ବ୍ୟୁରୋ): ଜାତୀୟ ଶକ୍ତି ସଂରକ୍ଷଣ ଦିବସ ୨୦୨୫ ଅବସରରେ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସ୍ଥାନୀୟ ଲୋକସେବା ଭବନରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶକ୍ତି ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ଏବଂ ଶକ୍ତି ଦକ୍ଷତାରେ ଉଲ୍ଲେଖନୀୟ ଅବଦାନକୁ ପାଳନ କରାଯାଇଥିଲା। ସକାଳେ ଉପମୁଖ୍ୟମନ୍ତ୍ରୀ ଶକ୍ତି ସଂରକ୍ଷଣ ସଚେତନତା ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିରେ ପ୍ରମୁଖ ଶାସନ ସଚିବ ଶକ୍ତି ବିଭାଗ ବିଶାଲ କୁମାର ଦେବ, ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ମନୋଜ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। ଶକ୍ତି ବିଭାଗର ଅଧିକାରୀମାନଙ୍କ ସହ ଛାତ୍ରଛାତ୍ରୀ ଏବଂ ଶିକ୍ଷକଙ୍କ ଏକ ର‍୍ୟାଲି କଳିଙ୍ଗ ଷ୍ଟାଡିୟମର ୩ ନମ୍ବର ଗେଟରୁ ବାହାରି ଲୋକସେବା ଭବନ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ତାଙ୍କ ଅଭିଭାଷଣରେ ଶକ୍ତି ସଂରକ୍ଷଣକୁ କେବଳ ଏକ ଅଭ୍ୟାସ ଭାବେ ନୁହେଁ, ବରଂ ଏକ ଜାତୀୟ କର୍ତ୍ତବ୍ୟ ଭାବରେ ଗ୍ରହଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଶକ୍ତି କ୍ଷତି ହ୍ରାସ କରିବା ସକାଶେ ପ୍ରତି ଘରେ ଆର୍ଥିଂ କରିବା ଏବଂ ସ୍ମାର୍ଟ ମିଟରର ବ୍ୟାପକ କାର୍ଯ୍ୟାନ୍ୱୟନ ଉପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସେ କହିଥିଲେ ଯେ ରାଜ୍ୟ ସରକାର ଜଳବାୟୁ ସ୍ଥିରତା ଓ ସ୍ଥାୟୀ ବିକାଶ ଉପରେ ଜାତୀୟ ମିଶନ ସହ ସମନ୍ୱୟ ରଖି ଶକ୍ତି ଦକ୍ଷତା ଓ ପରିବେଶଗତ ପରିଚାଳନାକୁ ପ୍ରୋତ୍ସାହିତ କରିବା ପାଇଁ ସର୍ବଦା ଉଦ୍ୟମ କରୁଛନ୍ତି।

ଏହାଛଡ଼ା ଶ୍ରୀ ଦେବ ଦେବ କହିଥିଲେ ଯେ ଏକକାଳୀନ ଶକ୍ତି ଉତ୍ପାଦନ ଯୋଡିବା ସହିତ ଆମେ ଶକ୍ତି ସଂରକ୍ଷଣ ଉପରେ ଧ୍ୟାନ ଦେବା ଉଚିତ ଯାହା ସବୁଠାରୁ ଶସ୍ତା, ସ୍ୱଚ୍ଛ ଉତ୍ସରୁ ଉତ୍ପାଦିତ। ନୀତି ସ୍ତରରେ, ପମ୍ପଡ଼ ଷ୍ଟୋରେଜ ନୀତି ପୂର୍ବରୁ କାର୍ଯ୍ୟକାରୀ ହୋଇଛି ଏବଂ ସମ୍ପ୍ରତି ଭାସମାନ ସୌର ନିର୍ଦ୍ଦେଶାବଳୀ ଜାରି କରାଯାଇଛି ଯାହା ସୌର ପବନ, ଜଳ, ଇତ୍ୟାଦି କ୍ଷେତ୍ରରେ ଓଡ଼ିଶାର ନବୀକରଣୀୟ ଶକ୍ତି କ୍ଷମତାକୁ ତ୍ୱରାନ୍ୱିତ କରିପାରିବ। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ନିର୍ଦ୍ଦେଶକ ଡ କେ. ମୁରୁଗେସନ ଶିକ୍ଷକମାନଙ୍କୁ ଶକ୍ତି ସଂରକ୍ଷଣ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅଭିନବ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବାକୁ କହିଥିଲେ। ସିପିଡାଓଆରର ପୂର୍ବତନ ମହାନିର୍ଦ୍ଦେଶକ ଏକେ ତ୍ରିପାଠୀ ଗ୍ରୀଡ୍ ସ୍ଥିରୀକରଣ ସହ ନବୀକରଣୀୟ ଶକ୍ତି କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ମନୋଜ କୁମାର ତ୍ରିପାଠୀ, ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ଏବଂ ସିଇଓ (ଓରେଡା) ପକ୍ଷରୁ ଗ୍ରହଣ କରାଯାଇଥିବା ଶକ୍ତି ସଂରକ୍ଷଣ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ସମାରୋହ ସମୟରେ ଉପମୁଖ୍ୟମନ୍ତ୍ରୀ ସିପିଡ଼ିଆଇଏସିପି, ଇଏସ୍ ଏବଂ ବିଦ୍ୟୁତ୍, ଏମ୍ଏସଏମଇ, ଶିକ୍ଷାନୁଷ୍ଠାନ ଆଦି ବିଭିନ୍ନ ବର୍ଗରେ ବିଜେତାଙ୍କୁ ଓଡ଼ିଶା ରାଜ୍ୟ ଶକ୍ତି ସଂରକ୍ଷଣ ପୁରସ୍କାର (ଓଏସଇସିଏ)ରେ ସମ୍ମାନିତ କରିଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଯେଉଁଥିରେ ସାରା ଓଡ଼ିଶାରେ ବ୍ଲକସ୍ତରୀୟ ଓ ଜିଲ୍ଲା ସ୍ତରରେ ୨.୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ୮ମ, ୯ମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ଏବଂ ପ୍ରଥମରୁ ତୃତୀୟ ବିବେଚିତ ଛାତ୍ରଛାତ୍ରୀଙ୍କୁ ୮ ହଜାର, ୫ ହଜାର ଏବଂ ୩ ହଜାର ଟଙ୍କା ପୁରସ୍କାର ଭାବେ ପ୍ରଦାନ କରାଯିବା ସହ ଅନ୍ୟ ଛାତ୍ରଛାତ୍ରୀମାନଙ୍କୁ ସ୍ମାରକୀ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ରାତିଅଧିଆ ରେଡ୍‌ରେ ସ୍କ୍ୱାଡ୍-ନିଶାଡ଼ି ମୁହାଁମୁହିଁ

### ଖାକିରେ ମଦ ଢାଳିଲେ ମାତାଲ ଯୁବକ



ଭୁବନେଶ୍ୱର,୧୪।୧୨(ସଂଚାର ବ୍ୟୁରୋ): ଦୀର୍ଘ ଦିନ ଧରି ଶୋଇ ରହିଥିବା ଅବକାରୀ ବିଭାଗ ଗୋଟିଏ ଦୁର୍ଘଟଣା ପରେ ହଠାତ ସଚେତନ ହୋଇଉଠିଛନ୍ତି। ଆରମ୍ଭ ହୋଇଯାଇଛି ରାତିଅଧିଆ ରେଡ। ଆଉ ଏଥିପାଇଁ ଅବକାରୀ ବିଭାଗକୁ ଏକ ଅପ୍ରିତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିଛି। ରାତି ଅଧରେ ନିଶାଡ଼ିଙ୍କ ସହ ମୁହାଁମୁହିଁ ହୋଇଛି ଅବକାରୀ ଟିମ। ଚନ୍ଦ୍ରେଶଖରପୁର ସ୍ଥିତ ଏକ ବାରରେ ରେଡ୍ ସାରି ଅବକାରୀ ଟିମ ଫେରୁଥିବା ବେଳେ ଗାଡ଼ି ଉପରକୁ ବୋତଲ ମାଡ଼ ହେବା ସହ ଅଫିସରଙ୍କ ଉପରେ ମଦ ଢାଳିଛନ୍ତି ନିଶାରେ ଚୁର୍ ମଦ୍ୟପ। ସ୍ଥାନୀୟ ଥାନାରେ ଏତଲା ପରେ ପୋଲିସ୍ ୪ଜଣଙ୍କୁ ବାନ୍ଧିଛି। ଘଟଣା ପରେ ଅବକାରୀ ବିଭାଗ ଚେତାଇ ଦେଇଛି ଯେ ରାତି ୧୨ଟା ପରେ ଖୋଲା ରହୁଥିବା ଓ ଲାଇସେନସ ନଥିବା ବାର ଓ ପବ ବିରୋଧରେ ରେଡ୍ ଜାରି ରହିବ। ସତ୍ୟବିହାର ନୋ ଲିମିଟ ଏୟାରରେ ଅଗ୍ନିକାଣ୍ଡ ପରେ ଆକ୍ସନ ମୋଡକୁ ଆସିଛି ଅବକାରୀ ବିଭାଗ। ରାଜଧାନୀର ୧୫୦ରୁ ଅଧିକ ବାର୍ ଓ ପବ୍‌ରେ ରେଡ୍ କରାଯାଇଛି। ହେଲେ ଗତକାଲି ରାତି ଅଧରେ ଚନ୍ଦ୍ରଶେଖରପୁର ଥାନା ପାଖ ରୋମିଓ ଲେନ୍ ବାର ସାମ୍ନାରେ ସୃଷ୍ଟି ହୋଇଥିଲା ଅପ୍ରୀତିକର ସ୍ଥିତି। ଗାଡ଼ିରେ ବସିବାକୁ ଅଧିକାରୀ ଓ କର୍ମଚାରୀମାନେ ଯାଉଥିବାବେଳେ ହଠାତ୍ ବୋତଲ ମାଡ଼ ହୋଇଥିଲା। ଖାକି ପୋଷାକରେ ଥିଲେ ବି ଅବକାରୀ ଟିମକୁ କଦର୍ଯ୍ୟ ଭାଷାରେ ଗାଳି କରିବାକୁ ପଛାଇ ନଥିଲେ ନିଶାରେ ଚୁର ଯୁବକ। ଖବର ପାଇ ପିସିଆର ଆସି କେତେକଙ୍କୁ ଥାନାକୁ ନେଇଥିଲା। ତେବେ ଆକ୍ରମଣକାରୀ ମଦ୍ୟପଙ୍କୁ ବାର କର୍ତ୍ତୃପକ୍ଷ ପଠାଇଥିଲେ ନା ହଠାତ୍ ବାର ବନ୍ଦ ହୋଇଯିବା ରାଗରେ ଏଭଳି କରିଥିଲେ, ତାହା ସ୍ପଷ୍ଟ ହୋଇନି। ନିଶାଡ଼ିଙ୍କ ସହ ମୁହାଁମୁହିଁ ପରେ ବି ରାତିରେ ଜାରି ରହିଥିଲା ଅବକାରୀ ଟିମର ରାଜଧାନୀରେ ଅନ୍ୟ ବାରଗୁଡ଼ିକ ଉପରେ ରେଡ୍।

### ରାଜ୍ୟସ୍ତରୀୟ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

## ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଥିଲେ ପ୍ରଜ୍ଞାଦୀପ୍ତ ପୁରୁଷ



ଭୁବନେଶ୍ୱର,୧୪।୧୨(ସଂଚାର ବ୍ୟୁରୋ): ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଏକାଧାରରେ ଥିଲେ ସଂଗ୍ରାମୀ, ସଂସ୍କାରକ ଓ ସମାଜସେବକ। ସେ ଥିଲେ ପ୍ରଜ୍ଞାଦୀପ୍ତ ପୁରୁଷ। ସେ ଓଡ଼ିଆ ପତ୍ରପତ୍ରିକା ଓ ଭାଷା ଆନ୍ଦୋଳନର ଭିତ୍ତି ସ୍ଥାପନ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ତାଙ୍କ ଉଦ୍ୟମ ତାଙ୍କୁ ଏହି ଆନ୍ଦୋଳନର ପ୍ରମୁଖ ବିନ୍ଧାଣୀ ଭାବରେ ସ୍ମରଣୀୟ ରଖିଛି।

ଆଜି ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ଭବନରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ ପକ୍ଷରୁ ମିଳିତ ଭାବେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ସଭାପତି ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ କହିଛନ୍ତି ଯେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣୀ ଥିଲେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ। ରାଜ୍ୟରେ ସାଂସ୍କୃତିକ ଜାଗରଣ ଓ ସମାଜ ସଂସ୍କାରକ ଭାବେ ତାଙ୍କ କୃତି ଓ ସ୍ୱୀକୃତିକୁ ଓଡ଼ିଆ ଜାତି ଆଜି ବି ସ୍ମରଣ କରୁଛି। ସେହିପରି ବିଶିଷ୍ଟ ଶିକ୍ଷାବିତ, ଗବେଷକ ତଥା ଲେଖକ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିଦ୍ୟାରତ୍ନଙ୍କ ଜୀବନୀ ଓ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସାହିତ୍ୟ, ସଂସ୍କୃତି ଏବଂ ସମାଜ ସଂସ୍କାରରେ ଜଣେ ମହାନ ବ୍ୟକ୍ତିତ୍ୱ ଭାବରେ ଉଭା ହୋଇଥିଲେ। ତାଙ୍କର ଅସାଧାରଣ ପାଣ୍ଡିତ୍ୟ, ସୃଜନଶୀଳତା, ସାହସ ଏବଂ ଦେଶପ୍ରେମ ପାଇଁ ତତ୍କାଳୀନ ବଡମ୍ବା ରାଜ୍ୟର ମହାରାଣୀ ତାଙ୍କୁ 'ବିଦ୍ୟାରତ୍ନ' ଉପାଧିରେ ସମ୍ମାନିତ କରିଥିଲେ। ସମ୍ମାନିତ ଅତିଥି ସ୍ମୃତି ସଂସଦ ସମ୍ପାଦକ ଡା. କୃଷ୍ଣକେଶବ ଷଡ଼ଙ୍ଗୀ ପଣ୍ଡିତ ବିଦ୍ୟାରତ୍ନଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କୁ ସାମ୍ବାଦିକତାର ଭୀଷ୍ମ ପିତାମହ ବୋଲି କହିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଗୁରବୀର ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଶ୍ରମ ଆଇନ ପୁନଃସ୍ଥାପନ ଦାବିରେ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର,୧୪।୧୨(ସଂଚାର ବ୍ୟୁରୋ): ଟ୍ରେଡ ୟୁନିଅନ ସେଣ୍ଟର ଅଫ୍ ଇଣ୍ଡିଆ (ଟିୟୁସିଆଇ) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନ ଛକଠାରେ ଏକ ଶ୍ରମିକ ବିକ୍ଷୋଭ ଅନୁଷ୍ଠିତ ହୋଇଥିବା ବେଳେ ଏକ ଶୋଭାଯାତ୍ରା ବିଧାନସଭା ପର୍ଯ୍ୟନ୍ତ ଯାଇଥିଲା। ପୁଞ୍ଜିପତିଙ୍କ ସ୍ୱାର୍ଥରେ ମୋଦି ସରକାର ଗତ ନଭେମ୍ବର ୨୧ରେ ଯେଉଁ ଶ୍ରମିକ ବିରୋଧୀ ୪ ଶ୍ରମ ସଂହିତା କାର୍ଯ୍ୟକାରୀ କରିଛନ୍ତି, ତାହାକୁ ତୁରନ୍ତ ରଦ୍ଦ କରି ୪୪ଟି ଶ୍ରମ ଆଇନକୁ ପୁନଃସ୍ଥାପନ କରି ଶ୍ରମିକଙ୍କ ହିତରେ ଆଇନ କାର୍ଯ୍ୟକାରୀ କରିବା ସକାଶେ ଦାବି ହୋଇଛି। ଏହି ଶୋଭାଯାତ୍ରାରେ ବିଧାୟକଙ୍କ ଅହେତୁକ ଦରମା ବୃଦ୍ଧିକୁ କଡ଼ା ସମାଲୋଚନା କରାଯାଇଛି। ଶ୍ରମିକଙ୍କ ଅଧିକାର ସ୍ଥାପନ ପାଇଁ ୧୫ଟି ସଂଘର୍ଷଶୀଳ ଶ୍ରମିକ ସଂଗଠନଙ୍କ ମିଳିତ ମଞ୍ଚ ମଜଦୁର ଅଧିକାର ସଂଘର୍ଷ ଅଭିଯାନ ପକ୍ଷରୁ ଦେଶବ୍ୟାପୀ ଶ୍ରମିକ ଅଧିକାର ଦିବସ ପାଳିତ ହୋଇଛି। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ୧୩ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଶ୍ରମିକ ବର୍ଗ ଓ ପରିଶ୍ରମୀ ଲୋକଙ୍କ ଅଧିକାରକୁ ପୁନଃସ୍ଥାପନ ପାଇଁ ଶ୍ରମିକ ବିରୋଧୀ ୪ ଶ୍ରମ ସଂହିତାକୁ ତୁରନ୍ତ ରଦ୍ଦ କରିବା ସକାଶେ ଦାବି କରାଯିବା ସହ ଅନ୍ୟାନ୍ୟ କେତେକ ଦାବି ମଧ୍ୟ ଉପସ୍ଥାପିତ କରାଯାଇଛି। ଏଥିସହ ଉକ୍ତ ଦାବିସବୁ ପୂରଣ ଦିଗରେ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ହେବ ବୋଲି ଟିୟୁସିଆଇର ରାଜ୍ୟ ସମ୍ପାଦକ ଶଙ୍କର ଇନକିଲାବ, ସଭାପତି ବିଚିତ୍ର ପାତ୍ର, ଓଡ଼ିଶା ମନରେଗା ଶ୍ରମିକ ୟୁନିଅନର ରାଜ୍ୟ ସମ୍ପାଦିକା ପି. ପାର୍ବତୀ, ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିଅନ ନେତା ରାମଚନ୍ଦ୍ର ବାଡତ୍ୟା, ନଳିନୀକାନ୍ତ ତ୍ରିପାଠୀ, ପ୍ରମୁଖ ଚେତାବନୀ ଦେଇଛନ୍ତି।

## ପୁସ୍ତକ ମହୋତ୍ସବ: ଶିଶୁ ସାହିତ୍ୟ ମୋହରେ ଯୁବପିଢ଼ି



ଭୁବନେଶ୍ୱର,୧୪।୧୨(ସଂଚାର ବ୍ୟୁରୋ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଚାଲିଥିବା ସପ୍ତମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବରେ ଆଜି ବେଶ୍ ଭିଡ଼ ଜମିଥିଲା। ତେବେ ଚଳିତ ବର୍ଷର ପୁସ୍ତକ ମହୋତ୍ସବରେ ଶିଶୁ ସାହିତ୍ୟ, ଗ୍ରାଫିକ ଉପନ୍ୟାସର ଚାହିଦା ବେଶ୍ ବଢ଼ିଛି। ପୁସ୍ତକ ମହୋତ୍ସବରେ ପ୍ରୀତମ୍ ପ୍ରକାଶନ ଏବଂ ସ୍କୋଲାଷ୍ଟିକ ଇଣ୍ଡିଆ ପ୍ରକାଶନ ତରଫରୁ ସ୍ୱତନ୍ତ୍ର ଭାବେ ଶିଶୁ ସାହିତ୍ୟ ଓ ଗ୍ରାଫିକ ଉପନ୍ୟାସକୁ ନେଇ ଷ୍ଟଲ ନିର୍ମାଣ କରାଯାଇଛି। ସାଇମନ ଓ ସୁଷ୍ଟର ପ୍ରକାଶନ ତରଫରୁ ମଧ୍ୟ ଗ୍ରାଫିକ ଉପନ୍ୟାସର ଷ୍ଟଲ ରହିଛି। ଏହିସବୁ ଷ୍ଟଲମାନଙ୍କରେ ଶିଶୁ ପାଠକ ଏବଂ ଯୁବପିଢ଼ିଙ୍କର ବେଶ୍ ଭିଡ଼ ଜମୁଛି। ପ୍ରୀତମ୍ ପ୍ରକାଶନର ପ୍ରକାଶକ ମନୋରମା ବିଶ୍ୱାଳ ମହାପାତ୍ର କହିଛନ୍ତି ଯେ ପ୍ରୀତମ୍ ପ୍ରକାଶନ ପକ୍ଷରୁ ୮୦ରୁ ଅଧିକ ଓଡ଼ିଆ ଶିଶୁ ସାହିତ୍ୟ ପୁସ୍ତକ ପ୍ରକାଶ ପାଇଛି। ବିଶେଷକରି ଯୁବପିଢ଼ି ଶିଶୁ ସାହିତ୍ୟ ପ୍ରତି ଆକୃଷ୍ଟ ହେବା ଶିଶୁ ସାହିତ୍ୟର ସ୍ୱର୍ଣ୍ଣିମ ଭବିଷ୍ୟତକୁ ସୂଚିତ କରୁଛି। ସେହିପରି ଭାବେ ସ୍କୋଲାଷ୍ଟିକ ଇଣ୍ଡିଆ ଏବଂ ସାଇମନ ଓ ସୁଷ୍ଟର ପ୍ରକାଶନ ଷ୍ଟଲରେ ଗ୍ରାଫିକ ଉପନ୍ୟାସକୁ ସ୍ଥାନିତ କରାଯାଇଛି। ସ୍କୋଲାଷ୍ଟିକ ଇଣ୍ଡିଆ ଷ୍ଟଲରେ 'ଗେରୋନିମୋ ଷ୍ଟିଲଟନ ଶୃଙ୍ଖଳାର ଶିଶୁ ସାହିତ୍ୟ' ପୁସ୍ତକ ରଖାଯାଇଛି, ଯାହାକୁ ଶିଶୁ ପାଠକମାନେ ବେଶ୍ ପସନ୍ଦ କରୁଛନ୍ତି। ସାଇମନ ଓ ସୁଷ୍ଟର ପ୍ରକାଶନ ଷ୍ଟଲରେ ଜାପାନ ଦେଶର ପ୍ରସିଦ୍ଧ ଲେଖକ ଓସାମା ତେଜୁକା, ଜୁନ୍‌ଜି ଇଟୋ, ମାସାଶି କିଶିମୋଟୋଙ୍କ ଗ୍ରାଫିକ ଉପନ୍ୟାସ ରହିଛି ଯାହା ଯୁବପିଢ଼ିଙ୍କୁ ଆକୃଷ୍ଟ କରିପାରିଛି। ବିଦେଶୀ ଲେଖକ ଷ୍ଟିଫେନ୍ କିଙ୍ଗ, କଲିନ୍ ହୁଭର, ଜିଲିଆନ୍ ଫ୍ଲିନ୍, ଲିଆନ ମୋରିଆର୍ଟି, ଜନ ଗ୍ରୀସମ୍ ଭିକ୍ଟୋରିଆ ଏବେୟାର୍ଡଙ୍କ ଲିଖିତ ଫାଣ୍ଟାସି, ହରର, ଥ୍ରିଲର ପୁସ୍ତକକୁ ଯୁବପିଢ଼ି ବେଶ୍ ପସନ୍ଦ କରୁଛନ୍ତି। ସେହିପରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ସ୍ଥାପିତ ସେଲ୍ଫି ପଏଣ୍ଟ ମଧ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ସେଲ୍ଫି ପଏଣ୍ଟରେ ମହାକବି ସାରଳା ଦାସଙ୍କ କୁଟୀରଠାରୁ ନେଇ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, କବି ରମାକାନ୍ତଙ୍କ ରଚିତ ଶ୍ରୀରାଧା, କାଳଜୟୀ କବିତା ଚିଲିକା, ଉପନ୍ୟାସ ଯାଜ୍ଞସେନୀ, ପୁସ୍ତକ ନର କିନ୍ନର, ଯନ୍ତ୍ରାରୂଢ଼, ବୈଦେହୀଶ ବିଳାସ, ବୁକର ପୁରସ୍କାରପ୍ରାପ୍ତ ପୁସ୍ତକ ଦ ସେଭେନ ମୁନ୍ସ ଅଫ୍ ମାଲି ଅଲମେଡ଼ା ଆଦିର ଫଟୋଚିତ୍ରକୁ ଏଠାରେ ସ୍ଥାନିତ କରାଯାଇଛି।

## ପ୍ଲଗିଂ ଓ ବୈଜ୍ଞାନିକ ଉପାୟରେ ବର୍ଜ୍ୟ ଅଡିଟ୍ ସଚେତନତା

ପୁରୀ, ୧୪।୧୨(ସଂଚାର ବ୍ୟୁରୋ): ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ଇକୋ ୱାକ୍ ଫାଉଣ୍ଡେସନ ଆଜି ପୁରୀ ଚକ୍ରତୀର୍ଥ ବିଚ୍‌ରେ ହାପିନେସ୍ ଫାଉଣ୍ଡେସନ୍, ପୁରୀ; ଇକୋ ୱାରିୟର୍ସ ଫାଉଣ୍ଡେସନ୍, ଗଞ୍ଜାମ୍; ଏବଂ ଜଙ୍ଗଲ୍‌ଲୋର୍ ଫାଉଣ୍ଡେସନ୍ ସହଯୋଗରେ ଏକ ପ୍ଲଗିଂ-



ସହିତ ବୈଜ୍ଞାନିକ ବର୍ଜ୍ୟ ଅଡିଟ୍ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜନ କରିଛି। ଏହି କର୍ମଶାଳାର ଉଦ୍ଦେଶ୍ୟ ହେଉଛି ଓଡ଼ିଶା ଉପକୂଳର ସୁରକ୍ଷା ପାଇଁ ଶିକ୍ଷଣ-କେନ୍ଦ୍ରିକ, ତଥ୍ୟ-ଆଧାରିତ ପରିବେଶଗତ କାର୍ଯ୍ୟାନୁଷ୍ଠାନକୁ ପ୍ରୋତ୍ସାହିତ କରିବା।

ଏହି କାର୍ଯ୍ୟକ୍ରମକୁ ଜଳବାୟୁ କର୍ମୀ ଜଲେନ୍ଦ୍ର ମହାଳିକ ନେତୃତ୍ୱ ନେଇ ସଫଳ ଆୟୋଜନ କରିଥିଲେ। ଏହି କର୍ମଶାଳା ଅନନ୍ୟ ଭାବରେ ପ୍ଲଗିଂକୁ ବୈଜ୍ଞାନିକ ବର୍ଜ୍ୟ ଅଡିଟ୍ ପଦ୍ଧତି ସହିତ ଏକତ୍ରିତ କରିଥିଲା। ଅଂଶଗ୍ରହଣକାରୀମାନେ ବିଚର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ବର୍ଜ୍ୟ ସଂଗ୍ରହ କରିଥିଲେ ଏବଂ ସିଷ୍ଟମାଟିକ୍ ଭାବରେ ବର୍ଗୀକରଣ, ଦସ୍ତାବିଜ୍ ଏବଂ ବିଶ୍ଳେଷଣ କରିଥିଲେ ଯାହା ବର୍ଜ୍ୟର ଗଠନ, ଉତ୍ସ ଏବଂ ସମୁଦ୍ର ପରିସ୍ଥିତି ତନ୍ତ୍ର ଉପରେ ପ୍ରଭାବ ପକାଉଥିବା ପ୍ରଦୂଷଣ ଟ୍ରେଣ୍ଡ୍ ବୁଝିବାରେ ସାହାଯ୍ୟ କରିଥିଲା। କର୍ମଶାଳାରେ ଜଙ୍ଗଲ୍‌ଲୋର୍ ଫାଉଣ୍ଡେସନ୍‌ର ଆକାଶ ରଞ୍ଜନ ରଥ ଏବଂ ପ୍ରଭାତ ବିଶ୍ୱାଳ ଓ ଟିମ ଓ ହାପିନେସ୍ ଫାଉଣ୍ଡେସନ୍‌ର ପ୍ରଦୀପ୍ତ ପ୍ରଧାନଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯିଏ ସମୁଦ୍ର ଜୈବବିବିଧତାର ସୁରକ୍ଷା ପାଇଁ ଅତ୍ୟନ୍ତ ଯତ୍ନ ଏବଂ ଦାୟିତ୍ୱ ସହିତ ସ୍ୱର ଉଠାଇଥିଲେ।

## ସାଇ କିଡ୍ସ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ



ଭୁବନେଶ୍ୱର,୧୪।୧୨(ସଂଚାର ବ୍ୟୁରୋ): ସ୍ଥାନୀୟ ରବି ଟକିଜସ୍ଥିତ ସାଇ କିଡ୍ସ ପ୍ଲେ ସ୍କୁଲ ଓ ଡେ କେୟାର ପକ୍ଷରୁ ଏହାର ବାର୍ଷିକ ଉତ୍ସବ-୨୦୨୫ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଛି। ଶିଶୁମାନଙ୍କ ପ୍ରତିଭା ପ୍ରଦର୍ଶନ ଓ ଶିକ୍ଷା ସଂସ୍କୃତିର ସୁନ୍ଦର ସମନ୍ୱୟ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା। ଏହି ବାର୍ଷିକ ଉତ୍ସବର ବିଶେଷ ଆକର୍ଷଣ ଥିଲା 'ସାଇ ସ୍ମୃତି ସମ୍ମାନ-୨୦୨୫', ଯେଉଁଠାରେ ବିଭିନ୍ନ କ୍ଷେତ୍ରରେ ଦକ୍ଷ ଓ ପ୍ରତିଭାଶାଳୀଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଉଦଘାଟକ ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଅତିଥି ଭାବେ ଏକାମ୍ର ନିର୍ବାଚନମଣ୍ଡଳୀର ବିଧାୟକ ବାବୁ ସିଂ, ମୁଖ୍ୟ ବକ୍ତା ଭାବେ ମେୟର ସୁଲୋଚନା ଦାସ ଓ ଓଡ଼ିଶା ଗୋସେବାର ଅଧ୍ୟକ୍ଷ ପ୍ରଦୀପ୍ତ ତ୍ରିପାଠୀ, ସ୍ଥାନୀୟ କର୍ପୋରେଟର ନୃପେଶ ନାୟକ ଓ ବିରଞ୍ଚି ନାରାୟଣ ମହାସୂପକାରଙ୍କ ସମେତ ଅନେକ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ଥିଲେ। ସ୍କୁଲର ନିର୍ଦ୍ଦେଶକ ରବି ନାରାୟଣ ମହାରଣା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ସେ କହିଥିଲେ ଯେ ପିଲାମାନଙ୍କ ମାନସିକ, ବୌଦ୍ଧିକ ଓ ଅନ୍ତର୍ନିହିତ ପ୍ରତିଭାର ବିକାଶ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଉତ୍ସବକୁ ପରିଚାଳନା କରିଥିଲେ ଅଧ୍ୟକ୍ଷ ସ୍ମୃତିସୁଧା ପଟ୍ଟନାୟକ।

● ମଧୁ ବାରିଷ୍ଟର ଆନ୍ତଃଜିଲ୍ଲା ଆଇନଜୀବୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଭୁବନେଶ୍ୱର ବାର୍ ଆସୋସିଏସନ୍ ଚାମ୍ପିଅନ୍



ଭୁବନେଶ୍ୱର,୧୪।୧୨(ସଂଚାର ବ୍ୟୁରୋ): ସ୍ଥାନୀୟ ମହାବୀର ସ୍ପୋର୍ଟିଂ କ୍ଲବ ନରଣପୁର, ବାରଙ୍ଗସ୍ଥିତ ଖେଳ ପଡ଼ିଆରେ କଟକ ମଧୁ ବାରିଷ୍ଟର ଆଇନଜୀବୀ ସଙ୍ଗଠନ ପକ୍ଷରୁ ଚାଲିଥିବା ପଞ୍ଚମ ବାର୍ଷିକ ଆନ୍ତଃଜିଲ୍ଲା ଆଇନଜୀବୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ୍ ଆଜି ଉଦଯାପିତ ହୋଇଛି। ଏଥିରେ ଭୁବନେଶ୍ୱର ବାର ଆସୋସିଏସନ୍ ଦ୍ୱିତୀୟ ସେମିରେ କଟକ ବାର ଆସୋସିଏସନକୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଥିଲା। ଏହାପରେ ଦଳ ଫାଇନାଲ୍‌ରେ ଢେଙ୍କାନାଳ ବାର ଆସୋସିଏସନକୁ ଭେଟିଥିବା ବେଳେ ଏଥିରେ ବିଜୟୀ ହୋଇ ପ୍ରତିଯୋଗିତାରେ ଚାମ୍ପିଅନ୍ ହୋଇଛି। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଦଳର ମିଳନ ସ୍ୱାଇଁ ପୁରସ୍କୃତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ ରଞ୍ଜିତ କେଶରୀ ରାୟ ଓ ସୁଶୀଲ କୁମାର ସ୍ୱାଇଁଙ୍କ ସ୍ମୃତିରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିବା ବେଳେ ଉଭୟଙ୍କ ଧର୍ମପତ୍ନୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ପୂର୍ବତନ ବିଧାୟକ ମହମଦ ମୋକିମ, କଟକ ମେୟର ସୁବାସ ସିଂ, ସମାଜସେବୀ ପ୍ରଭାତ ନନ୍ଦ, କର୍ପୋରେଟର ଗଗନ ଓଝା, ଇତିଶ୍ରୀ ଦାସ, ସଞ୍ଜୀବ ଜେନା, ଶିକ୍ଷାବିତ ବଂଶୀଧର ପରିଡା, ବିଜେପି ନେତା ବୁଲୁ ଚକ୍ରବର୍ତ୍ତୀ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଇନଜୀବୀ ଶରତ ଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ ସାହୁ, ଗଦାଧର ସାହୁ, ନରେନ୍ଦ୍ର ସାହୁ, ଦୁଃଶାସନ ରାଉତ, ଅଜୟ ମହାରଣା, ଧର୍ମାନନ୍ଦ ସୁବୁଦ୍ଧି, ପ୍ରଦୀପ ପରିଡା, ଶିଶିର କୁମାର ବିଶ୍ୱାଳ, ସୁବାସ ଚନ୍ଦ୍ର ମହାନ୍ତି, ଶୁଭ୍ରାଂଶୁ ମହାନ୍ତି, ତାପସ ନାୟକ, ସ୍ମୃତି ରଞ୍ଜନ ରାଉତ, ସୁବାଶିଷ ପଟ୍ଟନାୟକ, ସ୍ୱଦେଶ ଦାସ, ପୁନିଲ ସ୍ୱାଇଁ, ସମରେନ୍ଦ୍ର ସେଠୀ, ରବୀନ୍ଦ୍ର ଲେଙ୍କା ମଧ୍ୟ ଉପସ୍ଥିତ ଥିଲେ।

# କିଟ୍ ଓ କିସ୍‌ରେ କ୍ରମାଗତ ୩ଟି ଭଲିବଲ୍ ମହାକୁମ୍ଭ

■ ଏଫ୍‌ଆଇଭିବି ସଭାପତି ଫାବିଓଙ୍କ ଘୋଷଣା

■ ଏଫ୍‌ଆଇଭିବି, କିଟ୍-କିସ୍ ଉତ୍କର୍ଷ କେନ୍ଦ୍ର ଉଦ୍‌ଘାଟିତ



ଭୁବନେଶ୍ୱର, ୧୪।୧୨: ଓଡ଼ିଶାରେ କିଟ୍ ଓ କିସ୍ ସହଯୋଗରେ ୨୦୨୬ରୁ ଲଗାତାର ୩ ବର୍ଷ ଏଫ୍‌ଆଇଭିବି ବିଚ୍ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଅନ୍ତର୍ଜାତୀୟ ଭଲିବଲ ସଂଘ (ଏଫଆଇଭିବି) ସଭାପତି ଫାବିଓ ଆଜେଭେଡୋ ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। କିଟ୍ ଓ କିସ୍‌ରେ ବ୍ୟାପକ ସୁବିଧା ଓ ଓଡ଼ିଶାର ମନୋରମ ପରିବେଶ ପାଇଁ ଆସନ୍ତା ୨୦୨୬, ୨୦୨୭ ଓ ୨୦୨୮ ବର୍ଷରେ କିଟ୍ ଓ କିସ୍ ସହଯୋଗରେ ଓଡ଼ିଶାରେ ଏଫ୍‌ଆଇଭିବି ବିଚ୍ ଭଲିବଲ୍ ଆୟୋଜିତ ହେବ ବୋଲି ଫାବିଓ କହିଛନ୍ତି। ଏଫଆଇଭିବି ସହଯୋଗରେ କିଟ୍ ଓ କିସ୍ ରେ ୧୧ ତାରିଖରୁ ଆରମ୍ଭ ହୋଇଥିବା ଭଲିବଲ ମହାକୁମ୍ଭ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଓଡ଼ିଶା ଆସିଥିବା ଫାବିଓ କହିଲେ, ଭାରତ ତଥା ଓଡ଼ିଶାରେ ତୃଣମୂଳସ୍ତରରେ ଭଲିବଲ୍‌ର ବିକାଶ ଓ ମହିଳା ସଶକ୍ତିକରଣ ନିମନ୍ତେ ଏହି ମହାକୁମ୍ଭ ଆୟୋଜନ କରାଯାଇଛି। ୨୦୩୨ ସୁଦ୍ଧା ଭଲିବଲ୍ ମାଧ୍ୟମରେ ବିଶ୍ୱର ୧.୨ ବିଲିୟନ୍ ଲୋକଙ୍କୁ ଯୋଡ଼ିବା ଏଫ୍‌ଆଇଭିବି ଲକ୍ଷ୍ୟ ରଖିଛି ବୋଲି ସେ କହିଥିଲେ।

ଏହି ସାମ୍ବାଦିକ ସମ୍ମିଳନୀରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି ଯେ ଏଫଆଇଭିବି ସହ ଆମର ସହଭାଗିତା ଯୋଗୁଁ ଓଡ଼ିଶାକୁ ଏଭଳି କର୍ମଶାଳା ଜରିଆରେ ବିଶ୍ୱସ୍ତରୀୟ ଦକ୍ଷତା ଅଣାଯାଇପାରିଛି। ଏଥିରେ ହଜାର ହଜାର ବାଳିକା ଓ ମହିଳାଙ୍କୁ ଭଲିବଲ୍‌ର ପରିବର୍ତ୍ତନକାରୀ ଶକ୍ତି ଅନୁଭବ କରିବାର ସୁଯୋଗ ସୃଷ୍ଟି କରିବ। କିଟ୍ ଓ କିସ୍‌ର କନ୍ୟା କିରଣ ପଦକ୍ଷେପର ଏକ ଅଂଶ ଭାବେ ମହିଳା ସଶକ୍ତିକରଣ ଓ ତୃଣମୂଳ ସ୍ତରରେ ଭଲିବଲ୍ ବିକାଶକୁ ପ୍ରୋତ୍ସାହିତ କରିବା ଏହି ଭଲିବଲ୍ ମହାକୁମ୍ଭର ଲକ୍ଷ୍ୟ ବୋଲି ଶ୍ରୀ ସାମନ୍ତ କହିଛନ୍ତି। ଏହି ଅବସରରେ କିଟ୍, କିସ୍ ଓ ଏଫ୍‌ଆଇଭିବି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ସହ ଫାବିଓଙ୍କ ଦ୍ୱାରା ଏଫ୍‌ଆଇଭିବି- କିଟ୍, କିସ୍ ଉତ୍କର୍ଷ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏଥିସହ ଶ୍ରୀ ସାମନ୍ତଙ୍କ ଉପସ୍ଥିତିରେ ଫାବିଓ ଏକ ସ୍ପୋର୍ଟ୍ସ ଜୋନ୍‌ର ମଧ୍ୟ ଉଦ୍‌ଘାଟନ କରିଛନ୍ତି। ସୂଚନାଯୋଗ୍ୟ, ଗତକାଲି ୪୦ ହଜାର ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଭଲିବଲ୍ ମହାକୁମ୍ଭ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ଏଥିସହ କିଟ୍ ଓ କିସ୍‌ର କନ୍ୟା କିରଣ ପଦକ୍ଷେପର ଏକ ଅଂଶ ଭାବେ ଓଡ଼ିଶା ସମେତ ବିଶ୍ୱର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳା ଭଲିବଲ୍ ପ୍ରଶିକ୍ଷକଙ୍କ ପାଇଁ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ମହିଳା ଭଲିବଲ୍ କୋଚଙ୍କୁ କର୍ମଶାଳା ଜରିଆରେ ପ୍ରଶିକ୍ଷଣ ସହ ସଶକ୍ତିକରଣ ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶାରୁ ୫୦୦ ଅଂଶଗ୍ରହଣକାରୀଙ୍କ ବ୍ୟତୀତ ଭାରତ ସମେତ ବିଶ୍ୱର ୨୦୦ରୁ ଅଧିକ ଭଲିବଲ୍ ପ୍ରଶିକ୍ଷକ, ଖେଳାଳି ଏବଂ ବିଶେଷଜ୍ଞ ଏଥିରେ ଯୋଗ ଦେଇଥିଲେ। ସେମାନେ ଏଠାରୁ ତାଲିମ ପାଇ ନିଜ ଅଞ୍ଚଳରେ ଭଲିବଲ ଖେଳାଳିଙ୍କୁ ତାଲିମ ପ୍ରଦାନ କରିବେ। ଏହାଦ୍ୱାରା ୫୦ ହଜାରରୁ ଊର୍ଦ୍ଧ୍ୱ ଭଲିବଲ ଖେଳାଳି ଉପକୃତ ହେବେ। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଭଲିବଲ ପ୍ରଶିକ୍ଷକ ଜନ୍ କେସେଲ୍ ଓ ଜାନା କୁଲାନ୍ ପ୍ରମୁଖ ୪ଟି ଇନ୍‌ଡୋର ଓ ୪୦ରୁ ଊର୍ଦ୍ଧ୍ୱ ଆଉଟଡୋର କୋର୍ଟରେ ଗତିଶୀଳ ଅନ୍-କୋର୍ଟ ତାଲିମ, ଉନ୍ନତ କୌଶଳ ଅଧିବେଶନ, ପ୍ରଶିକ୍ଷକ-ବିକାଶ ପ୍ରୟୋଗଶାଳା ଓ ଗଣ ଅଂଶଗ୍ରହଣ କାର୍ଯ୍ୟକ୍ରମଗୁଡ଼ିକରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଫାବିଓ ଆଜେଭେଡୋ, ଅଚ୍ୟୁତ ସାମନ୍ତ, ଅଭିଜିତ ବି, ଅଭିନବ ବିନ୍ଦ୍ରା, ଜନ୍ କେସେଲ୍ ଓ ଜାନା କୁଲାନ୍ ପ୍ରମୁଖ ଏଥିରେ ଯୋଗଦେଇ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ।

sanchar.live
ସମ୍ପାଦକୀୟ
SANCHAR
ସଂଚାର
୪
ସୋମବାର ୧୫ ଡିସେମ୍ବର ୨୦୨୫, ଭୁବନେଶ୍ୱର
Monday 15 December 2025, Bhubaneswar

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଏକ ଆଭ୍ୟନ୍ତରୀଣ ସଙ୍କଟ



ଓଡ଼ିଶାରେ କଂଗ୍ରେସ ଦଳର ବର୍ତ୍ତମାନର ଅବସ୍ଥା ଅତ୍ୟନ୍ତ ଚିନ୍ତାଜନକ। ଗତ କିଛି ଦିନରେ ପୂର୍ବତନ ବିଧାୟକ ତଥା ବରିଷ୍ଠ ନେତା ମହମ୍ମଦ ମୋକିମଙ୍କ ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖା ଦଳ ଭିତରେ ଏକ ବଡ଼ ଝଡ଼ ସୃଷ୍ଟି କରିଛି। ଏହି ଚିଠିରେ ମୋକିମ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଏବଂ ପୂର୍ବତନ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱକୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଯେଉଁ ନେତାମାନେ ନିଜ ନିର୍ବାଚନ ମଣ୍ଡଳୀରେ ବିଜୟୀ ହୋଇପାରିନାହାନ୍ତି, ସେମାନଙ୍କୁ ଦଳର ନେତୃତ୍ୱ ଦିଆଯାଇଛି, ଯାହା ଦଳର ପତନର ମୁଖ୍ୟ କାରଣ। ନୂଆପଡ଼ା ଉପ-ନିର୍ବାଚନରେ ଭକ୍ତ ଚରଣ ଦାସଙ୍କ ସଂସଦୀୟ କ୍ଷେତ୍ରରେ କଂଗ୍ରେସର ବିପୁଳ ପରାଜୟକୁ ଉଦାହରଣ ଦେଇ ମୋକିମ କହିଛନ୍ତି ଯେ, ଏହା ନେତୃତ୍ୱ ପ୍ରତି ବିଶ୍ୱାସହୀନତାର ପ୍ରମାଣ।

ଓଡ଼ିଶାରେ କଂଗ୍ରେସ ୨୦୦୦ ମସିହା ପରେ ଲଗାତାର ଛଅଟି ବିଧାନସଭା ନିର୍ବାଚନରେ ପରାଜିତ ହୋଇଛି। ରାଜ୍ୟରେ ଦଳର ଭୋଟ୍ ଅଂଶ ଐତିହାସିକ ନିମ୍ନସ୍ତରକୁ ଖସିଛି। ଏହା କେବଳ ରାଜ୍ୟ ସ୍ତରରେ ନୁହେଁ, ଜାତୀୟ ସ୍ତରରେ ବି କଂଗ୍ରେସର ପତନ ଦେଖାଯାଉଛି। ମୋକିମଙ୍କ ଚିଠିରେ ରାହୁଲ ଗାନ୍ଧୀଙ୍କ ରାଜନୈତିକ ଅପରିପକ୍ୱତା ଏବଂ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ବୟସକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ, ଦଳର ନେତୃତ୍ୱ ଯୁବ ଭାରତ ସହିତ ସଂଯୋଗ ହରାଇଛି ଏବଂ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଅଧିକ କେନ୍ଦ୍ରୀୟ ଭୂମିକା ଦେବାକୁ ପରାମର୍ଶ ଦେଇଛନ୍ତି। ଏହା ସହିତ ଶଶୀ ଥରୁର, ସଚିନ ପାଇଲଟ ଓ ଡି.କେ. ଶିବକୁମାର ଭଳି ଯୁବ ନେତାଙ୍କୁ ଆଗେଇ ଆଣିବାକୁ କହିଛନ୍ତି। ଦଳକୁ "ଓପନ୍ ହାର୍ଟ ସର୍ଜରୀ" ଆବଶ୍ୟକ ବୋଲି ମୋକିମ ମତ ଦେଇଛନ୍ତି।

ଏହି ଚିଠି ପରେ ଓଡ଼ିଶା କଂଗ୍ରେସରେ ବିଭାଜନ ସ୍ପଷ୍ଟ ହୋଇଛି। କେତେକ ବରିଷ୍ଠ ନେତା ଯେମିତି ଜୟଦେବ ଜେନା ଓ ସୁରେଶ ରାଉତରାୟ ମୋକିମଙ୍କୁ ସମାଲୋଚନା କରିଛନ୍ତି, କହିଛନ୍ତି ଯେ ହାଇକମାଣ୍ଡକୁ ଟାର୍ଗେଟ୍ କରିବା ଦଳୀୟ ନିୟମ ବିରୋଧୀ। ଅନ୍ୟପଟେ ନରସିଂହ ମିଶ୍ର ଭଳି ନେତା ମୋକିମଙ୍କୁ ସମର୍ଥନ କରି କହିଛନ୍ତି ଯେ, ଦଳୀୟ ସମସ୍ୟା ଉଠାଇବା ତାଙ୍କର ଅଧିକାର। ଯୁବ ନେତାମାନେ ମୋକିମଙ୍କ ପକ୍ଷରେ ଦେଖାଯାଉଛନ୍ତି, ଯାହା ଦଳରେ ପୁରୁଣା ଓ ନୂଆ ପିଢ଼ି ମଧ୍ୟରେ ବିବାଦକୁ ଆହ୍ୱାନ କରୁଛି।

ମୋକିମଙ୍କ ଅତୀତକୁ ଦେଖିଲେ ଦେଖାଯାଏ ଯେ, ସେ ନିଜେ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୨୦୨୪ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିନଥିଲେ। ତାଙ୍କ ଝିଅ ସୋଫିଆ ଫିର୍ଦୌସ ବର୍ତ୍ତମାନ ବରବାଟୀ-କଟକରୁ ବିଧାୟିକା। ଏହା ସତ୍ତ୍ୱେ ମୋକିମଙ୍କ ଚିଠି ଦଳର ଆଭ୍ୟନ୍ତରୀଣ ଦୁର୍ବଳତାକୁ ଉନ୍ମୋଚନ କରିଛି। କଂଗ୍ରେସର ଶତାବ୍ଦୀ ପୁରୁଣା ଐତିହ୍ୟ ଆଜି ଏକପାଖିଆ ନିଷ୍ପତ୍ତି ଯୋଗୁଁ ବିପଦରେ ପଡ଼ିଛି ବୋଲି ମୋକିମ ଚେତାବନୀ ଦେଇଛନ୍ତି।

ଏହି ବିବାଦ କଂଗ୍ରେସକୁ ଆହୁରି ଦୁର୍ବଳ କରିବ। ଯଦି ହାଇକମାଣ୍ଡ ଏହାକୁ ଗୁରୁତ୍ୱ ନଦେଇ ସଂସ୍କାର ନଆଣନ୍ତି, ତେବେ ଓଡ଼ିଶାରେ ଦଳର ଅସ୍ତିତ୍ୱ ଆହୁରି ସଙ୍କଟରେ ପଡ଼ିବ। ଯୁବ ନେତୃତ୍ୱ ଓ ସଂଗଠନାତ୍ମକ ସୁଧାର ବିନା କଂଗ୍ରେସର ପୁନରୁତ୍ଥାନ କଠିନ। ଏହା ଏକ ସୁଯୋଗ ଯେ, ଦଳ ନିଜର ଭୁଲ୍ ସୁଧାରି ନୂଆ ଦିଗନ୍ତ ଖୋଜିପାରେ। ନଚେତ୍ ଓଡ଼ିଶାରେ କଂଗ୍ରେସ କେବଳ ଇତିହାସର ଅଂଶ ହୋଇରହିବ।

# ଘଣ୍ଟ

## ଉତ୍କଳାନନ୍ଦ ଅଜୟ କୁମାର ବେହେରା



ମାଆ ମଙ୍ଗଳାଙ୍କ ଘଣ୍ଟ, ମାଆ ସାରଳାଙ୍କ ଘଣ୍ଟ, ତାଙ୍କର ରାଉଳ ମାନେ ପ୍ରତି ବର୍ଷ ଚୈତ୍ର ମାସ ଝାମୁ ଯାତ୍ରାର କିଛି ଦିନ ପୂର୍ବରୁ ଗ୍ରାମେ ଗ୍ରାମେ ମା'ଙ୍କ ଘଣ୍ଟ ନେଇକି ମା'ଙ୍କ ପ୍ରତିନିଧି ବିଜୟ କଳସ ମୁଣ୍ଡେଇ ପରିକ୍ରମା କରିଲାବେଳେ ଏକ ଘଣ୍ଟ ନିନାଦ କରି କରି ଘରେ ଘରେ ଲୋକଙ୍କ ମନରେ ଦେବୀ ମାଙ୍କ କରୁଣାଧାରାର ପ୍ରତ୍ୟେୟ ବିଶ୍ୱାସ ଦେଇଥାନ୍ତି, ପ୍ରତି ଗୃହରେ ବଟାହଳଦୀ, ଚୁଆ, ସିନ୍ଦୁର ମାଆଙ୍କ ପ୍ରତିନିଧି କଳସକୁ ଅର୍ପଣ କରାଯାଉଥାଏ। ଯଥା ଶକ୍ତି ଗୋଦୁଗ୍ଧ, ଦହିର ଛେନା, ଆଖୁର ଗୁଡ଼, ମିଶ୍ରଣର ପଣା ପ୍ରସ୍ତୁତ ପ୍ରସାଦ ଲାଗି କରାଯାଏ। ସାଧାରଣତଃ ଚୈତ୍ର ମାସ ବସନ୍ତ, ହାଡ଼ଫୁଟି ମିଳିମିଳା ରୋଗର ପାଦୁର୍ଭାବ ସମୟ, ଶୀତ ଦିନରେ ଚର୍ମ ସଂକୁଚିତକୁ ଶୀତ ଯୋଗୁଁ ଲୋକେ ଭଲକରି ସ୍ନାନ କରି ପରି ନଥାନ୍ତି, ଏଣେ ଶୀତ ବସ୍ତ୍ର ବହୁଦିନ ଶେଶଧନ ଧୌତ କରାଯାଇନଥାଏ ଠିକ ପରେ ପରେ ଖରା ଟାଣ ହୋଇଚାଲିଲେ ଚର୍ମ ଟାଣ, ଘର୍ମାକ୍ତ ଦେହରେ ଆନନ୍ଦମୟ ସ୍ନାନ ଦେହର ଚର୍ମରେ ବିଷକ୍ରିୟା କରାଏ ଏହିସବୁରୋଗ ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳଙ୍କୁ ଧରେ ପରେ ପରେ ଏହା ଡିଆଁରୋଗରେ ଘର ସାହି ଗ୍ରାମ ବ୍ୟାପେ, ହଳଦୀ ଚୁଆ କର୍ପୂର ଝୁଣା ଧୂଆଁ ଗୁଡ଼ ଆଦି ଏ ରୋଗର ଆୟୁର୍ବେଦିକ ଔଷଧ ତଥା ପ୍ରତିଷେଧକ। 'ଚଇତ୍ରେ ନିମବ ଚକୁଳି ଖାଇ ନିମ୍ବ ଫୁଲ, ନିମ୍ବର କୋମଳ କଳି, ଏସମୟରେ ଲୋକେ ଖାଇଥାନ୍ତି, ପଣାସଂକ୍ରାନ୍ତି ଦିନ ଏକ ତୋଳା ନିମ୍ବ ପତ୍ର, ଏକତୋଳା ମସୁର ଡାଲି ବାଟି ଖାଉଥିବା ଲୋକକୁ ବିଷାକ୍ତ ସର୍ପ ଦନ୍ତଘାତର କୁପରିଣାମ ଜୀବନ ସଂଶାୟ ଭୟ ରହେନାହିଁ। ମ୍ୟାଲେରିଆ ରୋଗରେ ଯେଉଁ ସିନକୋନା ପ୍ରସ୍ତୁତ କୁଇନାଇନ ବ୍ୟବହାର ରହିଛି, ତାହା ଉତ୍କଟ ପିତା ସ୍ୱାଦ, ଏହା ପ୍ରକୃତରେ ଏଇ ନିମ୍ବ କଦମ୍ବ ଗଛ ପର୍ଯ୍ୟାୟରୁ ସିନକୋନା ବଛାଯାଇଛି। ଏଇ ଗଛ ସବୁ ଜ୍ୱର, ଯକୃତ ରୋଗ ହର, ଔଷଧ।

ଚୈତ୍ର ମାସର ବସନ୍ତ ଜଡ଼ କାର୍ତ୍ତିକ ମାସରେ ମାଛ ଖାଇବାରୁ ହୋଇଥାଏ, କାର୍ତ୍ତିକ ମାସରେ ମାଛଙ୍କ ଶରୀରରେ ଏକ କ୍ଷତ ଘା ହୋଇଥାଏ। ଏହା ହିଁ ବସନ୍ତ ରୋଗର ଜଡ଼। ଏହା ମନୁଷ୍ୟର ଶରୀରରେ ବିକଶିତ ଚେନ ପ୍ରକ୍ରିୟାରେ ହୋଇ ଚାରିମାସ ପରେ ପ୍ରକାଶ ପାଏ। ବସନ୍ତ ରୋଗର ପ୍ରତିଷେଧକ ଗୋବୀଜ ଟୀକା, କାର୍ତ୍ତିକ ମାସରେ ଗୋବର୍ଦ୍ଧନ ପୂଜା, ଦୋଳ ପୂର୍ଣ୍ଣିମାକୁ ଗୋ ପୂଜା, ବଳୀଗୋକୂଳରେ ଏଇ ବସନ୍ତ ରୋଗ ବାରେଣି ତଥ୍ୟ ଲୁଚି ରହିଛି। ଜେନେର ସାହେବ ଭାରତରୁ ହିଁ ବସନ୍ତ ରୋଗର ଟୀକାର ସନ୍ଧାନ କରିଥିଲେ। ଆମ ଭାରତରେ ଏ ପର୍ଯ୍ୟନ୍ତ ସୁଲଭରେ ସାର୍ବଜନୀନ ରାସାୟନିକ ପରୀକ୍ଷାଗାର ମାନ ହୋଇନାହିଁ। ବିଜ୍ଞାନ ପାଠ କଲେଜରେ ଏପରି ପରୀକ୍ଷାଗାର ରହିଲେ ବି ଏହା କଲେଜ ପାଠ ପର ଗବେଷଣାକୁ କିଛି ସୁବିଧା ବ୍ୟାପକ ନାହିଁ। ଏପରି କଲେ ଖାଦ୍ୟ ଭୋଜ୍ୟ ତେଲ ଦୁଗ୍ଧଘୃତ ମଧୁ, ଫର୍ମୁଲା ଲେଖାଯିବା ଜାଲ ଔଷଧର କାରସାଦି ଧରାପଡ଼ିଯାନ୍ତା। ଲୋକେ ସାହେବ ସାଧନାରେ ମାତ୍ର ଏ କଥାରେ ଲବେ ଧ୍ୟାନ ନାହିଁ, କି ସରକାରଙ୍କ ଯୋଜନା ନାହିଁ। ଆମ ଦେଶର ପ୍ରାକକାଳର ବିଶ୍ୱବିଦ୍ୟାଳୟରେ ବିଦେଶୀ ଆସି ପାଠ ପଢୁଥିଲେ ଆଜି ଆମ ଲେକେ ବିଦେଶ ପାଠ ପଢ଼ାକୁ ବିଶେଷ ପ୍ରାଧାନ୍ୟ ଦେଲେଣି। ଏ ବିଷୟରେ କାହାରି ଧ୍ୟାନ ନାହିଁ, ଯେ ଆମେ କିପରି ସ୍ୱାବଲମ୍ବୀ ଶିକ୍ଷିତ ଏ ଦେଶରେ, କରିବା, କରୋନା ଟୀକା କଣ ବିଶ୍ୱ ଚହଳ ପକାଇନାହିଁ, ଅଗ୍ନି କ୍ଷେପଣାସ୍ତ୍ର ଚହଳ ପକାଇ ନାହିଁ? ଆମ ପ୍ରାଚୀନ ଦଇବ ସମ୍ପଦ ଦେବତା ସମ୍ପର୍କ ଲୁକାୟିତ ଚିକିତ୍ସା, ଭୋଜନ, ପେୟ, ଉପାସ ଦର୍ଶନକୁ ବାଟ ଚଲା ତୁଳସୀ ବେଲପତ୍ର ହଳଦୀ ଗୁଡ଼ ପଞ୍ଚାମୃତ, କଞ୍ଚା ଗୋଦୁଗ୍ଧ, ଘୃତ ଆଦି ସବୁ ଅଷ୍ଟାଙ୍ଗ ଆୟୁର୍ବେଦର ଏକ ଏକ ରୋଗ ନିବାରକ, ପ୍ରତିଷେଧକ ପ୍ରୟୋଗ। ଘଣ୍ଟ ନାଦ, ଶଙ୍ଖ ନାଦ ସବୁ ଜୀବାଣୁ ନାଶକ ନାଦ ପରିବେଶର ବିଶେଷ ସଂସ୍କାରକାରିଣୀ। ମନ୍ତ୍ର ଅନେକ ଶବ୍ଦର ସଂଯୋଜକ ଶବ୍ଦ, କୋମଳ ଶବ୍ଦ, ଉଗ୍ର ଉଚ୍ଚ ସ୍ୱରରେ ଅନେକ ତଫାତ ବାରି ହୋଇ ପଡୁଛି, ଅଶ୍ଳୀଳ ଗାଳି କେହିବି ସହ୍ୟ କରନ୍ତି ନାହିଁ ବୋଲି ଭଜନ କୀର୍ତ୍ତନ ଜଣାଣ କେତେ ସୁଶ୍ରାବ୍ୟ। ଏସବୁ ସଙ୍ଗୀତ ଚିକିତ୍ସାରେ ଆସେ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍
ଅରୁଣୋଦୟ ମାର୍କେଟ, କଟକ
ମୋବାଇଲ୍: ୯୪୩୭୦୩୧୨୫୩



# ଦୁଇ ଧାରୁଆ ଖଣ୍ଡା 'ମାଗଣା'

## ଡ. ଉଷାରାଣୀ ଦାଶ



ଡାନ୍ ଆରିଲିଙ୍କ ପୁସ୍ତକ 'ପ୍ରେଡିକ୍ଟେବଲି ଇରସନାଲ' ଅନୁସାରେ, ଯେତେବେଳେ କିଛି ମାଗଣା ମିଳେ ଲୋକମାନେ ସେମାନଙ୍କର ଆଚରଣଗତ ଧାରାକୁ ପରିବର୍ତ୍ତନ କରିଦିଅନ୍ତି ଏବଂ ଏହାକୁ ପାଇବାକୁ ଅଧିକ ଇଚ୍ଛୁକ ହୁଅନ୍ତି। ମାଗଣା କେବଳ ମୂଲ୍ୟର ଏକ ସୂଚକ ନୁହେଁ। ଏହା ଏକ ଅତ୍ୟନ୍ତ ଶକ୍ତିଶାଳୀ ଭାବପ୍ରବଣ ସୃଷ୍ଟିକାରୀ ଯାହା ପ୍ରାୟତଃ ଏତେ ଅପ୍ରତିରୋଧୀ ଯେ ଅନାବଶ୍ୟକ ଥିଲେ ମଧ୍ୟ ମାଗଣାରେ ମିଳିବାର ଲୋଭରେ ହାସଲ କରିବାକୁ ପ୍ରେରିତ କରେ। ୨୦୦୭ ମସିହାରେ କରାଯାଇଥିବା 'ଜିରୋ ଆଜ୍ ଏ ସ୍ପେଶାଲ୍ ପ୍ରାଇସ୍: ଦି ଟ୍ରୁଲ୍ ଭ୍ୟାଲ୍ୟୁ ଅଫ୍ ଫ୍ରି ପ୍ରଡକ୍ଟସ୍' ଶୀର୍ଷକ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଗ୍ରାହକମାନେ ୮୦% ରିହାତି ମୂଲ୍ୟରେ ଏକ ଉତ୍କୃଷ୍ଟଗୁଣଯୁକ୍ତ ଚକୋଲେଟ୍ ବ୍ରାଣ୍ଡ କିଣିବା ଅପେକ୍ଷା ନିମ୍ନ-ଗୁଣବତ୍ତାର ମାଗଣା ଚକୋଲେଟ୍ ବାର୍ ପାଇବାକୁ ପସନ୍ଦ କରିଥିଲେ। ଗତ ସପ୍ତାହରେ ପ୍ରାତଃଭ୍ରମଣ ଅବସରରେ ପାର୍କର ଗୋଟିଏ ସ୍ଥାନରେ ଅନେକଲୋକ ରୁଣ୍ଡ ହୋଇଥିବାର ଦେଖି ଜିଜ୍ଞାସାବଶତଃ ମୁଁ ସେଠାରେ ଯାଇପହଞ୍ଚିଲି। .ଲୋକମାନଙ୍କର ଭିଡ ଠେଲି ଭିତରକୁ ଯିବାରୁ ଟଙ୍ଗା ହୋଇଥିବା ଫ୍ଲେକ୍ସରୁ ଏହା ଏକ ମାଗଣା ରକ୍ତଚାପ ଓ ମଧୁମେହ ପରୀକ୍ଷା ଶିବିର ବୋଲି ଜଣାପଡ଼ିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥାଥିଲା ସେଠାରେ ଭିଡ ଜମାଇଥିବା ଲୋକମାନଙ୍କ ମଧ୍ୟରୁ ନବେ ପ୍ରତିଶତ ଥିଲେ ସ୍ୱଚ୍ଛଳବର୍ଗର ବରିଷ୍ଠନାଗରିକ ଏବଂ ସମସ୍ତେ ନିୟମିତ ସ୍ୱାସ୍ଥ୍ୟଯାଞ୍ଚ କରୁଥିବା ଅନୁମେୟ। ତେବେ ମନରେ ମୋର ପ୍ରଶ୍ନ ଥିଲା ଏମାନଙ୍କର ଏଠାରେ ଭିଡ କାହିଁକି ଏବଂ ଯାହାର ସହଜ ଉତ୍ତର ଥିଲା ମାଗଣାର ମୋହ। ତେବେ ମାଗଣା ଏତେ ଆକର୍ଷଣୀୟ କାହିଁକି?

ମାଗଣା ଶବ୍ଦଟି ମାନବ ଭାବନା ପାଇଁ ଏକ ଚୁମ୍ବକ ସଦୃଶ। ଏହା ପ୍ରାୟ ସମସ୍ତ ମନୁଷ୍ୟଙ୍କ ଆଖିରେ ଏକ ଅଲଗା ଚମକ ଆଣେ। ଏହା ମନୁଷ୍ୟର ଭାବନା, ଆଶା, ଲାଭକାମନା ଓ ଆତ୍ମତୃପ୍ତିକୁ ଜାଗ୍ରତ କରୁଥିବା ଗୋଟିଏ ଶକ୍ତିଶାଳୀ ମାନସିକ ସଙ୍କେତ। ଯେତେବେଳେ କୌଣସି ବସ୍ତୁ, ସୁବିଧା କିମ୍ବା ସେବା "ମାଗଣା" ରେ ମିଳେ, ମନୁଷ୍ୟ ସ୍ୱାଭାବିକ ଭାବେ ତାହା ପ୍ରତି ଆକର୍ଷିତ ହୋଇଯାଏ। ଏହି ଆକର୍ଷଣକୁ ମାନସିକ ଶାସ୍ତ୍ରରେ ଜିରୋ ପ୍ରାଇସ ଇଫେକ୍ଟ ବା 'ଶୂନ୍ୟ ମୂଲ୍ୟ ପ୍ରଭାବ' ବୋଲି କୁହାଯାଏ— ଯେଉଁଠି ବିନା ମୂଲ୍ୟର ହୋଇଥିବାରୁ ଲୋକମାନେ ତାଙ୍କର ସାଧାରଣ ବିବେକ, ତର୍କ ଏବଂ ବିଚାରକୁ ପଛରେ ରଖି ଭାବନା ଆଧାରିତ ସିଦ୍ଧାନ୍ତ ନେଇଥାନ୍ତି। ମାଗଣା ମିଳୁଥିବା ଜିନିଷ ମଣିଷର ଭାବନା, ବିପଦର ଭୟ, ଲୋଭ ଏବଂ ଆନନ୍ଦକୁ ଏକାଠି ଉତ୍ତେଜିତ କରେ। କୌଣସି ଆର୍ଥିକ ଚାପ ନଥିବାରୁ ଏହାର ମୂଲ୍ୟବୋଧ, ଆବଶ୍ୟକତା, ଗୁଣବତ୍ତା ମୂଲ୍ୟାଙ୍କନ ନକରି ଗ୍ରହଣ କରିବା ନିରାପଦ ମଣନ୍ତି। ମାଗଣା ଜିନିଷଗୁଡ଼ିକ ପ୍ରାୟତଃ କ୍ୱଚିତ କିମ୍ବା ସୀମିତ ସମୟ ପାଇଁ ଉପଲବ୍ଧ ମନେହୁଏ, ଯେପରି 'ଆଜି ପାଇଁ ମାତ୍ର ମାଗଣା', 'ପ୍ରଥମ ଦଶଜଣଙ୍କ ପାଇଁ ମାଗଣା' ଇତ୍ୟାଦି ଯାହା ସେଥିପ୍ରତି ଆହୁରି ଅଧିକ ଆଗ୍ରହ ସୃଷ୍ଟି କରେ। ସେହିପରି 'ଦଶମ କପ୍ କଫି ମାଗଣା', 'ଏକ ଲିଟର ପ୍ୟାକେଟରେ ୨୫୦ମିଲି ମାଗଣା', 'ଗୋଟିଏ କିଣିଲେ ଗୋଟିଏ ମାଗଣା', ' ଅନଲାଇନ୍ ରେ କିଣିଲେ ବିତରଣ ମାଗଣା' ଇତ୍ୟାଦି ମାଗଣା ଯୋଜନାଗୁଡ଼ିକ ଆମକୁ ଖୁବ ଆକର୍ଷିତ କରେ।

ମାଗଣାର ପରମ୍ପରା ଖୁବ୍ ପ୍ରାଚୀନ। ପୁରାତନକାଳରେ ବ୍ୟାପାରୀମାନେ ଗ୍ରାହକଙ୍କୁ ଆକର୍ଷିତ କରିବାପାଇଁ ଅଧିକ ଶସ୍ୟ, ମସଲା ଭଳି ଜିନିଷ ମାଗଣା ଭାବରେ ଦେଉଥିଲେ। ଏହାକୁ ପ୍ରଥମ 'ମାଗଣା ଉପହାର' ଧାରଣା ଭାବେ ଧରାଯାଏ। ୧୭୦୦-୧୮୦୦ ମସିହାରେ ଆଧୁନିକ 'ମାଗଣା ଉପହାର'ର ଆରମ୍ଭ ହୋଇଥିଲା, ଯେଉଁଥିରେ ଦୋକାନୀମାନେ ପ୍ରଚାର ପାଇଁ ମାଗଣା କ୍ୟାଲେଣ୍ଡର, ବୁକମାର୍କ, ପ୍ରିଣ୍ଟେଡ୍ କାର୍ଡ ଭଳି ଛୋଟ ଉପହାର ଦେବା ଆରମ୍ଭ କରିଥିଲେ। ୧୮୮୦ ଦଶକରେ ବହୁମାତ୍ରାରେ ଉତ୍ପାଦନ ହେଉଥିବା ଦ୍ରବ୍ୟ ଉପହାର ପ୍ରଦାନ ପରମ୍ପରା ଆରମ୍ଭ ହେଲା। ଆମେରିକାର ଆଲେନ ଆଣ୍ଡ ଜିଣ୍ଟର କମ୍ପାନୀ ସିଗାରେଟ୍ ପ୍ୟାକେଟରେ ମାଗଣା ବେସବଲ୍ କାର୍ଡ ପ୍ରଦାନ ବେପାରବାଣିଜ୍ୟରେ ଏକ ବଡ଼ ପରିବର୍ତ୍ତନ ଆଣିଥିଲା। ୧୯୦୦-୧୯୩୦ମଧ୍ୟରେ ମାଗଣା ନମୁନା ଧାରଣାର ଆରମ୍ଭ ହେଲା।ପ୍ରୋକ୍ଟର ଆଣ୍ଡ ଗାମ୍ବଲ ଓ କୋକାକୋଲା ଭଳି କମ୍ପାନୀମାନେ ମାଗଣା ନମୂନା, ଡ୍ରିଙ୍କ କୁପନ୍ ଦେବା ଆରମ୍ଭ କରିଥିଲେ। ଏହିଠାରୁ 'ମାଗଣା ଉପହାର' ବ୍ୟାପକ ଭାବେ ଲୋକପ୍ରିୟ ହେଲା। ୧୯୫୦-୧୯୮୦ମଧ୍ୟରେ ଆଧୁନିକ ପ୍ରଚାରମୂଳକ ଉପହାରର ଆରମ୍ଭ ହୋଇଥିଲା।ଏହି ସମୟରେ ବ୍ୟବସାୟୀମାନେ ପେନ୍, ବ୍ୟାଗ୍, ଟି-ସାର୍ଟ ଭଳି ଉପହାର ଦେଉଥିଲେ। ୨୦୦୦ ପରେ ଡିଜିଟାଲ୍ 'ମାଗଣା ଉପହାର'ର ଯୁଗ ଆରମ୍ଭ ହେଲା।ଅନଲାଇନ୍ ବ୍ୟବସାୟ ଆସିବା ପରେ ନୂଆ ଧାରଣା ଯଥା ମାଗଣା ଇ-ବୁକ୍, ଟ୍ରାୟାଲ୍, ଟେମ୍ପଲେଟ୍, ଡିଜିଟାଲ୍ ଟୁଲ୍, ଶିପିଂ ଆଦି ଆସିଲା। ରାଜନେତାମାନେ ମଧ୍ୟ ନିର୍ବାଚନୀ ପ୍ରତିଶ୍ରୁତି, ଦରିଦ୍ରତା ହ୍ରାସ, ଜନସମର୍ଥନ କିମ୍ବା ଔଦାର୍ଯ୍ୟ ପ୍ରଦର୍ଶନ ଆଦି ବିଭିନ୍ନ କାରଣରୁ ମାଗଣା ଖାଦ୍ୟ, ଇନ୍ଧନ, ଜଳ, ଶିକ୍ଷା, ବସ୍ତୁ- ସାମଗ୍ରୀ କିମ୍ବା ଅର୍ଥ ସହାୟତା ବଣ୍ଟନ କରିବା ଆରମ୍ଭ କଲେ।

ଓଡିଶାରେ ମଧ୍ୟ ମାଗଣା ପରମ୍ପରା ଯଥା, କାଳିଆ, ବଳିଆ, ସୁଭଦ୍ରା ଯୋଜନା, ମଧ୍ୟାହ୍ନ ଭୋଜନ, ମାଗଣା ସାଇକେଲ, ଲାପଟପ, ଟଙ୍କିକିଆ ଚାଉଳ, ପାଞ୍ଚ ଟଙ୍କିଆ ମିଲ, ମାଗଣା ବିଜୁଳି ଇତ୍ୟାଦି ରହିଛି।ସେଥିମଧ୍ୟରୁ କେତେକ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କର ମୌଳିକ ଆବଶ୍ୟକତା ପୂରଣ ସହିତ ରାଜ୍ୟର ସାମାଜିକ ଓ ଅର୍ଥନୈତିକ ଉନ୍ନତି ନିମିତ୍ତ ହୋଇଥିବା ବେଳେ ଅନ୍ୟ କେତେକ ଭୋଟରଙ୍କୁ ଆକୃଷ୍ଟକରିବା ପାଇଁ ଉଦ୍ଦିଷ୍ଟ। ମାତ୍ର ଦେଖାଯାଇଛି ଏହି ମାଗଣା ମୋହରେ ସ୍ୱଚ୍ଛଳ ବର୍ଗର ଲୋକମାନେ ଜାଲିଆତି କରି ନିଜକୁ ସେହିବର୍ଗରେ ସାମିଲ କରିଦେଉଛନ୍ତି ଏବଂ ଦାରିଦ୍ର୍ୟ ସୀମାରେଖା



ତଳେ ଥିବା ଲୋକମାନେ କୌଣସି କାର୍ଯ୍ୟ ବା ପରିଶ୍ରମ ନକରି କେବଳ ସେହି ମାଗଣାକୁ ଚାହିଁ ବସିରହୁଛନ୍ତି। ସେମାନଙ୍କ ମଧ୍ୟରେ ନିର୍ଭରଶୀଳତା ଏବଂ ଅଧିକାରର ଏକ ନକାରାତ୍ମକ ଢାଞ୍ଚା ସୃଷ୍ଟି ହେଉଛି।

ଅନେକକ୍ଷେତ୍ରରେ ମାଗଣାର କିଛି ସୁପ୍ରଭାବ ଦେଖିବାକୁ ମିଳେ। ଲୋକମାନେ ନୂଆ ଜିନିଷ ପରୀକ୍ଷା କରିବାର ସୁଯୋଗ ପାଇ ନୂଆ ଅଭିଜ୍ଞତା ହାସଲ କରନ୍ତି। ମାଗଣା ଯୋଜନାଗୁଡିକ ଦେଶର ଅନେକ ସମସ୍ୟା ହ୍ରାସ କରିବାରେ ସହାୟତା କରେ। ନିତି ଆୟୋଗର ରିପୋର୍ଟ ଅନୁସାରେ ବିହାର ଏବଂ ପଶ୍ଚିମବଙ୍ଗରେ ସ୍କୁଲ ଛାତ୍ରୀମାନଙ୍କୁ ଦିଆଯାଇଥିବା ମାଗଣା ସାଇକେଲ ଦ୍ୱାରା ସେମାନଙ୍କର ନାମଲେଖା ଏବଂ ଉପସ୍ଥିତ ହାର ବୃଦ୍ଧି ହୋଇଛି, ଅଧାରୁ ପାଠ ଛାଡୁଥିବା ହାର ହ୍ରାସ ହୋଇଛି। ସେହିପରି ବିଶ୍ୱବ୍ୟାଙ୍କର ଅଧ୍ୟୟନ ଅନୁସାରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଅଧୀନରେ ଖାଦ୍ୟ ସବସିଡି ଭଳି ମାଗଣା ସାମଗ୍ରୀ ୨୦୧୧-୧୨ ମସିହାରେ ଭାରତରେ ଦାରିଦ୍ର୍ୟ ଅନୁପାତ ୭%କୁ ହ୍ରାସ ହୋଇଛି। ସେଣ୍ଟର ଫର ପଲିସି ରିସର୍ଚ୍ଚ ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଜଣାଯାଏ ଲାପଟପ୍, ସାଇକେଲ ଏବଂ ନଗଦ ହସ୍ତାନ୍ତର ଭଳି ମାଗଣା ପ୍ରଦାନ ଉତ୍ତର ପ୍ରଦେଶ ଏବଂ ତାମିଲନାଡୁରେ ଭୋଟରଙ୍କ ମତଦାନ, ରାଜନୈତିକ ସଚେତନତା ଏବଂ ସରକାରଙ୍କ ପ୍ରତି ସନ୍ତୁଷ୍ଟି ଉପରେ ସକାରାତ୍ମକ ପ୍ରଭାବ ପକାଇଛି। ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ ଦ୍ୱାରା କରାଯାଇଥିବା ସର୍ଭେରୁ ଜଣାଯାଏ ତାମିଲନାଡୁର ୪୧% ଭୋଟର ମାଗଣା ଉପହାରକୁ ଭୋଟ ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ଭାବରେ ବିବେଚନା କରନ୍ତି।

ମାଗଣା ସହ ଅନେକ ସମସ୍ୟା ମଧ୍ୟ ଜଡିତ ଅଛି। ସେଗୁଡିକ ମଧ୍ୟରେ ଅନାବଶ୍ୟକ, ଗୁରୁତ୍ୱହୀନ ଜିନିଷ ପାଇବାର ଲୋଭ ଅନ୍ୟତମ। ଏହା ଅପଚୟ ଓ ବିବେକହୀନ ଆଚରଣକୁ ବଢ଼ାଇଦିଏ। ଏହା ଶାରୀରିକ, ମାନସିକ ଓ ଆର୍ଥିକ ସମସ୍ୟାକୁ ମଧ୍ୟ ଆମନ୍ତ୍ରଣ କରେ। ବିକ୍ରି ହୋଇ ନପାରି ଗଚ୍ଛିତ ଥିବା ପୁରୁଣା, ନିକୃଷ୍ଟ ମାନଯୁକ୍ତ ଦ୍ରବ୍ୟକୁ ମାଗଣା ନାମରେ ବଣ୍ଟନ କରାଯାଏ। ରିହାତି ପୂର୍ବରୁ ଦ୍ରବ୍ୟର ମୂଲ୍ୟ ବୃଦ୍ଧି କରାଯାଇଥାଏ। ମାଗଣା ଆପ୍, ମାଗଣା ଅଫର୍ ବା ମାଗଣା ସର୍ଭିସ୍‌ରେ ଗୁପ୍ତ ସର୍ତ୍ତ ଥାଏ। ମାଗଣା ଟ୍ରାୟାଲ୍ ସ୍କିମରେ ପ୍ରଥମେ କିଛି ଦିନ କିମ୍ବା ମାସ ମାଗଣାରେ ବ୍ୟବହାର କରିବାକୁ ଦିଆଯାଇ ଜନସାଧାରଣଙ୍କୁ ଅଭ୍ୟସ୍ତ କରାଇବା ପରେ, ଏଥି ପାଇଁ ଟଙ୍କା ଦେବାକୁ ବାଧ୍ୟ କରାଯାଏ, ଯାହାର ଏକ ବଳିଷ୍ଠ ଉଦାହରଣ ଜିଓ କମ୍ପାନୀର ମାଗଣା ଡାଟା ଯୋଜନା।ଲୋକେ କେବଳ ମାଗଣା ଉପହାର ପାଇବା ପାଇଁ, ଅନଲାଇନ୍‌ରେ ମାଗଣା "ସିପିଂ" ପାଇବା ପାଇଁ ଓ ମାଗଣା କୁପନ୍/କୋଡ୍ କୁ ବ୍ୟବହାର କରିବା ଉଦ୍ଦେଶ୍ୟରେ ଅନାବଶ୍ୟକ ସାମଗ୍ରୀ କିଣିଦେଇଥାଆନ୍ତି। ଏହାଛଡା ଆଜିକାଲି ମାଗଣା ନାମରେ ଠକିବା ଘଟଣା ମଧ୍ୟ ବଢ଼ି ଯାଇଛି। ମାଗଣା ରିଚାର୍ଜ୍, ମାଗଣା ଉପହାର ବା ମାଗଣା ଅଫର୍ ଭାବରେ ଲୋକଙ୍କ ଫୋନ୍ ନମ୍ବର, ଇମେଲ୍ ଭଳି ବ୍ୟକ୍ତିଗତ ତଥ୍ୟ ଚୋରି କରିବାର ଘଟଣା ଘଟୁଛି।

ବିଶ୍ୱରେ ଅନେକଦେଶ ଅଧିକପରିମାଣରେ ମାଗଣା ସୁବିଧା ବଣ୍ଟନ କରିବାରୁ ଦେଶର ଅର୍ଥନୀତି ଦୁର୍ବଳ ହେବା ସହିତ ଦୀର୍ଘମିଆଦୀ ସମସ୍ୟା ସୃଷ୍ଟି ହୋଇଥିବାର ନଜିର ରହିଛି। ଭେନେଜୁଏଲା ସରକାର ବହୁବର୍ଷ ଧରି ମାଗଣା ଇନ୍ଧନ, କମମୂଲ୍ୟରେ ଖାଦ୍ୟ ଓ ଅନେକ ପଦାର୍ଥ ବଣ୍ଟନ କରିଥିଲେ। ଫଳସ୍ୱରୂପ ଦେଶ ଭୟଙ୍କର ମୁଲ୍ୟସ୍ଫୀତି, ଖାଦ୍ୟ ସଙ୍କଟ ଓ ଆର୍ଥିକ ଅସ୍ଥିରତାରେ ପଡ଼ିଲା। ସେହିପରି ଶ୍ରୀଲଙ୍କା ସରକାର ଦୀର୍ଘ ଦିନ ଧରି ମାଗଣା କୃଷି ସହାୟତା, ରାସାୟନିକ ଶସ୍ୟ ଓ ଖାଦ୍ୟ ବଣ୍ଟନ କରୁଥିଲେ। ଏହା ସହିତ ବହୁ ସବସିଡି ଦେବା ଫଳରେ ସରକାରୀ ଋଣ ବଢ଼ିଲା, ଦେଶ ଭୟାବହ ଆର୍ଥିକ ଓ ରାଜନୈତିକ ସଙ୍କଟରେ ପତିତ ହେଲା।ଗ୍ରୀସରେ ବର୍ଷବର୍ଷ ଧରି ମାଗଣା ସୁବିଧା, ସବସିଡି, ସରକାରୀ ଖର୍ଚ୍ଚ ଓ ଅତ୍ୟଧିକ ସାମାଜିକ ସୁରକ୍ଷା ଯୋଜନା ଚାଲୁଥିଲା। କିନ୍ତୁ ଏହା ସରକାରୀ ଋଣ ବହୁତ ବଢ଼ାଇଦେଲା ଏବଂ ୨୦୦୮ ପରେ ଦେଶ ଗଭୀର ଋଣ ସଙ୍କଟରେ ପଡ଼ିଲା। ଜିମ୍ବାୱେ ସରକାର ଖାଦ୍ୟ ଓ ଧାନ ବଣ୍ଟନ କରିଥିଲେ। ଦେଶର ଉତ୍ପାଦନ କମିଲା, ସରକାରୀ ଭଣ୍ଡାର ଖାଲି ହେଲା ଏବଂ ଭୟଙ୍କର ମୁଲ୍ୟସ୍ଫୀତି ସୃଷ୍ଟି ହେଲା। ଦେଶର ଅର୍ଥନୀତି ପ୍ରାୟ ପତନ ଅବସ୍ଥାକୁ ଆସିଯାଇଥିଲା।

ମାଗଣା ହେଉଛି ଗୋଟିଏ ଦୁଇଧାରୁଆ ଖଣ୍ଡା। ଗୋଟିଏପଟେ ଏହା ମନୁଷ୍ୟକୁ ଖୁସି, ଅଭିଜ୍ଞତା ଓ ଆତ୍ମତୃପ୍ତି ଦିଏ। ଅନ୍ୟପଟେ ଏହା ଲୋଭ, ଭ୍ରମ, ନିର୍ଭରତା ଓ ଲୁକ୍କାୟିତ ଖର୍ଚ୍ଚର ବ୍ୟୂହ ଭିତରେ ଆମକୁ ଆବଦ୍ଧ କରେ। ସଜାଗବ୍ୟକ୍ତିଙ୍କ ମତରେ 'ଧାଅଁ ନାହିଁ କେବେ ମାଗଣା ପଛରେ, ବୁଝି ନିଅ କି' ସତ୍ୟ ଅଛି ତା ପଛରେ'। ତେଣୁ ଲୋଭରେ ପଡ଼ି ଅନୁଚିନ୍ତିତ ଭାବରେ ମାଗଣା ପଛରେ ପଡ଼ିବା ଉଚିତ୍ ନୁହେଁ। ମାଗଣାର ମୋହରେ ଆଚ୍ଛନ୍ନ ନ ହୋଇ ଏହାର ବ୍ୟବହାରଗତ ଆବଶ୍ୟକତା ଓ ପରିଣାମକୁ ବିବେକବୁଦ୍ଧିର ସହିତ ବୁଝିବିଚାରି ଯଥାଯଥ ପଦକ୍ଷେପ ନେବା ହେଉଛି ସମୁଚିତ ଉପାୟ। ଅନ୍ୟଥା ମାଗଣାର ମାୟାଜାଲରେ କବଳିତ ହୋଇ ନିଜ କଷ୍ଟ ଅର୍ଜିତ ଧନ ଓ ବହୁମୂଲ୍ୟ ଜୀବନ ଓ ରାଷ୍ଟ୍ରକୁ ବିପଦ ମୁହଁକୁ ଠେଲିଦେବା ସାର ହେବ।

ଏମ୍ସ, ଭୁବନେଶ୍ୱର

# ଖୁସିର ଅନ୍ତରାୟ ଅତ୍ୟଧିକ କାମନା

## ବିଜୟଲକ୍ଷ୍ମୀ ଶତପଥୀ



ପ୍ରତ୍ୟେକ ବ୍ୟକ୍ତି ଜୀବନରେ ଖୁସି ଚାହେଁ। କିନ୍ତୁ ଖୁସି କେଉଁଠି? ଖୁସିର ସନ୍ଧାନରେ ସେ ବାହାର ଦୁନିଆରେ ଘୁରି ବୁଲେ। ଗୋଟିଏ ପରେ ଗୋଟିଏ କାମନା ପୂରଣ ଦିଗରେ ଅଗ୍ରସର ହୋଇ ଅସରନ୍ତି କାମନାର ମାୟା ଜାଲରେ ଛନ୍ଦି ହୋଇଯାଏ। ସନ୍ତୋଷ ମନୁଷ୍ୟ ଏକ ଦୁର୍ଲଭ ଗୁଣ। ଏହା ଅନେକ ସାମର୍ଥ୍ୟ ଓ ସମ୍ଭାବନାର ସୂଚକ। ଆଜିର ପାର୍ଥିବ ଦୁନିଆରେ କେହି ଜଣେ ମଧ୍ୟ ସନ୍ତୋଷ ଜୀବନଯାପନ କରୁଥିବା ଜଣାଯାଏ ନାହିଁ।



ଆମର ପ୍ରାପ୍ତି ଯେତେ ଅଧିକ, ଆସକ୍ତି ଓ ଲାଳସା ସେତେ ଅଧିକ। ଏହା ଜୀବନର ଅପ୍ରିୟ ଓ କଠୋର ବାସ୍ତବତା ଯେ ଆମେ ଯେତେ ଅଧିକ ପାର୍ଥିବ ସମ୍ପତ୍ତି ଅର୍ଜନ କଲେ ମଧ୍ୟ ତାହା ଆମକୁ ଖୁସି ପ୍ରଦାନ କରି ନଥାଏ। ଏଭଳି ଯଦି ହେଉଥାନ୍ତା, ପୃଥିବୀର ଧନୀ ରାଷ୍ଟ୍ର ମାନଙ୍କର ନାଗରିକମାନେ ସବୁଠୁ ଖୁସିରେ ଥିବା ବ୍ୟକ୍ତି ରୂପେ ବିବେଚିତ ହୁଅନ୍ତେ। କିନ୍ତୁ ସେ ଭଳି ହୁଏନି। ଓଲଟା ଏହାର ବିପରୀତ ଦେଖିବାକୁ ମିଳେ। ଅଜସ୍ର ଧନ ସମ୍ପତ୍ତିର ଅଧିକାରୀ ହୋଇ ସୁଖ ସ୍ୱାଚ୍ଛନ୍ଦ୍ୟ ମଧ୍ୟରେ ଥାଇ ମଧ୍ୟ ଅସ୍ଥିରତା, ଅଶାନ୍ତି ଓ ଅବସାଦରେ ଭରା ଜୀବନ ସେମାନେ ଅତିବାହିତ କରନ୍ତି ଏବଂ ପ୍ରାୟତଃ ମାନସିକ ଚାପ ମଧ୍ୟରେ ରହିଥାନ୍ତି। କାମନା ଜ୍ୱଳନ୍ତ ଅଗ୍ନି ଭଳି। ଏହା ମନୁଷ୍ୟ ପକ୍ଷେ ଅବଦମିତ ମନେହୁଏ। ଦୁନିଆରେ ଯାହାକୁ ବି ଆମେ ପଚାରିବା ସେ ଖୁସି କି? ଉତ୍ତର ନଶ୍ଚୟ ନାଁରେ ଆସିବ। ମନୁଷ୍ୟ ଜନ୍ମରୁ ହିଁ ଖୁସିର ଅନ୍ୱେଷଣରେ ଲାଗିଛି। ବାହ୍ୟ ଜଗତର ବସ୍ତୁବାଦୀ ଦୁନିଆ ମଧ୍ୟରେ ଖୁସିକୁ ଖୋଜି ଚାଲିଛି। ହେଲେ ନିରାଶ ହେଉଛି।

ଅଥଚ ନିରାଶା ଭାବଯୁକ୍ତ ଅନୁଭବ ସତ୍ତ୍ୱେ ତାକୁ ଆହୁରି ହୃଦବୋଧ କରିବାକୁ ଅଛି ଯେ ପ୍ରକୃତ ଖୁସି ତ ଭଗବାନଙ୍କ ସହ ସଂଯୋଗ ସ୍ଥାପନରେ ହିଁ ମିଳିଥାଏ। କାମନା କମ ହେଲେ ସନ୍ତୁଷ୍ଟି ମିଳିଥାଏ। ଅତ୍ୟଧିକ କାମନା ଆମ ସନ୍ତୋଷରେ ବ୍ୟାଘାତ ସୃଷ୍ଟି କରେ। ଦିନ ସାରାର ଅକ୍ଳାନ୍ତ ପରିଶ୍ରମ ପରେ ଜଣେ ଦିନ ମଜୁରିଆ କେତେ ଶାନ୍ତିରେ ଶୋଇପଡ଼େ। ଅପରପକ୍ଷେ ନିଜର ଅବଦମିତ ତୃଷ୍ଣା ବା କାମନା ପାଇଁ ଜଣେ କୋଟିପତି ସାମାନ୍ୟ ପଲକ ଝପକାଇବା ପାଇଁ ମଧ୍ୟ ନିଦ ବଟିକାର ଆଶ୍ରୟ ନିଏ।

ଗୋଟିଏ କାମନା ପୂରଣ ହେଲେ ତାହା ଆଉ ଏକ ନୂଆ କାମନାକୁ ଜନ୍ମ ଦିଏ। କାମନା ପୂରଣ ନ ହେଲେ ତାହା ଅସନ୍ତୋଷର କାରଣ ହୁଏ। ତେଣୁ ପ୍ରତି କ୍ଷେତ୍ରରେ କାମନା ଆମର ହାନୀ ହିଁ କରିଥାଏ। ଅପରପକ୍ଷର ସନ୍ତୁଷ୍ଟି ଆମକୁ ଶୁଦ୍ଧ ନିର୍ମଳ ଖୁସି ପ୍ରଦାନ କରେ ଏବଂ ଆମକୁ ସୁସ୍ଥ ଓ ସୁଖୀ ରଖେ। ତେବେ କାମନାର ବିନାଶ ସିନା ଆମେ କରିପାରିବା ନାହିଁ, ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ କହିବା ଅନୁସାରେ କାମନାର ସିମାଙ୍କନର ଅଭ୍ୟାସ କରିପାରିବା। ଅର୍ଥ, ସମୟ, ଶକ୍ତି ଓ ଖାଦ୍ୟର ସଦୁପଯୋଗ ଆମ ଜୀବନକୁ ଏକ ସଠିକ ଦିଶାରେ ନେଇଯିବ ଏବଂ ଖୁସି ରହିବ ଆମ ହାତ ପାହାନ୍ତାରେ।

ଖରିଆର ରୋଡ଼, ନୂଆପଡ଼ା

### ଆସାମ ମୁଖ୍ୟମନ୍ତ୍ରୀଙ୍କ ଦାବି

# ମମତା ଦାୟୀ, ତାଙ୍କୁ ଗିରଫ କରାଯାଉ

କୋଲକାତା, ୧୪।୧୨: ଷ୍ଟାର ଫୁଟବଲର ଲିଓନେଲ ମେସିଙ୍କୁ କୋଲକାତାରେ ଦେଖିବା ପାଇଁ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ସଲ୍ଟ ଲେକ୍ ଷ୍ଟାଡିୟମକୁ ମେସି ଆସିଥିଲେ ବି ତାଙ୍କୁ ଦେଖିପାରିନଥିଲେ ଫ୍ୟାନ୍ସ। ମେସିଙ୍କ ଚାରିପାଖେ ନେତା ମନ୍ତ୍ରୀ ରହିଥିଲେ। ଫଳରେ ହଜାର ହଜାର ଟଙ୍କା ଦେଇ ଟିକେଟ୍ କାଟିଥିବା ଫ୍ୟାନ୍ସ ପ୍ରବଳ ପାଟିତୁଣ୍ଡ କରିବା ସହ ଷ୍ଟାଡିୟମରେ ଭଙ୍ଗାରୁଜା ମଧ୍ୟ କରିଥିଲେ। ତେବେ ଘଟଣାକୁ ନେଇ ବିବାଦରେ ଫସିଛନ୍ତି ମମତା ବାନାର୍ଜୀ। ଇଭେଣ୍ଟ୍ ମ୍ୟାନେଜିଂ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏହାସହ ଟିକେଟ୍ କାଟିଥିବା ଦର୍ଶକଙ୍କୁ ଅର୍ଥ ଫେରସ୍ତ ନେଇ ଘୋଷଣା କରାଯାଇଛି। ତଥାପି ଅନିୟମିତତାକୁ ନେଇ ବ୍ୟାକଫୁଟରେ ମମତା ବାନାର୍ଜୀ। ଏପରିକି ଦିଦିଙ୍କୁ ଗିରଫ କରାଯାଉ ବୋଲି ଆସାମ ମୁଖ୍ୟମନ୍ତ୍ରୀ ତଥା ବିଜେପି ନେତା ହିମନ୍ତ ବିଶ୍ୱଶର୍ମା କହିଛନ୍ତି।



ହିମନ୍ତ କହିଛନ୍ତି ଯେ, ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ରୂପେ ମେସିଙ୍କ କାର୍ଯ୍ୟକ୍ରମରେ ଭୁଶୁଡ଼ି ପଡିଥିଲା। ଭିଆଇପି କଲଚର ପାଇଁ ସାଧାରଣ ଲୋକେ ନାନା ହଇରାଣ ହରକତ ହେଲେ। ଏଥିପାଇଁ ରାଜ୍ୟ ଗୃହମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦାୟୀ। ମମତାଙ୍କ ସହ କୋଲକାତା ପୁଲିସ କମିଶନର ଗିରଫ ହେବା ଦରକାର। ପ୍ରଥମେ ମୁଖ୍ୟମନ୍ତ୍ରୀ ମମତାଙ୍କ ଉପରେ ଆକ୍ସନ୍ ନିଆଯିବା ଉଚିତ୍। ସେ ଆହୁରି କହିଛନ୍ତି ଯେ, ଜୁବିନ ଗର୍ଗଙ୍କ ମୃତ୍ୟୁରେ ଆସାମ ରାସ୍ତାରେ ଲକ୍ଷ ଲକ୍ଷ ଲୋକେ ଏକାଠି ହୋଇଥିଲେ। କିନ୍ତୁ କୌଣସି ଅଘଟଣ ଘଟିନଥିଲା। ଆହୁରି ଅନେକ କାର୍ଯ୍ୟକ୍ରମରେ ହଜାର ହଜାର ଲୋକେ ସାମିଲ ହୋଇଛନ୍ତି। ରାଜ୍ୟରେ କିଛି ଅଘଟଣ ଘଟିନି। ମହାରାଷ୍ଟ୍ରରେ ମହିଳା ବିଶ୍ୱକପ୍ ଫାଇନାଲ ଖେଳାଯାଇଥିଲା। ସେଠାରେ ମଧ୍ୟ ଶାନ୍ତିଶୃଙ୍ଖଳାରେ ସମସ୍ତ କାର୍ଯ୍ୟକ୍ରମ ସରିଥିଲା। କିନ୍ତୁ ପଶ୍ଚିମବଙ୍ଗ ଭଳି ରାଜ୍ୟରେ କିଛି କହିହେବ ନାହିଁ। ମମତା ଏଥିପାଇଁ ନିଜକୁ ଦାୟୀ କରିବା ଦରକାର ବୋଲି ଆସାମ ମୁଖ୍ୟମନ୍ତ୍ରୀ କହିଛନ୍ତି।

### ଜିଦ୍ ଛାଡିଲେ ଜେଲେନସ୍କି

# ଆମେରିକା ଆଗରେ ରଖିଲେ ନୂଆ ସର୍ତ୍ତ

କିଭ୍ ୧୪।୧୨: ଋଷିଆ-ୟୁକ୍ରେନ ଯୁଦ୍ଧ ସମାପ୍ତ କରିବା ପାଇଁ ଆମେରିକା ପକ୍ଷରୁ ହେଉଥିବା ଉଦ୍ୟମରେ ଭୋଲଦେମୀର ଜେଲେନସ୍କି ଏକ ବଡ଼ ବୟାନ ଦେଇଛନ୍ତି। ୟୁକ୍ରେନ ରାଷ୍ଟ୍ରପତି ନାଟୋ ସଦସ୍ୟତା ପାଇଁ ତାଙ୍କ ଜିଦ୍ ଛାଡିବାକୁ ରାଜି ହୋଇଛନ୍ତି। ଏଣୁ ଏବେ ଋଷିଆ-ୟୁକ୍ରେନ ମଧ୍ୟରେ ଶାନ୍ତି ବୁଝାମଣା ଆଗକୁ ବଢିବାର ଆଶା ଦୃଢ଼ ହୋଇଛି। ଜେଲେନସ୍କିଙ୍କ ବୟାନ ଏକ ଏପରି ସମୟରେ ଆସିଛି ଯେତେବେଳେ ଟ୍ରମ୍ପଙ୍କ ବିଶେଷ ଦୂତ ଋଷିଆ-ୟୁକ୍ରେନ ଶାନ୍ତି ଆଲୋଚନା ନେଇ ବାର୍ତ୍ତା ଲାଗି ବର୍ଲିନରେ ପହଞ୍ଚିଛନ୍ତି। 'ଫାଇନାନ୍ସିଆଲ ଟାଇମ୍ସ' ଅନୁସାରେ ଭୋଲୋଡେମୀର ଜେଲେନସ୍କି କହିଛନ୍ତି ଯେ, ୟୁକ୍ରେନ ନାଟୋ ସଦସ୍ୟତା



ଦାବି ଛାଡିବାକୁ ପ୍ରସ୍ତୁତ। ତେବେ ଏହା ବଦଳେ ଆମେରିକା ଓ ୟୁରୋପରୁ ସୁରକ୍ଷା ଗ୍ୟାରେଣ୍ଟି ମିଳୁ। ଜେଲେନସ୍କି ରବିବାର କହିଛନ୍ତି ଯେ ଆମେ କୌଣସି ବି ଯୋଜନା ବୁଝାମଣାରେ ସାମିଲ ହେବାକୁ ପ୍ରସ୍ତୁତ। ନାଟୋରେ ମଧ୍ୟ ଆମେ କଥା ମାନିବୁ କିନ୍ତୁ ୟୁକ୍ରେନକୁ ମଧ୍ୟ ଆମେରିକା ଓ ୟୁରୋପରୁ ସୁରକ୍ଷା ଗ୍ୟାରେଣ୍ଟି ଆବଶ୍ୟକ।

ଜେଲେନସ୍କି କହିଛନ୍ତି ଯେ ଆମେ ୟୁକ୍ରେନ ଓ ଆମେରିକା ମଧ୍ୟରେ ଦ୍ୱିପକ୍ଷୀୟ ସୁରକ୍ଷା ଗ୍ୟାରେଣ୍ଟି ସମ୍ପର୍କରେ କହୁଛୁ। ଏହି ଗ୍ୟାରେଣ୍ଟି ନାଟୋର ଅନୁଚ୍ଛେଦ-୫ ଭଳି ହେବ, ଯାହା ଆକ୍ରମଣ ସ୍ଥିତିରେ କୌଣସି ସଦସ୍ୟ ଦେଶଙ୍କ ପାରସ୍ପରିକ ସୁରକ୍ଷାର ପ୍ରାବଧାନ କରିଥାଏ। ଅନ୍ୟପଟେ ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱତନ୍ତ୍ର ଦୂତ ଷ୍ଟିଭ ଉିଟକଫ ଓ ଜେରେଡ କୁଶନର ୟୁକ୍ରେନ ଉପରେ ଋଷିଆକୁ ଫ୍ରଣ୍ଟ ଲାଇନ ଅଞ୍ଚଳ ଛାଡିବାକୁ ଚାପ ସୃଷ୍ଟି କରୁଛନ୍ତି।

ଋଷିଆ କହିଛି ଯେ, ସେ ୟୁକ୍ରେନ ଓ ୟୁରୋପର ସବୁ ପ୍ରସ୍ତାବକୁ ଅସ୍ୱୀକାର କରିଦେବ। ଏଣୁ ଏଥିରୁ ପ୍ରଶ୍ନ ଉଠୁଛି ଦୀର୍ଘ ୪ ବର୍ଷ ହେଲା ଜାରି ଯୁଦ୍ଧକୁ ଟ୍ରମ୍ପ ସମାପ୍ତ କରିପାରିବେ ତ? ଜେଲେନସ୍କି କହିଛନ୍ତି ଚଳିତ ସପ୍ତାହ ଆରମ୍ଭରେ ୟୁରୋପୀୟ ନେତାଙ୍କ ସହିତ ପରାମର୍ଶ ପରେ ପଠାଯାଇଥିବା ସଂଶୋଧିତ ପ୍ରସ୍ତାବ ଉପରେ ୱାସିଂଟନରୁ ଏ ପର୍ଯ୍ୟନ୍ତ କୌଣସି ଉତ୍ତର ମିଳି ନାହିଁ। ତେବେ ଜେଲେନସ୍କି ତାଙ୍କ ଆଭିମୁଖ୍ୟରେ ବଡ଼ ପରିବର୍ତ୍ତନ କରିଛନ୍ତି। କାରଣ ଋଷିଆର ଅସନ୍ତୋଷ ସତ୍ତ୍ୱେ ୟୁକ୍ରେନ ଦୀର୍ଘ ସମୟରୁ ନାଟୋ ସଦସ୍ୟ ହେବାର ଇଚ୍ଛାବ୍ୟକ୍ତ କରିଆସୁଛି। ନାଟୋ ଏଭଳି ଏକ ସୈନ୍ୟ ସଙ୍ଗଠନ ଯାହା ସଦସ୍ୟ ଦେଶଙ୍କୁ ସୁରକ୍ଷା ପ୍ରତିଶ୍ରୁତି ଦେଉଛି।

## ହମାସ ଟପ କମାଣ୍ଡରକୁ ହତ୍ୟା କଲା ଇସ୍ରାଏଲ

**ଅକ୍ଟୋବର ୭ ଆକ୍ରମଣର ଥିଲା ମାଷ୍ଟରମାଇଣ୍ଡ**

ନୂଆଦିଲ୍ଲୀ,୧୪।୧୨: ଗାଜାରେ ଜଣେ ଟପ୍ ହମାସ କମାଣ୍ଡରଙ୍କୁ ହତ୍ୟା କରିଛି ଇସ୍ରାଏଲ। ଗାଜା ସିଟିରେ ଏକ ଆକ୍ରମଣରେ ହମାସର ଶୀର୍ଷ କମାଣ୍ଡର ରାଦ ସାଦଙ୍କ ମୃତ୍ୟୁ ହୋଇଥିବା ଦାବି କରିଛି ଆଇଡିଏଫ। ଦକ୍ଷିଣ ଗାଜାରେ ଏକ ବିସ୍ଫୋରକ ଡିଭାଇସ୍ ବିସ୍ଫୋରଣରେ ଏହାର ଦୁଇ ସୈନିକ ଆହତ ହୋଇଛନ୍ତି ଏବଂ ପରବର୍ତ୍ତୀ ଅପରେସନରେ ଗାଜାରେ ଜଣେ ବରିଷ୍ଠ ହମାସ କମାଣ୍ଡରଙ୍କ ମୃତ୍ୟୁ ହୋଇଛି। ତଥାପି, ହମାସ ତା'ର ବିବୃତ୍ତିରେ ରାଦ ସାଦର ମୃତ୍ୟୁକୁ ସ୍ପଷ୍ଟ କରିନାହିଁ। ଗାଜା ସିଟି ବାହାରେ ଏକ ସାଧାରଣ ଯାନକୁ ଟାର୍ଗେଟ



କରାଯାଇଥିଲା। ଏହା ଅସ୍ତ୍ରବିରତି ଉଲ୍ଲଂଘନ ବୋଲି କହିଛନ୍ତି ଗାଜା ଅଧିକାରୀ। ଇସ୍ରାଏଲୀ ବିବୃତ୍ତିରେ କୁହାଯାଇଛି ଯେ ରାଦ ସାଦ ହମାସରେ ଅସ୍ତ୍ରଶସ୍ତ୍ର ନିର୍ମାଣ ପାଇଁ ଦାୟୀ ଥିଲେ। ପୂର୍ବରୁ ସଂଗଠନର ଅପରେସନ୍ସ ଡିଭିଜନର ନେତୃତ୍ୱ ନେଇଥିଲେ। ଇସ୍ରାଏଲ ତାଙ୍କୁ ୭ ଅକ୍ଟୋବର, ୨୦୨୩ରେ ହୋଇଥିବା ଆକ୍ରମଣର ଜଣେ ପ୍ରମୁଖ ମାଷ୍ଟରମାଇଣ୍ଡ ଭାବରେ କହିଛି। ଇସ୍ରାଏଲ ଅଭିଯୋଗ କରିଛି ଯେ, ସେ ଯୁଦ୍ଧବିରତି ସତ୍ତ୍ୱେ ଆତଙ୍କବାଦୀ ସଂଗଠନକୁ ପୁନର୍ଜୀବିତ କରିବାରେ ନିୟୋଜିତ ଥିଲେ।

# ପଙ୍କଜ ଚୌଧୁରୀ ୟୁପି ବିଜେପିର ନୂଆ ଅଧ୍ୟକ୍ଷ



ନୂଆଦିଲ୍ଲୀ,୧୪।୧୨: ଉତ୍ତର ପ୍ରଦେଶ ବିଜେପିକୁ ନୂଆ ଅଧ୍ୟକ୍ଷ ମିଳିଛି। କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ନିର୍ବିରୋଧରେ ନିର୍ବାଚିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଉପସ୍ଥିତିରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ନୂଆ ଅଧ୍ୟକ୍ଷଙ୍କ ନାଁ ଘୋଷଣା କରିଛନ୍ତି। ଲକ୍ଷ୍ନୌର ଲୋକଭବନରେ ଆୟୋଜିତ ସମାରୋହରେ ପଙ୍କଜ ଚୌଧୁରୀଙ୍କ ହାତକୁ ସଂଗଠନର ଦାୟିତ୍ୱ ଆସିବା ସହ ପ୍ରଦେଶ ବିଜେପିରେ ସଂଗଠନାତ୍ମକ ସ୍ତରରେ ଏକ ନୂଆ ଯୁଗର ସୂତ୍ରପାତ ହୋଇଛି। ଏହାସହ ରାଷ୍ଟ୍ରୀୟ ପରିଷଦର ନିର୍ବାଚନ ମଧ୍ୟ ହୋଇଛି। ପଙ୍କଜ ଚୌଧୁରୀଙ୍କୁ ଉତ୍ତର ପ୍ରଦେଶ ବିଜେପିର ଦାୟିତ୍ୱ ଦିଆଯିବା ସହ ନିର୍ବାଚିତ ଅଧ୍ୟକ୍ଷଙ୍କୁ ପ୍ରମାଣପତ୍ର ମଧ୍ୟ ଦିଆଯାଇଛି। ଏହାସହ ବିଦାୟୀ ଅଧ୍ୟକ୍ଷ ଭୂପେନ୍ଦ୍ର ଚୌଧୁରୀ ଓ ପଙ୍କଜ ଚୌଧୁରୀଙ୍କ ଚୌକି ବଦଳି ଯାଇଛି। ଦାୟିତ୍ୱ ଗ୍ରହଣ କରିବା ସହ ପଙ୍କଜ ଚୌଧୁରୀ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଥିଲେ। କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଏହାସହ ୧୨୦ ରାଷ୍ଟ୍ରୀୟ ପରିଷଦ ସଦସ୍ୟଙ୍କ ନିର୍ବାଚନ ମଧ୍ୟ ଘୋଷଣା କରିଛନ୍ତି। ରାଷ୍ଟ୍ରୀୟ ପରିଷଦ ସଦସ୍ୟଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସିଏମ୍ ଯୋଗୀ ଆଦିତ୍ୟନାଥ, ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ, ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ, ଭୂପେନ୍ଦ୍ର ସିଂହ ଚୌଧୁରୀ, ସ୍ମୃତି ଇରାନୀ (ସୁଲତାନପୁର), ସୂର୍ଯ୍ୟ ପ୍ରତାପ ଶାହି, ରାମପତି ରାମ ତ୍ରିପାଠୀ, ମହେନ୍ଦ୍ର ନାଥ ପାଣ୍ଡେ ସାମିଲ ଅଛନ୍ତି। ପଙ୍କଜ ଚୌଧୁରୀଙ୍କ ନିଯୁକ୍ତିକୁ ବିଜେପିର ଏକ ବଡ଼ ରାଜନୀତିକ ବାଜି ରୂପେ ଦେଖାଯାଉଛି। ସେ ପୂର୍ବାଞ୍ଚଳର ମହାରାଜଗଞ୍ଜରୁ ସାତଥର ନିର୍ବାଚିତ ଅନୁଭବୀ ସାଂସଦ ଏବଂ କୁର୍ମୀ ସମୁଦାୟରୁ ଆସନ୍ତି। ଅଧ୍ୟକ୍ଷ ପଦରେ ତାଙ୍କୁ ଦାୟିତ୍ୱ ଦିଆଯିବା ପଛରେ ପାର୍ଟିର ଏକ ବଡ଼ ରଣନୀତି ରହିଛି। ଉତ୍ତର ପ୍ରଦେଶ ଖାସ୍ କରି ପୂର୍ବାଞ୍ଚଳରେ ଓବିସିଙ୍କ ଏକ ବଡ଼ ଭୋଟ ବ୍ୟାଙ୍କ ରହିଛି। ପଙ୍କଜ ଚୌଧୁରୀଙ୍କ ପରି ମଜଭୁତ କୁର୍ମୀ ନେତାଙ୍କୁ କମାଣ ଦେଇ ବିଜେପି ବିରୋଧୀଙ୍କ ପିଏଡି (ପଛୁଆ, ଦଳିତ, ସଂଖ୍ୟାଲଘୁ) ସମୀକରଣକୁ ଚେକ୍ ଦେବାକୁ ଚାହୁଁଛି ଓ ଓବିସି ମତଦାତାଙ୍କ ମଧ୍ୟରେ ନିଜ ସ୍ଥିତି ମଜଭୁତ କରିବାକୁ ଚାହୁଁଛି।

### କର୍ଣ୍ଣାଟକ ନେତୃତ୍ୱ ପାଇଁ ଛକାପଞ୍ଝା

## ଶିବକୁମାରଙ୍କ ସପକ୍ଷରେ ବାହାରିଲେ ଇକବଲ



ବେଙ୍ଗାଲୁରୁ, ୧୪।୧୨: କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଡିକେ ଶିବକୁମାର ଏବଂ ସିଦ୍ଧରମୈୟାଙ୍କ ମଧ୍ୟରେ ଚାଲିଥିବା ଲଢ଼େଇ ଦିଲ୍ଲୀରେ ଶାନ୍ତ ପଡ଼ିଛି। କିନ୍ତୁ ଏବେ ରାଜନୈତିକ ତାପମାତ୍ରା ପୁଣି ଥରେ ଗରମ ହେବାର ସମ୍ଭାବନା ରହିଛି। ଶନିବାର କଂଗ୍ରେସ ବିଧାୟକ ଏଚ୍.ଏ. ଇକବାଲ ହୁସେନ କହିଛନ୍ତି ଯେ, କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଜାନୁଆରି ୬ କିମ୍ବା ୯ ସୁଦ୍ଧା ରାଜ୍ୟର ମୁଖ୍ୟମନ୍ତ୍ରୀ ହେବେ। ରାମନଗର ବିଧାୟକ ତଥା ଶିବକୁମାରଙ୍କ ଜଣେ ଦୃଢ଼ ସମର୍ଥକ ହୁସେନ କହିଛନ୍ତି ଯେ, ଶିବକୁମାର ମୁଖ୍ୟମନ୍ତ୍ରୀ ହେବାର ୯୯% ସମ୍ଭାବନା ଅଛି। ସେ କହିଛନ୍ତି, ଶିବକୁମାରଙ୍କୁ ସୁଯୋଗ ଦେବା ପାଇଁ ସିଦ୍ଧରମୈୟାଙ୍କର ମୁଖ୍ୟମନ୍ତ୍ରୀ ପଦ ଛାଡିବା ଉଚିତ୍। ନିର୍ଦ୍ଧାରିତ ତାରିଖର ଗୁରୁତ୍ୱ ବିଷୟରେ ପଚରାଯିବାରୁ, ହୁସେନ କହିଥିଲେ, ମୁଁ ଜାଣିନାହିଁ, ଏହା କେବଳ ଏକ ସଂଖ୍ୟା। ସମସ୍ତେ ସମାନ କଥା କହୁଛନ୍ତି, ଏହା ଜାନୁଆରି ୬ କିମ୍ବା ଜାନୁଆରି ୯ ହୋଇପାରେ। ହୁସେନ ଖୋଲାଖୋଲି ଭାବରେ ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ତାଙ୍କର ଇଚ୍ଛା ପ୍ରକାଶ କରିଥିଲେ। କର୍ଣ୍ଣାଟକ ବିଧାନସଭାରେ କଂଗ୍ରେସ ୧୪୦ ବିଧାୟକଙ୍କ ସହିତ ବହୁମତ ହାସଲ କରିଛି ଏବଂ ନଭେମ୍ବର ୨୦ ତାରିଖରେ ଦଳ ନିଜ ସରକାରଙ୍କ ପାଞ୍ଚ ବର୍ଷର କାର୍ଯ୍ୟକାଳର ଅଧା ସମୟ ଅତିକ୍ରମ କରିଛି। ଏହି ସମୟରେ ନେତୃତ୍ୱକୁ ନେଇ ବିବାଦ ତୀବ୍ର ହୋଇଛି। ପିଢ଼ିଗତ ପରିବର୍ତ୍ତନର ଏକ ଅଂଶ ଭାବରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକାଳକୁ ୨.୫ ବର୍ଷ କାର୍ଯ୍ୟକାଳରେ ବିଭକ୍ତ କରିବା ପାଇଁ ଏକ ସମ୍ଭାବ୍ୟ ଚୁକ୍ତିନାମା ସମ୍ପର୍କରେ ରିପୋର୍ଟ ଆସିଛି। ଦଳ କିମ୍ବା କୌଣସି ନେତା ଏପରି ଚୁକ୍ତିନାମାକୁ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରି ନଥିଲେ ମଧ୍ୟ, କିଛି ଦିନ ପୂର୍ବରୁ ଶିବକୁମାର ଏକ ଗୁପ୍ତ ଚୁକ୍ତି ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହାକୁ ନେଇ ରାଜନୀତି ଉଷ୍ମ ହେବାରେ ଲାଗିଥିଲା।

## ଶ୍ରୀଲେଖା ହୋଇପାରନ୍ତି ତିରୁଅନନ୍ତପୁରମ ମେୟର

ନୂଆଦିଲ୍ଲୀ,୧୪।୧୨: କେରଳ ତିରୁଅନନ୍ତପୁରମ ନଗର ନିଗମରେ ବିଜେପି ବିଜୟୀ ହୋଇଛି। ଏହାପରେ ଗୋଟିଏ ନାଁ ଆର୍ ଶ୍ରୀଲେଖା ଏବେ ଦେଶରେ ଚର୍ଚ୍ଚାରେ ରହିଛି। କେରଳର ପ୍ରଥମ ମହିଳା ଆଇପିଏସ୍ ଅଧିକାରୀ ଆର୍ ଶ୍ରୀଲେଖା ରାଜଧାନୀ ତିରୁଅନନ୍ତପୁରମରେ ବିଜେପିର ପ୍ରଥମ ମେୟାର ହୋଇପାରନ୍ତି। ତିରୁଅନନ୍ତପୁରମ କର୍ପୋରେସନର ସଂସ୍ଥାମଙ୍ଗଲମ ଡିଭିଜନରୁ ସେ ବିଜୟୀ ହୋଇଛନ୍ତି।ନିକଟରେ ଶେଷ ହୋଇଥିବା ସ୍ଥାନୀୟ ନିର୍ବାଚନରେ ବିଜେପି ଐତିହାସିକ ସଫଳତା ହାସଲ କରିଥିଲା। ବିଜେପି ନେତୃତ୍ୱରେ ଏନଡିଏ ସହରରେ ୪୫ ବର୍ଷ ପରେ ବାମପନ୍ଥୀ ଶାସନକୁ ଶେଷ କରିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ବର୍ଷ ଆର୍ ଶ୍ରୀଲେଖା ବିଜେପିରେ ସାମିଲ ହୋଇଥିଲା। ତେବେ ମେୟାର ପ୍ରଶ୍ନ ଉପରେ ପାର୍ଟି ନିଷ୍ପତ୍ତି ନେବ ବୋଲି ସେ କହିଥିଲେ। ତିରୁଅନନ୍ତପୁରମରେ ଜନ୍ମିତ ଏବଂ ବଡ଼ ହୋଇଥିବା ଶ୍ରୀଲେଖା ଜାନୁଆରୀ ୧୯୮୭ରେ କେରଳର ପ୍ରଥମ ମହିଳା ଆଇପିଏସ୍ ଅଧିକାରୀ ହୋଇଥିଲେ।

### ରାମଲୀଳା ମଇଦାନରୁ ପ୍ରିୟଙ୍କା ଗାନ୍ଧୀଙ୍କ ରଣହୁଙ୍କାର

# ବାଲାଟ୍ ପେପରରେ ନିର୍ବାଚନ ଲଢ଼ିବାକୁ ବିଜେପିକୁ ଆହ୍ୱାନ

ନୂଆଦିଲ୍ଲୀ,୧୪।୧୨: ଦିଲ୍ଲୀର ରାମଲୀଳା ମଇଦାନରୁ ବିଜେପିକୁ ବଡ଼ ଆହ୍ୱାନ ଦେଇଛନ୍ତି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା। ସେ କହିଛନ୍ତି, ମୁଁ ବିଜେପିକୁ ବାଲାଟ୍ ପେପର ବ୍ୟବହାର କରି ନିରପେକ୍ଷ ନିର୍ବାଚନ ଲଢ଼ିବାକୁ ଚ୍ୟାଲେଞ୍ଜ କରୁଛି। ସେମାନେ କେବେ ଜିତିପାରିବେ ନାହିଁ ଏବଂ ବିଜେପି ଏହା ଜାଣେ। ଭୋଟ ଚୋରି ପ୍ରତିବାଦରେ ଦିଲ୍ଲୀର ରାମଲୀଳା ମଇଦାନରେ ଆୟୋଜିତ କଂଗ୍ରେସ ରାଲିରେ ସାଂସଦ ପ୍ରିୟଙ୍କା ଗାନ୍ଧୀ ଏହା କହିଛନ୍ତି। ସେ ସିଧାସଳଖ ବିଜେପିକୁ ବାଲାଟ୍ ପେପର ବ୍ୟବହାର କରି ନିର୍ବାଚନ ଲଢ଼ିବାକୁ ଚ୍ୟାଲେଞ୍ଜ କରିଛନ୍ତି।

ରବିବାର ଅନୁଷ୍ଠିତ ରାଲିରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଭୋଟ ଚୋରି ପ୍ରସଙ୍ଗରେ ବିଜେପିକୁ କଡ଼ା ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, 'ମୁଁ ବିଜେପିକୁ ଏକ ନିରପେକ୍ଷ ନିର୍ବାଚନ ଲଢ଼ିବାକୁ, ବାଲାଟ୍ ପେପର ବ୍ୟବହାର କରିବାକୁ ଚ୍ୟାଲେଞ୍ଜ କରୁଛି। ଦଳ ନିଜେ ଜାଣେ ଯେ, କେବେ ନିର୍ବାଚନ ଜିତିପାରିବ ନାହିଁ।' ପ୍ରିୟଙ୍କା କହିଛନ୍ତି, ଯେତେବେଳେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାଡ଼ଗେ ଏବଂ ସାଂସଦ ରାହୁଲ ଗାନ୍ଧୀ ସଂସଦରେ ଏସଆଇଆର ଏବଂ ଭୋଟ ଚୋରି ପ୍ରସଙ୍ଗ



ଉଠାଇଥିଲେ, ସେତେବେଳେ ମୋଦୀ ସରକାର ମାନିଲେ ନାହିଁ। ସରକାର ପ୍ରଥମେ ବନ୍ଦେ ମାତରମ୍ ଏବଂ ତା'ପରେ ଏସଆଇଆର ଓ ଭୋଟ ଚୋରି ଉପରେ ଆଲୋଚନା କରିବେ ବୋଲି କହିଥିଲେ।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ଗୃହରେ ବନ୍ଦେ ମାତରମ୍ ଉପରେ ଆଲୋଚନା କଲେ। କିନ୍ତୁ ମୋଦୀ ସରକାରଙ୍କ ପାଖରେ ଜନସାଧାରଣଙ୍କ ସମସ୍ୟାର ସମାଧାନ କରିବାର ସାହସ ନାହିଁ। ଏହି ସମୟରେ ପ୍ରିୟଙ୍କା ଗାନ୍ଧୀ ନିର୍ବାଚନ କମିଶନ ଏବଂ ବିଜେପି ଉପରେ ମଧ୍ୟ ଆରୋପ ଲଗାଇଛନ୍ତି। ସେ କହିଛନ୍ତି ଯେ, ଆଜି ବିଜେପିକୁ ନିର୍ବାଚନ କମିଶନର ଆବଶ୍ୟକତା ଅଛି। କାରଣ ଏହା ବିନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚନ ଜିତିପାରିବେ ନାହିଁ। ଆମେ ତିନି ଜଣ ନିର୍ବାଚନ କମିଶନ ଅଧିକାରୀଙ୍କ ନାମ ଭୁଲିବା ଉଚିତ୍ ନୁହେଁ, କାରଣ ଏହି ଲୋକମାନେ ଗଣତନ୍ତ୍ର ଉପରେ ଆକ୍ରମଣ କରୁଛନ୍ତି।

ଇତିହାସରେ ପ୍ରଥମ ଥର ପାଇଁ ବିରୋଧୀ କହୁଛନ୍ତି, ନିର୍ବାଚନ କମିଶନଙ୍କ ଉପରେ ଭରସା ନାହିଁ। ନିର୍ବାଚନରେ ପାଦେ ପାଦେ ସନ୍ଦେହ ସୃଷ୍ଟି କରୁଛି ନିର୍ବାଚନ କମିଶନଙ୍କ କାର୍ଯ୍ୟ। ଦେଶର ପ୍ରତି ପ୍ରତିଷ୍ଠାନକୁ ମୋଦୀ ସରକାର ନିଜର ସାମ୍ନାରେ ନୁଆଁଇ ଦେଇଛନ୍ତି ବୋଲି ପ୍ରିୟଙ୍କା ଅଭିଯୋଗ କରିଛନ୍ତି। ନିର୍ବାଚନ କମିଶନଙ୍କୁ ଟାର୍ଗେଟ କରି କଂଗ୍ରେସ ସାଂସଦ କହିଛନ୍ତି ଯେ, ଦେଶ ଏହି ତିନି ନିର୍ବାଚନ କମିଶନର ଜ୍ଞାନେଶ କୁମାର, ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଯୋଶୀଙ୍କ ନାମ କେବେ ଭୁଲିବ ନାହିଁ। ମୋଦୀ ସରକାର ସେମାନଙ୍କୁ ଯେତେ ସୁରକ୍ଷା ଦେବାକୁ ଚେଷ୍ଟା କଲେ ମଧ୍ୟ, ଗୋଟିଏ ଦିନ ସେମାନଙ୍କୁ ଦେଶକୁ ଜବାବ ଦେବାକୁ ପଡିବ। ସେମାନେ ଆମର ଭୋଟ ଦେବାର ଅଧିକାର କିପରି ଛଡ଼ାଇ ନେବାକୁ ଚେଷ୍ଟା କରିଥିଲେ ସେନେଇ ସେମାନେ ଜବାବ ଦେବେ। ଏହି ଲୋକମାନେ କିପରି ଷଡ଼ଯନ୍ତ୍ର କରିଥିଲେ, ସେନେଇ ଦେଶବାସୀଙ୍କୁ କହିବେ।

## ଆମେରିକାରେ ଗୁଳିକାଣ୍ଡ, ୨ ମୃତ, ୮ ଗୁରୁତର



ୱାଶିଂଟନ, ୧୪।୧୨ : ଆମେରିକା ୟୁନିଭର୍ସିଟିର ବାରୁସ୍ ଆଣ୍ଡ ହୋଲି ବିଲ୍ଡିଂରେ ଫାଇନାଲ ପରୀକ୍ଷା ଚାଲିଥିବା ବେଳେ ବଡ଼ ଧରଣର ଗୁଳିକାଣ୍ଡ ଘଟିଛି। କଳା ପୋଷାକ ପିନ୍ଧିଥିବା ଜଣେ ସନ୍ଦିଗ୍ଧ ଆସି ଆଖିବୁଜା ଗୁଳିମାଡ଼ କରିଥିଲା। ଘଟଣାସ୍ଥଳରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୮ ଜଣ ଆହତଙ୍କୁ ରୋଡ୍ ଆଇଲ୍ୟାଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତାହତଙ୍କ ସଂଖ୍ୟା ବଢିପାରେ ବୋଲି ଆଶଙ୍କା କରାଯାଉଛି।

ଗୁଳିମାଡ଼ କରିବା ପରେ ସନ୍ଦିଗ୍ଧ ଜଣକ ହୋପ୍ ଷ୍ଟ୍ରିଟ୍ ଆଡକୁ ଚାଲି ଚାଲି ଯାଇ ଫେରାର ହୋଇଯାଇଥିଲା। ଆକ୍ରମଣର କାରଣ ଜଣାପଡିନାହିଁ। ପ୍ରଥମେ ଜଣେ ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇଥିବାବେଳେ ପରେ ତାକୁ ଛାଡିଦିଆଯାଇଛି। ସୁରକ୍ଷା ଦୃଷ୍ଟିରୁ ଲୋକଙ୍କୁ ଘର ଭିତରୁ ନବାହାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ଥାନୀୟ ପୋଲିସ ସହ ଏଫବିଆଇ ଓ ଏଟିଏଫ୍ ଘଟଣାର ତଦନ୍ତ କରୁଛନ୍ତି। ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ଶାନ୍ତି ବଜାୟ ରଖିବାକୁ ଅପିଲ୍ କରିଛନ୍ତି ମେୟର ବ୍ରେଟ୍ ସ୍ମାଇଲି ଓ ଗଭର୍ଣ୍ଣର ଡାନ୍ ମ୍ୟାକିକ୍।

## ଲୁଧିଆନା ୱେଷ୍ଟଏଣ୍ଡ ମଲ୍‌ରେ ଭୟଙ୍କର ଅଗ୍ନିକାଣ୍ଡ



ଲୁଧିଆନା,୧୪।୧୨ : ଲୁଧିଆନାର ୱେଷ୍ଟଏଣ୍ଡ ମଲରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ପ୍ରଥମ ମହଲାରେ ଥିବା ଡ୍ରେସ୍ ଶୋ'ରୁମରେ ଅଗ୍ନିକାଣ୍ଡ ଘଟିବାରୁ ସେହି ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏପରି ଘଟଣା ବିଳମ୍ବିତ ରାତିରେ ଘଟିଛି। ଅଗ୍ନିକାଣ୍ଡ ହେବା ମାତ୍ରେ ସମ୍ପୂର୍ଣ୍ଣ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ସାଇରନ୍ ବାଜିବା ମାତ୍ରେ ତୁରନ୍ତ ସମସ୍ତେ ଜୀବନ ରକ୍ଷା କରିବା ପାଇଁ ଦୌଡିବାକୁ ଲାଗିଥିଲେ । କିନ୍ତୁ ସେହି ସମୟରେ ଅଧିକାଂଶ ଦୋକାନ ବନ୍ଦ ଥିଲା । ସୌଭାଗ୍ୟବଶତଃ ଅଗ୍ନିଶମ ବାହିନୀ ସମୟ ମଧ୍ୟରେ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଥିଲେ। ଏହା ବ୍ୟତୀତ ଏଥିରେ କୌଣସି ଆହତ ହୋଇଥିବାର ସୂଚନା ନାହିଁ। ସୂଚନାନୁଯାୟୀ, ବିଳମ୍ବିତ ରାତିରେ ୱେଷ୍ଟଏଣ୍ଡ ମଲରେ ଅଗ୍ନିକାଣ୍ଡ ଘଟିଥିଲା। ସେହି ସମୟରେ ଅଧିକାଂଶ ଦୋକାନ ବନ୍ଦ ଥିଲା। କିନ୍ତୁ କିଛି ଲୋକ ମଲ୍ଟିପ୍ଲେକ୍ସରେ ଫିଲ୍ମ ଦେଖୁଥିଲେ। ନିଆଁ ବ୍ୟାପିବା ପରେ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିଲା। ସେମାନଙ୍କୁ ତୁରନ୍ତ ସୁରକ୍ଷିତ ଭାବେ ବାହାରକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ କୌଣସି ଆହତଙ୍କ ସୂଚନା ନାହିଁ। ଏପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ମଧ୍ୟ ଅସ୍ପଷ୍ଟ ରହିଛି। ତେଣୁ ବର୍ତ୍ତମାନ ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।

### ଗୋଆ ନାଇଟ୍ କ୍ଲବ ଦୁର୍ଘଟଣା ପରେ ବଡ଼ ନିଷ୍ପତ୍ତି

# ଦିଲ୍ଲୀରେ ଖ୍ରୀଷ୍ଟମାସ୍ ଏବଂ ନୂଆବର୍ଷ ପାର୍ଟିରେ ଫୁଟିବନି ବାଣ

ନୂଆଦିଲ୍ଲୀ ୧୪।୧୨: ୨୦୨୫ ସରିବାକୁ ଯାଉଛି। ଏହା ପୂର୍ବରୁ ରାଜଧାନୀ ଦିଲ୍ଲୀ ନୂତନ ବର୍ଷକୁ ସ୍ୱାଗତ ପାଇଁ ପ୍ରସ୍ତୁତ ହେଉଛି। ଖ୍ରୀଷ୍ଟମାସ ଏବଂ ନୂଆ ବର୍ଷ ପାଳନ ପାଇଁ ଦିଲ୍ଲୀର କ୍ଲବ, ରେଷ୍ଟୁରାଣ୍ଟ ଏବଂ ହୋଟେଲ ସଜେଇ ହୋଇଛି। ତେବେ ଏହି ବର୍ଷର ଉତ୍ସବରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିଛି। ଏବେ ଏହି ସମସ୍ତ ସ୍ଥାନରେ ବାଣ ଫୁଟାଇବା ଉପରେ କଡ଼ା ନିଷେଧ ରହିଛି। ନିକଟରେ ଗୋଆର ଏକ ନାଇଟ୍ କ୍ଲବରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡ ପରେ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଡିସେମ୍ବର ୧୦ ତାରିଖରେ ଦିଲ୍ଲୀ ଅବକାରୀ ବିଭାଗ ସମସ୍ତ ହୋଟେଲ, କ୍ଲବ ଏବଂ ରେଷ୍ଟୁରାଣ୍ଟ ଲାଇସେନ୍ସ ଧାରକଙ୍କୁ କଡ଼ା ଚେତାବନୀ ଦେଇଛି। ବିଭାଗ ନିର୍ଦ୍ଦେଶ ଦେଇଛି ଯେ, ଆବଶ୍ୟକ ଏବଂ ସମସ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ଆବଶ୍ୟକ। ଏହି ନିୟମ ଉଲ୍ଲଂଘନ କଲେ ଦିଲ୍ଲୀ ଅବକାରୀ ଆଇନ, ୨୦୦୯ ଏବଂ ନିୟମ ୨୦୧୦ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଯଦି ଅବହେଳା ଦେଖାଯାଏ, ତେବେ ସମ୍ପୃକ୍ତ ପ୍ରତିଷ୍ଠାନର ଲାଇସେନ୍ସକୁ ବାତିଲ କରାଯାଇପାରେ।

ନିକଟରେ ଗୋଆର ଏକ ନାଇଟ୍ କ୍ଲବରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡ ସମଗ୍ର ଦେଶକୁ ଚକିତ କରିଦେଇଛି। ଏହି ଦୁଃଖଦ ଘଟଣାରେ ଅତି କମରେ ୨୫ ଜଣ ପ୍ରାଣ ହରାଇଛନ୍ତି। ଏହି ଘଟଣାକୁ ଦୃଷ୍ଟିରେ ରଖି ଦିଲ୍ଲୀ ଅବକାରୀ ବିଭାଗ ସ୍ପଷ୍ଟ କରିଛି ଯେ ନୂଆ ବର୍ଷର ପୂର୍ବ ସନ୍ଧ୍ୟାରେ ପାର୍ଟି ସମୟରେ ସୁରକ୍ଷା ସହିତ କୌଣସି ସାଲିସ କରାଯିବ ନାହିଁ। ବିଭାଗ ନିଷ୍ପତ୍ତି ନେଇଛି, ରାଜଧାନୀର କ୍ଲବ, ରେଷ୍ଟୁରାଣ୍ଟ ଏବଂ ବାର ଗୁଡ଼ିକରେ ଉତ୍ସବ ନାମରେ କୌଣସି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ଏବଂ ସମସ୍ତ ପ୍ରତିଷ୍ଠାନକୁ ସୁରକ୍ଷା ମାନଦଣ୍ଡକୁ କଡ଼ାକଡ଼ି ପାଳନ କରିବାକୁ ପଡିବ।

## ଆଜି ସିଆଇସି ଭାବରେ ଶପଥ ନେବେ ରାଜକୁମାର ଗୋଏଲ

ନୂଆଦିଲ୍ଲୀ,୧୪।୧୨: ପୂର୍ବତନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ରାଜକୁମାର ଗୋଏଲ ସୋମବାର ଦିନ ମୁଖ୍ୟ ସୂଚନା କମିସନର (ସିଆଇସି) ଭାବରେ ଶପଥ ଗ୍ରହଣ କରିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗଠିତ ତିନି ସଦସ୍ୟ ବିଶିଷ୍ଟ କମିଟି ଗୋଏଲଙ୍କ ନାମ ସୁପାରିସ କରିଥିଲେ। ଗୋଏଲ ଅରୁଣାଚଳ ପ୍ରଦେଶ-ଗୋଆ-ମିଜୋରାମ-କେନ୍ଦ୍ରଶାସିତ ଅଞ୍ଚଳ କ୍ୟାଡରର ୧୯୯୦ ବ୍ୟାଚ୍ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ। ସେ ଅଗଷ୍ଟ ୩୧ ତାରିଖରେ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟ ଅଧୀନରେ ଥିବା ନ୍ୟାୟ



ବିଭାଗରେ ସଚିବ ଭାବରେ ଅବସର ନେଇଥିଲେ। ସେ ଗୃହ ମନ୍ତ୍ରଣାଳୟରେ ସୀମା ପରିଚାଳନା ସଚିବ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ଏହା ସହିତ କେନ୍ଦ୍ର ଏବଂ ଜମ୍ମୁ-କଶ୍ମୀରରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ବୁଧବାର ଦିନ ବୈଠକରେ କେନ୍ଦ୍ରୀୟ ସୂଚନା କମିସନଙ୍କୁ ଆଠ ଜଣ ସୂଚନା କମିସନରଙ୍କ ନାମ ସୁପାରିସ କରିଥିଲେ। ସୂଚନା କାର୍ଯ୍ୟକର୍ତ୍ତାଙ୍କ ଅନୁଯାୟୀ, ନବନିର୍ବାଚିତ ମୁଖ୍ୟ ସୂଚନା କମିସନର ଏବଂ ସୂଚନା କମିସନରମାନେ ଦାୟିତ୍ୱ ଗ୍ରହଣ କରିବା ପରେ, ନଅ ବର୍ଷରୁ ଅଧିକ ସମୟ ପରେ କମିସନ ଏବେ ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟ କରିବେ।

### ଜାତିସଂଘର ବିଲ୍ଡିଂ ଉପରେ ଡ୍ରୋନ୍ ଆକ୍ରମଣ

## ୬ ଶାନ୍ତିଦୂତଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୧୪।୧୨: ସୁଦାନର ଦକ୍ଷିଣ କୋର୍ଡୋଫାନ ଅଞ୍ଚଳରେ ଥିବା ଏକ ଜାତିସଂଘ କୋଠା ଉପରେ ବଡ଼ ଆକ୍ରମଣ ହୋଇଛି। ଏହି ଆକ୍ରମଣରେ ୬ ଜଣ ଜାତିସଂଘର ଶାନ୍ତିଦୂତଙ୍କ ମୃତ୍ୟୁ ଘଟିଛି। ମୃତକ ବାଂଲାଦେଶୀ ନାଗରିକ ଥିଲେ। ଏହି ଆକ୍ରମଣରେ ଅନ୍ୟ ୬ ଜଣ ଶାନ୍ତିଦୂତ ମଧ୍ୟ ଆହତ ହୋଇଛନ୍ତି। ଢାକା ଏହି ଆକ୍ରମଣକୁ ନିନ୍ଦା କରିଛି। ଜାତିସଂଘ ମଧ୍ୟବର୍ତ୍ତୀକାଳୀନ ସୁରକ୍ଷା ବଳ ଏନେଇ ସ୍ପଷ୍ଟ କରିଛି।

# କୋର୍ଟ ନିଷ୍ପତ୍ତି ସରଳ ଭାଷାରେ ଲେଖାଯିବା ଉଚିତ: ସିଜେଆଇ

ନୂଆଦିଲ୍ଲୀ,୧୪।୧୨: ଅତ୍ୟଧିକ ଜଟିଳ ଆଇନଗତ ଭାଷାର ବ୍ୟବହାର ହ୍ରାସ କରିବାକୁ ନ୍ୟାୟପାଳିକାକୁ ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ଏହା ଜନସାଧାରଣ ଏବଂ ନ୍ୟାୟ ମଧ୍ୟରେ ଦୂରତା ସୃଷ୍ଟି କରେ। କୋର୍ଟର ନିଷ୍ପତ୍ତି ସ୍ପଷ୍ଟ ଏବଂ ସରଳ ଭାଷାରେ ଲେଖାଯିବା ଉଚିତ, ଯାହା ଦ୍ୱାରା ଲୋକମାନେ ତାହା ବୁଝିପାରିବେ। ଶନିବାର ୱେଷ୍ଟ ଜୋନ୍ ରିଜନାଲ୍ ସମ୍ମିଳନୀରେ ବକ୍ତବ୍ୟ ରଖି ସେ ଏହା କହିଥିଲେ।

ଲାଇଭ୍ ଲ' ରିପୋର୍ଟ ଅନୁଯାୟୀ, ଭାରତର ପ୍ରଧାନ ବିଚାରପତି କହିଥିଲେ ଯେ ଯଦି ନ୍ୟାୟ ସ୍ପଷ୍ଟ ଏବଂ ବୁଝିବାଯୋଗ୍ୟ ନୁହେଁ, ତେବେ ଏହା ଯେଉଁମାନଙ୍କୁ ପାଇଁ, ସେମାନଙ୍କ ପାଇଁ ମହତ୍ୱ କମ ହୋଇପାରେ। ସେ କହିଥିଲେ ଯେ, କୋର୍ଟ ନିଷ୍ପତ୍ତି



କେବଳ ଶୈକ୍ଷିକ ଆଲୋଚନା ନୁହେଁ, ବରଂ ଲୋକଙ୍କ ଅଧିକାର ଏବଂ ଦାୟିତ୍ୱ ସ୍ଥିର କରେ। ଯେତେବେଳେ ନିଷ୍ପତ୍ତିର ଭାଷା ଏବଂ ଗଠନ ଭିନ୍ନ ଭିନ୍ନ ହୁଏ, ତେବେ ସାଧାରଣ ଲୋକଙ୍କ ପାଇଁ ଏହାର ଅର୍ଥ ବୁଝିବା କଷ୍ଟକର ହୋଇପଡ଼େ। ଜଟିଳ ଆଇନଗତ ଭାଷା ଯୋଗୁ ହେଉଥିବା ଅସୁବିଧାକୁ ବୁଝାଇ, ସିଜେଆଇ ସେହି ଲୋକମାନଙ୍କର ଦୁର୍ଦ୍ଦଶା ବର୍ଣ୍ଣନା କରିଥିଲେ, ଯେଉଁମାନେ ମାମଲା ଜିତିବା ପରେ ମଧ୍ୟ ସେମାନଙ୍କୁ ମିଳିଥିବା ଆଶ୍ୱସ୍ତି ବୁଝିପାରି ନଥାନ୍ତି। ସେ କହିଥିଲେ ଆଦେଶରେ ବ୍ୟବହୃତ ଭାଷା ଅତ୍ୟନ୍ତ ବୈଷୟିକ, ଅସ୍ପଷ୍ଟ ଏବଂ ଜଟିଳ ହେଲେ ଯାହା ସାଧାରଣ ଲୋକଙ୍କ ପାଇଁ ବୁଝିବା ପ୍ରାୟ ଅସମ୍ଭବ।

ପ୍ରଧାନ ବିଚାରପତି କହିଥିଲେ ଯେ, ନ୍ୟାୟିକ ଲେଖାରେ ସମାନତା ଅର୍ଥ ହେଉଛି ସ୍ପଷ୍ଟ ରାୟ, ବୁଝିବାରେ ସହଜ ଏବଂ ନିର୍ଭରଯୋଗ୍ୟ। ସେ କହିଥିଲେ ଯେ, ଏଥିପାଇଁ ଏପରି ଉପାୟ ଆପଣାଇବା ଦରକାର, ଯେଉଁଥିରେ କମ ଶବ୍ଦରେ ସ୍ପଷ୍ଟ ଯୁକ୍ତି ଥିବ ଏବଂ ଆଦେଶର ଜରୁରୀ ନିର୍ଦ୍ଦେଶ ସ୍ପଷ୍ଟ ଭାବେ ଲେଖା ଥିବ। ପ୍ରଯୁକ୍ତିର ପ୍ରକୃତ ଲାଭ ଏହାର ଜଟିଳତାରେ ନାହିଁ, ବରଂ ସାଧାରଣ ଲୋକ ତାଙ୍କ ମାମଲାର ନିଷ୍ପତ୍ତିକୁ କେତେ ସହଜରେ ବୁଝିପାରିବେ ଏବଂ ଏହା ନ୍ୟାୟପୂର୍ଣ୍ଣ କି ନାହିଁ ତାହା ଉପରେ ନିର୍ଭର କରେ। ନୂତନ ଉପକରଣଗୁଡ଼ିକ ଏବେ ନ୍ୟାୟକୁ ବୁଝିବା ସହଜ କରୁଥିବା କାର୍ଯ୍ୟ କରିପାରିବ, ଯେପରିକି ସରଳ ଭାଷାରେ ବିଚାର ଲେଖିବା ଏବଂ ତୁରନ୍ତ ସେଗୁଡ଼ିକୁ ବିଭିନ୍ନ ଭାଷାରେ ଅନୁବାଦ କରିବା ଯାହା ଦ୍ୱାରା ଅଧିକ ଲୋକ ବୁଝିପାରିବେ। ସ୍ପଷ୍ଟତା କେବଳ ଭାଷାରେ ନୁହେଁ ବରଂ ରାୟରେ ମଧ୍ୟ ରହିବା ଉଚିତ। ସେ ପରାମର୍ଶ ଦେଇଥିଲେ ଯେ, ସମାନ ଆଇନଗତ ପ୍ରଶ୍ନ ସମ୍ବନ୍ଧୀୟ ମାମଲାଗୁଡ଼ିକୁ ଏକତ୍ରିତ କରାଯିବା ଉଚିତ, ଯାହା ଦ୍ୱାରା ନିଷ୍ପତ୍ତିଗୁଡ଼ିକ ସ୍ଥିର ରହିବ।

# ତୃତୀୟ ଟି-୨୦: ୭ ୱିକେଟ୍‌ରେ ଜିତିଲା ଭାରତ



**ସିରିଜରେ ୨-୧ରେ ଆଗୁଆ**

**ଧର୍ମଶାଳା,୧୪।୧୨:** ବୋଲରଙ୍କ ଦମଦାର ପ୍ରଦର୍ଶନ ବଳରେ ଭାରତ ଧର୍ମଶାଳାରେ ଖେଳାଯାଇଥିବା ଟି-୨୦ ମ୍ୟାଚକୁ ୭ ୱିକେଟରେ ଜିତି ନେଇଛି। ସହଜ ବିଜୟ ସହ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜରେ ଭାରତ ୨-୧ରେ ଅଗ୍ରଣୀ ହାସଲ କରିଛି। ଦକ୍ଷିଣ ଆଫ୍ରିକା ଦ୍ୱାରା ଧାର୍ଯ୍ୟ ୧୧୮ ରନର ବିଜୟ ଲକ୍ଷ୍ୟକୁ ଭାରତ ୧୫.୫ ଓଭରରେ ୩ ୱିକେଟ୍ ହରାଇ ହାସଲ କରିଛି। ଅଭିଷେକ ଶର୍ମା ସର୍ବାଧିକ ୩୫ ରନ କରିଥିବା ବେଳେ ତିଳକ ବର୍ମା ଅପରାଜିତ ୨୫ ରନ କରିଛନ୍ତି। ଦ. ଆଫ୍ରିକା ପକ୍ଷରୁ ଆଡେନ ମାର୍କରାମ ୬୧ ରନ କରିଥିଲେ। ସିରିଜର ଚତୁର୍ଥ ମ୍ୟାଚ୍ ଡିସେମ୍ବର ୧୭ରେ ଲକ୍ଷ୍ନୌରେ ଖେଳାଯିବ।

୧୧୮ ରନର ସହଜ ବିଜୟ ଲକ୍ଷ୍ୟ ପିଛା କରିଥିବା ଭାରତର ଦୁଇ ଓପନର ଅଭିଷେକ ଶର୍ମା ଓ ଶୁଭମନ ଗିଲ୍ ଦମଦାର ଆରମ୍ଭ ଦେଇଥିଲେ। ବିଶେଷ କରି ଅଭିଷେକ ବିସ୍ଫୋରକ ବ୍ୟାଟିଂ କରିଥିଲେ। ୫.୨ ଓଭରରେ ଦୁଇ ବ୍ୟାଟର ୬୦ ରନ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ। ଅଭିଷେକ ୧୮ ବଲରୁ ୩ ଚୌକା ଓ ୩ ଛକା ସହ ୩୫ ରନ କରି ଆଉଟ୍ ହୋଇଥିଲେ। ଏହା ପରେ ଗିଲ୍ ଓ ତିଳକ ବର୍ମା ୩୨ ରନ ଯୋଡ଼ିଥିଲେ। ଫର୍ମ ଲାଗି ସଂଘର୍ଷ କରୁଥିବା ଗିଲ୍ ୨୮ ବଲରୁ ୨୮ ରନ କରିଥିଲେ। ସୂର୍ଯ୍ୟକୁମାର ଯାଦବ(୧୨ ରନ) ପୁଣି ନିରାଶ କରିଥିଲେ। ତିଳକ ବର୍ମା ୨୫ ରନ ଓ ଶିବମ ଦୁବେ ୧୦ ରନ ଅପରାଜିତ ରହି ଦଳକୁ ଜିତାଇଛନ୍ତି। ଭାରତ ୧୫.୫ ଓଭରରେ ୩ ୱିକେଟ୍ ହରାଇ ମ୍ୟାଚକୁ ସହଜରେ ଜିତି ନେଇଛି।

ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା। ଦଳକୁ ପ୍ରଥମ ଓଭରରେ ଝଟକା ଦେଇଥିଲେ ଅର୍ଶଦୀପ ସିଂ। ରିଜା ହେଣ୍ଡ୍ରିକ୍ସ ଖାତା ଖୋଲି ପାରି ନ ଥିଲେ। ପୁଣି କ୍ୱିଣ୍ଟନ ଡିକକ(୧) ପାଭିଲିୟନ ଫେରିଥିଲେ। ୭ ରନ ସ୍କୋରରେ ବ୍ରେଭିସ(୨) ହର୍ଷିତ ରାଣାଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ଗୋଟିଏ ପଟେ ଅଧିନାୟକ ଆଡେନ ମାର୍କରାମ ମୋର୍ଚ୍ଚା ସମ୍ଭାଳିଥିବା ବେଳେ ଅନ୍ୟପଟେ କୌଣସି ବ୍ୟାଟର ଭାରତୀୟ ବୋଲରଙ୍କ ମୁକାବିଲା କରିପାରି ନ ଥିଲେ। ଟ୍ରିଷ୍ଟନ ଷ୍ଟବ୍ସ ୯ ରନ, କୋର୍ବିନ ବୋଶ ୪ ରନ କରି ନିରାଶ କରିଥିଲେ। ଡୋନଭାନ ଫେରେରା ୨୦ ରନ କରିବା ସହ ଦୁଇ ଅଙ୍କ ଛୁଇଁ ପାରି ଥିଲେ। ମାର୍କୋ ଜନସେନ ୨ ରନ ଏବଂ ଓଟନିଲ ବାର୍ଟମ୍ୟାନ ୧ ରନ କରି ପାଭିଲିୟନ ଫେରିଥିଲେ। ଅଧିନାୟକ ଆଡେନ ମାରକ୍ରମ ୪୬ ବଲରୁ ୬୧ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଏଥିରେ ୬ ଚୌକା ଓ ୨ ଛକା ସାମିଲ୍। ଶେଷରେ ଭ୍ରମଣକାରୀ ଦଳ ୧୧୭ ରନ କରି ପାରିଛି। ବୋଲିଂରେ ଭାରତ ପକ୍ଷରୁ ଅର୍ଶଦୀପ ସିଂ, ବରୁଣ ଚକ୍ରବର୍ତ୍ତୀ, କୁଳଦୀପ ଯାଦବ, ହର୍ଷିତ ରାଣା ପ୍ରତ୍ୟେକ ୨ଟି ଲେଖାଏ ୱିକେଟ୍ ଅକ୍ତିଆର କରିଥିବା ବେଳେ ହାର୍ଦ୍ଦିକ ଓ ଦୁବେ ଅନ୍ୟ ଦୁଇଟି ୱିକେଟ୍ ବାଣ୍ଟିନେଇଥିଲେ।

## ଯାତ୍ରା ଅଭିନେତ୍ରୀ ସୋନାଲିଙ୍କ ସ୍ୱାମୀ ଗିରଫ



**କୃଷ୍ଣପ୍ରସାଦ,୧୪।୧୨(ସଂଚାର ବ୍ୟୁରୋ):** ଯାତ୍ରା ସମ୍ରାଟ ତୁଳସୀ ଗଣନାଟ୍ୟର ନାୟିକା ସୋନାଲିଙ୍କ ଅଭିଯୋଗକ୍ରମେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ପୁଲିସ ସ୍ୱାମୀ ଶ୍ରୀକ୍ଷେତ୍ର ସାମନ୍ତସିଂହାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶ୍ରୀକ୍ଷେତ୍ରଙ୍କ ଗିରଫଦାରୀକୁ ନେଇ ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଛି। ଗିରଫ ପଛରେ ଯାତ୍ରା ମାଲିକଙ୍କ ଷଡ଼ଯନ୍ତ୍ର ଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ନୂଆପଡ଼ା ପଞ୍ଚାୟତ ଖଟିସାହି ଗ୍ରାମର ଶ୍ରୀକ୍ଷେତ୍ର ସାମନ୍ତସିଂହାର(ଜନ) ୨୦୧୪ ମସିହାରେ କୃଷ୍ଣପ୍ରସାଦ ପଞ୍ଚାୟତ ସାନଅଁଳ ଗ୍ରାମର କାଗଜି ପଲେଇ ଓରଫ ସୋନାଲି ପଣ୍ଡାଙ୍କୁ ଭଲପାଇ ବିବାହ କରିଥିଲେ। ୨୦୧୬ ମସିହାରେ ତାଙ୍କର ଏକମାତ୍ର ପୁତ୍ର ଯଶରାଜ ସାମନ୍ତସିଂହାର ଜନ୍ମ ହୋଇଥିଲା। ଶ୍ରୀକ୍ଷେତ୍ର ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ ସୁଦ୍ଧା ପରିବାର ଚଳାଇବା ଆଶାରେ ସ୍ତ୍ରୀ କାଗଜିଙ୍କ ସହ ଯାତ୍ରା ଦୁନିଆରେ ପାଦ ଆପି ତୁଳସୀ ଗଣନାଟ୍ୟରେ ଯୋଗ ଦେଇଥିଲେ। ସେଠାରେ ଯାତ୍ରା ମାଲିକ ଅନନ୍ତ ନାରାୟଣ ଧଳ(ନାଣ୍ଟୁ) ଉଭୟଙ୍କୁ ଆଶ୍ରୟ ଦେଉଥିବା ବେଳେ ନାୟିକା ଭାବେ କାଗଜିଙ୍କ ପରିଚୟ ବୃଦ୍ଧି ପାଇବାରୁ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଫାଟ ସୃଷ୍ଟି କରି ବିଚ୍ଛେଦ କରିଥିବା ଶ୍ରୀକ୍ଷେତ୍ରଙ୍କ ପରିବାର ଠାରୁ ସୂଚନା ମିଳିଛି। ସ୍ୱାମୀ ଶ୍ରୀକ୍ଷେତ୍ର ସ୍ତ୍ରୀ କାଗଜିଙ୍କୁ ପାଇବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରିଥିଲେ ସୁଦ୍ଧା ଅଦ୍ୟାବଧି ୧୦ ବର୍ଷର ପୁତ୍ର ସନ୍ତାନଙ୍କୁ ନେଇ ବିଭିନ୍ନ ସମସ୍ୟା ସମ୍ମୁଖୀନ ହେଉଥିବା ବେଳେ ସ୍ତ୍ରୀ କାଗଜିଙ୍କ ଅଭିଯୋଗ କ୍ରମେ କୃଷ୍ଣପ୍ରସାଦ ପୁଲିସ ଭୁବନେଶ୍ୱରସ୍ଥିତ ଫରେଷ୍ଟ ପାର୍କରୁ ଶ୍ରୀକ୍ଷେତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଯାତ୍ରା ତୁଳସୀ ଗଣନାଟ୍ୟ କୃଷ୍ଣପ୍ରସାଦ ସୀମାନ୍ତ ଗଞ୍ଜାମ ଜିଲ୍ଲା ଅରୁଣପୁରରେ ରବିବାର ଯାତ୍ରା ଆୟୋଜନ କରାଯାଇଥିବାରୁ ଯାତ୍ରା ମାଲିକଙ୍କ ଷଡ଼ଯନ୍ତ୍ରରେ ପୁଲିସ ପ୍ରଶାସନ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି।

● ପରକୀୟା ପ୍ରୀତି ସନ୍ଦେହ

## ସ୍ୱାମୀଙ୍କୁ ତଣ୍ଟି ଚିପି ହତ୍ୟାକଲା ସ୍ତ୍ରୀ

**ଖଣ୍ଡପଡ଼ା,୧୪।୧୨(ସଂଚାର ବ୍ୟୁରୋ):** ମାତ୍ର ୬ ମାସ ତଳେ ପ୍ରେମ ବିବାହ କରିଥିଲେ ଦମ୍ପତି। ତେବେ ଯେଉଁ ହାତରେ ସ୍ୱାମୀଙ୍କୁ ବରଣ ମାଳା ପିନ୍ଧାଇଥିଲେ ସେଇ ହାତରେ ସ୍ୱାମୀର ଜୀବନ ନେଇଛି ସ୍ତ୍ରୀ। ନିଜ ମଥାର ସିନ୍ଦୂର ପୋଛିଲା ନିଜେ ସ୍ତ୍ରୀ। ଖଣ୍ଡପଡ଼ା ବ୍ଲକ ଖଳିସାହି ପଞ୍ଚାୟତରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଅଭିଯୋଗ ପରେ ପୁଲିସ ସମ୍ପୃକ୍ତ ମହିଳାଙ୍କୁ ଥାନାରେ ଅଟକ ରଖିଛି। ଖଳିସାହି ପଞ୍ଚାୟତ ଅଧୀନ ବାସୁଦେବପୁର ଗ୍ରାମରେ ସ୍ୱାମୀଙ୍କୁ ତଣ୍ଟି ଚିପି ସ୍ତ୍ରୀ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ପରକୀୟା ପ୍ରୀତିରୁ ହତ୍ୟା ସନ୍ଦେହ ପ୍ରକାଶ ପାଇଥିବା ବେଳେ ଅଭିଯୁକ୍ତ ସ୍ତ୍ରୀଙ୍କୁ ଥାନାକୁ ଉଠାଇ ଆଣି ତଦନ୍ତ କରାଯାଉଥିବା ସୂଚନା ମିଳିଛି। ଅନୁଗୁଳ ସ୍ଥିତ ଓଡ଼ିଶା ସ୍କିଲ ଡେଭଲପମେଣ୍ଟ ସଂସ୍ଥାରେ କାର୍ଯ୍ୟ କରୁଥିଲେ ବାପୁନି। ଗତ ୬ ମାସ ତଳେ ଜଟଣୀ ଅଞ୍ଚଳର ଲକି ନାୟକ(୩୨)ଙ୍କୁ ପ୍ରେମ ବିବାହ କରିଥିଲେ। ତେବେ ଶୁକ୍ରବାର ରାତି ପ୍ରାୟ ଗୋଟାଏରେ ବୋହୂ ଲକି ନାୟକ ପୁଅ ଅସୁସ୍ଥ ହୋଇପଡିଥିବା ଫୋନ ଯୋଗେ ଖବର ଦେଇଥିଲେ। ବାପା ମଧୁସୂଦନ ନିଜର ସମ୍ପର୍କୀୟଙ୍କ ସହିତ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ସେଠାରେ ଡାକ୍ତର ବାପୁନୀଙ୍କୁ ମୃତ ଘୋଷଣା କରିଥିଲେ। ମଧୁସୂଦନ ତାଙ୍କ ପୁଅକୁ ବୋହୂ ଲକି ନାୟକ ହତ୍ୟା କରିଥିବା ନେଇ ଅଭିଯୋଗ କରିଛନ୍ତି। ବିବାହ ପରେ ଅଧିକାଂଶ ସମୟ ଦମ୍ପତିଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ଏପରିକି ପୁଅକୁ ମାନସିକ ଭାବେ ନିର୍ଯାତନା ଦେଉଥିବା ବୋହୂ ଜୀବନରୁ ମାରିଦେବା ନେଇ ଏକାଧିକ ଥର ଧମକ ଦେଇଥିବା ଅଭିଯୋଗ କରିଛନ୍ତି ମଧୁସୂଦନ। ରାତିରେ ଘରେ କେହି ନଥିବା ଅବସ୍ଥାରେ ପୁଅକୁ ହତ୍ୟା କରାଯାଇଥିବା ନେଇ ମଧୁସୂଦନ ଥାନାରେ ଅଭିଯୋଗ କରିଛନ୍ତି।

## ଜଳିଗଲା ୬୦୦ ବସ୍ତା ଧାନ

**ବଲାଙ୍ଗିର, ୧୪।୧୨ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଜଲିଆ ଗାଁର ଚାଷୀ ସୂର୍ଯ୍ୟନାରାୟଣ ନାଏକଙ୍କ ଧାନଖଳାରେ ଗଦା ହୋଇଥିବା ଧାନରେ ରାତିରେ ନିଆଁ ଲଗାଇ ଦେଇଛନ୍ତି ଦୁର୍ବୃତ୍ତ। ରବିବାର ମଧ୍ୟାହ୍ନରେ ଚାଷୀ ଖଳାରେ ନିଆଁ ଲାଗିଥିବା ଜାଣିବା ପରେ ଦେଓଗାଁ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀର ଦୁଇଟି ଗାଡି ନିଆଁ ଲିଭାଇବାରେ ଲାଗିଛନ୍ତି। କିନ୍ତୁ ଶତକଡ଼ା ୯୦ ଭାଗ ଧାନ ପୋଡ଼ିଯାଇଛି। ପ୍ରାୟ ୬ ଶହ ବସ୍ତା ଧାନ ହୋଇଥାନ୍ତା। ଧାରଉଧାର କରି ଚାଷ କରିଥିବା ଚାଷୀ ଉପରେ ଚଡ଼କ ପଡ଼ିଛି। ସ୍ଥାନୀୟ ଆମ୍ ଆଦମୀ ପାର୍ଟିର ନେତା ଆଶିଷ ପାଣ୍ଡେ ନିଆଁ ଲାଗିଥିବା ଧାନଖଳାରେ ପହଞ୍ଚି ଚାଷୀଙ୍କୁ ଶୀଘ୍ର କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଛନ୍ତି।



ନୂଆଦିଲ୍ଲୀରେ ଆୟୋଜିତ ଷ୍ଟ୍ରିଟ ଫୁଡ ଫେଷ୍ଟିଭାଲରେ କଟକ ଦହିବରା ଆଲୁଦମ ପୁରସ୍କୃତ। ଇଷ୍ଟ ଯୋନର ଟପ୍ ଷ୍ଟ୍ରିଟ ଫୁଡ ଷ୍ଟଲମାନଙ୍କ ମଧ୍ୟରେ କଟକ ଦହିବରା ଆଲୁଦମକୁ ମିଳିଛି ପୁରସ୍କାର।

'ଓଡ଼ିଶା ମାଷ୍ଟର୍ସ ୨୦୨୫' ଉଦ୍‌ଯାପିତ

## ଉନ୍ନତି ମହିଳା ଚମ୍ପିୟାନ, ଇସାରାଣୀ ରନର୍ସ ଅପ



**ଭୁବନେଶ୍ୱର/କଟକ,୧୪।୧୨ (ସଂଚାର ବ୍ୟୁରୋ):** କଟକ ସ୍ଥିତ ଜବାହର ଲାଲ ନେହେରୁ ଇଣ୍ଡୋର ଷ୍ଟାଡ଼ିୟମ ଠାରେ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା 'ଓଡ଼ିଶା ମାଷ୍ଟର୍ସ ୨୦୨୫' ଉଦ୍‌ଯାପିତ ହୋଇଯାଇଛି। ପୁରୁଷ ଫାଇନାଲ ଖେଳରେ ଭାରତର କିରଣ ଜର୍ଜ ଇଣ୍ଡୋନେସିଆ ଖେଳାଳି ମହାଦ ୟୁସୁଫଙ୍କୁ ୨୧-୧୪,୧୩-୨୧, ୨୧-୧୬ ପଏଣ୍ଟର ତିନୋଟି ଗେମ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ମହିଳା ଫାଇନାଲରେ ଟପସିଡ଼ ଭାରତୀୟ ଖେଳାଳି ଉନ୍ନତି ହୁଡ୍ଡା ନିଜ ଦେଶର ଇସାରାଣୀ ବରୁଆଙ୍କୁ ସିଧାସଳଖ ୨୧-୧୭, ୨୧-୧୦ ପଏଣ୍ଟର ଦୁଇଟି ଗେମ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ମିକ୍ସଡ଼ ଡବଲସ ଫାଇନାଲରେ ଇଣ୍ଡୋନେସିଆ ଯୋଡ଼ି ମାରୱାନ ଫାଜା ଓ ଆସ୍ୟାହ ପୁଟ୍ରି ପ୍ରଣତା, ଡି.ଫେର୍ଡିନେନ୍ସିଓ ଓ ବି. ଓ୍ୱାର୍ଡାନାଙ୍କୁ ଦୁଇଟି ଗେମ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ମହିଳା ଡବଲସ ବିଭାଗ ଫାଇନାଲ ମ୍ୟାଚ୍‌ରେ ବୁଲଗେରିଆ ଯୋଡ଼ି ମାଲେସିଆ ଯୋଡ଼ିଙ୍କୁ ଦୁଇଟି ଗେମ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି।

## ବିଜେଏମ୍‌ସିର ଓଡ଼ିଶା କାର୍ଯ୍ୟକାରିଣୀ ବୈଠକ

**ଭୁବନେଶ୍ୱର,୧୪।୧୨(ସଂଚାର ବ୍ୟୁରୋ):** ଭାରତୀୟ ଜନତା ଶ୍ରମିକ କକ୍ଷ (ବିଜେଏମ୍‌ସି) ଓଡ଼ିଶାର କାର୍ଯ୍ୟକାରିଣୀ ବୈଠକ ରବିବାର ଜିକେସିଏମର ଉତ୍କଳ ରଙ୍ଗମଞ୍ଚଠାରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ଅର୍ଣ୍ଣବ ଚାଟାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନ୍ୟାସନାଲ୍ ଚେୟାରମ୍ୟାନ୍ ବିଶ୍ୱପ୍ରିୟ ରାୟ ଚୌଧୁରୀ, ଓଡ଼ିଶା ଶାଖାର ଚେୟାରମ୍ୟାନ ଦୁର୍ଯ୍ୟୋଧନ କୁମାର ନାଥ, ଉପସଭାପତି ଅର୍ମାନ ଗାଙ୍ଗୁଲି, ଯୁବ ନ୍ୟାସନାଲ୍ ସଭାପତି ଦୀପକ ଶର୍ମା, ଜେନେରାଲ୍ ସେକ୍ରେଟାରୀ କର୍ଣ୍ଣେଲ୍ ଅଙ୍ଗରାଜ୍ ସିଂହ, ନ୍ୟାସନାଲ୍ ସେକ୍ରେଟାରୀ ମଦନମୋହନ ପ୍ରଧାନ, ଭାଇସ୍ ଚେୟାରମ୍ୟାନ୍ ୱାସିମ୍ ଅହମ୍ମଦ, ସୋସିଆଲ୍ ଆକ୍ଟିଭିଷ୍ଟ ନିର୍ମଳ ମଣ୍ଡଳ ଓ ଓଡ଼ିଶା ହାଇକୋର୍ଟ ଆଡ୍‌ଭୋକେଟ୍ ପ୍ରଭାତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକାରିଣୀ ବୈଠକରେ ଭାରତୀୟ ଜନତା ଶ୍ରମିକ କକ୍ଷ ଓଡ଼ିଶା ଶାଖାର ଚେୟାରମ୍ୟାନ୍ ନାମ ଘୋଷଣା କରାଯାଇଥିଲା। ଚେୟାରମ୍ୟାନ୍ ଦୁର୍ଯ୍ୟୋଧନ କୁମାର ନାଥ କହିଛନ୍ତି, ଶ୍ରମିକମାନଙ୍କ ହକ୍ ମୋର ପ୍ରାଥମିକତା ହେବ। ସବୁବେଳେ ଶ୍ରମିକମାନଙ୍କର ସ୍ୱାର୍ଥକୁ ଦୃଷ୍ଟିଦେବା ସହ ସବୁ ଦାବିପୂରଣ କରିବି।

● ଯୁବ ଭାରତୀ କାଣ୍ଡରେ ବିଚାର ବିଭାଗୀୟ ତଦନ୍ତ ଦାବି

## ରାଜ୍ୟପାଳଙ୍କୁ ଚିଠି ଲେଖିଲେ ଶୁଭେନ୍ଦୁ

**କୋଲକାତା,୧୪।୧୨(ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଯୁବଭାରତୀ କାଣ୍ଡର ନ୍ୟାୟିକ ତଦନ୍ତ ପାଇଁ ଦାବି କରିଛନ୍ତି। ଶୁଭେନ୍ଦୁ ରାଜ୍ୟପାଳଙ୍କୁ ଏନେଇ ଚିଠି ମଧ୍ୟ ଲେଖିଛନ୍ତି। ଶୁଭେନ୍ଦୁ ହାଇକୋର୍ଟର ବିଚାରପତିଙ୍କ ନେତୃତ୍ୱରେ ଏକ ତଦନ୍ତ କମିଟି ଗଠନ କରିବାକୁ କହିଛନ୍ତି। ସେ ରାଜ୍ୟପାଳ ବୋଷଙ୍କୁ ଏକ ଚିଠି ଲେଖି କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛନ୍ତି। ଶୁଭେନ୍ଦୁ ଦୁଇ ଜଣ ରାଜ୍ୟ ମନ୍ତ୍ରୀଙ୍କ ଗିରଫ ଦାବି ମଧ୍ୟ କରିଛନ୍ତି। ଏହା ସହିତ ସେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧରେ ମଧ୍ୟ ଏହି ପ୍ରସଙ୍ଗ ଉଠାଇଛନ୍ତି। ବିରୋଧୀ ଦଳ ନେତା ଲେଖିଛନ୍ତି, ଫୁଟବଲର ରାଜକୁମାର ଲିଓନେଲ ମେସି ଯୁବ ଭାରତୀରେ ପ୍ରବେଶ କରିବା ମାତ୍ରେ ତାଙ୍କୁ ଅତି କମରେ ୧୦୦ ନେତା, ମନ୍ତ୍ରୀ ଏବଂ ସେମାନଙ୍କ ସମ୍ପର୍କୀୟ ଘେରି ଯାଇଥିଲେ। ଫଳସ୍ୱରୂପ, ଗ୍ୟାଲେରୀରୁ ତାଙ୍କୁ ଦେଖିବାର କୌଣସି ଉପାୟ ନଥିଲା। ଫଳରେ ଟିକେଟ କାଟି ଷ୍ଟାଡିୟମର ଦର୍ଶନ ମେସିଙ୍କୁ ନଦେଖି ରାଗ ଝାଡ଼ିଥିଲେ। ଫଳରେ ବ୍ୟାପକ ହିଂସାକାଣ୍ଡ ସହ ଭଙ୍ଗାରୁଜା ପରିସ୍ଥିତି ଉପୁଜିଥିଲା।

## ଗିରଫ ମହିଳାଙ୍କ ଘର ଜାଳିଦେଲେ

**ଗଞ୍ଜାମ, ୧୪।୧୨ (ସଂଚାର ବ୍ୟୁରୋ):** ପୁରୁଷୋତ୍ତମପୁର ବ୍ଲକ ସାମନ୍ତରାପୁର ଗାଁରେ ଗତ ୧୦ ତାରିଖ ରାତିରେ ସୋନାଲି ସ୍ୱାଇଁ, ପଡୋଶୀ ଆଦିତ୍ୟ ଜେନା(୯)ର ତଣ୍ଟି ଚିପି ହତ୍ୟା କରିଥିବା ଘଟଣା ସମ୍ପର୍କରେ କବିସୂର୍ଯ୍ୟ ନଗର ପୁଲିସ ତଦନ୍ତରୁ ଜାଣିବା ପରେ ସୋନାଲିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତକାଲି ବିଳମ୍ବିତ ରାତିରେ ଉତ୍ୟକ୍ତ ଗ୍ରାମବାସୀ ସୋନାଲିର ଘରେ ନିଆଁ ଲଗାଇ ପୋଡି ଦେଇଥିଲେ। ଖବର ପାଇ ଦମକଳ ବାହିନୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିକୁ ଆୟତ୍ତ କରିବା ସହ ସୁରକ୍ଷିତ ଭାବେ ଘରେ ଶୋଇଥିବା ଅନ୍ୟ ସଦସ୍ୟମାନଙ୍କୁ ଉଦ୍ଧାର କରିଛନ୍ତି। ଘଟଣା ସମ୍ପର୍କରେ ଥାନାରେ ପୃଥକ୍ ପୃଥକ୍ ଦୁଇଟି ମାମଲା ରୁଜୁ କରାଯାଇଛି।

## ୧୭ ଦାଦନ ଶ୍ରମିକ ଉଦ୍ଧାର

**ବଲାଙ୍ଗିର, ୧୪।୧୨ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ଅଞ୍ଚଳରେ ଦାଦନ ଚାଲାଣ ରୋକିବାକୁ କଡା ଆଭିମୁଖ୍ୟ ଗ୍ରହଣ କରିଛି ପୁଲିସ। ଲଗାତାର ଦିନକୁ ଦିନ ବେଆଇନ ଚାଲାଣ ହେଉଥିବା ଶ୍ରମିକଙ୍କୁ ଉଦ୍ଧାର କରି ସର୍ଦ୍ଦାର ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ତୁରେକେଲା ପୁଲିସ । ପୁଣି ଶନିବାର ବେଆଇନ ଭାବେ ନୂଆପଡ଼ା ଜିଲ୍ଲାର କୋମନା ଥାନା ନୂଆଗାଁ ଏବଂ ତୁରେକେଲା ଥାନା ମହୁଲ ବାହାଲି ଗାଁ ର ୧୭ ଦାଦନ ଶ୍ରମିକଙ୍କୁ ତୁରେକେଲା ଥାନା ଅର୍ନ୍ତଗତ ନୂଆପଡ଼ାର ଦାଦନ ସର୍ଦାର ପୀତବାସ ତାଣ୍ଡି ଓରଫ ଟଙ୍କ ତାଣ୍ଡି ରାଜ୍ୟ ବାହାରକୁ ବେଆଇନ ଭାବେ ଚାଲାଣ କରୁଥିବା ବେଳେ ଏନେଇ ତୁରେକେଲା ପୁଲିସ କୌଣସି ସୂତ୍ରରୁ ଖବର ପାଇ ମହୁବାହାଲି ଗାଁ ଠାରୁ ଶ୍ରମିକ ମାନଙ୍କୁ ଉଦ୍ଧାର କରିଛି। ତୁରେକେଲା ଥାନା କେସ ନଂ ୩୪୧।୨୫ ରେ ମାମଲା ରୁଜୁ କରି ଦାଦନ ସର୍ଦାର ଟଙ୍କ ତାଣ୍ଡିକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ତାକୁ କଂଟାବାଞ୍ଜି ଜେଲକୁ ପଠାଇ ଦିଆଯାଇଥିବା ଜଣାପଡିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶା...

ରାଜ୍ୟର ଅର୍ଥନୈତିକ ଓ ସ୍ୱାସ୍ଥ୍ୟ ସେବାର ବିକାଶକୁ ମଧ୍ୟ ତ୍ୱରାନ୍ୱିତ କରିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଶା ରଖିଛନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଦେଖାଦେଉଥିବା ଅନେକ ଜଟିଳତା ମଧ୍ୟ ଏହାଦ୍ୱାରା ଦୂର ହୋଇପାରିବ। ନିକଟରେ ଓଡିଶା ଔଷଧ ଓ ମେଡିକାଲ ଉପକରଣ ନୀତିକୁ ରାଜ୍ୟ କ୍ୟାବିନେଟ୍‌ର ମଞ୍ଜୁରୀ ମିଳିଛି। ଏହି ନୀତି ଭାରତର ସ୍ୱାସ୍ଥ୍ୟ ନିର୍ମାଣ ଓ ଜୀବନ ବିଜ୍ଞାନର ପୂର୍ବ ପ୍ରବେଶପଥ ଭାବେ ଓଡ଼ିଶାକୁ ପ୍ରତିଷ୍ଠା କରିବା ପାଇଁ ଏକ ଯୋଜନାବଦ୍ଧ, ରଣନୈତିକ ଓ କ୍ଲଷ୍ଟର ଗଠନର ରୋଡମ୍ୟାପ ପ୍ରସ୍ତୁତ କରିବ। ଏହି ନୀତିରେ ଓଡିଶା ଔଷଧ ବିକାଶ ସେଲ କ୍ଷେତ୍ରୀୟ ପ୍ରମୁଖ ସଂସ୍ଥା ଭାବେ କାର୍ଯ୍ୟ କରିବ। ଇପିକଲ ଓ ଇଡକୋ ସ୍ୱଚ୍ଛ, ସମୟ ସୀମାବଦ୍ଧ ସୁବିଧା ଓ ଆର୍ଥିକ ପରିଚାଳନାକୁ ସୁଲଭ କରିବ।

## ଗୁଳିମାଡ଼ରେ...

ଏପରିକି ତା'ର ଅବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି। ତେବେ ଏପରି ଏକ ଅଭାବନୀୟ କାଣ୍ଡର କାରଣ ସ୍ପଷ୍ଟ ହୋଇପାରିନଥିଲେ ହେଁ ନ୍ୟୁ ସାଉଥ୍ ୱେଲ୍‌ସ ପୁଲିସ କମିଶନର ମାଲ ଲାନୟୋନ ଏହାକୁ 'ଆତଙ୍କବାଦୀ କାର୍ଯ୍ୟକଳାପ' ବୋଲି କହିଛନ୍ତି। ଏଥିସହ ଏହି ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ମଧ୍ୟ ସେ କହିଛନ୍ତି। ଏଭଳି ଘଟଣାକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୃଢ଼ ନିନ୍ଦା କରିଥିବା ବେଳେ ବିଶ୍ୱର କେତେକ ପ୍ରମୁଖ ନେତା ବି ଏଭଳି ଆତଙ୍କବାଦୀ କାର୍ଯ୍ୟକଳାପକୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି।

ଆଠ ଦିନ ଧରି ଚାଲିବାକୁ ଥିବା ଇହୁଦୀମାନଙ୍କର ହନୁକ୍କା ପର୍ବ ଆଜିଠାରୁ ଆରମ୍ଭ ହୋଇଥିବା ବେଳେ ବୋଣ୍ଡି ବିଚ୍‌ରେ ଘଟିଛି ଏହି ଅଘଟଣ। ହନୁକ୍କା ପର୍ବର ପ୍ରଥମ ଦିନରେ ବୋଣ୍ଡି ବିଚ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଶହ ଶହ ଇହୁଦୀ ଉପସ୍ଥିତ ହୋଇଥିବା ବେଳେ ଭାରତୀୟ ସମୟ ଦିନ ଅପରାହ୍ନ ପ୍ରାୟ ୨ଟା ସମୟରେ ସେମାନଙ୍କ ଉପରେ ଏହି ବନ୍ଧୁକଧାରୀମାନେ ବର୍ବରୋଚିତ ଆକ୍ରମଣ କରିଥିଲେ।

ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ, ବନ୍ଧୁକଧାରୀମାନେ ଶିଶୁ ଓ ବୟସ୍କ ଲୋକମାନଙ୍କୁ ଲକ୍ଷ୍ୟ କରି ଗୁଳିମାଡ଼ କରିଥିଲେ। ଏହି ନରସଂହାରରେ ପ୍ରାୟ ୫୦ ରାଉଣ୍ଡ ଗୁଳି ଫୁଟିଥିବା ଜଣାପଡ଼ିଛି। ଗୁଳିମାଡ଼ ସମୟରେ ବିଚ୍‌ରେ ଉପସ୍ଥିତ ଥିବା ଇହୁଦୀମାନେ ଭୟରେ ଏଣେତେଣେ ଦୌଡ଼ି ପଳାଉଥିବା ଓ କେତେକ ତଳେ ଶୋଇପଡ଼ି ଗୁଳିରୁ ବର୍ତ୍ତିଯିବା ସକାଶେ ଉଦ୍ୟମ କରୁଥିବା ସମୟର ଭିଡିଓ ସାମ୍ନାକୁ ଆସିଛି। ଏହି ବିଚଳିତ କରିବା ଭଳି ଭିଡିଓଗୁଡ଼ିକରେ ଦେଖିବାକୁ ମିଳିଛି ଯେ ଦୁଇ ବନ୍ଧୁକଧାରୀ କଳା ପୋଷାକ ପିନ୍ଧି ଅଚାନକ ଲୋକଙ୍କ ଉପରକୁ ଆଖିବୁଜା ଗୁଳି ମାଡ଼ କରୁଛନ୍ତି। ଏହି ଘଟଣା ପରେ ପୁଲିସ୍ ବୋଣ୍ଡି ବିଚ୍‌କୁ ନ ଯିବା ସକାଶେ ଜନସାଧାରଣଙ୍କୁ ଅପିଲ କରିଛି।

ଏହି ଘଟଣା ଆଶ୍ଚର୍ଯ୍ୟଜନକ ଓ ଚିନ୍ତାଜନକ ବୋଲି କହିଛନ୍ତି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲବନିଜ। ଏଥିସହ ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ସେହିଭଳି ଅଷ୍ଟ୍ରେଲିଆର ବିରୋଧୀ ଦଳ ନେତା ସୁଜନ ଲୀ ଏହି ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏଭଳି ଏକ ସମୟରେ ଆମେ ସମସ୍ତ ଅଷ୍ଟ୍ରେଲୀୟ ସେମାନଙ୍କ ସହିତ ଅଛୁ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଅଷ୍ଟ୍ରେଲୀୟ ଇହୁଦୀମାନଙ୍କ ଉପରେ ଆକ୍ରମଣ ସମସ୍ତ ଅଷ୍ଟ୍ରେଲୀୟଙ୍କ ଉପରେ ଆକ୍ରମଣ ସଦୃଶ।

## ଧର୍ମଶାଳାରେ...

ଆଳରେ ସ୍ୱାଧୀନ ବିଧାୟକଙ୍କ ସମର୍ଥକଙ୍କ ଉପରେ ଆକ୍ରମଣ ହେଉଛି। ଯାହାକୁ ନେଇ ପୂର୍ବରୁ ଶାନ୍ତ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଦେଖାଦେଇଛି ରାଜନୈତିକ ହିଂସା। ଅଭିଯୋଗ ହେଉଛି ଯେ ଆଜି ଜେନାପୁର ଥାନା ଅନ୍ତର୍ଗତ ପନ୍ତୁରିଠାରେ ଥିବା ପୂର୍ବତନ ବିଧାୟକଙ୍କ ଫାର୍ମହାଉସରେ ବିଜେଡି ସୋସିଆଲ ମିଡିଆ ଟିମର ସାଙ୍ଗଠନିକ ବୈଠକ ଚାଲୁଥିଲା। ଏହି ସମୟରେ ସ୍ଥାନୀୟ ବିଧାୟକ ହିମାଂଶୁ ଶେଖର ସାହୁଙ୍କ କେତେକ ସମର୍ଥକ ସେଇବାଟ ଦେଇ ଯାଉଥିଲେ। ତେବେ ସେମାନଙ୍କୁ ବିଜେଡି ସମର୍ଥକମାନେ ଅଟକାଇ ମାଡ଼ ମାରିବା ସହ ସେମାନଙ୍କ ଗାଡ଼ି ଭାଙ୍ଗିଦେଇଛନ୍ତି। ଆକ୍ରମଣ ପରେ ପ୍ରତିପକ୍ଷର ସମର୍ଥକମାନେ ମଧ୍ୟ ପ୍ରତିଆକ୍ରମଣ କରିଥିଲେ, ଯେଉଁଥିରେ ଉଭୟ ପକ୍ଷର ଏକାଧିକ ଲୋକ ଆହତ ହୋଇଥିଲେ। ଆହତ ଲୋକମାନେ ଧର୍ମଶାଳା ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏହାଛଡ଼ା କେତେକ ଗୁରୁତରଙ୍କୁ କଟକ ଏସସିବିକୁ ବି ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ଭୀଷଣ ଉତ୍ତେଜନା ପ୍ରକାଶ ପାଇଛି। ପୁଲିସ ଶାନ୍ତି ବଜାୟ ରଖିବାକୁ ଘଟଣାସ୍ଥଳରେ ପଇଁତରା ମାରୁଛି।

ଘଟଣାସ୍ଥଳରେ ଧର୍ମଶାଳାର ପୂର୍ବତନ ବିଧାୟକ ପହଞ୍ଚି ଆହତଙ୍କ ସହ ଆଲୋଚନା କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଧର୍ମଶାଳା ଅଞ୍ଚଳରେ ସମ୍ପୂର୍ଣ୍ଣ ଭାବେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ଫେଲ୍ ମାରିଛି। ସେପଟେ ସ୍ୱାଧୀନ ବିଧାୟକ ହିମାଂଶୁଙ୍କ ସମର୍ଥକମାନେ ପାଲଟା ଅଭିଯୋଗ ବି କରିଛନ୍ତି। ବିଜେଡି କର୍ମୀମାନେ ସେମାନଙ୍କୁ ଆକ୍ରମଣ କରିବା ସହ ମହିଳାଙ୍କୁ ମଧ୍ୟ ଛାଡ଼ିନଥିଲେ ବୋଲି ହିମାଂଶୁଙ୍କ ସମର୍ଥକ ଅଭିଯୋଗ କରିଛନ୍ତି। ଉଭୟ ପକ୍ଷରୁ ଥାନାରେ ଦୁଇଟି ଭିନ୍ନ ଭିନ୍ନ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ କିଛି ଭଙ୍ଗାଗାଡ଼ି ଜବତ କରିବା ସହ ଘଟଣାର ତଦନ୍ତ କରୁଛି।

## ହାର୍ଦ୍ଦିକଙ୍କ...

ହେଲେ ବାଂଲାଦେଶର ଭେଟେରାନ୍ କ୍ରିକେଟର୍ ସାକିବ୍-ଅଲ୍-ହସନ୍ (୨୫୫୧ ରନ୍, ୧୪୯ ୱିକେଟ୍), ଆଫଗାନିସ୍ତାନର ମହମ୍ମଦ ନବୀ (୨୪୧୭ ରନ୍, ୧୦୪ ୱିକେଟ୍), ଜିମ୍ବାୱେର ସିକନ୍ଦର ରାଜା (୨୮୮୩ ରନ୍, ୧୦୨ ୱିକେଟ୍) ଏବଂ ମାଲେସିଆର ବୀରନ୍‌ଦୀପ୍ ସିଂହ (୩୧୧୫ ରନ୍ ଓ ୧୦୭ ୱିକେଟ୍)। ଅଦ୍ୟାବଧି ହାର୍ଦ୍ଦିକ ୧୨୩ଟି ମ୍ୟାଚ୍‌ରେ ୧୯୩୯ ରନ୍ କରିବା ସହ ୧୦୦ଟି ଅନ୍ତର୍ଜାତୀୟ ଟି-୨୦ ୱିକେଟ୍ ଦଖଲ କରିସାରିଛନ୍ତି।

## ନୀତିନ...

ପ୍ରଥମ ବିଜେପି ନେତା ଭାବେ ଏପରି ଏକ ଉଚ୍ଚସ୍ତରର ପଦବୀରେ ନିଯୁକ୍ତି ପାଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ଦୀର୍ଘଦିନ ଧରି ଏହି ପଦରେ ରହିଥିଲେ ହେଁ ତାଙ୍କ କାର୍ଯ୍ୟକାଳ ପୂରଣ ହେବା ପରେ ବିଜେପି ଯୁବନେତୃତ୍ୱ ଉପରେ ଭରସା ପ୍ରକଟ କରିଛି।

ଏ ସଂକ୍ରାନ୍ତରେ ଶ୍ରୀ ସିଂହ କହିଛନ୍ତି ଯେ ଏହି ନିଯୁକ୍ତି ବିଜେପିର ସଂସଦୀୟ ବୋର୍ଡ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ କରାଯାଇଛି। ଏହି ଆଦେଶ ସ୍ପଷ୍ଟ କରୁଛି ଯେ ଏବେ ବିହାର ସରକାରରେ ମନ୍ତ୍ରୀ ଥିବା ନୀତିନ ନୂତନ ନିଯୁକ୍ତି ବଳରେ ଜାତୀୟ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ଦାୟିତ୍ୱ ଗ୍ରହଣ କରିବେ। ନୀତିନ ୨୬ ବର୍ଷ ବୟସରେ ବିଧାୟକ ହୋଇଥିଲେ ଓ ୪୫ ବର୍ଷ ବୟସରେ ବିଜେପିର ଜାତୀୟ କାର୍ଯ୍ୟକାରୀ ସଭାପତି ହୋଇଛନ୍ତି। ବର୍ତ୍ତମାନ ସମୟରେ ସେ ବିହାର ସରକାରରେ ସଡ଼କ ନିର୍ମାଣ ମନ୍ତ୍ରୀ ଅଛନ୍ତି। ନୀତିନଙ୍କ ବାପା ନବୀନ କିଶୋର ପ୍ରସାଦ ସିହ୍ନା ବିଜେପିର ଜଣେ ପ୍ରମୁଖ ନେତା ଭାବେ ସକ୍ରିୟ ଥିଲେ। ତାଙ୍କ ମୃତ୍ୟୁ ପରେ ଅନୁଷ୍ଠିତ ଉପନିର୍ବାଚନ ଜିତି ନୀତିନ ମାତ୍ର ୨୬ ବର୍ଷ ବୟସରେ ୬୦ ହଜାରରୁ ଉର୍ଦ୍ଧ୍ୱ ଭୋଟ୍‌ରେ ବିଜୟୀ ହେବା ସହ ରାଜନୀତିରେ ପ୍ରବେଶ କରିଥିଲେ। ସେ ଲଗାତାର ୫ ଥର ବାଙ୍କିପୁର ଆସନରୁ ବିଜୟୀ ହୋଇଛନ୍ତି। ବିହାରର ନୀତୀଶ କୁମାର ସରକାରରେ କ୍ୟାବିନେଟ୍ ମନ୍ତ୍ରୀ ଥିବା ନୀତିନ ବର୍ତ୍ତମାନ ପାଟନାର ବାଙ୍କିପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଛନ୍ତି। ନୀତିନ୍ ଛାତ୍ର ରାଜନୀତିରୁ ବିଭିନ୍ନ ଦଳୀୟ ପଦବୀରେ ସଫଳତାର ସହ କାର୍ଯ୍ୟ କରିଆସିଛନ୍ତି। ସେ ଜଣେ ଶୃଙ୍ଖଳିତ ସଂଗଠକ ଓ ତ୍ୱରିତ ନିଷ୍ପତ୍ତି ନେଉଥିବା ନେତା ଭାବେ ବେଶ୍ ଜଣାଶୁଣା। ସେ ବିହାର ବିଜେପିରେ ରାଜ୍ୟ ସ୍ତରରେ ସଂଗଠନକୁ ମଜବୁତ କରିବା ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରି ତାଙ୍କର ସାଙ୍ଗଠନିକ ଦକ୍ଷତାର ପରିଚୟ ଦେଇପାରିଥିବାରୁ ତାଙ୍କୁ ଜାତୀୟ ସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ କରାଯାଇଛି।

ନୀତିନ୍‌ଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ବଧେଇ ଜଣାଇବା ସହ ତାଙ୍କର ନେତୃତ୍ୱ ଦକ୍ଷତାକୁ ପ୍ରଶଂସା କରିଛନ୍ତି। ସେ 'ଏକ୍ସ' ମାଧ୍ୟମରେ ତାଙ୍କୁ ବଧେଇ ଜଣାଇବା ସହ ଉଲ୍ଲେଖ କରିଛନ୍ତି ଯେ ନୀତିନ୍ ନିଜକୁ ଜଣେ ଯୁବ ଓ ପରିଶ୍ରମୀ କାର୍ଯ୍ୟକର୍ତ୍ତା ଭାବେ ପ୍ରମାଣିତ କରିପାରିଛନ୍ତି। ତାଙ୍କ ପାଖରେ ଯଥେଷ୍ଟ ସାଙ୍ଗଠନିକ ଅଭିଜ୍ଞତା ଥିବା ବେଳେ ବିଧାୟକ ଭାବେ ତାଙ୍କର ରେକର୍ଡ ମଧ୍ୟ ଯଥେଷ୍ଟ ପ୍ରଭାବଶାଳୀ ବୋଲି ମୋଦି କହିଛନ୍ତି। ଏଥିସହ ନୀତିନ୍‌ଙ୍କ ସାଧୁତା ଓ ନିଷ୍ଠାପରତା ଦଳକୁ ଏକ ନୂଆ ସ୍ତରରେ ପହଞ୍ଚାଇବ ବୋଲି ପ୍ରଧାନମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

## ବିଜେପି...

ତାଙ୍କ ପାଇଁ ନୂଆ ଦଳ ଗଠନ କରିବାର ସୁଯୋଗ ସୃଷ୍ଟି ହେବ। ଏଥିରେ ସେ କିଛି ବରିଷ୍ଠ ଓ ଯୁବ ନେତାଙ୍କୁ ନିଜ ସହ ନେଇ ଆଗାମୀ ଦିନରେ କଂଗ୍ରେସର ଭୋଟ ବିଭାଜନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଏହି ରାଜନୀତିରେ ମୋକିମ କିଛି ନିର୍ଦ୍ଦିଷ୍ଟ ଜିଲ୍ଲାକୁ ଫୋକସ କରୁଥିବା ନେଇ ମଧ୍ୟ ସୂଚନା ମିଳିଛି।

## ପେନସନ...

ଆଲୋଚନା ଆରମ୍ଭ ହୋଇଗଲାଣି। ପୂର୍ବତନ ତାଲିକାରେ ବିଜେପିର ଅଧିକ ସଦସ୍ୟ ନଥିବାରୁ ବିଜେଡି ଓ କଂଗ୍ରେସର ପୂର୍ବତନମାନଙ୍କୁ ବିରୋଧ କରିବା ବହୁ ସ୍ଥାନରେ ମୁସ୍କିଲ ହୋଇପଡ଼ିବ।

କେବଳ ପୂର୍ବତନ ନୁହଁନ୍ତି, ବିଜେଡି ଓ କଂଗ୍ରେସର ବର୍ତ୍ତମାନର ବିଧାୟକମାନେ ମଧ୍ୟ ସରକାର ଓ ସରକାରୀ ଦଳ ସହ ଲଢ଼ିବା ପାଇଁ ଏହି ସରକାରୀ ପଇସାକୁ କାମରେ ଲଗାଇବେ ବୋଲି ଚର୍ଚ୍ଚା ଚାଲିଛି। ବିଧାନସଭାରେ ଏବେ ବିଜେଡିର ୫୦ ଓ କଂଗ୍ରେସର ୧୪ ଜଣ ସଦସ୍ୟ ରହିଛନ୍ତି। ଏମାନେ ବର୍ଦ୍ଧିତ ଅର୍ଥରେ ନିଜ ନିଜ ନିର୍ବାଚନମଣ୍ଡଳୀକୁ ଜଗିବା ସହ ପୂର୍ବତନମାନଙ୍କ ସହ ମିଶି ବିଜେପି ବିଧାୟକ ଥିବା କ୍ଷେତ୍ରରେ ମଧ୍ୟ କାର୍ଯ୍ୟ ଆରମ୍ଭ କରିଦେବେ ବୋଲି ଏବେଠାରୁ ଆଲୋଚନା ଜୋର ହେଲାଣି।

## କ୍ରେଡିଟ୍...

ଲୋକେ ବୁଝିବା ଦରକାର ବୋଲି ସେ କହିଛନ୍ତି। ଗଣେଶ୍ୱରଙ୍କ ଏଭଳି ବୟାନ ବିରୋଧୀ ଦଳ ନେତାଙ୍କ ଅଡୁଆକୁ ଆହୁରି ବଢ଼ାଇଦେଇଛି।

ସେପଟେ ବିରୋଧୀ ବିଜେପି ଓ କଂଗ୍ରେସ ବି ନବୀନଙ୍କ ଏହି ପଲିଟିକାଲ ଷ୍ଟଣ୍ଟକୁ ନେଇ ଷଡୁଆଶୀ ଆକ୍ରମଣ ଆରମ୍ଭ କରିଦେଇଛନ୍ତି। ନବୀନଙ୍କୁ କଟାକ୍ଷ କରି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ନବୀନ ବର୍ଦ୍ଧିତ ଦରମାକୁ ଅଗ୍ରାହ୍ୟ କରିବା ତାଙ୍କର ଏକ ରାଜନୈତିକ ଖେଳ। ତାଙ୍କ ପାଖରେ ବିଧାନସଭାରେ କହିବାର ସୁଯୋଗ ଥିଲା। କିନ୍ତୁ କାହିଁକି ଆସିଲେନି, କାହିଁକି ନିଜ ମତ ରଖିଲେନି ବୋଲି ସେ ପ୍ରଶ୍ନ କରିଛନ୍ତି।

ସେହିପରି ବିଜେପି ବିଧାୟକ ଜୟନାରାୟଣ ମିଶ୍ର ବି ନବୀନଙ୍କୁ ଟାର୍ଗେଟ କରିଛନ୍ତି। ନବୀନଙ୍କୁ ଆକ୍ଷେପ କରି ସେ କହିଛନ୍ତି, ନବୀନ ବାବୁ ବହୁତ ଧନୀ ଲୋକ, ଏସବୁ କେବଳ ତାଙ୍କର ଡ୍ରାମା। ଖଣିଖାଦାନରେ ଅନେକ ଦୁର୍ନୀତି ହୋଇଛି, ସେସବୁର ତଦନ୍ତ ହେବା ଦରକାର। ନବୀନବାବୁଙ୍କ ଡ୍ରାମାକୁ ଆଉ କେହି ଗ୍ରହଣ କରୁନାହାନ୍ତି। ପ୍ରମିଳା ମଲ୍ଲିକ ଦରମା ବୃଦ୍ଧି ପାଇଁ ବାରମ୍ବାର ବିଧାନସଭାରେ ଦାବି କରିଛନ୍ତି। ପ୍ରମିଳାଙ୍କ ଦାବିକୁ ନବୀନ ବାବୁଙ୍କର ସମର୍ଥନ ରହିଥିଲା। ନବୀନ ବାବୁଙ୍କ ବାପା ଏକ ଟଙ୍କା ଦରମା ନେଉଥିଲେ। ଦଳ ପାଇଁ ଏହା ଲାଗୁ କରିଥିଲେ ଭଲ ହୋଇଥାନ୍ତା ବୋଲି ସେ କହିଛନ୍ତି।

ସେହିଭଳି କଂଗ୍ରେସ ବିଧାୟକ ପବିତ୍ର ସାଉଁଟା କହିଛନ୍ତି ଯେ ଏହା ବିଜେଡିର ଦୋମୁହାଁ ନୀତି। ବିଜେଡି ସଦସ୍ୟ ଓ ବିରୋଧୀଦଳ ମୁଖ୍ୟ ସଚେତକ ବିଲ୍‌କୁ ସମର୍ଥନ କରିଥିଲେ। ପଲିଟିକାଲ୍ ଷ୍ଟଣ୍ଟ ପାଇଁ ଦରମା ନେବେନାହିଁ ବୋଲି ନବୀନ କହୁଛନ୍ତି। ବିରୋଧୀଦଳ ନେତାଙ୍କ ପାଖରେ ଅପର୍ଯ୍ୟାପ୍ତ ସମ୍ପତ୍ତି ଅଛି। ସେ ୨୪ ବର୍ଷ ମୁଖ୍ୟମନ୍ତ୍ରୀ ଓ ତାଙ୍କ ବାପା ମଧ୍ୟ ମୁଖ୍ୟମନ୍ତ୍ରୀ ଥିଲେ। ତାଙ୍କ ଦଳ ନେତା କହୁଛନ୍ତି ଦରମା ବଢ଼ିବା ଠିକ୍, କାରଣ ପଇସା ନାହିଁ। ନବୀନ ଦଳ ଭିତରେ ପ୍ରଥମେ ଆଲୋଚନା କରି ସାମ୍ନାକୁ ଆସନ୍ତୁ ବୋଲି ବିଧାୟକ ଶ୍ରୀ ସାଉଁଟା କହିଛନ୍ତି।

## ନିର୍ଣ୍ଣାୟକ...

ମଧ୍ୟ ଦେଇ ଗତି କରୁଥିବା ବେଳେ ଶେଷରେ ସେମାନେ ଭୋଟ୍ ମାଧ୍ୟମରେ ଅସନ୍ତୋଷ ଜାହିର୍ କରିଛନ୍ତି, ଯାହାର ସିଧାସଳଖ ଫାଇଦା ଏନ୍‌ଡିଏକୁ ମିଳିଛି।

ମିଳିଥିବା ସୂଚନାନୁସାରେ, ପାଖାପାଖି ୭ ବର୍ଷ ତଳେ ଅର୍ଥାତ୍ ଗତ ୨୦୧୯ରେ କେରଳ ୱାକଫ୍ ବୋର୍ଡ ପକ୍ଷରୁ ମୁନାମ୍ବାମ୍ ୱାର୍ଡ ସହ ଏହାର ପାର୍ଶ୍ୱବର୍ତ୍ତୀ ଚେରାଇ ଅଞ୍ଚଳରେ ୪୦୪ ଏକର ଜମି ଉପରେ କେରଳ ୱାକଫ୍ ବୋର୍ଡ ତା'ର ମାଲିକାନା ଦର୍ଶାଇଥିଲା। ଫଳତଃ ସେଠାରେ ବସବାସ କରୁଥିବା ପାଖାପାଖି ୫୦୦ ପରିବାର ମଧ୍ୟରେ ବାସଚ୍ୟୁତ ହେବାର ଆଶଙ୍କା ସୃଷ୍ଟି ହୋଇଥିଲା। ସେଠାକାର ବାସିନ୍ଦାଙ୍କ ମଧ୍ୟରୁ ଅଧିକାଂଶ ଲାଟିନ୍ କାଥୋଲିକ୍ କୈବର୍ତ୍ତ ସମ୍ପ୍ରଦାୟର ହୋଇଥିବା ବେଳେ ଏଠାରେ ସେମାନଙ୍କ ପୂର୍ବପୁରୁଷ ଆଇନତଃ ରହୁଥିବା ସେମାନେ ଦାବି କରିଥିଲେ। କିନ୍ତୁ ୱାକଫ୍ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରାଜ୍ୟ ସରକାର ଉକ୍ତ ପରିବାରଗୁଡ଼ିକ ନିକଟରୁ ଆଉ କୌଣସି ପ୍ରକାର ଟିକସ ଗ୍ରହଣ କରିନଥିଲେ। ଫଳତଃ ଉକ୍ତ ପରିବାରଗୁଡ଼ିକ ମଧ୍ୟରେ ଅସନ୍ତୋଷ କ୍ରମଶଃ ବଢ଼ିଥିଲା, ଯାହା ପରବର୍ତ୍ତୀ ସମୟରେ ଆନ୍ଦୋଳନ, ଧାରଣା ଇ ଆଇନଗତ ଲଢ଼େଇର ରୂପ ନେଇଥିଲା। ଏପରିକି ଏହା ଉପରେ କେରଳ ବିଧାନସଭାରେ ମଧ୍ୟ ତର୍କ ହୋଇଥିଲା। ଅଧିକନ୍ତୁ ଜାତୀୟ ସ୍ତରରେ ବି ଏହି ପ୍ରସଙ୍ଗ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଥିଲା।

କିନ୍ତୁ ଗତ ଅକ୍ଟୋବରରେ ଉକ୍ତ ଜମିକୁ କଦାପି ୱାକଫ୍ ବୋର୍ଡର ସମ୍ପତ୍ତି କୁହାଯାଇପାରିବ ନାହିଁ ବୋଲି କେରଳ ହାଇକୋର୍ଟ ସ୍ପଷ୍ଟ କରିଥିଲେ। ଏହାଛଡ଼ା ଗତ ୧୨ ତାରିଖରେ ମଧ୍ୟ ସୁପ୍ରିମ୍‌କୋର୍ଟ କେରଳ ହାଇକୋର୍ଟଙ୍କ ରାୟକୁ କାଏମ ରଖିବା ସହ ୱାକଫ୍ ବୋର୍ଡର ଦାବିକୁ ଜମି ହଡ଼ପ କୌଶଳ ବୋଲି ଅଭିହିତ କରିଥିଲେ। ସେହିପରି କର୍ପୋରେସନ୍ ନିର୍ବାଚନ ପାଇଁ ପ୍ରଚାର ସମୟରେ ବିଜେପି ସ୍ପଷ୍ଟ ଭାବେ ଆନ୍ଦୋଳନକାରୀମାନଙ୍କୁ ସମର୍ଥନ କରିବା ସହ ଫଳାଫଳରେ ମୁନାମ୍ବାମ୍ ୱାର୍ଡର ପାଖାପାଖି ୧୮୦୦ ଭୋଟର୍‌ଙ୍କ ସମର୍ଥନ ହାସଲ କରିବାରେ ସକ୍ଷମ ହୋଇଥିବା ନେଇ ଚର୍ଚ୍ଚା ହେଉଛି। ତେବେ ବିଜେପିର ଉକ୍ତ ବିଜୟ ପଛରେ କାରଣ ଯାହା ବି ହେଉ ନା କାହିଁକି, ଆଲୋଚ୍ୟ ପ୍ରସଙ୍ଗ ଯେ ଏଥିରେ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

### ଅସହାୟ ସୁକୁମାରୀଙ୍କ ସଂଘର୍ଷମୟ ଜୀବନ

# ଦୟନୀୟ ଅବସ୍ଥାରେ କାଟୁଛନ୍ତି ଜୀବନ

**ଘର ନାହିଁ କି ନିଜର କେହି ନାହାନ୍ତି**

**ପର ବାରଣ୍ଡାରେ ବିତୁଛି ଜୀବନ**

**ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି**



**ଛତ୍ରପୁର,୧୪।୧୨ (ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ଶୀତ ଲହରୀ ଜାରି ରହିଥିବା ବେଳେ, ଗଞ୍ଜାମ ଏନଏସି ଅନ୍ତର୍ଗତ ୱାର୍ଡ ନମ୍ବର–୫ର ୭୨ ବର୍ଷୀୟ ବୃଦ୍ଧା ସୁକୁମାରୀ ନାୟକଙ୍କ ଜୀବନ ଅବସ୍ଥା ସାମାଜିକ ଭାବେ ହୃଦୟବିଦାରକ ଚିତ୍ର ପଦର୍ଶନ କରୁଛି।

ପରିବାର ବିହୀନ ଓ ସମ୍ପୂର୍ଣ୍ଣ ଏକାକୀ ଅବସ୍ଥାରେ ଥିବା ସୁକୁମାରୀଙ୍କ ପାଖରେ ନା ନିଜସ୍ୱ ବାସଗୃହ ଅଛି, ନା ନିଶ୍ଚିତ ରୋଜଗାରର କୌଣସି ମାଧ୍ୟମ ରହିଛି। ଦୈନିକ ଜୀବନ ଚଳାଇବା ପାଇଁ ସେ ଗଞ୍ଜାମ ସହର ଅଞ୍ଚଳରେ ବୁଲି ବୋତଲ, କାଚ, ଜରି ଆଦି ସଂଗ୍ରହ କରି ବିକ୍ରି କରନ୍ତି। ଏହାଠାରୁ ମିଳୁଥିବା ସ୍ୱଳ୍ପ ଆୟ ହିଁ ତାଙ୍କର ଏକମାତ୍ର ରୋଜଗାର। କିନ୍ତୁ ବୟସ ବଢ଼ିବା ସହ ଶାରୀରିକ କ୍ଷମତା କ୍ରମେ କମିଯାଉଥିବାରୁ ଦିନକୁ ଦିନ ଏହି କାମ କରିବା ମଧ୍ୟ ତାଙ୍କ ପାଇଁ ଅତ୍ୟନ୍ତ କଷ୍ଟସାଧ ହୋଇପଡୁଛି। ରାତି ସମୟରେ ସୁକୁମାରୀ ଦୋକାନ ବାରଣ୍ଡା, ଖୋଲା ଜାଗା କିମ୍ବା ଆଶ୍ରୟ ବିହୀନ ସ୍ଥାନରେ ଜୀବନ ବିତାଉଛନ୍ତି। ଶୀତ ବସ୍ତ୍ର, କମ୍ବଳ ଓ ନିରାପଦ ଆଶ୍ରୟ ନଥିବାରୁ ତାଙ୍କ ଦୈନିକ ଜୀବନ ଅତ୍ୟନ୍ତ ଦୟନୀୟ ହୋଇଉଠିଛି।

ସାମାଜିକ ଦୃଷ୍ଟିକୋଣରୁ ଦେଖିଲେ, ସୁକୁମାରୀଙ୍କ ପରି ବୟସ୍କ, ନିରାଶ୍ରୟ ଓ ପରିବାର ବିହୀନ ବ୍ୟକ୍ତିଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା ନିଶ୍ଚିତ କରିବା ସମାଜ ଏବଂ ପ୍ରଶାସନର ନୀତିଗତ ଦାୟିତ୍ୱ। ଏହି ଦିଗରେ ସ୍ଥାନୀୟ ପ୍ରଶାସନ ଓ ସାମାଜିକ ସଂସ୍ଥାମାନଙ୍କ ପକ୍ଷରୁ ତତ୍କାଳ ପଦକ୍ଷେପ ନେଇ ସୁକୁମାରୀଙ୍କୁ ସମସ୍ତ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ନିରାପଦ ଆଶ୍ରୟ ଓ ସହଯୋଗ ଯୋଗାଇ ଦେବାକୁ ସାଧାରଣ ମହଲରୁ ଦାବି ହେଉଛି।

## ମାଞ୍ଜା ସୂତାରେ ବୃଦ୍ଧଙ୍କ ନାକ କଟିଲା

**ନୀଳଗିରି,୧୪।୧୨ (ସଂଚାର ବ୍ୟୁରୋ):** ଗୁଡ଼ି ଉଡ଼ାରେ ବ୍ୟବହୃତ ମାଞ୍ଜା ସୂତା ଲାଗି ଜଣେ ଭୋଗ ବିକାଳିଙ୍କ ନାକ କଟି ଯାଇଥିବା ବେଳେ ସେ ଅଳ୍ପକେ ବଡ ବିପଦରୁ ବର୍ତ୍ତି ଯାଇଛନ୍ତି। ନୀଳଗିରି ବରିସାହି ଅଞ୍ଚଳର ପ୍ରହ୍ଲାଦ ବେହେରା(୬୦) ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରେ ଭୋଗ ବିକ୍ରିକରି ପରିବାର ପ୍ରତି ପୋଷଣ କରନ୍ତି। ସେ ଗତ ୧୩ ତାରିଖ ଶନିବାର ସକାଳେ ଘରୁ ବାହାରି ସାଇକଲରେ ମନ୍ଦିରକୁ ଆସୁଥିବା ସମୟରେ ଫାୟାର ଅଫିସ ରାସ୍ତାରେ ଆସୁଥିବା ବେଳେ ଗୁଡି ଉଡାଇବାରେ ବ୍ୟବହୃତ ମାଞ୍ଜା ସୂତା ପ୍ରହ୍ଲାଦଙ୍କ ମୁହଁ ଏବଂ ନାକରେ ଲାଗିଯିବା ଫଳରେ ନାକ ଓ ମୁହଁ କଟିଯାଇଥିଲା । ସ୍ଥାନୀୟ ଲୋକ ଚିତ୍କାର ଶୁଣି ରକ୍ତ ଜୁଡୁବୁଡୁ ଅବସ୍ଥାରେ ତୁରନ୍ତ ନେଇ ଯାଇ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କ ନାକ ଓ ମୁହଁରେ ସିଲାଇ ପକାଇଥିଲେ। ମାଞ୍ଜା ସୂତା ବ୍ୟବହାର କାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ ହୋଇଛି।

## କୋଟିଆ ଜଗନ୍ନାଥ ମନ୍ଦିରର ସୁପରିଚାଳନା ପାଇଁ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ପ୍ରୟାସ

**କେନ୍ଦ୍ରାପଡ଼ା,୧୪।୧୨(ସଂଚାର ବ୍ୟୁରୋ):** ଆନ୍ଧ୍ର ପ୍ରଦେଶ ଓ ଓଡ଼ିଶାର ସୀମାନ୍ତ ଅଞ୍ଚଳ କୋରାପୁଟ ଜିଲ୍ଲାର କୋଟିଆ ଅଞ୍ଚଳରେ ଏକ ଜଗନ୍ନାଥ ମନ୍ଦିର ରହିଛି। ଏହି ମନ୍ଦିରକୁ ୨୦୦୨ ମସିହାରେ ଗଜପତି ମହାରାଜ ଯାଇ ପ୍ରତିଷ୍ଠା କରିଥିଲେ। ଏହି ସମୟରେ କୋଟିଆ ଗ୍ରାମର ସମସ୍ତ ଅଧିବାସୀ ହିନ୍ଦୁ ଥିଲାବେଳେ ଏବେ କିନ୍ତୁ ଗୋଟିଏ ପରିବାରକୁ ଛାଡି ସମସ୍ତେ ଅନ୍ୟ ଧର୍ମ ଗ୍ରହଣ କରିଛନ୍ତି । ଯେଉଁ ପରିବାରଟି ଅଛି ସେ ହେଉଛନ୍ତି ଜଗନ୍ନାଥଙ୍କ ସେବକ ଓ ବିଶ୍ୱାବସୁଙ୍କ ବଂଶଧର ଅଟନ୍ତି । ଏବେ ସେ ପରିବାରର ମୁଖ୍ୟ ଗଙ୍ଗା ମା’ ମନ୍ଦିର ପୂଜାର୍ଚ୍ଚନା କରନ୍ତି । ତାଙ୍କର ବୟସ ସତୁରି ହେଲାଣି । ତାଙ୍କର ପୁତ୍ର ସନ୍ତାନ ନାହାଁନ୍ତି । ସାମାଜିକ ଗଣ ମାଧ୍ୟମରେ ଏହି ଘଟଣାର ପ୍ରଚାର ପରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତା ଏହି ମନ୍ଦିରରେ ପହଞ୍ଚି ମନ୍ଦିର ପରିଚାଳନା ସଦସ୍ୟମାନଙ୍କ ସହିତ ଆସନ୍ତା ସମୟରେ କିପରି ମନ୍ଦିରର ସୁପରିଚାଳନା ହେବ, ଆସନ୍ତା ମୁଖ୍ୟ ପୂଜକ କିଏ ରହିବେ, କିପରି ଏହି ମନ୍ଦିର ଟ୍ରଷ୍ଟରେ ପରିଣତ ହେବ ସେ ସମ୍ପର୍କରେ ଆଲୋଚନା କରିଛନ୍ତି।



## ବାଣ ଫୁଟି ୩ ବଖରା ଭସ୍ମୀଭୂତ, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ



**ନୀଳଗିରି,୧୪।୧୨ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ଅଧିନସ୍ଥ ଅଯୋଧା ଡାକ୍ତରଖାନା ସମ୍ମୁଖରେ ବାହାଘର ପାଇଁ ଗତ କାଲି ରାତି ୧୦ଟା ସମୟରେ ଶୋଭାଯାତ୍ରା ଚାଲିଥିଲା । ବରଯାତ୍ରୀ ଲୋକମାନେ ବାଣ ଫୁଟାଇବାରୁ ପାଖରେ ଥିବା ଯୋଗୀ ପରିଡ଼ାଙ୍କ ୩ ବଖରା ଘର ଭସ୍ମିଭୂତ ହୋଇଯାଇଛି। ଘର ଭିତରେ ଥିବା ବିଭିନ୍ନ ଆସ ବାବପତ୍ର, ଲୁଗା ପଟା, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଧାନ ଚାଉଳ ପ୍ରଭୃତି ପୋଡ଼ି ନଷ୍ଟ ହୋଇଯାଇଛି। ସ୍ଥାନୀୟ ଲୋକେ ନିଆଁକୁ ଆୟତ କରିବାରେ ବିଫଳ ହୋଇଥିଲେ। ଖବର ପାଇ ନୀଳଗିରି ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଆଜି ଖବର ପାଇ ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ତାଙ୍କ ଘରେ ପହଁଚି ପରିବାରକୁ ଶୀତବସ୍ତ୍ର, ଆର୍ଥିକ ସହାୟତା ଦେବା ସହ ନୀଳଗିରି ତହସିଲଦାର ପଲିଥିନ ବ୍ୟବସ୍ଥା କରିବା ସହିତ ତୁରନ୍ତ ତଦନ୍ତ କରି ସରକାରୀ ସହାୟତା ଯୋଗାଇଦେବାକୁ ଦାବୀ କରିଛନ୍ତି।

### ଯାତ୍ରାରେ ସାହୁ ଭାଉଜଙ୍କ ଅଶ୍ଳୀଳ ନୃତ୍ୟ ପରିବେଷଣ

## ଭିଡିଓ ଭାଇରାଲ; ଜନପ୍ରତିନିଧିଙ୍କ ଅସନ୍ତୋଷ



**ବୈପାରୀଗୁଡା,୧୪।୧୨ (ସଂଚାର ବ୍ୟୁରୋ):** ବୈପାରୀଗୁଡା ବ୍ଲକ ସଦର ମହକୁମା ସ୍ଥିତ ରାବଣପୋଡି ପଡ଼ିଆଠାରେ ଅନୁଷ୍ଠିତ ପୃଥିରାଜ ଅପେରା ମଣ୍ଡପରେ ଗତକାଲି ରାତିରେ ‘ସମୁର କାହିଁକି ଫୁଲ ସବାରୀ’ ନାଟକ ମଞ୍ଚସ୍ଥ ହୋଇଥିଲା। ନାଟକ ପରିବେଷଣ ପୂର୍ବରୁ ରେକଡ଼ ଡ୍ୟାନ୍ସରେ ବିବାଦୀୟ ଆଇଟମ ଗାର୍ଲ ସାହୁ ଭାଉଜ ଅଶ୍ଳୀଳ ନୃତ୍ୟ ପରିବେଷଣ କରିଥିବା ନେଇ ଅଭିଯୋଗ ହୋଇଛି। ପେଣ୍ଡାଲରେ ସାହୁ ଭାଉଜଙ୍କ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରୁଥିବା ବେଳେ ଯୁବକମାନେ ନୋଟ ଉଡାଉଥିବା ମଧ୍ୟ ଦେଖିବାକୁ ମିଳିଥିଲା । ପେଣ୍ଡାଲରେ ଚାଲିଥିବା ଅଶ୍ଳୀଳ ନୃତ୍ୟର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହେଉଛି।

ପୁଲିସ ଉପସ୍ଥିତିରେ ଏଭଳି ଅଶ୍ଳୀଳ ନୃତ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି। ଅଶ୍ଳୀଳ ନୃତ୍ୟକୁ ନେଇ ବ୍ଲକ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ, ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ ମଣି ନାୟକ ଓ ସମିତିସଭ୍ୟା ମଞ୍ଜୁଲତା ପଟ୍ଟନାୟକ ପ୍ରମୁଖ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଯାତ୍ରାରେ ହେଉଥିବା ଅଶ୍ଳୀଳ ନୃତ୍ୟ ଯୋଗୁଁ ସମାଜ ଉପରେ ଏହାର କୁପ୍ରଭାବ ପଡୁଛି । ତେଣୁ ଯାତ୍ରା ମଞ୍ଚରେ ଅଶ୍ଳୀଳ ନାଚ ବନ୍ଦ କରିବାକୁ ସେମାନେ ଦାବି କରିଛନ୍ତି।

## କାକଟପୁର ଓ ଅସ୍ତରଙ୍ଗଙ୍କୁ ‘ଆମ ବସ୍’ ସେବା ଆରମ୍ଭ କରିବାକୁ ଦାବି




**ଜିଲ୍ଲାପାଳଙ୍କୁ ଲିଖିତ ଆକାରରେ ଜଣାଇଲେ ଦେବଯୁଗ ଅଧ୍ୟକ୍ଷ**

**କାକଟପୁର/ଅସ୍ତରଙ୍ଗ,୧୪।୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ଅଧିଷ୍ଠାତ୍ରି ଦେବୀ ମା’ ମଙ୍ଗଳାଙ୍କ ପୀଠ ଓ ଅସ୍ତରଙ୍ଗ ପୀରଜାହାନିଆ, ଗଙ୍ଗାଦେବୀ ବୁଲିବାକୁ ରାଜ୍ୟ ତଥା ଦେଶର କୋଣ ଅନୁକୋଣରୁ ପର୍ଯ୍ୟଟକ ଆସୁଛନ୍ତି। ଏଠାରେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ପୀରଜାହାନିଆ, କେଳୁଣୀ ମୁହାଁଣ ଓ ଗଙ୍ଗାଦେବୀରେ ପର୍ଯ୍ୟଟକମାନେ ବଣଭୋଜି କରି ଆନନ୍ଦ ନେଇ ସ୍ୱଗୃହକୁ ଫେରୁଛନ୍ତି। କିନ୍ତୁ ପର୍ଯ୍ୟଟନ ସ୍ଥଳୀ କୋଣାର୍କକୁ ‘ଆମ ବସ’ ଉପଲବ୍ଧ ଥିବା ବେଳେ କିନ୍ତୁ ପଡୋଶୀ ପର୍ଯ୍ୟଟନ ସ୍ଥଳୀ କାକଟପୁର ଓ ଅସ୍ତରଙ୍ଗକୁ ଏଯାବତ ‘ଆମ ବସ’ ସେବା ଚାଲୁ ହୋଇନାହିଁ। ଫଳରେ ସରକାରୀ ବସ ନଥିବାରୁ ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକ ଅନେକ ସମସ୍ୟାର ସାମ୍ନା କରୁଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳର ସମାଜସେବୀ ତଥା ଦେବଯୁଗ ପରିବାର ଅଧ୍ୟକ୍ଷ ଦେବବ୍ରତ ନାଏକ ଏ ନେଇ ଜିଲ୍ଲାପାଳଙ୍କୁ ଏକ ଦାବୀ ପତ୍ର ଲେଖିଛନ୍ତି।

ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳର ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ରାଜ୍ୟ ସରକାର ପକ୍ଷରୁ ପୁରୀ-କୋଣାର୍କ-ଆନନ୍ଦ ବଜାର-ବାଙ୍ଗୁରିଗାଁ-ଶିଶୁଅ-ଅସ୍ତରଙ୍ଗ ଓ ଭୁବନେଶ୍ୱର-କାକଟପୁର-ଅସ୍ତରଙ୍ଗ, କଟକ-ଅଡଶପୁର-ନିଆଳି-ଚାରିଛକ-ଅସ୍ତରଙ୍ଗ ମଧ୍ୟରେ ‘ଆମ ବସ’ ଚଳାଚଳ କରିବା ଅପରିହାର୍ଯ୍ୟ ହୋଇ ପଡିଥିବାରୁ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ସମାଜସେବୀ ତଥା ଦେବଯୁଗ ଅଧ୍ୟକ୍ଷ ଦେବବ୍ରତ ନାଏକ ଦାବୀ କରିଛନ୍ତି।

## ରାସ୍ତାରେ ଗର୍ଜିଲେ ଅଧ୍ୟାପକଙ୍କ ପରିବାର ସହିତ ଛାତ୍ରଛାତ୍ରୀ



**ପାରାଦୀପ,୧୪।୧୨ (ସଂଚାର ବ୍ୟୁରୋ):** ସଡକ ଦୁର୍ଘଟଣାରେ କଲେଜ ଅଧ୍ୟାପକଙ୍କ ମୃତ୍ୟୁକୁ ନେଇ ଆଜି ରାସ୍ତା ଉପରେ ଆନ୍ଦୋଳନ। କ୍ଷତିପୂରଣ ଓ ତାଙ୍କ ପତ୍ନୀଙ୍କୁ ଚାକିରି ଦାବିକରି ଆଜି ପରିବାର ଲୋକ ଓ କୁଜଙ୍ଗ କଲେଜର ଛାତ୍ରଛାତ୍ରୀମାନେ ରାସ୍ତା ଉପରେ ଆନ୍ଦୋଳନ ଜାରି ରଖିଛନ୍ତି। ପାରାଦୀପ କଟକ ରାସ୍ତାର ସନ୍ତରାଗଡ଼ା ନିକଟରେ ରାଜରାସ୍ତାରେ ଆନ୍ଦୋଳନକାରୀମାନେ ଆନ୍ଦୋଳନ ଆରମ୍ଭ କରିଥିବା ବେଳେ ଗାଡି ମୋଟର ଯାତାୟତରେ ବାଧାପ୍ରାପ୍ତ ହୋଇଛି। ଗତକାଲି ସନ୍ଧ୍ୟା ସମୟରେ କୁଜଙ୍ଗ କଲେଜର ଅଧ୍ୟାପକ ଅଜୟ କୁମାର ରାଉତ ଏକ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।

## ୨ ୱାରେଣ୍ଟି ଗିରଫ

**ସାଲେପୁର,୧୪।୧୨ (ସଂଚାର ବ୍ୟୁରୋ):** ସାଲେପୁର ପୁଲିସ ୱାରେଣ୍ଟି ବଳରେ ୨ଜଣ ୱାରେଣ୍ଟିକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ୨ଟି ପୃଥକ୍ ପୃଥକ୍ ୱାରେଣ୍ଟି ବଳରେ ସାଲେପୁର ପୁଲିସ ଆଜି ସାଲେପୁର ଥାନା ଅନ୍ତର୍ଗତ ଜିଗ୍ନୀପୁର ପାଟପୁର ଗ୍ରାମର କୀର୍ତ୍ତିଚନ୍ଦ୍ର ଦାସ ଓ ରସୁଲପୁର ଅବଦୁଲ ୱାହିଦ ବାବୁକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ ସୂତ୍ରରୁ ଜଣାଯାଇଛି।

## ଜାନୁଆରୀ ୨୬ରୁ ଧାରଣା ଦେବେ ତିନି ପଞ୍ଚାୟତବାସୀ



**ପାରାଦୀପ,୧୪।୧୨ (ସଂଚାର ବ୍ୟୁରୋ):** ନିର୍ମାଣାଧୀନ ଜେଏସଡବ୍ଲୁ କମ୍ପାନୀ ଫାଟକ ଆଗରେ ଜାନୁଆରୀ ୨୬ ତାରିଖରେ ଧାରଣା ଦେବେ ଜିଲ୍ଲାପରିଷଦ ସଭ୍ୟ ପିନାକୀ ନାରାୟଣ ଦାସ ଓ ତାଙ୍କ ସମର୍ଥକ। ଆଜି ଏନେଇ ସ୍ଥାନୀୟ ଗଡ଼କୁଜଙ୍ଗ ଏକ ମନ୍ଦିର ଆଗରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପିନାକୀ।

ତାଙ୍କ ଅଭିଯୋଗ ଅନୁଯାୟୀ ପ୍ରସ୍ତାବିତ ପ୍ରକଳ୍ପ ପାଖରେ ମହାବାତ୍ୟାରୁ ଜନବସତିକୁ ରକ୍ଷା କରିଥିବା ବାଲି ଟିକିରା ସ୍ତୁପରୁ ବାଲି ଲୁଟ କରାଯାଉଛି। କମ୍ପାନୀକୁ ଆଇନତ ପରିବେଶ ମଞ୍ଜୁରୀ ନଥାଇ ସିମେଣ୍ଟ ପ୍ଲାଣ୍ଟ, ପାୱାର ପ୍ଲାଣ୍ଟ, ଷ୍ଟିଲ ପ୍ଲାଣ୍ଟ ଓ ଜେଟୀ ନାମରେ ଆଉ ଏକ ବନ୍ଦର ନିର୍ମାଣ କରିବାକୁ ଯାଉଛି କମ୍ପାନୀ। ସ୍ଥାନୀୟ ମତ୍ସ୍ୟଜୀବୀ ଏହି ପ୍ରକଳ୍ପରେ ପ୍ରଭାବିତ ହେବାକୁ ଥିବାବେଳେ ସେମାନଙ୍କୁ ଅଣଦେଖା କରାଯାଉଛି। ହଜାର ହଜାର ବନ୍ୟଜନ୍ତୁଙ୍କୁ ଲୁଚାଇ ମାରି ଦିଆଯାଉଛି। ସରକାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଆମେ ଲିଖିତ ଅଭିଯୋଗ ଦେଇଥିବା ଓ ସେଠାରୁ ତଦନ୍ତ ନିର୍ଦ୍ଦେଶ ଆସିଥିଲେ ସୁଦ୍ଧା ତଦନ୍ତ ହେଉନାହିଁ। ସର୍ବୋପରି ପ୍ରଭାବିତ ପରିବାରରୁ ଯୁବକ ମାନଙ୍କୁ ଭୁବନଶ୍ୱରରେ ଟ୍ରେନିଂ ଦେବା ଓ ଏକ ସାର୍ଟିଫିକେଟ ଧରାଇ ଆଉ ନିଯୁକ୍ତି ନଦେବା ସହ ଅନ୍ୟପଟେ ଅଲଗା ପିଲାଙ୍କୁ ନିଯୁକ୍ତି ଦେବାକୁ ମିଥ୍ୟା ପ୍ରତିଶ୍ରୁତି ଦେଇ କମ୍ପାନୀ ତାର ପ୍ରକଳ୍ପ କାର୍ଯ୍ୟ ଆଗେଇ ନେଉଛି। ତେଣୁ ସ୍ଥାନୀୟ ସିଦ୍ଧଗୁମ୍ଫା ଠାରୁ ଆସନ୍ତା ଜାନୁଆରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ ଅନେକ ଲୋକ ମିଳିତ ଭାବେ ରାଲି କରି କମ୍ପାନୀ ଫାଟକ ଆଗରେ ଧାରଣା ଦେବେ ବୋଲି ସେ ଚେତାବନୀ ଦେଇଛନ୍ତି।

## ଚିକିତ୍ସାଧୀନ ବିବେକଙ୍କୁ ଭେଟିଲେ ଚିତ୍ତରଞ୍ଜନ

**ମହାକାଳପଡ଼ା,୧୪।୧୨(ସଂଚାର ବ୍ୟୁରୋ):** ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ତାଳସଙ୍ଗା ପଞ୍ଚାୟତ ମାଣିକପୁର ଗ୍ରାମର ବିବେକାନନ୍ଦ ଜେନା ଏକ ସଡ଼କ ଦୁର୍ଘଟଣାରେ ଶୀକାର ହୋଇ କିମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ଏହି ଖବର ପାଇ ରାଜ୍ୟ ଯାଦବ ମହାସଭାର ସାଧାରଣ ସମ୍ପାଦକ, ଯୁବନେତା ତଥା ଆଇନଜିବୀ ଚିତ୍ତରଞ୍ଜନ ଦାସ ବିବେକାନନ୍ଦ ଙ୍କୁ ମେଡିକାଲ୍ ରେ ଭେଟି ତାଙ୍କର ସ୍ୱାସ୍ଥ୍ୟବସ୍ଥା ପଚାରିବା ସହିତ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।



## ଦାମୋଦର ରାଉତଙ୍କ ଜନ୍ମଜୟନ୍ତୀ ପାଳିତ




**ପାରାଦୀପ,୧୪।୧୨ (ସଂଚାର ବ୍ୟୁରୋ):** କୁଜଙ୍ଗରେ ବରିଷ୍ଠ ମନ୍ତ୍ରୀ ସ୍ୱର୍ଗତଃ ଡଃ ଦାମୋଦର ରାଉତଙ୍କ ୮୪ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ବିକ୍ରମ କେଶରୀ ରାଉତରାୟଙ୍କ ସଭାପତିତ୍ୱରେ ସ୍ଥାନୀୟ ମୁକ୍ତେଶ୍ୱର ମଣ୍ଡପରେ ଅନୁଷ୍ଠିତ ସଭାରେ ବାପି ସର୍କଲଙ୍କ ସହ ବହୁ ବରିଷ୍ଠ ନେତାମାନେ ଯୋଗ ଦେଇ ଦାମ ବାବୁଙ୍କ ସ୍ମୃତି ଚାରଣ କରିଥିଲେ। ଦୀର୍ଘ ଦଶନ୍ଧି ଧରି ଡଃ ରାଉତ ତାଙ୍କ ରାଜନୈତିକ ଜୀବନ ମଧ୍ୟରେ ଅଞ୍ଚଳ ପାଇଁ ଅନେକ କାର୍ଯ୍ୟ କରିଥିବା ସହ ଅନେକ ଅନୁଷ୍ଠାନ ପ୍ରତିଷ୍ଠା କରିବାରେ ତାଙ୍କ ଅବଦାନ ଅତୁଳନୀୟ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଆଗାମୀ ଏକ ବର୍ଷ ମଧ୍ୟରେ ପାରାଦୀପ ଓ କୁଜଙ୍ଗରେ ଦାମ ବାବୁଙ୍କ ଦୁଇଟି ପ୍ରତିମୂର୍ତ୍ତୀ ପ୍ରତିଷ୍ଠା କରାଯିବ ବୋଲି ବାପି ସର୍ଖେଲ ଘୋଷଣା କରିଥିଲେ। ସକାଳୁ କୁଜଙ୍ଗ ମେଡିକାଲରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିବା ବେଳେ ଦିନ ଦରିଦ୍ର ନାରାୟଣ ମାନଙ୍କୁ ଭୋଜନ ପ୍ରଦାନ କରାଯାଇଥିଲା।

## ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ପଟ୍ଟାମୁଣ୍ଡାଇ କେନାଲ ରାସ୍ତା ପରିଦର୍ଶନ



**ପଟ୍ଟାମୁଣ୍ଡାଇ,୧୪।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ ପଟ୍ଟାମୁଣ୍ଡାଇ କେନାଲରୁ ସଂଯୋଗ ହୋଇଥିବା ୧୬ ନଂ କେନାଲ ରାସ୍ତା ପରିଦର୍ଶନ କରିଛନ୍ତି। ସେଠାରେ ଚାଲୁଥିବା ରାସ୍ତା କାମର ତଦାରଖ କରିବା ସହିତ ସଠିକ ଢଙ୍ଗରେ କାର୍ଯ୍ୟ ସମ୍ପାଦନ କରିବାକୁ ଗ୍ରାମବାସୀଙ୍କୁ ପ୍ରତିଶୃତି ଦେବା ସହିତ ଠିକାଦାରଙ୍କୁ ତାଗିଦ କରିଛନ୍ତି । ଅନ୍ୟପକ୍ଷରେ ଚାଷ କାର୍ଯ୍ୟ ପାଇଁ ମୁଖ୍ୟ କେନାଲରୁ ଶାଖା କେନାଲକୁ ଯେଉଁସବୁ ସ୍ଥାନରେ ପାଣି ଯାଉନାହିଁ ସେସବୁର ଜାଗା ତଦାରଖ ମଧ୍ୟ କରିଥିଲେ। ଏହି ପରିଦର୍ଶନ ସମୟରେ ପଟ୍ଟମୁଣ୍ଡାଇ ଶାଶନ ଗ୍ରାମବାସୀ ଉପସ୍ଥିତ ରହିଥିବା ବେଳେ ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ଭାରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶିଶ କୁମାର ସ୍ୱାଇଁ ଅଳଭା-୨ ସହକାରୀ ଯନ୍ତ୍ରୀ ମନୋରଂଜନ ସାହୁ ଓ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ଭିତରକନିକାରେ ପର୍ଯ୍ୟଟକଙ୍କ ଭିଡ଼

### ଗୋଟାଏ ଦିନରେ ୧୨୨ ବୋଟରେ ବୁଲିଲେ ୨୦୦୬ ପର୍ଯ୍ୟଟକ



**ରାଜନଗର,୧୪।୧୨ (ସଂଚାର ବ୍ୟୁରୋ):** ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ତ୍ରିକୋଣଭୂମି ପାଲଟିଯାଇଛି ଏବେ ପର୍ଯ୍ୟଟକମାନଙ୍କର ଭୂସ୍ୱର୍ଗ। ଆଗକୁ ନୂଆବର୍ଷ ଥିବାରୁ ଭିତରକନିକାରେ ପର୍ଯ୍ୟଟକଙ୍କ ଖଚାଖଚ ଭିଡ଼ ଦେଖିବାକୁ ମିଳିଛି। ଆଜି ଗୋଟିଏ ଦିନରେ ୨୦୦୬ ପର୍ଯ୍ୟଟକ ୧୨୨ଟି ବୋଟରେ ନୌବିହାର କରି ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ଜଳପଥରେ ଆସିଥିବା ପର୍ଯ୍ୟଟକମାନେ ଭିତରକନିକାର ପ୍ରାକୃତିକ ପରିବେଶରେ ନଇଁ ପଠାରେ ଖରା ପଉଁଥିବା ବିରାଟ ବିରାଟ କୁମ୍ଭୀର ଦେଖି ବିମୋହିତ ହୋଇଥିଲେ। ଡାଙ୍ଗମାଳରେ ପଂହଁଚି ପୋଖରୀରେ ଆବଦ୍ଧ ଥିବା ଧଳା କୁମ୍ଭୀର ଗୋରୀ, ମଲ୍ଲିକୁ ଦେଖିଥିଲେ । ଡାଙ୍ଗମାଳ ଠାରେ ଲୁଣାଜଙ୍ଗଲ ନର୍ସରୀ, ମ୍ୟୁଜିୟମ ସହିଦ୍ ସ୍ତମ୍ଭ, ସ୍କାୟ ଓକ ବ୍ରିଜ ସମେତ ବୋଟ ଲାଇବ୍ରେରୀ ଦେଖି ବିମୋହିତ ହୋଇଥିଲେ।

ଖୋଲା ଏଣ୍ଟ୍ରି ପଏଂଟ ଦେଇ ୮୮ଟି ବୋଟରେ ୧୦୩୦ ଜଣ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଥିବା ବେଳେ ଗୁପ୍ତି ଏଣ୍ଟ୍ରି ପଏଂଟ ଦେଇ ୨୧ ବୋଟରେ ୨୨୧ ଜଣ ପର୍ଯ୍ୟଟକ, ଚାନ୍ଦବାଲି ଏଣ୍ଟ୍ରି ପଏଂଟ ଦେଇ ୧୩ ବୋଟରେ ୨୦୭ ପର୍ଯ୍ୟଟକ ଓ ଡାଙ୍ଗମାଳ ମୁଖ୍ୟ ଗେଟ ଦେଇ ସ୍ଥଳ ପଥରେ ୫୪୮ ଜଣ ପର୍ଯ୍ୟଟକ ଭିତରକନିକା ଶୋଭା ଉପଭୋଗ କରିଥିଲେ। ଭିତରକନିକା ଆସୁଥିବା ପର୍ଯ୍ୟଟକମାନେ ଜଳପଥରେ ଭିତରକନିକାର ଶୋଭା ଉପଭୋଗ କରିବାକୁ ଅଧିକ ପସନ୍ଦ କରୁଛନ୍ତି। ପ୍ରକୃତି ଓ ପରିବେଶ ମଧ୍ୟରେ ଭିତରକନିକାକୁ ପାଖରେ ଦେଖିବା ପାଇଁ ଏବେ ପ୍ରତିଦିନ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ମାନେ ଭିଡ ଜମାଉଛନ୍ତି।

## ଜାତୀୟସ୍ତରୀୟ ବିଭିନ୍ନ ପ୍ରକାର ମାର୍ଶାଲ କଳାରେ ବିଜେତାଙ୍କୁ ପ୍ରମାଣପତ୍ର ପ୍ରଦାନ ଉତ୍ସବ



**ବାଲିଅନ୍ତା,୧୪।୧୨ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନସ୍ଥ ବାଲକାଟି ଦୁଲାଦେଇ ମନ୍ଦିର ପରିସରରେ ରବିବାର ସନ୍ଧ୍ୟାରେ ଉମାକାନ୍ତ ମାର୍ଶାଲ ଆର୍ଟ ପକ୍ଷରୁ ତେଲେଙ୍ଗାନା ରାଜ୍ୟରେ ଅନୁଷ୍ଠିତ ଅନଲାଇନ ଜାତୀୟସ୍ତରୀୟ ବିଭିନ୍ନ ପ୍ରକାର ମାର୍ଶାଲ ପ୍ରତିଯୋଗୀତା ୨୦୨୫ରେ ମୋଟ ୨୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏଥିମଧ୍ୟରୁ ସ୍ୱର୍ଣ୍ଣ ୯ ରୌପ୍ୟ ୭ ଓ କାଂସ୍ୟ ୬ ପଦକ ହାସଲ ସହିତ ପ୍ରମାଣ ପତ୍ର ଅର୍ଜ୍ଜନ କରି ବାଲକାଟି ଅଞ୍ଚଳର ଗୌରବ ବୃଦ୍ଧି କରିଛନ୍ତି । ଅନୁଷ୍ଠାନ ପକ୍ଷରୁ ପ୍ରଶିକ୍ଷକ ଉମାକାନ୍ତ ବେହେରାଙ୍କ ଆୟୋଜନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଗୀତିକାର ତଥା ସଂଳାପକାର ଡ ରଜନୀ ରଞ୍ଜନ ଦାଶ, ସମ୍ମାନୀତ ଅତିଥି ଭାବେ ସମାଜସେବୀ ସୁବ୍ରତ କୁମାର ମହାନ୍ତି, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ସୁଚିତ୍ର ଜେନା, ସନ୍ତୋଷ କୁମାର ଜେନାଙ୍କ ସହ ବିଜେତାଙ୍କ ଅଭିଭାବକ ପ୍ରମୁଖ ଉପସ୍ଥିତ ଥିଲେ।

## ଡଃ ବି.ଆର. ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ ପାଳିତ

**ଯାଜପୁର,୧୪।୧୨ (ସଂଚାର ବ୍ୟୁରୋ):** ଆମ୍ବେଦକର ବିକାଶ ପରିଷଦ ବରୀ ପକ୍ଷରୁ ରବିବାର ଆମ୍ବେଦକର ଭବନ, ନେଉଳା ଠାରେ ମହାସମାରୋହରେ ଅନୁଷ୍ଠାନ ସଭାପତି ବିଶିଷ୍ଟ ଶିକ୍ଷାବିତ ଦୁର୍ଯ୍ୟଧନ ଦଳାଇ ଙ୍କ ସଭାପତିତ୍ୱରେ ଡଃ ବି.ଆର, ଆମ୍ବେଦକରଙ୍କ ୬୯ ତମ ମହାପ୍ରୟାଣ ଦିବସ ବରୀରେ ପାଳିତ ହୋଇଯାଇଅଛି।

ଏହି ଅବସରରେ ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, ବରୀ ର ପୂର୍ବତନ ବିଧାୟକା ଶ୍ରୀମତୀ ସୁନନ୍ଦା ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥୁବା ବେଳେ ରମ୍ଭା ସରପଞ୍ଚ ମାନସ ଜେନା,ଆର୍ତ୍ତତ୍ରାଣ ମଲ୍ଲିକ, ହରିଶ୍ଚନ୍ଦ୍ର ଦାସ, ଅଭିନ କୁମାର ଜେନା, ଦୁଷ୍ମନ୍ତ ସେଠୀ, ବିଜୟ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବାବା ସାହେବ ଙ୍କ ଦେଶ ଓ ସମ୍ବିଧାନ ପ୍ରତି ଅବଦାନ ବିଷୟରେ ଆଲୋକପାତ କରିଥିଲେ। କୁନି ପ୍ରବକ୍ତା ସାଇ ପ୍ରସାଦ ସମ୍ବିଧାନ କୁ ବଞ୍ଚେଇବା ପାଇଁ ଆଜି ଆମକୁ ବଜ୍ର ଶପଥ ନେବାକୁ ହେବ ବୋଲି ନିଜର ପ୍ରବଚନ ଅଭିଭାଷଣରେ ପ୍ରକାଶ କରିଥିଲେ।

## ପଟ୍ଟାମୁଣ୍ଡାଇ ବିଜେପିର ମିଶ୍ରଣ ପର୍ବ

**ପଟ୍ଟାମୁଣ୍ଡାଇ,୧୪।୧୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବିଜେପିର ଏକ ମିଶ୍ରଣ ପର୍ବ ପୌରପରିଷଦ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ରାଜନଗର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବରିଷ୍ଠ ବିଜେପି ଯୁବନେତା ଲଳିତ ବେହେରାଙ୍କ ପୌରହିତ୍ୟ ଓ ସରପଞ୍ଚ ନରେଶ ମଲିକଙ୍କ ସଞ୍ଚାଳନରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କେନ୍ଦ୍ରାପଡା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେପିରେ ସାମିଲ ହେବାକୁ ଆସିଥିବା ନବାଗତ ମାନଙ୍କୁ ସ୍ୱାଗତ କରିଥିଲେ । ପଟ୍ଟାମୁଣ୍ଡାଇ ବ୍ଲକର ବଳଭଦ୍ରପୁର, ବିଲିକଣା, ଦିହୁଡି ପୁତ୍ର, ବଡ଼ମୋହନପୁର, ଖଡ଼ିଅଣ୍ଟା, କଖାରୁଣୀ, ସାନଜରୀଆ, ଦୋକ୍ଷିଆ, ଶ୍ରୀରାମପୁର, ଡାମରପୁର, ବାଛରା ଆଦି ପଞ୍ଚାୟତର ୬ଶହରୁ ଉର୍ଦ୍ଧ୍ୱ କର୍ମୀ ଅନ୍ୟ ଦଳ ଛାଡି ବିଜେପିରେ ଯୋଗ ଦେଇଥିଲେ। ନବାଗତ ମାନଙ୍କୁ ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରାଯାଇଥିଲା ।



## ବିଧାୟକଙ୍କ ଦରମା ବୃଦ୍ଧି ପ୍ରସଙ୍ଗରେ ଜନଶକ୍ତି ପାର୍ଟିର ତୀବ୍ର ପ୍ରତିକ୍ରିୟା

**ଡେରାବିଶ,୧୪।୧୨ (ସଂଚାର ବ୍ୟୁରୋ):** ବିଜେଡ଼ି ସରକାରଙ୍କ ୨୪ ବର୍ଷର ଶାସନରେ ବିଭିନ୍ନ ବିଫଳତାର ଦ୍ୱାହି ଦେଇ ଏବଂ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ, ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ, ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଦେୟ ଛାଡ଼, ବେକାରୀଙ୍କୁ କର୍ମସଂସ୍ଥାନର ପ୍ରତିଶ୍ରୁତି ଦେଇ ଶାସନଗାଦିକୁ ଆସିଥିବା ବିଜେପି ଦଳର ବିଧାନସଭାରେ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧିରେ ଦେଶରେ ପ୍ରଥମ ହୋଇଥିବା ନେଇ ଜନଶକ୍ତି ପାର୍ଟି ଏ ନେଇ ତିବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଯେଉଁ ସମୟରେ ଜନସାଧାରଣଙ୍କର ମୌଳିକ ସମସ୍ୟାକୁ ଅଣଦେଖା କରି ଓଡ଼ିଶା ଭଳି ଗରିବ ରାଜ୍ୟର ଜନସାଧାରଣଙ୍କ ଟିକସ ଟଙ୍କାକୁ ରାଜା ରାଜୁଡ଼ା ଭଳି ନିଜେ ନେଇଯାଇଥିବା ଘଟଣା ଜନସାଧାରଣଙ୍କ ପ୍ରତି ଏହା ଅନ୍ୟାୟ ନୁହଁକି ବୋଲି ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାଶ ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି। ଯେଉଁ ସମୟରେ ନିଜର ନାର୍ଯ୍ୟ ଦାବି ପାଇଁ ବିଧାନସଭା ସମ୍ମୁଖରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ପାଚିକା ମାନେ ନିଜର ଦରମା ବୃଦ୍ଧି ଦାବି କରି ରାଜରାସ୍ତାରେ ଧାରଣାରେ ବସିଛନ୍ତି ସେ ସମୟରେ ସରକାର ନିଜର ଦରମା ବୃଦ୍ଧି କରିନଥିବା ଅତ୍ୟନ୍ତ ହାସ୍ୟସ୍ପଦ ଓ ସମ୍ବେଦନଶୀଳ ପ୍ରସଙ୍ଗ ବୋଲି ଶ୍ରୀ ଦାଶ କହିଛନ୍ତି। ଯେଉଁ ଦଳର ସ୍ଲୋଗାନ୍ ଥିଲା ନୀତି ଭଲ, ନେତା ଭଲ, ବିଜେପି ଶାସନ ଦେଖିବା ଚାଲ, ସେହି ସ୍ଲୋଗାନ ପ୍ରତି ଏହା ଅବମାନନା ନୁହେଁକି ବୋଲି ଶ୍ରୀ ଦାଶ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି।

# ଭିତ୍ତିଭୂମି ନାହିଁ: ବିଦ୍ୟାଳୟ ପ୍ରତି ବିମୁଖ ଛାତ୍ରଛାତ୍ରୀ ଓ ଅଭିଭାବକ

### ପାଚେରି ଓ ଶ୍ରେଣୀ ଗୃହ ନିର୍ମାଣ ଦାବି



**ବୋରିଗୁମ୍ମା,୧୪।୧୨ (ସଂଚାର ବ୍ୟୁରୋ):** ଆଜିବି ଅବହେଳିତ ଭାବେ ରହିଛି ବୋରିଗୁମ୍ମା ବ୍ଲକର ଅନେକ ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ। ସରକାରଙ୍କ ବିଭିନ୍ନ ଯୋଜନା ଏଠାରେ ପହଞ୍ଚି ପାରିନାହିଁ। ସଠିକ ଭିତ୍ତିଭୂମି ନଥିବାରୁ ବିଦ୍ୟାଳୟ ପ୍ରତି ବିମୁଖ ହେଉଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ। ଏମିତି ଏକ ବିଦ୍ୟାଳୟ ହେଉଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସଦର ମୋହକୁମା ସ୍ଥିତ ସରକାରୀ ଭୈରବ ମାର୍ଗ ପ୍ରାଥମିକ ବିଦ୍ୟାଳୟ।

ଏହି ବିଦ୍ୟାଳୟ ୨୦୦୩ ମସିହାରେ ସ୍ଥାପିତ ହୋଇଥିଲା ବିଦ୍ୟାଳୟଟି ଭୈରବ ମାର୍ଗର ଥିବା ଏକ ନିର୍ଜନ ସ୍ଥାନ ନିକଟରେ ରହିଛି। ବିଦ୍ୟାଳୟଟି ଏବେ ସମସ୍ୟା ଘେରରେ ରହିଛି । ବର୍ଷା ଦିନେ ବିଦ୍ୟାଳୟ ଭିତରେ ପାଣି ପଶୁଥିବା ବେଳେ ଶ୍ରେଣୀ ଗୃହରେ ପାଣି ଗଳୁଛି, ବିଦ୍ୟାଳୟରେ ନା ଅଛି ଖେଳ ପଡିଆ ନା ସୁରକ୍ଷା ପାଚେରୀ। ପାଚେରୀ ନଥିବା ଯୋଗୁଁ ପ୍ରତି ସମୟରେ ବିଦ୍ୟାଳୟ ପରିସର ମଧ୍ୟକୁ ଅସାମାଜିକ ଓ ଅବୈଧ ଲୋକଙ୍କ ଅନୁପ୍ରବେଶ ଦେଖିବାକୁ ମିଳୁଛି। ଏଥିଯୋଗୁଁ ଛାତ୍ରଛାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ବିଦ୍ୟାଳୟରେ କେବଳ ଦୁଇଟି ଶ୍ରେଣୀ ଗୃହ ରହିଛି। ସବୁଠାରୁ ବଡ଼ ସମସ୍ୟା ହେଉଛି ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ରହିଥିବା ଶ୍ରେଣୀ ଗୃହ ଦୀର୍ଘ ମାସ ହେବ ଭାଙ୍ଗିରୁଜି ଯାଇଥିଲେ ମଧ୍ୟ ମରାମତି ହୋଇପାରୁ ନାହିଁ ଯଦ୍ୱାରା ଟିକିଏ ବର୍ଷା ହେଲେ ଛାତରୁ ପାଣି ଗଳୁଛି। ଅନ୍ୟ ଉପାୟ ନ ପାଇ ଛାତ୍ରଛାତ୍ରୀମାନେ ଭଙ୍ଗା ଦଦରା ବିଦ୍ୟାଳୟରେ ବିପଦ ସଙ୍କୁଳ ଅବସ୍ଥାରେ ପ୍ରତିଦିନ ପଢୁଛନ୍ତି ।

ବିଦ୍ୟାଳୟ ଚତୁଃପାର୍ଶ୍ୱକୁ ଲାଗି ଗ୍ରାମବାସୀଙ୍କ ବ୍ୟକ୍ତିଗତ ଜାଗା ଓ ଘର ଥିବାରୁ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ସୁରକ୍ଷା ପାଚେରୀ ନିର୍ମାଣ ହୋଇପାରୁନାହିଁ କି ଏହି ବିଦ୍ୟାଳୟ ପ୍ରତି କାହାର ଦରଦ ନାହିଁ। ତୁରନ୍ତ ଏହି ବିଦ୍ୟାଳୟରେ ନୂତନ ଶ୍ରେଣୀ ଗୃହ ନିର୍ମାଣ ସହ ଛାତ ମରାମତି ଓ ପାଚେରୀ ନିର୍ମାଣ ପାଇଁ ଅଭିଭାବକଙ୍କ ସହ ଅଞ୍ଚଳବାସୀ ଦାବି କରିଛନ୍ତି।

## ବଢେଇ ଦେଲେ ମଢେଇ ବାବୁ




ବିଧାୟକମାନେ ଏବେ ନିଜର ଦରମା ବୃଦ୍ଧିକୁ ନେଇ ଯେତିକି ଖୁସି ହେଉଛନ୍ତି ତାହାଠାରୁ ଅଧିକ ଖୁସି ହେଉଛନ୍ତି ବିଜେପି ବିଧାୟକ ଭାସ୍କର ମଢେଇଙ୍କୁ ନେଇ। ଅନେକ ତ ମଢେଇ ବାବୁଙ୍କୁ ଫୋନ୍ କରି ବଧେଇ ଜଣାଉଛନ୍ତି। ସଚିବାଳୟରେ ଶାସକ ଦଳର ଜଣେ ବିଧାୟକ କହୁ କହୁ କହିଦେଲେ ଆମ ପାଉଣାକୁ ମଢେଇ ବାବୁ ବଢେଇ ଦେଲେ। କଥାଟ ବୁଝି ନହେଲାରୁ ଆମେ ଟିକେ ପଚାରିଦେଲୁ। ବାବୁ ଖୁସି ମନରେ ବୁଝାଇଦେଲେ।



କହିଲେ, ପ୍ରଥମେ ଦରମା କେତେ ବଢ଼ିବ ସେଥିପାଇଁ ଗୋଟିଏ କମିଟି ହୋଇଥିଲା। ତାହାର ମୁଖିଆ ଥିଲେ ସେତେବଳର ବିଜେଡି ବିଧାୟକ ଅମର ଶତପଥୀ। ସିଏ ଯେତିକି ଦରମା ବଢାଇବାକୁ କହିଥିଲେ ତାହା କାହାରି ମନକୁ ପାଇଲା ନାହିଁ। ସେହି ରିପୋର୍ଟକୁ ଅଳିଆଗଦାକୁ ପକାଇ ଦିଆଗଲା। ଏହାପରେ ଦାୟିତ୍ୱ ଦିଆଗଲା ବିଜେପି ବିଧାୟକ ଭାସ୍କର ମଢେଇଙ୍କୁ। ମଢେଇ ବାବୁ ତ ସବୁବେଳେ ଦରମା ବୃଦ୍ଧି ପାଇଁ ବିଧାନସଭାରେ କନ୍ଦା କଟା କରନ୍ତି। ଯେମିତି ତାଙ୍କ ହାତରେ ଦରମା ବଢାଇବାର ଚାବି କାଠି ପଡିଲା ସିଏ ଏକାଥରେ ନୂଆ ପିଲା ଗାଡି ଚଲାଇଲା ଭଳିଆ ଚାବି ମୋଡିଲେ। ଏତେ ବଢାଇଦେଲେ ଯେ ସମସ୍ତଙ୍କ ମନକୁ ପାଇକି ବଳିଲା। ମଢେଇ ବାବୁଙ୍କ ସୁପାରିଶ୍‌କୁ ସମସ୍ତେ ମିଳିମିଶି ପାଶ୍ କରିଦେଲେ। ଏବେ ଯେତେବେଳେ ନୂଆ ପୁରୁଣା ବିଧାୟକମାନେ ମିଶି ପୁଳା ପୁଳା ଟଙ୍କା ପାଇବାକୁ ଯାଉଛନ୍ତି ସେତେବେଳେ ମଢେଇ ବାବୁଙ୍କୁ ଧନ୍ୟବାଦ ନଦେଇ ରହିପାରୁ ନାହାନ୍ତି। ବିଧାୟକ ଜଣଙ୍କ ଏକଥା କହିଲାବେଳେ ଆମେ ଟିକେ ମଝିରେ ଅଟକାଇ ପଚାରିଦେଲୁ, ଯଦି ମଢେଇ ବାବୁ ବଢେଇ ଦେଲେ ତେବେ ମୋହନ ବାବୁ କ'ଣ କଲେ ? ଏତିକି ଶୁଣିବାପରେ ବିଧାୟକ ଜଣଙ୍କ ଆଉ କିଛି ମନ୍ତବ୍ୟ ନଦେଇ ପକେଟରୁ ଫୋନ୍ ବାହାର କରି ସ୍ଥାନ ପରିତ୍ୟାଗ କଲେ।

## ପାଞ୍ଜି ଦେଖୁଛନ୍ତି ଛତିଶଗଡି ପଣ୍ଡିତ

ଓଡିଶାର ଏକାଧିକ ପାଞ୍ଜିକୁ ଏବେ ଛତିଶଗଡି ପଣ୍ଡିତମାନେ ଖେଳାଉଛନ୍ତି। ତିଥ ବାର ସବୁ ଖୋଜୁଛନ୍ତି। ତେବେ ସେମାନେ ସବୁ କିଛି ସଠିକ୍ ପାଇବେ କି ନାହିଁ ତାହାକୁ ନେଇ ଏବେ ସରକାରୀ ବାବୁଙ୍କର ମୁଣ୍ଡବିନ୍ଧା। କ୍ରୀଡା ବିଭାଗର ଜଣେ ବାବୁ ଏ ନେଇ ବ୍ୟସ୍ତ ହେଉଥିବାର ଦେଖି ତାଙ୍କୁ ପଚାରିଲୁ, ପାଞ୍ଜି ଦେଖାରେ ପୁଣି ଛତିଶଗଡର ସମ୍ପର୍କ କ'ଣ ? ବାବୁ ଜଣଙ୍କ କହିଲେ, ଏବର୍ଷ ସରକାରୀ ଡାଏରୀ କ୍ୟାଲେଣ୍ଡର କାମ କୁଆଡେ ଛତିଶଗଡର ଗୋଟିଏ ହାତେଇଛି। ସିଏ ଓଡିଶା ସରକାରଙ୍କ ପାଇଁ ନୂଆ ଡାଏରୀ କ୍ୟାଲେଣ୍ଡର ତିଆରି କରିବ।




ସେଥିପାଇଁ ସେହି ଛତିଶଗଡି କମ୍ପାନୀ ଲୋକ ଆସି ଓଡିଶାର ପାଞ୍ଜି ଖୋଜିବାରେ ଲାଗିଛନ୍ତି। ତିଥ ବାର ଛୁଟି ଯଦି ଭୁଲ୍ ହୋଇଗଲା ତେବେ କଥା ସରିଲା। କିନ୍ତୁ କ୍ରୀଡା ବିଭାଗର ବାବୁଙ୍କ ବ୍ୟସ୍ତତା ନେଇ ଆମେ ଟିକେ ଆଶ୍ଚର୍ଯ୍ୟ ହୋଇପଚାରିଲାରୁ, ବାବୁ ଏପଟ ସେପଟ ଅନେଇ କହିଲେ, ଏ ସନ କ୍ରୀଡା ବିଭାଗ ପଇସାରେ କୁଆଡେ କ୍ୟାଲେଣ୍ଡର ତିଆରି ହେଉଛି। ତେଣୁ ସେଥିରେ ଯେମିତି କିଛି ଭୁଲ୍ ଭଟକା ନହୁଏ ସେଥିପାଇଁ କ୍ରୀଡା ବାବୁଙ୍କୁ ନଜର ରଖିବାକୁ କୁହାଯାଇଛି। ସେଥିପାଇଁ ସିଏ ବ୍ୟସ୍ତ ବିବ୍ରତ ହେଉଥିବା କହିଲେ। ଆମର କିନ୍ତୁ ତାଙ୍କ କଥା ଉପରେ ଟିକେ ସନ୍ଦେହ ହେଲା। ହେବା ବି ସ୍ୱାଭାବିକ, କାରଣ ଏ କାମ ତ ରାଇଜ ମୁଖିଆଙ୍କ ଅଧିନରେ ଥିବା ଜନସମ୍ପର୍କ ବିଭାଗର। କଥାଟା ଅଧିକ ବୁଝିବାପାଇଁ ଆମେ ପଚାରିବାକୁ ଉଦ୍ୟତ ହେଲାରୁ କ୍ରୀଡା ବାବୁ ସେଠାରୁ କ୍ରିକେଟ ବଲ ଗତିରେ ପଳାୟନ କଲେ। ହେଲେ ସେ ଯେଉଁ ଛତିଶଗଡ ପଣ୍ଡିତଙ୍କ ପାଞ୍ଜି ଦେଖା କଥାଟା କହିଦେଇ ଗଲେ ତାହା ଏବେ ସନ୍ଦେହରେ।

## ବିଧାୟକଙ୍କ ଘରେ ଗାଡ଼ି କମ୍ପାନୀ




ବିଧାୟକମାନଙ୍କ ଦରମା ବଢିଲା ପରେ ଏବେ ଯଦି ସବୁଠାରୁ କିଏ ଅଧିକ ଖୁସି, ତେବେ ସିଏ ହେଉଛନ୍ତି ବିଭିନ୍ନ ନାମୀ ଦାମୀ କମ୍ପାନୀର ଗାଡି କମ୍ପାନୀ। ଦରମା ବଢା ଖବର ପାଉ ପାଉ ଆସି ବିଧାୟକଙ୍କ ଘରେ ଡେରା ପକାଇଛନ୍ତି। ନିଜ କମ୍ପାନୀର ନୂଆ ଗାଡି ସଂକ୍ରାନ୍ତରେ ବିଧାୟକ ଓ ତାଙ୍କ ଗୃହ ମନ୍ତ୍ରୀଙ୍କୁ ବୁଝାଇବାରେ ଲାଗିଛନ୍ତି। ପୁରୁଣା ଗାଡିକୁ ଭଲ ଦର ଦେବାପାଇଁ ବି କହୁଛନ୍ତି। ବର୍ଦ୍ଧିତ ଦରମା ସାଙ୍ଗକୁ ବାକିଆ ପଇସା ଏକାଥରେ ମିଳିବାକୁ ଥିବାରୁ ଅନେକ ବିଧାୟକ ଓ ପୂର୍ବତନ ବିଧାୟକମାନେ ଗାଡି କିଣିବାକୁ ମନ ବଳାଇଛନ୍ତି। ଏଣୁ କେତେ ପଇସାରେ କେଉଁ ଗାଡି କିଣିଲେ ଟିକସ ପଡିବ ନାହିଁ ସେ ସଂକ୍ରାନ୍ତରେ ପଚାରି ବୁଝୁଛନ୍ତି। ଏହାର ସୂଚନା ପାଇଲା ପରେ କିଛି ଗାଡି ବିକ୍ରେତା ଏବେ ସାଙ୍ଗରେ ଚାଟାର୍ଡ ଆକାଉଣ୍ଟାଣ୍ଟ ଧରି ନେତାଙ୍କ ଘରେ ହାଜର ହେଉଛନ୍ତି। ରାଜଭବନ ନିକଟରେ ଥିବା ଜଣେ ଉପକୂଳିଆ ନେତା ଦାମୀ ଗାଡି କିଣିବାକୁ ମନ ବଳାଇଥିବାବେଳେ ଗାଡିଟି କିନ୍ତୁ ତାଙ୍କର କିମ୍ବା ତାଙ୍କ ପତ୍ନୀଙ୍କ ନାମରେ ରଖିବାକୁ ମନାକରି ଦେଇଛନ୍ତି। ସିଏ ଏବେ ବିଶ୍ୱସ୍ତ ଲୋକ ସନ୍ଧାନରେ ଥିବାରୁ ଆଉ କିଛିଦିନ ପରେ ଆସିବାକୁ ଗାଡି କମ୍ପାନୀ ବାବୁଙ୍କୁ କହିବାରୁ କଥାଟା ଏବେ ବଜାରକୁ ଆସିଛି। ତେବେ ବିନା ପରିଶ୍ରମରେ ବିଧାୟକଙ୍କ ପକେଟକୁ ଆସିବାକୁ ଟଙ୍କାକୁ ନିଜ କମ୍ପାନୀ ଆକାଉଣ୍ଟକୁ ନେବାପାଇଁ ଏବେ ନେତାଙ୍କ ଦୁଆରେ ଟାଇ ପିନ୍ଧା ବାବୁଙ୍କ ଭିଡ ଲାଗିଛି।

## ମନ ଛୁଇଁଗଲା ଦାଦନ ଗୀତ




ଚଳିତ ବର୍ଷ ବିଧାନସଭାର ଶେଷ ଅଧିବେଶନରେ ସମସ୍ତଙ୍କ ମନକୁ ପାଇଥିବା ଭଳି ଘଟଣାଟି ହେଉଛି ବିଜେଡି ବିଧାୟକ ଡକ୍ଟର ଅରୁଣ ସାହୁଙ୍କ ଦାଦନ ଗୀତ। ଗୀତ ନୁହେଁ ତ ମନକୁ ଛୁଇଁଗଲା ଭଳି କେଇ ପଦ ବାସ୍ତବ କଥା। ସରକାରଙ୍କୁ କଟାକ୍ଷ କରିବାକୁ ଯାଇ ଅରୁଣ ନିଜର କଲମରେ ଯେଉଁ ବାସ୍ତବ ଚିତ୍ର ଆଙ୍କିଲେ ଓ ରାଜ୍ୟର ଦାଦନ ସ୍ଥିତି କ'ଣ ତାହା ଜଣାଇଦେଲେ। ତାହାକୁ ତାରିଫ ନକରି କେହି ରହିପାରୁ ନାହାନ୍ତି। ସାଧାରଣତଃ ଅରୁଣ ଶାଣିତ ଆକ୍ରମଣ କଲାବେଳେ ଶାସକଦଳର ବିଧାୟକ ଏଥିରେ ବାଧା ସୃଷ୍ଟି ପାଇଁ ତାଙ୍କୁ ଲକ୍ଷ୍ୟକରି କିଛି କହିଥାନ୍ତି। ହେଲେ ଅରୁଣ ଯେତେବେଳେ ତାଙ୍କର ଦାଦନ ଗୀତଟିକୁ ବିଧାନସଭାରେ ଗାଇଲେ ସେତେବେଳେ ଶାସକଦଳର ସଦସ୍ୟମାନେ ବି ଚୁପ୍ ହୋଇଗଲେ। ଏ ସଂକ୍ରାନ୍ତରେ ବିଧାନସଭା ବାହାରେ ଶାସକଦଳର ଜଣେ ବିଧାୟକ କହୁଥାନ୍ତି, ଯାହା ଆମେ କେହି କହିପାରୁନାହୁଁ ତାହା ଅରୁଣ ଆଜି ବିଧାନସଭାରେ ଗୀତ ଆକାରରେ କହିଦେଲେ। ଅରୁଣ ତାଙ୍କର ଦାଦନ ଗୀତ ଗାଇଲାବେଳେ ଅନେକ ତ କୋହଭରା ମୁହଁରେ ତାଙ୍କ ଆଡକୁ ଚାହିଁ ରହିଥିଲେ। ଅରୁଣ ପ୍ରତିବର୍ଷ ନୂଆବର୍ଷରେ ଶୁଭେଚ୍ଛା ବାର୍ତ୍ତାକୁ ଗୀତ ଆକାରରେ ଲେଖି ପଠାଇଥାନ୍ତି। ପୂର୍ବରୁ ବିଧାନସଭାରେ ମହାନଦୀ ଉପରେ ଗୀତ ମଧ୍ୟ ଗାଇଛନ୍ତି। ହେଲେ ଏଥର ତାଙ୍କର ଦାଦନ ଗୀତଟି ଥିଲା ସମ୍ପୂର୍ଣ୍ଣ ଭିନ୍ନ। ଓଡିଶାର ଦାଦନ ସ୍ଥିତିକୁ ବିଧାନସଭାରେ ରଖିଦେଲା। ତେବେ ଅରୁଣ କ୍ଷମତାରେ ଥିବାବେଳେ ଯଦି ଏହି ଗୀତଟିକୁ ବିଧାନସଭାରେ ଗାଇଥାନ୍ତେ ତେବେ ବିଧାନସଭା ଇତିହାସରେ ତାଙ୍କ ନା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଥାନ୍ତା ବୋଲି କିଛି ବିଧାୟକ ମତ ଦେଉଥିବା ଲକ୍ଷ୍ୟ କରାଯାଇଥିଲା।

## ଅଫିସରଙ୍କୁ ରାତିରେ ନିଦ ହେଉନି

ମୁଖ୍ୟ ସଚିବ ହେବାପାଇଁ ପାଗ ଭିଡିଥିବା କିଛି ବାବୁଙ୍କୁ ରାତିରେ ନିଦ ହେଉନାହିଁ। ଯେତେବେଳେ ନିଦ ଲାଗୁଛି ସେତେବେଳେ ସିଏ ରାଜ୍ୟର ମୁଖ୍ୟ ସଚିବ ଚଉକିରେ ବସିଥିବାର ସ୍ୱପ୍ନ ଦେଖୁଛନ୍ତି। କିଛି ସମୟର ଖୁସି ପରେ ନିଦ ଭାଙ୍ଗିଯାଉଛି। ଆଉ ନିଦ ହେଉନି। ଏଭଳି ଅନିଦ୍ରା ପୀଡିତ ଅଫିସରଙ୍କ ଭିତରେ ଓଡିଶାର ଦୁଇ ତିନି ଜଣ ଥିବାବେଳେ ଦିଲ୍ଲୀରେ ବି ଦୁଇଜଣ ଅଛନ୍ତି। ବର୍ତ୍ତମାନର ମୁଖ୍ୟ ଶାସନ ସଚିବଙ୍କ ସମ୍ପ୍ରସାରିତ କାର୍ଯ୍ୟକାଳ ଚଳିତମାସ ଶେଷରେ ପୂରିଯାଉଛି। ସରକାର ତାଙ୍କ କାର୍ଯ୍ୟକାଳ ପୁଣିଥରେ ବଢାଇବେ ନାହିଁ ବୋଲି ପ୍ରଚାର ହେବାପରେ ଏବେ ଏହି ପଦବୀକୁ ଯିବାକୁ ଥିବା ତିନି ଚାରିଜଣ ଅଫିସର ଏବେ ଲାଗି ପଡିଛନ୍ତି। କିଏ ଦିଲ୍ଲୀ ଦୌଡୁଛି ତ ଆଉ କିଏ ବିଜେପି ନେତାଙ୍କୁ ଫୋନ୍‌କରୁଛି। ଜଣେ ଦୁଇଜଣ ଅଫିସର ତ ମନମରା ହୋଇ କହୁଛନ୍ତି, ମୁଖ୍ୟ ଶାସନ ସଚିବ ଚଉକି ନମିଳିଲେ ସେମାନେ ଦିଲ୍ଲୀ ପଳାଇବେ। ତେଣେ ଦିଲ୍ଲୀରେ ଥିବା ଅଫିସର ବି ଏହି ଚଉକି ଉପରେ ଆଖି ପକାଇ ରାତି ଅନିଦ୍ରା ହେବାରେ ଲାଗିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଜଣେ ବାବୁଙ୍କ ନାଁ ସବୁଠାରୁ ଆଗରେ ଥିବାବେଳେ ସିଏ କିନ୍ତୁ ଓଡିଶା ଆସିବାକୁ ରାଜି ନାହାନ୍ତି। ତେବେ ଏନେଇ କ୍ଷମତାକେନ୍ଦ୍ରର ନିକଟତର ଜଣେ ବାବୁଙ୍କୁ ପଚାରିଲାରୁ ସିଏ କହିଲେ, କଳାକାହ୍ନୁ ଗୋପରେ ବଢୁଛନ୍ତି। ଠିକଣା ବେଳେ ବାହାରିବେ। ତେବେ ଏହି ଚଉକିରେ ନୂଆ ବାବୁ ବସିବେ ନା ପୁରୁଣା ବାବୁ କାର୍ଯ୍ୟ କରିବେ ତାହାକୁ ନେଇ ଏପର୍ଯ୍ୟନ୍ତ କେହି କିଛି କହିପାରୁ ନାହାନ୍ତି। ହେଲେ କିଛି ବାବୁ ଯେଭଳି ରାତି ଅନିଦ୍ରା ହେଉଛନ୍ତି ତାହା ରାଜ୍ୟ ସ୍ୱାସ୍ଥ୍ୟ ପାଇଁ ଆଦୌ ଶୁଭଙ୍କର ନୁହେଁ।



# ବିପଦରେ ମେଘନାଦ ପାଚେରି

**ପୁରୀ,୧୪।୧୨(ସଂଚାର ବ୍ୟୁରୋ):** ବିପଦରେ ମେଘନାଦ ପାଚେରି। ପାଚେରି ଯୋଡ଼େଇରେ ଫାଟ ହୋଇ ବୋହୁଛି ଆନନ୍ଦ ବଜାର ମଇଳା ପାଣି। ପାଚେରି ଉପରେ ଚରିଗଲାଣି ଶିଉଳି। ବର୍ଷେ ତଳେ ଶିଉଳି ଛଡ଼ାଇ ଫାଟ ଯୋଡ଼େଇ କରାଯାଇଥିଲା। ଗ୍ରାଉଟିଂ କରାଯିବା ପରେ ଡ୍ରେନ୍ ପାଣି ପାଚେରି ଦେଇ ଝରିବା ବନ୍ଦ ହୋଇଯାଇଥିଲା। ମାତ୍ର ଗ୍ରାଉଟିଂ ମେଘନାଦ ପାଚେରିକୁ ବର୍ଷେ ବି ସୁରକ୍ଷା ଦେଇପାରିଲା ନାହିଁ। ପୁଣି ୩ଟି ସ୍ଥାନରେ ଡ୍ରେନ୍ ପାଣି ଝରି ଶିଉଳି ଚରିଗଲାଣି। ତେଣୁ ଶ୍ରୀମନ୍ଦିରକୁ ସୁରକ୍ଷା ଦେଉଥିବା ମେଘନାଦ ନିଜେ ଅସୁରକ୍ଷିତ ହୋଇପଡ଼ିଲାଣି।



**ଫାଟ ଜଳଜଳ, ଚଢ଼ିଗଲାଣି ଶିଉଳି**

ରାମଦୟା ପରିଷଦର ଠିକ୍ ପଛ ପାର୍ଶ୍ୱରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଦୀର୍ଘଦିନ ହେଲା ଆନନ୍ଦ ବଜାର ଡ୍ରେନ୍ ଜଳ ଏତେ ମୋଟେଇ ପାଚେରି ଦେଇ ଝରୁଥିବାରୁ ସମ୍ଭବତଃ ଏହା ଯୋଡ଼େଇକୁ ପ୍ରଭାବିତ କରୁଥିବା ଜଳଜଳ ବାରି ହୋଇପଡୁଛି। ଯୋଡ଼େଇ ଦୁର୍ବଳ ହେଉଥିବାରୁ ଏହା ପାଚେରିକୁ ଦୁର୍ବଳ କରୁଥିବା ନିଃସନ୍ଦେହ। ୨୦୨୧ ମସିହାରୁ ଏହି ସମସ୍ୟା ଉପୁଜିଛି। ପରିକ୍ରମା ପ୍ରକଳ୍ପ ନିର୍ମାଣ ବେଳେ ଆଉ ଗୋଟେ ବାହ୍ୟ ପାଚେରି ନିର୍ମିତ ହୋଇଥିଲେ ସୁଦ୍ଧା ମେଘନାଦ ପାଚେରି ମରାମତି କରାଗଲା ନାହିଁ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଭିତର ଓ ବାହାର ବେଢ଼ାକୁ ସୁରକ୍ଷା ଦେଉଥିବା ମେଘନାଦ ପାଚେରିର ରକ୍ଷଣାବେକ୍ଷଣ ଦାୟିତ୍ୱ ଭାରତୀୟ ପ୍ରତ୍ନତତ୍ତ୍ୱ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଉପରେ ନ୍ୟସ୍ତ। ମେଘନାଦ ପାଚେରିର ଏତାଦୃଶ ସ୍ଥିତିକୁ ନେଇ ଗଣମାଧ୍ୟମ ଦୃଷ୍ଟି ଆକର୍ଷଣ କରିବା ପରେ ଏଏସ୍ଆଇର ବୈଷୟିକ ଟିମ୍ ସର୍ଭେ କରିଥିଲା। ବିପଦ ଥିବା ଅନୁଭବ କରି ତୁରନ୍ତ ଏହାର ମରାମତି ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତେଣୁ ତ୍ୱରିତ ଶିଉଳି ଛଡ଼ାଯାଇ ଗ୍ରାଉଟିଂ କରାଗଲା। ଶ୍ରୀମନ୍ଦିର ପ୍ରଶାସନ ଆନନ୍ଦବଜାର ଡ୍ରେନ୍‌ରୁ ଯେଉଁ ଫାଟ ଓ ଗର୍ତ୍ତ ଦେଇ ପାଣି ମେଘନାଦ ପାଚେରି ଭେଦୁଥିଲା, ତାକୁ ଅସ୍ଥାୟୀ ଭାବେ ବନ୍ଦ କରିଥିଲା। ଆନନ୍ଦବଜାର ହାତଧୁଆ ସ୍ଥଳରୁ ମେଘନାଦ ପାଚେରିରେ ଏକ ଅସ୍ଥାୟୀ ପ୍ଲାଷ୍ଟିକ୍ ପାଇପ୍ ଲଗାଇ ଏହି ପାଣିକୁ ଶ୍ରୀମନ୍ଦିର ବାହାର ଡ୍ରେନ୍‌କୁ ଛଡ଼ାଯାଉଛି। ଏହି ପାଣି ପାଚେରି ଦେଇ ତଳକୁ ଆସୁଛି। ମୋଟା ଆସ୍ତରଣର ଶିଉଳି ବସିଯାଇଥିବାରୁ ଏହି ପାଣି ମେଘନାଦ ପାଚେରି ଦେଇ ଦୀର୍ଘଦିନ ହେଲା ଝରୁଥିବା ସ୍ପଷ୍ଟ ବାରି ହୋଇପଡୁଛି।

## ପୁଲିସ ଷ୍ଟେସନରେ ଚାଲିଲା ବୁଲ୍‌ଡୋଜାର

**ବାରିପଦା,୧୪।୧୨(ସଂଚାର ବ୍ୟୁରୋ) :** ଲୋକଙ୍କ ଜାଗା ମାଡି ବସିଥିଲା ପୁଲିସ ବିଭାଗ। କୋର୍ଟ ନିର୍ଦ୍ଦେଶ ପରେ ବୁଲିଲା ବୁଲ୍‌ଡୋଜାର। ବାରିପଦା ତକତ୍‌ପୁର ସଦର ଥାନା ପାଚେରି ନିର୍ମାଣ କରିବା ସମୟରେ ସ୍ଥାନୀୟ ବାସିନ୍ଦା ସଲିମ ଖାନ୍ ନାମକ ବ୍ୟକ୍ତିଙ୍କ ଘରକୁ ଯିବାକୁ ଥିବା ସରକାରୀ ରାସ୍ତାକୁ ଘେରିଦେଇଥିଲେ। ଯାହା ଫଳରେ ସଲିମ୍ ଖାନଙ୍କ ଘରକୁ ଯିବାକୁ ରାସ୍ତା ବନ୍ଦ ହୋଇଯାଇଥିଲା। ସଲିମ୍ ଖାନ ବାରମ୍ବାର ଗୁହାରୀ କରିଥିଲେ ମଧ୍ୟ ଶୁଣି ନ ଥିଲା ପୁଲିସ। ୨୦୧୮ରେ ଆଦାଲତ୍‌ରେ ପହଞ୍ଚିଥିଲା ମାମଲା। ମାମଲର ବିଚାର କରି କୋର୍ଟ ପାଚେରି ଭାଙ୍ଗି ସଲିମଙ୍କ ଘରକୁ ରାସ୍ତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ।



## ବନ୍ୟଜନ୍ତୁ ଶିକାର ଅଭିଯୋଗରେ ୩ ଶିକାରୀ ଗିରଫ

**୧ ଦେଶୀ ବନ୍ଧୁକ, ମାରଣାସ୍ତ୍ର, ବାରୁଦ ସହ ୨ ମୃତ ବନ୍ୟଜନ୍ତୁ ଜବତ**

**ନୀଳଗିରି,୧୪।୧୨(ସଂଚାର ବ୍ୟୁରୋ):** କୁଲଡିହା ଅଭୟାରଣ୍ୟ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ତଥା ପଞ୍ଚଲିଙ୍ଗେଶ୍ୱର ବିଟ ହାଉସ ଅଧୀନ ଜଙ୍ଗଲରେ କୁଲଡିହା ଭାରପ୍ରାପ୍ତ ରେଞ୍ଜର ତଥା ଏସିଏଫ ସୁବ୍ରତ ବେହେରା, ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ହୃଷୀକେଶ ପ୍ରଧାନ, ଫରେଷ୍ଟ ଗାର୍ଡ ସିଙ୍ଗରାଇ ହେମ୍ବ୍ରମ, ସବୁଜ ବାହିନୀ ପାଟ୍ରୋଲିଂ ସାରି ଆଜି ଭୋର ସମୟରେ ଫେରୁଥିବା ବେଳେ ପାଟଚଣ୍ଡି ଠାରେ ଅବାଧ ପ୍ରବେଶ କରିଥିବା ୩ ସଶସ୍ତ୍ର ଶିକାରୀଙ୍କୁ ଗିରଫ କରିବା ସହିତ ୧ ଦେଶୀ ବନ୍ଧୁକ, ବାରୁଦ, ମାରଣାସ୍ତ୍ର, ଗୋଟିଏ ମୃତ ଝିଙ୍କ ଓ ଗୋଟିଏ ମୃତ ଗୁରାଣ୍ଡି ଜବତ କରିଥିବା ଜଣାପଡ଼ିଛି। ଅଭିଯୁକ୍ତମାନେ ହେଲେ ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମର କଟି ସିଂ (୩୭), ମଙ୍ଗଳ ସିଂ (୪୦), ଏବଂ କଣ୍ଟାବଣିଆ ଗ୍ରାମର ନାଥ ସିଂ (୪୭), ଉକ୍ତ ୩ ଅଭିଯୁକ୍ତଙ୍କ ନାମରେ ୧୫ /୨୫ ରେ ଏକ ମାମଲା ରୁଜୁ କରାଯାଇ ବିଚାର ବିଭାଗୀୟ କୋର୍ଟକୁ ପଠାଯାଇଥିଲା ପରେ ବେଲ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



## ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଯବାନ ଗୁରୁତର

**ରାଉରକେଲା,୧୪।୧୨(ସଂଚାର ବ୍ୟୁରୋ):** ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ଲ୍ୟାଣ୍ଡ ମାଇନ୍ ବିସ୍ଫୋରଣ। ଜଣେ ଯବାନ ଗୁରୁତର। ସରଣ୍ଡା ଜଙ୍ଗଲର ଆଖପାଖ ଥାନା ଅଞ୍ଚଳରେ ସିଆରପିଏଫ୍, କୋବ୍ରା ବାଟାଲିୟନ ଓ ସ୍ଥାନୀୟ ପୁଲିସ ମିଳିତ ଭାବେ ସର୍ଚ୍ଚ ଅପରେସନ ଚାଲିଥିବା ବେଳେ ହଠାତ୍ ଲ୍ୟାଣ୍ଡମାଇନ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ସିଆରପିଏଫ କୋବ୍ରା ବାଟାଲିୟନର ଯବାନ ଅଲେଖ ଦାସ ଗୁରୁତର ହୋଇଛନ୍ତି।ଗୁରୁତର ଯବାନଙ୍କୁ ସ୍ୱତନ୍ତ୍ର ବିମାନରେ ଚିକିତ୍ସା ପାଇଁ ରାଞ୍ଚି ସ୍ଥାନାନ୍ତର କରାଯାଇଛି। ମିଳିତ ସୁରକ୍ଷା ବାହିନୀ ପକ୍ଷରୁ ଲଗାତାର ଭାବେ ଚାଲିଥିବା ସର୍ଚ୍ଚ ଅପରେସନକୁ ବନ୍ଦ କରିବା ପାଇଁ ଓଡ଼ିଶା ଝାଡ଼ଖଣ୍ଡ ସୀମାନ୍ତ ଜଙ୍ଗଲରେ ନକ୍ସଲଙ୍କମାନେ ଲ୍ୟାଣ୍ଡମାଇନ ବିଛାଇଥିଲେ। ବିସ୍ଫୋରକ ନିଷ୍କ୍ରିୟକାରୀ ଟିମ୍ ସହ ମିଳିତ ସୁରକ୍ଷା ବାହିନୀ ପକ୍ଷରୁ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି।

## ଝିଅକୁ ବଳିଦେବାକୁ ମା'ର ଉଦ୍ୟମ

**ଜୟପୁର ୧୪।୧୨(ସଂଚାର ବ୍ୟୁରୋ):** ନାବାଳିକା ଝିଅକୁ ବଳିଦେବାକୁ ଉଦ୍ୟମ କରୁଥିଲା ମା'। ଝିଅକୁ ଉଦ୍ଧାର କରି ପୁଲିସର ଜିମା ଦେଲେ ସାହି ବାସିନ୍ଦା। ଏଭଳି ଅଭିଯୋଗ ଆସିଛି ଜୟପୁର ସହରର ଲିଙ୍ଗରାଜ ନଗରରେ। ପୁଲିସ ନାବାଳିକାଙ୍କୁ ଉଦ୍ଧାର କରିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଜଣେ ବିଧବା ମହିଳା ଏଠାରେ ନିଜର ୨ ପୁଅ ଓ ଝିଅ ସହ ରହୁଥିଲେ। କିଛି ଦିନ ହେଲା ସେ ନିଜ ଘରେ ତନ୍ତ୍ର ସାଧନା କରି ଆସୁଥିଲେ। ତାଙ୍କର ଆଚରଣ ଅନେକ ସମୟରେ ଅସ୍ୱାଭାବିକ ରହୁଥିଲା। ତେବେ ରବିବାର ତାଙ୍କର ବଡଝିଅ ଘର ଭିତରୁ ଜୋରରେ ଚିତ୍କାର କରୁଥିବା ସ୍ଥାନୀୟ ଲୋକ ଶୁଣିଥିଲେ। ଏହାପରେ ସମସ୍ତେ ଯାଇ ଘଟଣାସ୍ଥଳରେ ପହଞ୍ଚିବା ପରେ ଦେଖିଥିଲେ ଯେ, ମହିଳା ଜଣଙ୍କ ନିଜ ଝିଅକୁ ବଳି ଦେବା ପାଇଁ ଉଦ୍ୟମ କରୁଛନ୍ତି। ନିକଟରେ କାଳୀ ମା'ଙ୍କ ଫଟୋ ସହ କାତି ଓ ଚାଉଳ ପଡିଛି। ତୁରନ୍ତ ସାହି ବାସିନ୍ଦା ସେଠାରେ ପହଞ୍ଚି ଝିଅକୁ ଉଦ୍ଧାର କରି ପୁଲିସକୁ ଖବର ଦେଇଥିଲେ। ତେବେ ମା' କାଳୀ ମା'ଙ୍କ ସାଧନା କରୁଥିବା ବେଳେ ଝିଅ ଚର୍ଚ୍ଚ ଯାଉଥିଲେ। ଏହାକୁ ମା' ବିରୋଧ କରୁଥିଲେ। ଏହି କାରଣରୁ ସେ ଝିଅକୁ ବଳି ଦେବାକୁ ଉଦ୍ୟମ କରିଥାଇପାରନ୍ତି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

## ପୁଲିସ ହେପାଜତରେ ଅଭିଯୁକ୍ତର ମୃତ୍ୟୁ

**ଭୁବନେଶ୍ୱର ୧୪।୧୨(ସଂଚାର ବ୍ୟୁରୋ) :** ବାଣପୁର ଥାନା ବିରୋଧରେ ହାଜତ ମୃତ୍ୟୁର ଆସିଛି ଅଭିଯୋଗ। ଯାହାପରେ ହରଡ଼ଘଣାରେ ପଡିଛନ୍ତି ବାଣପୁର ଥାନା ପୁଲିସ। ଖବର ଅନୁଯାୟୀ, ଛବିନ୍ଦ୍ର ନାୟକ ନାମକ ଜଣେ ବ୍ୟକ୍ତିଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଛି। ଶନିବାର ରାତିରେ ବାଣପୁର ଥାନା ପୁଲିସ ଛବିନ୍ଦ୍ର ନାୟକଙ୍କୁ ଚୋରା ମଦ କାରବାରରେ ଗିରଫ କରିଥିଲା। ଶନିବାର ହଠାତ୍ ଛବିନ୍ଦ୍ରଙ୍କ ଦେହ ଅସୁସ୍ଥ ହୋଇପଡିଥିଲା। ଏହାପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। କ୍ୟାପିଟାଲ ହସ୍ପିଟାଲ ପକ୍ଷରୁ ଛବିନ୍ଦ୍ରଙ୍କୁ ମୃତ୍ୟୁ ଘୋଷଣା କରାଯାଇଛି। ତେବେ ଥାନା ପରିସରରେ କଣ ଘଟିଲା, ଯାହାଫଳରେ ଛବିନ୍ଦ୍ରଙ୍କ ଦେହ ଅସୁସ୍ଥ ହୋଇପଡିଲା। ସେନେଇ ପୁଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଅନ୍ୟପଟେ ପୋଷ୍ଟମର୍ଟମ ରୁମରେ ମୃତଦେହ ରଖାଯାଇଛି। ପରିବାର ଲୋକ ଆସିବା ପରେ ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି।

## ୧୬ରୁ ଅଧିକ ହେବ ଶୀତର ପ୍ରକୋପ



**ଭୁବନେଶ୍ୱର ୧୪।୧୨(ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ଶୀତର ଲହରୀ। ୧୬ରୁ ପୁଣି ଶୀତର ପ୍ରକୋପ ଅଧିକ ରହିବ। ଦୀର୍ଘଦିନ ଯାଏଁ ଶୀତର ପ୍ରକୋପ ରହିବ। ବର୍ତ୍ତମାନ ଉତ୍ତର, ଉତ୍ତର ପଶ୍ଚିମ ଦିଗରୁ ପବନ ପ୍ରବାହିତ ହେଉଛି। କୋହଲା ପବନର ପ୍ରବାହ ଆସନ୍ତା ୧୮ ଯାଏଁ ଜାରି ରହିବ। ୧୯ରୁ ପାଗରେ ସାମାନ୍ୟ ପରିବର୍ତ୍ତନ ଆସିବ। ତେବେ ପବନର ପ୍ରବାହ ଫଳରେ ଶୀତର ପ୍ରକୋପ ଅନୁଭୂତ ହେଉଛି। ଆକାଶ ମେଘମୁକ୍ତ ରହୁଛି। ପୃଥିବୀ ବିକିରଣ ବାୟୁମଣ୍ଡଳ ଉପରି ଭାଗକୁ ଯାଉଛି। ଯାହାକି ଅଧିକ ଥଣ୍ଡା ସୃଷ୍ଟି କରୁଛି ବୋଲି କହିଛନ୍ତି ପାଣିପାଗ ବିଶେଷଜ୍ଞ। ସେପଟେ ଗତ ୨୪ ଘଣ୍ଟାରେ ଫୁଲବାଣୀରେ ୬.୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଏଥିସହିତ କଳାହାଣ୍ଡି କନ୍ଧମାଳ କୋରାପୁଟ ଓ ସୁନ୍ଦରଗଡ଼ ଜିଲ୍ଲାରେ ମଧ୍ୟମ ଧରଣର କୁହୁଡି ଦେଖା ଦେଇଥିବା ସୂଚନା ଦେଇଛି ପାଣିପାଗ କେନ୍ଦ୍ର।

## ଦିଲ୍ଲୀରେ ୮ ମୁଖ୍ୟମନ୍ତ୍ରୀ ନେଇଛନ୍ତି ସରକାରୀ ବଙ୍ଗଳୋ

**ଭୁବନେଶ୍ୱର,୧୪।୧୨(ସଂଚାର ବ୍ୟୁରୋ):** ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବଙ୍ଗଳୋକୁ ନେଇ ବିଜେଡି ଆଣିଥିବା ଅଭିଯୋଗର ଜବାବ ଦେଇଛନ୍ତି ବିଜେପି ମୁଖପାତ୍ର ମନୋଜ ମହାପାତ୍ର। ଦେଶର ରାଜଧାନୀ ଦିଲ୍ଲୀରେ କେବଳ ଓଡ଼ିଶା ମୁଖ୍ୟମନ୍ତ୍ରୀ ସରକାରୀ ବଙ୍ଗଳୋ ନେଇନାହାଁନ୍ତି। ଜାତୀୟ ଦଳ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର ଦିଲ୍ଲୀକୁ ଯିବାକୁ ପଡୁଛି। ସେଥିପାଇଁ ତାଙ୍କୁ ଦିଲ୍ଲୀରେ ଏକ ସରକାରୀ ବାସଗୃହ ନେବାର ଆବଶ୍ୟକତା ରହିଛି। ଏସୁବିଧା କେବଳ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ପାଇଁ ନାହିଁ। ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ଚାହିଁଲେ ଏହି ସୁବିଧା ନେଇପାରିବେ। ପୂର୍ବରୁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ୧୪ ଅଶୋକା ରୋଡରେ ଏକ ସରକାରୀ ବାସଗୃହ ନେଇଥିବା ବେଳେ ୧-ଜନପଥରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ବଙ୍ଗଲୋ ନେଇଛନ୍ତି। ସେହିପରି ତେଲେଙ୍ଗାନା, ଆସାମ, ମହାରାଷ୍ଟ୍ର, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ବି ଦିଲ୍ଲୀରେ ସରକାରୀ ବଙ୍ଗଲୋ ନେଇଛନ୍ତି। ୧୧୬ ମୋତିବାଗରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀଙ୍କର ମଧ୍ୟ ଏକ ଘର ରହିଛି। ସବୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନର ସୁରକ୍ଷା ଦାୟିତ୍ୱରେ ପୋଲିସ ରହିବା ସ୍ୱାଭାବିକ କଥା। ଅନ୍ୟ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପରି ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ମଧ୍ୟ ସୁରକ୍ଷା ଦିଆଯାଇଛି ବୋଲି ମନୋଜ କହିଛନ୍ତି।



## ମାଲକାନଗିରି ହିଂସା ଘଟଣାରେ ଆଉ ୧୨ ଗିରଫ

**ମାଲକାନଗିରି ୧୪।୧୨(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ଏମଭି ୨୬ ଏବଂ ରାଖାଲଗୁଡ଼ା ଗାଁ ବିବାଦରୁ ଜଳାପୋଡ଼ା ଘଟଣାରେ ଆଜି ଆଉ ୧୨ ଜଣଙ୍କୁ ଗିରଫ କରିଛି ମାଲକାନଗିରି ସଦର ଥାନା ପୁଲିସ। ଏହି ଘଟଣାରେ ପୂର୍ବରୁ ୬ ଜଣ ଗିରଫ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୮ ଜଣ ଗିରଫ ହୋଇଛନ୍ତି। ଅନ୍ୟମାନଙ୍କୁ ମଧ୍ୟ ଖୋଜୁଛି ପୁଲିସ। ସେପଟେ ଏମଭି ୨୬ ଓ ରାଖାଲଗୁଡା ଗାଁରୁ ବିଏନଏସର ଧାରା ୧୬୩ ଉଚ୍ଛେଦ ହୋଇଥିବା ବେଳେ ଜିଲ୍ଲାରେ ଇଣ୍ଟରନେଟ୍ କଟକଣା ସୋମବାର ଦିନ ୧୨ଟା ପର୍ଯ୍ୟନ୍ତ ବଳବତ୍ତର ରହିଛି। ଜିଲ୍ଲା ପ୍ରଶାସନ ତରଫରୁ ଗାଁରେ ରିଲିଫ ସାମଗ୍ରୀ ବଣ୍ଟାଯାଉଥିବା ବେଳେ ଥଇଥାନ କାର୍ଯ୍ୟ ଜାରି ରହିଛି। ରବିବାର ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଏମଭି ୨୬ ଗାଁକୁ ଯାଇ ସ୍ଥିତିର ସମୀକ୍ଷା କରିବେ।

### ମଧ୍ୟସ୍ଥତା ମାଧ୍ୟମରେ ମାମଲା ବୋଝ କମାଇବାକୁ ପରାମର୍ଶ

# ଲୋକଙ୍କୁ ତ୍ୱରିତ ନ୍ୟାୟ ମିଳିବା ଜରୁରୀ: ସିଜେଆଇ

**କଟକ,୧୪।୧୨ (ସଂଚାର ବ୍ୟୁରୋ):** କଟକରେ ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଲେ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ଓ ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ। ଦେଶର ବିଭିନ୍ନ ଅଦାଲତରେ ମାମଲା ବୋଝ ଏବେ ବଡ଼ ଚିନ୍ତାର କାରଣ ପାଲଟିଛି। ଆଇନ ବ୍ୟବସ୍ଥା ପାଇଁ ଏହା ଯେତିକି ଚିନ୍ତାଜନକ ମାମଲାରେ ପକ୍ଷଭୁକ୍ତ ଲୋକଙ୍କ ପାଇଁ ମଧ୍ୟ ସେତିକି ଚିନ୍ତାଜନକ ବୋଲି ଉଭୟ ହାଇକୋର୍ଟ ଓ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ମତ ପୋଷଣ କରିଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ୍ ଟଣ୍ଡନ ଏ ସମ୍ପର୍କରେ ନିଜର ମତ ରଖି କହିଛନ୍ତି, ରିଟ୍ ପିଟିସନ୍ ସଂଖ୍ୟା ବଢିବାରୁ ମାମଲା ସଂଖ୍ୟା ବଢୁଛି । ତେଣୁ ଅଦାଲତ ଗୁଡିକରେ ମାମଲା ସଂଖ୍ୟା କମାଇବାରେ କାର୍ଯ୍ୟପାଳିକାର ବଡ଼ ଦାୟିତ୍ୱ ରହୁଛି । କାର୍ଯ୍ୟପାଳିକା ପାଖକୁ ଆସୁଥିବା ଅଭିଯୋଗ ଗୁଡ଼ିକର ତ୍ୱରିତ ସମାଧାନ ହେଲେ, ସେଗୁଡିକ ଆଉ ଅଦାଲତକୁ ଆସନ୍ତା ନାହିଁ ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ୍ ଟଣ୍ଡନ ମତ ଦେଇଛନ୍ତି । ଏହାସହ ଏହା ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବିଚାରପତିଙ୍କ ସଂଖ୍ୟା ବଢ଼ିବା ଆବଶ୍ୟକ ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି କହିଛନ୍ତି। ହାଇକୋର୍ଟ ବାର୍ ଆସୋସିଏସନ୍ କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଧାରଣ ଲୋକ କିଭଳି ତ୍ୱରିତ ନ୍ୟାୟ ପାଇବେ ତାହା ଉପରେ ଧ୍ୟାନ ଦିଆଯିବା ଜରୁରୀ ବୋଲି କହିଛନ୍ତି। ସାଧାରଣ ଲୋକଙ୍କ ପାଇଁ ମାମଲାର ଖର୍ଚ୍ଚ ବୋଝ ଭଳି ହୋଇଯାଉଛି, ଯାହା ସାଧାରଣ ଲୋକଙ୍କର ନ୍ୟାୟ ପ୍ରଦାନ ପ୍ରକ୍ରିୟା ଉପରେ ଥିବା ଭରସାରେ ପ୍ରତିବନ୍ଧକ ସାଜୁଛି। ଅଦାଲତ ଗୁଡିକରେ ମାମଲାର ବୋଝ ଚିନ୍ତାଜନକ ଥିବା କଥା ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ସ୍ୱୀକାର କରିବା ସହ ମଧ୍ୟସ୍ଥତା ମାଧ୍ୟମରେ ମାମଲା ବୋଝ କମାଇବାକୁ ପରାମର୍ଶ ଦେଇଛନ୍ତି। ଏହାସହ ମୁଖ୍ୟ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ କହିଛନ୍ତି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଏକ ବିକଳ୍ପ ହୋଇପାରେ।




ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ







ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୩,୯୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୨,୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୩,୯୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୨,୭୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୩,୯୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୨,୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୪,୦୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୨,୯୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୪,୯୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୩,୭୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୩,୯୧୦ ଓ ୧,୨୨,୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୧୦,୦୦୦ ଟଙ୍କା ହୋଇଛି।




ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୦୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୦ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି।

# ଏବେ ନେପାଳରେ ଚଳିବ ୨୦୦-୫୦୦ ଟଙ୍କିଆ ନୋଟ୍

**କାଠମାଣ୍ଡୁ, ୧୪।୧୨:** ଏବେ ନେପାଳରେ ୨୦୦ ଏବଂ ୫୦୦ ଟଙ୍କାର ଭାରତୀୟ ମୁଦ୍ରା ନୋଟ୍ ଏବେ ଚଳିବ। ଏକ ନେପାଳୀ ଖବରକାଗଜ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ପ୍ରାୟ ଏକ ଦଶନ୍ଧି ପରେ ନେପାଳ ୧୦୦ ଟଙ୍କାରୁ ଅଧିକ ମୂଲ୍ୟର ଭାରତୀୟ ମୁଦ୍ରା ନୋଟ୍ ପ୍ରଚଳନ କରିବାକୁ ଯୋଜନା କରୁଛି। ହିମାଳୟ ପାଦଦେଶରେ ଥିବା ଭାରତର ଏହି ପଡ଼ୋଶୀ ଦେଶରେ ପ୍ରାୟ ୧୦ ବର୍ଷ ଧରି ଉଚ୍ଚ ମୂଲ୍ୟର ଭାରତୀୟ ମୁଦ୍ରା ନୋଟ୍ ନିଷିଦ୍ଧ କରାଯାଇଥିଲା। କାଠମାଣ୍ଡୁ ପୋଷ୍ଟ ନେପାଳୀ ଅଧିକାରୀଙ୍କ ଉଦ୍ଧୃତି ଦେଇ କହିଛି ଯେ, ଏହି ପଦକ୍ଷେପ ଭାରତ ଯାତ୍ରା କରୁଥିବା ନେପାଳୀ ପ୍ରବାସୀ ଶ୍ରମିକ, ଛାତ୍ର, ତୀର୍ଥଯାତ୍ରୀ, ଡାକ୍ତରୀ ପରିଦର୍ଶକ ଏବଂ ଉଭୟ ଦେଶର ପର୍ଯ୍ୟଟକଙ୍କ ମୁଦ୍ରା ସମ୍ବନ୍ଧୀୟ ସମସ୍ୟାକୁ ଯଥେଷ୍ଟ ହ୍ରାସ କରିବ। ନେପାଳ ରାଷ୍ଟ୍ର ବ୍ୟାଙ୍କ (ଏନଆରବି) ମୁଖପାତ୍ର ଗୁରୁ ପ୍ରସାଦ ପାଉଡେଲ କହିଛନ୍ତି, ଆମେ ଏ ସମ୍ପର୍କରେ



ନେପାଳ ଗେଜେଟରେ ଏକ ବିଜ୍ଞପ୍ତି ପ୍ରକାଶ କରିବାକୁ ପ୍ରସ୍ତୁତ ହେଉଛୁ। ଏହା ପରେ, ଆମେ ନୂତନ ନିୟମ ସମ୍ପର୍କରେ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକୁ ଏକ ସର୍କୁଲାର ଜାରି କରିବୁ। ପାଉଡେଲ କହିଛନ୍ତି ଯେ, ଏହି ନୂତନ ନିୟମ ପାଇଁ ଆନୁଷ୍ଠାନିକ ତାରିଖ ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ, କିନ୍ତୁ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ଅଛି। ନେପାଳରେ ବହୁ ଦିନ ଧରି ଉଚ୍ଚ ମୂଲ୍ୟର ଭାରତୀୟ ମୁଦ୍ରା ନୋଟ୍ ଉପରେ ପ୍ରତିବନ୍ଧକ ଉଠାଇବା ପାଇଁ ଦାବି ହୋଇଆସୁଛି,କାରଣ ଏହା ପର୍ଯ୍ୟଟନ ଶିଳ୍ପକୁ,ବିଶେଷକରି ଆତିଥ୍ୟ କ୍ଷେତ୍ରକୁ କ୍ଷତି ପହଞ୍ଚାଉଥିଲା। ଭାରତୀୟ ପର୍ଯ୍ୟଟକମାନେ ଅଜାଣତରେ ନିୟମ ଉଲ୍ଲଂଘନ କରୁଥିଲେ,ଯାହାର ଫଳସ୍ୱରୂପ ପ୍ରାୟତଃ ଗିରଫ ଏବଂ ଜରିମାନା କରାଯାଉଥିଲା। ଏହି ପରିବର୍ତ୍ତନ ଭାରତୀୟ ରିଜର୍ଭ ବ୍ୟାଙ୍କ (RBI) ଦ୍ୱାରା ୨୮ ନଭେମ୍ବର ୨୦୨୫ରେ ବିଦେଶୀ ମୁଦ୍ରା ପରିଚାଳନା (ମୁଦ୍ରା ରପ୍ତାନି ଏବଂ ଆମଦାନୀ) ନିୟମାବଳୀରେ ସଂଶୋଧନ ପରେ ଆସିଛି, ଯାହା ବ୍ୟକ୍ତିବିଶେଷଙ୍କୁ ନେପାଳରେ ୧୦୦ଟଙ୍କା ପର୍ଯ୍ୟନ୍ତ ଯେକୌଣସି ମୂଲ୍ୟର ଭାରତୀୟ ମୁଦ୍ରା ନୋଟ୍ ପ୍ରବେଶ ଏବଂ ଫେରାଇ ଆଣିବାକୁ ଅନୁମତି ଦିଏ, ଏବଂ ଉଭୟ ଦିଗରେ ୧୦୦ ଟଙ୍କାରୁ ଅଧିକ ମୂଲ୍ୟର ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ନୋଟ୍ ପ୍ରବେଶ ଏବଂ ଫେରାଇ ଆଣିବାକୁ ଅନୁମତି ଦିଏ। ବର୍ତ୍ତମାନ, ଭାରତୀୟଙ୍କ ସମେତ ନେପାଳ ପରିଦର୍ଶନ କରୁଥିବା ପର୍ଯ୍ୟଟକମାନେ ରିପୋର୍ଟିଂ ନକରି ୫,୦୦୦ ଡଲାର କିମ୍ବା ଏହାର ସମକକ୍ଷ ଅନ୍ୟାନ୍ୟ ପରିବର୍ତ୍ତନୀୟ ମୁଦ୍ରା ଆଣିପାରିବେ। ଏହି ସୀମା ଅତିକ୍ରମ କରୁଥିବା ଯେକୌଣସି ପରିମାଣ ନେଇ କଷ୍ଟମକୁ ରିପୋର୍ଟ କରିବାକୁ ପଡିବ, ଏବଂ ପର୍ଯ୍ୟଟକମାନେ ୫,୦୦୦ ଡଲାରରୁ ଅଧିକ ବ୍ୟବହାର କରିପାରିବେ ନାହିଁ। ବର୍ତ୍ତମାନ, ଭାରତ ନେପାଳର ସବୁଠାରୁ ବଡ଼ ପର୍ଯ୍ୟଟକ ଉତ୍ସ ଭାବରେ ରହିଛି।

# ଭାରତରେ ଲଞ୍ଚ ହେଲା ମିନି କପର କନଭର୍ଟିବଲ୍ ଏସ

ନୂଆଦିଲ୍ଲୀ, ୧୪।୧୨: ଲଗଜୁରି କାର୍ ବ୍ରାଣ୍ଡ୍ ମିନି ଭାରତରେ ଏହାର ନୂଆ ଜେନେରେସନର କପର କନଭର୍ଟିବଲ୍ ଏସ ଲଞ୍ଚ କରିଛି। ଏହି କାରର ଏକ୍ସ-ଶୋରୁମ୍ ମୂଲ୍ୟ ୫୮.୫୦ ଲକ୍ଷ ଟଙ୍କା ରଖାଯାଇଛି। ଏହାର ବୁକିଂ ମିନିର ଶୋ'ରୁମରେ ଆରମ୍ଭ ହୋଇଛି ଏବଂ କମ୍ପାନୀ ତୁରନ୍ତ ଏହାର ଡେଲିଭରି ମଧ୍ୟ ଆରମ୍ଭ କରିଛି। ଏହି କାର୍ ସେହି ଲୋକମାନଙ୍କ ପାଇଁ ଯେଉଁମାନେ ଓପନ୍ ରୁଫ୍ ସହିତ ଏକ ସ୍ପୋର୍ଟି ଡ୍ରାଇଭ୍ ଏଞ୍ଜଏ କରିବାକୁ ଚାହୁଁଛନ୍ତି।

ନୂଆ ମିନି କପର କନଭର୍ଟିବଲ୍ ଏସ ମିନିର ପରିଚିତ ଡିଜାଇନ୍ ବଜାୟ ରଖିଛି, କିନ୍ତୁ ଏଥିରେ ଅନେକ ନୂଆ ଏବଂ ଆଧୁନିକ ପରିବର୍ତ୍ତନ ମଧ୍ୟ ମିଳିଛି। ଫ୍ରଣ୍ଟରେ ରାଉଣ୍ଡ ଏଲଇଡି ହେଡଲ୍ୟାମ୍ପ ରହିଛି, ଯାହା ତିନୋଟି ଭିନ୍ନ ଏଲଇଡି ଢାଞ୍ଚା ପାଇଥାଏ। ନୂଆ ଗ୍ରିଲ୍ ଏବଂ ୱେଲକମ୍-ଗୁଡବାଏ ଲାଇଟ୍ ଆନିମେସନ୍ ଏହାକୁ ସ୍ୱତନ୍ତ୍ର କରିଥାଏ, ଯେଉଁଥିରେ ମିନି ଲୋଗୋ ଭୂମିରେ ଦୃଶ୍ୟମାନ ହୁଏ। କାରର ଛୋଟ ଦୈର୍ଘ୍ୟ ଏବଂ ସାଇଡ ପ୍ରୋଫାଇଲ୍ ଏହାର ହଲମାର୍କ ହୋଇ ରହିଛି। ଏଥିରେ ନୂଆ ୧୮ ଇଞ୍ଚ ଆଲୟ ହ୍ୱିଲ୍ ରହିଛି। ପଛ ଭାଗରେ ଏଲଇଡି ଟେଲ୍ ଲାଇଟ୍ ରହିଛି, ମଝିରେ କଳା ରଙ୍ଗର ଷ୍ଟ୍ରିପ୍ ଉପରେ କାରର ନାମ ଲେଖାଯାଇଛି। ଏହି କାର୍ ଚାରୋଟି କଲରରେ ଉପଲବ୍ଧ। ଏହି କାରର ସବୁଠାରୁ ବଡ ଫିଚର୍ ହେଉଛି ଏହାର ସଫ୍ଟ-ଟପ୍ ରୁଫ୍। ବ୍ଲାକ୍ ଫାବ୍ରିକ୍ ରୁଫ୍ ମାତ୍ର ୧୮ ସେକେଣ୍ଡରେ ଖୋଲିଥାଏ ଏବଂ ଘଣ୍ଟା ପ୍ରତି ୩୦ କିଲୋମିଟର ବେଗରେ ମଧ୍ୟ ଖୋଲାଯାଇପାରେ। ଏହାକୁ ଅଧା ଖୋଲି ସନରୁଫ୍ ଭାବରେ ମଧ୍ୟ ବ୍ୟବହାର କରାଯାଇପାରିବ। ଇଣ୍ଟେରିୟର ବିଷୟରେ କହିବାକୁ ଗଲେ, ମିନି ଏହାର କ୍ଲାସିକ୍ ଥିମ୍ ବଜାୟ ରଖିଛି। ଏଥିରେ ଗୋଲାକାର ଓଏଲଇଡି ଟଚସ୍କ୍ରିନ ରହିଛି, ଯାହା ଉଭୟ ମିଟର ଏବଂ ଇନଫୋଟେନମେଣ୍ଟ ଭାବେ କାମ କରିଥାଏ। ଏହା ମିନିର ନୂଆ ସିଷ୍ଟମରେ ଚାଲିଥାଏ ଏବଂ ଭଏସ୍ କମାଣ୍ଡ ସୁବିଧା ମଧ୍ୟ ଦେଇଥାଏ। ନୂଆ ମିନି କପର କନଭର୍ଟିବଲ୍ ଏସରେ ୨.୦-ଲିଟର ଟର୍ବୋ ପେଟ୍ରୋଲ ଇଞ୍ଜିନ୍ ଅଛି, ଯାହା ୨୦୧ ବିଏଚପି ପାୱାର ଏବଂ ୩୦୦ ଏନଏମ ଟର୍କ ଦେଇଥାଏ। ଏଥିରେ ୭-ସ୍ପିଡ୍ ଅଟୋମେଟିକ୍ ଗିୟରବକ୍ସ ମିଳିଥାଏ। କମ୍ପାନୀ ଅନୁଯାୟୀ, ଏହି କାର୍ ମାତ୍ର ୬.୯ ସେକେଣ୍ଡରେ ୦ ରୁ ୧୦୦ କିମି / ଘଣ୍ଟା ପର୍ଯ୍ୟନ୍ତ ଗତି କରେ ଏବଂ ଏହାର ଟପ୍ ସ୍ପିଡ୍ ହେଉଛି ୨୪୦ କିମି / ଘଣ୍ଟା। ସେଫ୍ଟି ପାଇଁ, ଏଥିରେ ୬ଟି ଏୟାରବ୍ୟାଗ୍, ଏବିଏସ, ବ୍ୟାକ କ୍ୟାମେରା ଏବଂ ଅନେକ ଡ୍ରାଇଭର ଆସିଷ୍ଟ ଫିଚର୍ସ ମଧ୍ୟ ଅଛି।



# ୨୧ ଦିନରେ ସୁନା ୭ ହଜାର ବଢ଼ିଛି



ଭୁବନେଶ୍ୱର, ୧୪।୧୨: ଚଳିତବର୍ଷ ସୁନା ଓ ରୁପା ଦରର ଅସ୍ୱାଭାବିକ ବୃଦ୍ଧି ଜାରି ରହିଛି। ଗତ ୩ ସପ୍ତାହ ମଧ୍ୟରେ ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପିଛା ଭୁବନେଶ୍ୱର ବଜାରରେ ପାଖାପାଖି ୭୦୦୦ ଟଙ୍କା ମହଙ୍ଗା ହୋଇଯାଇଛି। ସେହିଭଳି ୨୨ କ୍ୟାରେଟ୍ ସୁନା ଦର ୬୩୦୦ ଟଙ୍କା ମହଙ୍ଗା ହୋଇଛି। ତେବେ ଶୁକ୍ରବାର ତୁଳନାରେ ଶନିବାର ସୁନା ଦର ସାମାନ୍ୟ କମିଛି। ୩ ସପ୍ତାହ ପୂର୍ବରୁ ଭୁବନେଶ୍ୱର ବଜାରରେ ୨୪ କ୍ୟାରେଟ୍ ସୁନା ଦର ପ୍ରାୟ ୧,୨୭,୦୦୦ ଟଙ୍କା ଏବଂ ୨୨ କ୍ୟାରେଟ୍ ସୁନା ଦର ୧,୧୬,୪୫୦ ଟଙ୍କା ରହିଥିଲା। ସାଧାରଣ ଲୋକ ଅଧିକ ମାତ୍ରାରେ ବ୍ୟବହାର କରୁଥିବା ରୁପା ଦର ବୃଦ୍ଧି ସୁନାକୁ ବଳିଯାଇଛି। ଗତ ୩ ସପ୍ତାହରେ କିଲୋଗ୍ରାମ ପିଛା ରୁପା ଦର ୩୯ ହଜାର ଟଙ୍କା ବୃଦ୍ଧି ଘଟିଛି। ଶନିବାର ଭୁବନେଶ୍ୱର ବଜାରରେ ରୁପା ଦର ୨,୧୦,୦୦୦ ଟଙ୍କାରେ ରହିଛି। ଗତକାଲି ତୁଳନାରେ ଏଥିରେ ୫ ହଜାର ଟଙ୍କା ହ୍ରାସ ଘଟିଛି। ଇଣ୍ଡିଆନ ବୁଲିଅନ ଆଣ୍ଡ ଜୁଏଲର୍ସ ଆସୋସିଏସନ (ଆଇବିଜେଏ)ର ସୂଚନା ଅନୁଯାୟୀ, ଚଳିତମାସ ୫ ତାରିଖରେ ୧ କିଗ୍ରା ରୁପା ଦର ଦେଶରେ ୧,୭୮,୨୧୦ ଟଙ୍କା ଥିଲା। ଚଳିତ ସପ୍ତାହରେ ଏଥିରେ ୧୬,୯୭୦ ଟଙ୍କା ବୃଦ୍ଧି ଘଟିଛି। ସେହିଭଳି, ପୂର୍ବ ସପ୍ତାହର ଶେଷ କାରବାର ଦିବସରେ ଦେଶରେ ସୁନା ଦର ୧୦ ଗ୍ରାମ୍ ପିଛା ୧,୨୮,୫୯୨ ଟଙ୍କା ଥିଲା। ଶୁକ୍ରବାର ଏହା ୧,୩୨,୭୧୦ ଟଙ୍କାରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ଦେଶର ବିଭିନ୍ନ ସହରରେ ସୁନା ଓ ରୁପା ଦର ଭିନ୍ନ ଭିନ୍ନ ରହିଥାଏ। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ସୁନା ଦର ୧୦ ଗ୍ରାମ ପିଛା ୫୬,୫୪୮ ଟଙ୍କା (୭୪.୨୫ ପ୍ରତିଶତ) ଏବଂ ରୁପା ଦର କିଲୋଗ୍ରାମ ପିଛା ୧,୦୯,୧୬୩ ଟଙ୍କା (୧୨୬.୯୧ ପ୍ରତିଶତ) ମହଙ୍ଗା ହୋଇଛି। ଅନ୍ତର୍ଜାତୀୟ ବଜାରରେ ଡଲାର ଦୁର୍ବଳ ହେବା ସହିତ ରୁଷ-ୟୁକ୍ରେନ ଯୁଦ୍ଧ ଭଳି ଭୂରାଜନୈତିକ ଅନିଶ୍ଚିତତା ଏବଂ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଅଧିକ ମାତ୍ରାରେ ସୁନା କିଣିବା ଫଳରେ ଏହି ଧାତୁର ଦର ବଢ଼ୁଛି। ଅନ୍ୟପକ୍ଷରେ ରୁପାକୁ କେବଳ ଗହଣା ଭାବେ ବ୍ୟବହାର କରାଯାଉନାହିଁ। ସୋଲାର, ଇଲେକ୍ଟ୍ରୋନିକ୍ସ ଓ ଇଭି ଶିଳ୍ପରେ ଏହାର ବ୍ୟବହାର ବଢ଼ୁଛି। ଏଥିସହିତ ଅନ୍ୟ କେତେକ କାରଣରୁ ବଜାରରେ ରୁପା ଦର ବଢ଼ୁଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

# ଗେଜେଟ ଓ ଲାଇଫ ଷ୍ଟାଇଲ ଉପରେ ଯୁବବର୍ଗଙ୍କ ଅଧିକ ଖର୍ଚ୍ଚ

ନୂଆଦିଲ୍ଲୀ ୧୪।୧୨: ଆଜିର ଯୁବ ବର୍ଗଙ୍କ ମଧ୍ୟରେ ଖର୍ଚ୍ଚ କରିବାର ଶୈଳୀ ବଦଳିଛି। ପୂର୍ବରୁ କେତେକ ରିପୋର୍ଟରେ ଆସିଥିଲା ଯେ ଯୁଥ ଗେଜେଟ ଓ ଲାଇଫ ଷ୍ଟାଇଲ ଉପରେ ବେଶ୍ ବ୍ୟୟ କରୁଛନ୍ତି। ହେଲେ ଏବେ ଆପଣ ଫୋନ, ପୋଷାକ, ମହଙ୍ଗା ଗେଜେଟ କଥା ଭୁଲି ଯାଆନ୍ତୁ। ଏବେକା ଯୁବ ପିଢ଼ୀ ସେମାନଙ୍କ ପଇସାକୁ ପୁରା ଅଲଗା ଅଲଗା କ୍ଷେତ୍ରରେ ଖର୍ଚ୍ଚ କରୁଥିବା ଜଣାପଡିଛି। ନିକଟରେ ଆସିଥିବା ଏକ ରିପୋର୍ଟରେ ୟୁପିଆଇ ଟ୍ରାଞ୍ଜାକ୍ସନ ଆଧାରରେ ଚାଞ୍ଚଲ୍ୟକର ତଥ୍ୟ ମିଳିଛି। ଏହି ରିପୋର୍ଟରେ ୩୦ ବର୍ଷରୁ କମ୍ ବୟସ୍କ ୭୨% ଯୁବବର୍ଗ ଦୈନିକ କେଉଁ ସବୁ ଖର୍ଚ୍ଚ କରୁଛନ୍ତି ତାର ସୂଚନା ମିଳିଯାଇଛି। ରିପୋର୍ଟରୁ ଜଣାପଡିଛି ଯେ ୭୪% ଯୁବ ପିଢ଼ୀ ମାସିକ ୫୦ରୁ ଅଧିକ ଡିଜିଟାଲ ପେମେଣ୍ଟ କରୁଛନ୍ତି। ଏଥିରେ ଅନେକଙ୍କ ଡିଜିଟାଲ ପେମେଣ୍ଟ ସଂଖ୍ୟା ୨୦୦ ପାର କରିଯାଉଛି। ଏମାନଙ୍କ ଲାଗି ୟୁପିଆଇ ଏବେ ଜରୁରି ଆବଶ୍ୟକତା ପାଲଟି ଯାଇଛି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ୭୬% ଟ୍ରାଞ୍ଜାକ୍ସନ ୨୦୦ ଟଙ୍କାରୁ କମର ହେଉଛି। ଆଜିକା ସମୟରେ ଯୁଥଙ୍କ ଅସଲି ଖର୍ଚ୍ଚ ଚା, ସମୋସା, ଗ୍ରୋସରୀ ସମ୍ପର୍କିତ ଛୋଟମୋଟ ସାମଗ୍ରୀ, ରିଚାର୍ଜ ଓ ଷ୍ଟ୍ରିଟ ଫୁଡରେ ହେଉଛି। ୟୁପିଆଇ ଟ୍ରାଞ୍ଜାକ୍ସନ ହିଷ୍ଟ୍ରିରୁ ରାତି ୧୨ରୁ ସକାଳ ୬ଟା ମଧ୍ୟରେ ପ୍ରାୟ ଟ୍ରାଞ୍ଜାକ୍ସନ ଫୁଡ ଡେଲିଭରୀ ଲାଗି ହେଉଛି। ଏହା ପରେ



୬ଟରୁ ୧୧ଟା ପର୍ଯ୍ୟନ୍ତ ଗ୍ରୋସରୀ ଓ ସୁପରମାର୍କେଟରେ ଟ୍ରାଞ୍ଜାକ୍ସନ ପିକ୍ ରେ ରହୁଛି। ଖାସ କରି ମୁମ୍ବାଇ, ଦିଲ୍ଲୀ ଓ ବେଙ୍ଗାଲୁରୁ ଭଳି ସହରାଞ୍ଚଳମାନଙ୍କରେ ଲୋକେ ସକାଳୁ ସକାଳୁ ସପ୍ତାହକର ରାସନ କିଣି ନେଉଥିବାର ଜଣାପଡିଛି। ସବୁ ସପ୍ତାହରେ ସବୁଠୁ ଅଧିକ ୟୁପିଆଇ ପେମେଣ୍ଟ ଏହି ସମୟରେ ହେଉଛି। ଏହି ସମୟରେ ଯୁବବର୍ଗ ପିଜ୍ଜା, ବର୍ଗର, ମୁଭି ଟିକେଟ୍, ସାଙ୍ଗସାଥୀଙ୍କ ସହ ପାର୍ଟିରେ ସବୁଠୁ ଅଧିକ ଖର୍ଚ୍ଚ କରୁଛନ୍ତି।

ରିପୋର୍ଟରୁ ଏହା ବି ଜଣାପଡିଛି ଯେ ୪୫% ଯୁଥ ପ୍ରଥମ ଥର କ୍ରେଡିଟ କାର୍ଡ ଜଗତରେ ପାଦ ଥାପିଛନ୍ତି। ହେଲେ ଏମାନଙ୍କ ମଧ୍ୟରୁ ଅଧିକାଂଶ ଏଫଡି ସିକ୍ୟୋର୍ଡ କାର୍ଡ ନେଉଛନ୍ତି। ଏହାର ଅର୍ଥ ହେଉଛି ପ୍ରଥମେ ଆପଣ ପଇସା ଜମା କରନ୍ତୁ ଓ ତା ପରେ ମନଇଛା ଖର୍ଚ୍ଚ କରନ୍ତୁ। ଏବେକା ଯୁଥ ବେଶ ବୁଝିବା ସୁଝିବାର ଓ ସେମାନେ ଋଣ ବା ଲୋନର ଝିନଝଟରେ ଫଶିବାକୁ ଚାହୁଁନାହାନ୍ତି। ଅର୍ଥାତ ଆଜିର ଯୁବ ବର୍ଗ ଛୋଟଛୋଟ ଖର୍ଚ୍ଚରେ ସେମାନଙ୍କ ଖୁସି ଖୋଜୁଛନ୍ତି। ଏମାନେ ରାତିରେ ବିରିୟାନୀ ଅର୍ଡର କରୁଛନ୍ତି ସକାଳେ ପରିବା କିଣୁଛନ୍ତି। ଏବେ ଗେଜେଟ ଓ ପୋଷାକ ଉପରେ ଯୁବବର୍ଗଙ୍କ ଖର୍ଚ୍ଚ ପୁରଣା କଥା ହୋଇଗଲାଣି।

ଦିନକ ପରେ ଧନୁ ସଂକ୍ରାନ୍ତି

# ଚାହିଦାରେ ଅସ୍ତରଙ୍ଗ, କାକଟପୁର ଅଞ୍ଚଳର 'ଘିଅ ମୁଆଁ'



**କାକଟପୁର/ଅସ୍ତରଙ୍ଗ,୧୪।୧୨ (ସଂଚାର ବ୍ୟୁରୋ):** ଦିନକ ପରେ ଧନୁ ସଂକ୍ରାନ୍ତି। ପୌଷ ମାସର ପ୍ରଥମ ଦିନକୁ ଧନୁ ସଂକ୍ରାନ୍ତି ଭାବେ ପାଳନ କରାଯାଇଥାଏ। ସ୍ୱତନ୍ତ୍ର ଭାବେ ଏହି ସଂକ୍ରାନ୍ତିରେ ମୁଆଁ ଭୋଗ କରାଯାଇଥାଏ। ଏହାକୁ ନଜରରେ ରଖି ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ତିଆରି ହେଉଛି ଭଳି କି ଭଳି ମୁଆଁ। ଯାହାକି କାକଟପୁର, ଅସ୍ତରଙ୍ଗ ତଥା ବାହାର ଅଞ୍ଚଳରୁ ଆସୁଛି ମୁଆଁ ପାଇଁ ଅର୍ଡ଼ର। ଜମୁଛି ଗ୍ରାହକଙ୍କ ଭିଡ଼। ଏହି ସଂକ୍ରାନ୍ତିକୁ ନଜରରେ ରଖି ଆଜିକୁ ଏକ ମାସ ହେବ କାକଟପୁର, ଅସ୍ତରଙ୍ଗ ଠାରେ ଆରମ୍ଭ ହୋଇଯାଇଛି ଏହି ମୁଆଁର ପ୍ରସ୍ତୁତି ଓ ବିକ୍ରି।

କାକଟପୁର ଓ ଅସ୍ତରଙ୍ଗ ଅଂଚଳର ଏକ ସ୍ୱତନ୍ତ୍ର ପରିଚୟ ରହିଛି ଏହି ମୁଆଁ ପେପାରକୁ ନେଇ। ଅସ୍ତରଙ୍ଗ ବ୍ଲକ ଅଂଚଳର ଗୁଡ଼ିଆ ସାହି ଠାରେ ୫ ରୁ ୬ ପରିବାରର ଲୋକେ ତିଆରି କରୁଛନ୍ତି ଏହି ମୁଆଁ। ହେଲେ ସେଥିମଧ୍ୟରୁ ଅସ୍ତରଙ୍ଗ ବ୍ଲକ ଅଂଚଳର କାଜୁ ସାହୁ ତିଆରି କରିଛନ୍ତି ଭଳି କି ଭଳି ମୁଆଁର ଭେରାଇଟି। ମୁଆଁର ମଧ୍ୟରେ ରହିଛି ଭଜା ମୁଆଁ, ଚିନି ମୁଆଁ, ଘିଅ ମୁଆଁ, ଗୁଡ଼ ମୁଆଁ। ଏହି ମଧ୍ୟରୁ ଭଜା ମୁଆଁ ଓ ଘିଅ ମୁଆଁର ରହିଛି ଅଧିକ ଡ଼ିମାଣ୍ଡ। ଏପରିକି କାକଟପୁର ସମେତ ବାହାର ଅଞ୍ଚଳରେ ମଧ ଏହି ମୁଆଁର ରହିଛି ଚାହିଦା। ଭଜା ମୁଆଁ ଦର କିଲୋ ୮୫ ଟଙ୍କା, ଚିନି ମୁଆଁ କିଲୋ ପିଛା ୭୦ ଟଙ୍କା, ଘିଅ ମୁଆଁ କିଲୋ ପିଛା ୨୫୦ ଟଙ୍କା, ଗୁଡ଼ ମୁଆଁ ପ୍ୟାକେଟ ପିଛା ୨୦ ଟଙ୍କା ଦର ରହିଛି। ଧନୁ ସଂକ୍ରାନ୍ତିର ଏକ ମାସ ପୂର୍ବରୁ ଏହି ମୁଆଁ ତିଆରି କାମ ଆରମ୍ଭ ହୋଇଥାଏ।

# ପର୍ଯ୍ୟଟନସ୍ଥଳୀ ପୀରଜାହାନିଆ ଓ ଗଙ୍ଗାଦେବୀରେ ପର୍ଯ୍ୟଟକଙ୍କ ଭିଡ଼

**କାକଟପୁର /ଅସ୍ତରଙ୍ଗ,୧୪।୧୨ (ସଂଚାର ବ୍ୟୁରୋ):** ପର୍ଯ୍ୟଟନଋତୁରେ ମଜା ନେବା ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ପୀରଜାହାନିଆ ଓ ଗଙ୍ଗାଦେବୀ ନିକଟରେ ଜମୁଛି ପର୍ଯ୍ୟଟକଙ୍କ ଭିଡ଼। ଶୀତଋତୁ ପାଇଁ ପର୍ଯ୍ୟଟକଙ୍କ ମନରେ ଅନେକ ଉନ୍ମାଦନା। ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ଦର୍ଶନ ସାରି ଅସ୍ତରଙ୍ଗ ଅଭିମୁଖେ ହେନ୍ତାଳ ବଣ ସହ ପୀରଜାହାନିଆ ଗଙ୍ଗାଦେବୀ ଓ କେଳୁଣୀ ମୁହାଁଣ ନିକଟରେ ବଣଭୋଜିର ଆସର ଜମୁଛି।

ବିଶେଷ କରି ଡିସେମ୍ବର ମାସ ଥିବାରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଦେବୀ ମୁହାଁଣ ପାଲଟିଛି ଏକ ପ୍ରକୃଷ୍ଟ ସ୍ଥାନ। ଝାଉଁ ଜଙ୍ଗଲ ରେ ଅବସ୍ଥିତ ଏହି ପୀଠଟି ଏବେ ପିକିନିକି ସ୍ପଷ୍ଟ ପାଇଁ ପ୍ରଥମ ପସନ୍ଦ ପାଲଟିଛି। ପ୍ରାକୃତିକ ସୌନ୍ଦର୍ଯ୍ୟ ଭରପୁର ଏହି ପୀରଜାହାନିଆ ପୀଠ।ଏହା ସହ ଗଙ୍ଗାଦେବୀ ନିକଟରେ ବୋଟିଂ ମଜା ସାଙ୍ଗକୁ ନାଲି କଙ୍କଡା ଦେଖିବାର ମଜା ବେଶ କୌତୁହଳ ପୂର୍ଣ୍ଣ। ପ୍ରତିବର୍ଷ ପର୍ଯ୍ୟଟନ ଋତୁରେ ଶୋଭା ଉପଭୋଗ କରିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ପୀରଜାହାନିଆ ପୀଠ ହେଉଛି ହିନ୍ଦୁ ଓ ମୁସଲିମଙ୍କ ସମନ୍ୱୟ ପୀଠ। ପର୍ଯ୍ୟଟକ ଆସିଲେ ପୀରବାବାଙ୍କୁ ଦର୍ଶନ ସହ ସମୁଦ୍ରରେ ସ୍ନାନ କରିବା ମଜା ସହ ବଣଭୋଜିର ମଜା ନେଉଛନ୍ତି।

୨୦୨୫ବର୍ଷ ବିଦାୟ ନେବାକୁ ଆଉ ଅଳ୍ପ କିଛି ଦିନଥିବାରୁ କିଏ ନିଜ ପରିବାର ସହ ଆଉ କିଏ ସାଙ୍ଗସାଥି ସହିତ ପିକିନିକି ପାଇଁ ଆସୁଛନ୍ତି।ବଣଭୋଜିରେ ସ୍ୱାଦିଷ୍ଟ ବ୍ୟଞ୍ଜନ ସହିତ ନାଚ ଗୀତ ମଜା ବି ଉଠାଉଛନ୍ତି ପର୍ଯ୍ୟଟକ।ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକ ଙ୍କୁ ଯେତିକି ଆକୃଷ୍ଟ କରିଥାଏ, ଏଠାକାର ବଣଭୋଜି କରିବାର ମଧ ନିଆରା ଆନନ୍ଦ ରହିଥାଏ।ପର୍ଯ୍ୟଟନ ଋତୁ ଥିବାରୁ ପର୍ଯ୍ୟଟନସ୍ଥଳୀ ସମ୍ପୂର୍ଣ୍ଣ ଲୋକାରଣ୍ୟ ହେଉଛି।



ଜମୁଛି ବଣଭୋଜି

ବୋଟିଂରେ ବୁଲି ନାଲି କଙ୍କଡା ଦେଖିବା ମଜା ନିଆରା

# ବିଦ୍ୟୁତ୍ କରେଣ୍ଟରେ ଚାଲିଗଲା ଚାଷୀଙ୍କ ଜୀବନ

**ବାଲିପାଟଣା,୧୪।୧୨ (ସଂଚାର ବ୍ୟୁରୋ):** ବିଦ୍ୟୁତ୍ କରେଣ୍ଟରେ ଚାଲିଗଲା ଚାଷୀଙ୍କ ଜୀବନ। ସକାଳୁ କୋବି ବିଲକୁ ଯାଇଥିଲେ କୋବି ତୋଳିବାକୁ କିନ୍ତୁ ନିୟତିର ଉଦେଶ୍ୟ ଅଲଗା ଥିଲା। ଯମ ଜଗିଥିଲା ବିଲରେ, ବିଲରେ ବିଦ୍ୟୁତ୍ କରେଣ୍ଟ ଲାଗି ଚାଲିଗଲା ଚାଷୀର ଜୀବନ। ବାଲିପାଟଣା ଥାନା ଅନ୍ତର୍ଗତ ବାରିଲୋ ଗ୍ରାମର ବିଜୟ ଜେନା(୫୪) ଆଜି ସକାଳ ପ୍ରାୟ ୬ଟା ସମୟରେ କୋବି ବିଲକୁ କୋବି ତୋଳିବାକୁ ଯାଇଥିଲେ। ସେଠାରେ ଲାଗିଥିବା ବିଦ୍ୟୁତ୍ କରେଣ୍ଟ ହାତରେ ଲାଗିଯିବାରୁ ସେ ତଳେ ପଡିଯାଇଥିଲେ। ଆଖପାଖରେ କେହି ନଥିଲେ। ୯ଟା ସମୟରେ କୋବି କିଣିବାକୁ ଦୁଇ ବ୍ୟକ୍ତି ତାଙ୍କ ବିଲକୁ ଯାଇ ତାଙ୍କୁ ଦେଖି ନପାରି ଡାକିଥିଲେ କିନ୍ତୁ କୌଣସି ଉତ୍ତର ନ ପାଇ ତାଙ୍କ ପୁଅକୁ ଘରୁ ଡାକି ସେହି ବିଲକୁ ଯାଇ ଦେଖିଥିଲେ ସେ ତଳେ ନିସ୍ତେଜ ହୋଇ ପଡ଼ିଛନ୍ତି। ତୁରନ୍ତ ତାଙ୍କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା ସେଠାରୁ ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲକୁ ରେଫର୍ କରାଯାଇଥିଲା କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

● ଜିଲ୍ଲା ଲେଖକ ପରିଷଦର ୩୧ତମ ବାର୍ଷିକ ଉତ୍ସବ

# ମତୁଆଲା କଲା ନାଟକ 'ଏଇ ଯେ ସୂର୍ଯ୍ୟ ଉଏଁ'



**ନୟାଗଡ଼,୧୪।୧୨ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ଲେଖକ ପରିଷଦର ୩୧ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଉତ୍ସବ ସିତୁଆ ସଂଧ୍ୟାକୁ ମତୁଆଲା କରିବା ପାଇଁ ନାଟକ 'ଏଇ ଯେ ସୂର୍ଯ୍ୟ ଉଏଁ' ନାଟକ ମଞ୍ଚସ୍ଥ ହୋଇଯାଇଛି। ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ପରିଷଦ ଅଧକ୍ଷା ନିରୁପମା ଖଟେଇ, ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଅତିଥି ଭାବେ ଯୋଗ ଦେଇ ମଞ୍ଚ ଉଦଘାଟନ କରିଥିଲେ।

ନାଟ୍ୟକାର ପ୍ରାଧାପକ ଡ. ବିଜୟ କୁମାର ଶତପଥୀଙ୍କ ଲିଖିତ, ଅଧାପକ ଆଶୁତୋଷ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ ଶୀତୁଆ ସଂଧ୍ୟାକୁ ମତୁଆଲା କରିଥିଲା। ଲେଖକ, କବି ଓ ଗାଳ୍ପିକଙ୍କ ଦ୍ୱାରା ଅଭିନୀତ ଏହି ନାଟକ ବେଶ ଚିତ୍ତାକର୍ଷକ ହୋଇଥିଲା। ନାଟକ ପ୍ରଥମ ଦୃଶ୍ୟରେ ପାଲା ପରିବେଷଣ ସାହିତ୍ୟ ଓ ସଂସ୍କୃତି ଯୁଗଳବନ୍ଦୀ ଦର୍ଶକଙ୍କୁ ବିଭୋର କରିଥିଲା। ଶ୍ରମିକ ଶୋଷଣ ନୀତି, କର୍ପୋରେଟ ଦଲାଲ ଓ ଆଇନକୁ ପୂଜା କରୁଥିବା ଅନ୍ଧ ପୁଲିସ କିଭଳି ଷଡ଼ଯନ୍ତ୍ର କରେ ତାହା ନାଟକରେ ଦେଖିବାକୁ ମିଳିଥିଲା। ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ ଯୋଗ ଦେଇ କଳାକାର ଓ ଲେଖକ ପରିଷଦ ପରିବାରକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ କବି ସ୍ମିତା ସ୍ୱାଇଁ ସଂଯୋଜନା କରିଥିଲେ। ଲେଖକ ପରିଷଦ ସମ୍ପାଦକ ଶେଖ୍ ଅବଦୁଲ ଖାଲିକ ଧନ୍ୟବାଦ ପ୍ରଦାନ କରିଥିଲେ।

# ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ




**ସୁନ୍ଦରଗଡ଼,୧୪।୧୨ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ରେ ଶନିବାର ସ୍ଥାନୀୟ ଭବାନୀପୁର ସ୍ପୋର୍ଟସ କମ୍ପ୍ଲେକ ପରିସରରେ ସାଂସଦ ଖେଳ ମହୋତ୍ସବ ଆରମ୍ଭ ହୋଇଅଛି। କାର୍ଯ୍ୟକ୍ରମରେ ମାନ୍ୟବର କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସାଂସଦ ଜୁଏଲ ଓରାମ, ଉପ ବାଚସ୍ପତି ଓଡ଼ିଶା ବିଧାନ ସଭା ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ଼ ପୌର ପରିଷଦର ଅଧକ୍ଷା ଶ୍ରୀମତୀ ତନୟା ମିଶ୍ର, ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ଭାରତୀୟ ମହିଳା ହକି ଦଳର ପୂର୍ବତନ ଅଧିନାୟିକା ଶ୍ରୀମତୀ ସୁଭଦ୍ରା ପ୍ରଧାନ, କ୍ରୀଡାବିତ୍ ପ୍ରତୀକ ମହାରଣା ଯୋଗ ଦେଇଥିଲେ।

ଏହି ଅବସରରେ ମୁଖ୍ୟ ଅତିଥି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଓରାମ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ " ସୁନ୍ଦରଗଡ଼ ଜିଲ୍ଲା ହେଉଅଛି କ୍ରୀଡାର ଏକ ବୃହତ୍ କ୍ଷେତ୍ର, ଏହି ମାଟିରେ ବହୁ ଜାତୀୟ ଏବଂ ଆନ୍ତର୍ଜାତୀୟ କ୍ରୀଡାବିତ୍ ସୃଷ୍ଟି ହୋଇଛନ୍ତି। ଏହି ସାଂସଦ ଖେଳ ମହୋତ୍ସବ ଆୟୋଜନ ଦ୍ୱାରା ଗ୍ରାମାଞ୍ଚଳରୁ ଲୁକ୍କାୟିତ ପ୍ରତିଭା ମାନଙ୍କର ଅନେଶ୍ୱଣ କରାଯାଇଅଛି। ଏହି କ୍ରୀଡାବିତ୍ ମାନେ ଭବିଷ୍ୟତରେ ଜାତୀୟ ତଥା ଆନ୍ତର୍ଜାତୀୟ କ୍ଷେତ୍ର ରେ ସୁନାମ ଅର୍ଜନ କରିବା ସହିତ ଦେଶ ପାଇଁ ମେଡାଲ ମଧ ଅର୍ଜନ କରିବେ"

ସାଂସଦ ଖେଳ ମହୋତ୍ସବ ୧୩ ତାରିଖ ଠାରୁ ଆରମ୍ଭ ହୋଇ ଚଳିତ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମ ନିମନ୍ତେ ୧୫ ଗୋଟି ବର୍ଗରେ ସମଗ୍ର ସାତ ଗୋଟି ବିଧାନସଭା କ୍ଷେତ୍ରରୁ ପ୍ରାୟ ୩୩ ହଜାରରୁ ଉର୍ଦ୍ଧ ଛାତ୍ରଛାତ୍ରୀମାନେ ପଞ୍ଜିକରଣ କରିଥିଲେ ଏବଂ ଗ୍ରାମ ପଞ୍ଚାୟତ ସ୍ତର, ବ୍ଲକସ୍ତର ଦେଇ ୩ ହଜାରରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାକୁ ପହଂଚିଛନ୍ତି। ଏହି ଅବସରରେ ଏକ ବିଶାଳ ମଶାଲ ଶୋଭାଯାତ୍ରା ସମଲେଇ ମନ୍ଦିରରୁ ବାହାରି ସହର ପରିକ୍ରମା କରି ଭବାନିପୁର ପଡିଆ ଠାରେ ପହଞ୍ଚି ଥିଲା।

# ଜେଜେମା-ଜେଜେବାପା ସମ୍ମିଳନୀ ପାଳିତ

**ବୋରିଗୁମ୍ମା,୧୪।୧୨ (ସଂଚାର ବ୍ୟୁରୋ):** ରିଖି ଶନିବାର ଦିନ ସରସ୍ୱତୀ ଶିଶୁ ମନ୍ଦିର ବୋରିଗୁମ୍ମା ଠାରେ ଜେଜେମା ଜେଜେବାପା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅବସର ପ୍ରାପ୍ତ ବିଦ୍ୟୁତ୍ ବିଭାଗ କର୍ମଚାରୀ ଶ୍ରୀଯୁକ୍ତ ଦେବରାଜ ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରଥମେ ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ମମତା ମହାପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରଖିଥିଲେ । ଏହାପରେ ପରିଚାଳନା ସମିତି ସଦସ୍ୟ ଶ୍ରୀଯୁକ୍ତ ସରୋଜ ପ୍ରହରାଜ ବହୁତ୍ ସୁନ୍ଦର୍ ଭାବରେ ଅଭିଭାଷଣ ରଖିଥିଲେ । ମୋଟ ୧୦୨ ଜଣ ଜେଜେମା ଓ ଜେଜେବାପା ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ବହୁ ଉତ୍ସାହର ସହ ନିଜ ଅନୁଭୂତି ରଖିଥିଲେ । ବିଦ୍ୟାଳୟ ତରଫରୁ କିଛି ଉପହାରର ବ୍ୟବସ୍ଥା ମଧ ହୋଇଥିଲା । ପରିଚାଳନା ସମିତିର ସମସ୍ତ ସଦସ୍ୟ ଓ ଗୁରୁଜୀ ଗୁରୁମା ଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା ।



# ରାଷ୍ଟ୍ରୀୟ ଲୋକ ଅଦାଲତରେ ୨୪ଟି ମାମଲା ଫଇସଲା




**କାକଟପୁର/ଅସ୍ତରଙ୍ଗ,୧୪।୧୨ (ସଂଚାର ବ୍ୟୁରୋ):** ଜାତୀୟ ଆଇନ ସେବା ପ୍ରାଧିକରଣ ଓ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁଯାୟୀ ଶନିବାର ପୁରୀ ଜିଲ୍ଲା ଆଇନି ସେବା ପ୍ରାଧିକରଣ ଆନୁକୂଲ୍ୟରେ ଅସ୍ତରଙ୍ଗ ଜେଏମଏଫସି ଅଦାଲତରେ ପଡିରହିଥିବା ଭିନ୍ନ ଭିନ୍ନ ମକଦମା ମାମଲା ଗୁଡିକର ସମାଧାନ କରାଯାଇଥିଲା। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚରାଧୀନ ମକଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ) ମୋଟର ଦୁର୍ଘଟଣା ଜନିତ କ୍ଷତି ପୂରଣ, ପାରିବାରିକ, ଜମି ଅଧିଗ୍ରହଣ, ଚେକ ବାଉନ୍ସ, ଋଣ ମାମଲା ଇତ୍ୟାଦି ଆପୋଷ ସହମତିରେ ସମାଧାନ କରାଯାଇଥିଲା। ଏଥିସହ ପ୍ରାକ ମକଦମା ସ୍ତରୀୟ ବ୍ୟାଙ୍କ, ଋଣ ବିବାଦ, ପାରିବାରିକ ବିବାଦ ଇତ୍ୟାଦିର ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇଥିଲା। ୪୨ଗୋଟି ମକଦମା ମଧ୍ୟରୁ ଫଇସଲା ହୋଇଥିବା ବିଚାରଧୀନ ମାମଲା ଗୁଡିକ ମଧ୍ୟରେ ୧୮ଟି ଫୌଜଦାରୀ (କ୍ରିମିନାଲ କମ୍ପାଉଣ୍ଡେବଲ), ୨ଟି (ଏନ ଆଇ ଆକ୍ଟର ଧାରା ୧୩୮), ୪ଟି ଜମିବାଡ଼ି ସମ୍ବନ୍ଧୀୟ ଫଇସଲା ହୋଇଥିଲା। ଚେକ ବାଉନ୍ସ ବାବଦରେ ହିତାଧିକାରୀକୁ ୬ଲକ୍ଷ ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅସ୍ତରଙ୍ଗ ଜେଏମଏଫସି କୋର୍ଟର ବିଚାରପତି ସୁଧାବାଇ ଅଗ୍ରୱାଲ ଉପସ୍ଥିତ ରହି ମକଦମା ସମାଧାନ କରିଥିଲେ।

# କୋରାପୁଟ ଜିଲ୍ଲା ଓଡ଼ିଶା ଅମଲା ସଂଘର ନିର୍ବାଚିତ କର୍ମକର୍ତ୍ତା ଘୋଷଣା ଓ ଶପଥ ପାଠ



**ବୋରିଗୁମ୍ମା/ଜୟପୁର,୧୪।୧୨ (ସଂଚାର ବ୍ୟୁରୋ):** ଆଜି ଓଡ଼ିଶା ଅମଲା ସଂଘ ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଶଶୀଭୂଷଣ ଦାଶଙ୍କ ଅଧକ୍ଷତାରେ ଆୟୋଜିତ ନିର୍ବାଚନ କାର୍ଯ୍ୟକ୍ରମ ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଥିଲା, ଏଥିରେ ମାଲକାନଗିରି ଓ ନବରଙ୍ଗପୁର ର ନେତୃବୃନ୍ଦ ରାଜ୍ୟ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବରେ ଯୋଗଦାନ କରିବା ସହିତ କୋରାପୁଟ ଜିଲ୍ଲା ଶାଖାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଶତାଧିକ ଅମଲା ଯୋଗଦାନ କରିଥିଲେ, ପ୍ରଥମେ ଶ୍ରୀ ଦାଶ୍ ସଭାକାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ନିକଟରେ ଜୟପୁର ସହରର ଜଣେ ଯୁବ ଗଣମାଧମ ପ୍ରତିନିଧି ଦିବଂଗତ ଅଶୋକ ପଲେଇଙ୍କ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହୋରାଇଥିବା ଯୋଗୁ ଗଭିର ଦୁଃଖ ପ୍ରକାଶ କରିବା ସହିତ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ସମସ୍ତ ଉପସ୍ଥିତ ସଦସ୍ୟମାନେ ୨ ମିନିଟ୍ ନିରୋବ ପ୍ରାର୍ଥନା କରିଥିଲେ ତା ପରେ ନିର୍ବାଚନ ପର୍ଯ୍ୟବେକ୍ଷକ ନିର୍ବାଚିତ କର୍ମକର୍ତ୍ତା ଙ୍କ ନାମ ଘୋଷଣା କରିଥିଲେ, ସଂଘ ସଭାପତି ଭାବେ ଜଗନ୍ନାଥ ମାଝୀ, ସମ୍ପାଦକ ଭାବେ ଜଗେନ୍ଦ୍ର ଚୈଧୁରି, କୋଷାଧକ୍ଷ ନାଗେଶ୍ୱର ରାଓ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଘୋଷଣା କରିଥିଲେ, ଶ୍ରୀ ୱାଇ ଶ୍ରୀନିବାସ ରାଓ ଅଧକ୍ଷ, କୈଳାସ ସାମନ୍ତରାୟ ମୁଖ୍ୟ ଉପଦେଷ୍ଟା, ରାଜେନ୍ଦ୍ର ନାରାୟଣ ପାଢ଼ି ଓ ବୃନ୍ଦାବନ ପଣ୍ଡା, ଉପଦେଷ୍ଟା ଙ୍କ ସମେତ ସମସ୍ତ ପଦବି ନିମନ୍ତେ ଚୟନ କରାଯିବା ପର୍ଯ୍ୟବେକ୍ଷକ ଘୋଷଣା କରିଥିଲେ, ରାଜ୍ୟ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବରେ ଶ୍ରୀ ଶ୍ୟାମସୁନ୍ଦର ନାୟକ ଓ ଅରୁଣ କୁମାର ରଥ ଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ।

# ଧୁମଧାମରେ ପାଳିତ ହେଲା ବ୍ଲକସ୍ତରୀୟ ଚଇତି ଲୋକକଳା ଉତ୍ସବ



**ବିଷମକଟକ,୧୪।୧୨ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲାର ବିଷମକଟକ ବ୍ଲକରେ ପାରମ୍ପରିକ ଲୋକକଳା ଓ ସଂସ୍କୃତିର ଉଦ୍‌ଯାପନା ସ୍ୱରୂପ ବ୍ଲକ ସ୍ତରୀୟ ଚଇତି ଲୋକକଳା ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ବିଷମକଟକ ବ୍ଲକ ବିକାଶ ଅଧିକାରୀ ଶିବପ୍ରସାଦ ପଟନାୟକଙ୍କ ସଭାପତିତ୍ୱରେ ଏହି ଉତ୍ସବ ବିଷମକଟକ ବ୍ଲକ ସଦରସ୍ଥ ଆଇଓବି ବ୍ୟାଙ୍କ ପଡିଆରେ ଆୟୋଜିତ ହୋଇଥିଲା।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଷମକଟକ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ଶ୍ରୀ ନୀଳମାଧବ ହିକକା ଯୋଗଦେଇ ଲୋକକଳା ଓ ଆଦିବାସୀ ସଂସ୍କୃତିର ଗୁରୁତ୍ୱ ଉପରେ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଷମକଟକ ଆଇଆଇସି ସୂର୍ଯ୍ୟଚନ୍ଦ୍ର ପାଢ଼ୀ, ତହସିଲଦାର ଭେଙ୍କଟେଶ୍ୱର ରାଓ, ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ଶନ୍ତସ କୁମାର ବଛା, ବିଷମକଟକର ଦୁଇଜଣ ଜିଲ୍ଲା ପରିଷଦ ସଦସ୍ୟ, ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ ସହ ବିଭିନ୍ନ ସରପଞ୍ଚ ଓ ସମିତି ସଦସ୍ୟମାନେ ଉପସ୍ଥିତ ଥିଲେ। ସକାଳୁ ମାର୍କେମା ମନ୍ଦିରରୁ ପାରମ୍ପରିକ କଳସ ଯାତ୍ରା ବାହାରି ଉତ୍ସବ ସ୍ଥଳରେ ପହଞ୍ଚିବା ପରେ ମୁଖ୍ୟ ଅତିଥିମାନଙ୍କ ଦ୍ୱାରା ଚଇତି ଷ୍ଟଲଗୁଡ଼ିକର ଉଦ୍‌ଘାଟନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଚଇତି ଉତ୍ସବ ମାଧ୍ୟମରେ ଲୋକକଳା, ନୃତ୍ୟ, ଗୀତ ଓ ପାରମ୍ପରିକ ସଂସ୍କୃତିକୁ ବଞ୍ଚାଇ ରଖିବା ସହ ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ସମ୍ପର୍କିତ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏହି ଉତ୍ସବରେ ବିଭିନ୍ନ ବିଦ୍ୟାଳୟ ଓ ଅଞ୍ଚଳରୁ ଆସିଥିବା କଳାକାରମାନେ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ଦର୍ଶକମାନଙ୍କୁ ମନୋରଞ୍ଜନ କରିଥିଲେ।

# ଶ୍ରୀମା ଶ୍ରୀଅରବିନ୍ଦ ଯୋଗସାଧନା କେନ୍ଦ୍ରରେ ଚକ୍ଷୁ ଚିକିତ୍ସା ଶିବିର



**ବେତନଟୀ,୧୪।୧୨ (ସଂଚାର ବ୍ୟୁରୋ):** ରବିବାର ଦିନ ଶ୍ରୀମା ଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ର ବିଜିପୁର, ମାନଗୋବିନ୍ଦପୁର, ମାଣତ୍ରୀ ଠାରେ ବିଶାଳ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୯୫ ଜଣ ଗରିବ ଗ୍ରାମୀଣ ଲୋକ ମାନଙ୍କର ମାଗଣା ଆଖି ପରୀକ୍ଷା କରାଯିବା ସହିତ ୧୫ ଜଣ ରୋଗୀଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଥିଲା। ୧୦୦ ଜଣ ଗରିବ, ଅସହାୟ, ଲୋକମାନଙ୍କୁ ଅସହ୍ୟ ଶୀତ ଲହରୀ ପାଇଁ ପରେଶ ଦଳେଇ, ଦେବବ୍ରତ ରଥ, ନୀଳମାଧବ ବସ୍ତ୍ର ମାଲିକ ଚିଲନନାଙ୍କ ଦ୍ୱାରା ପୁଣିଥରେ କମ୍ବଳ ବଣ୍ଟନ କରାଯାଇଥିଲା। ବହୁଦୂରଦୁରାନ୍ତ ଆସିଥିବା ବୁଢ଼ାବୁଢ଼ୀ ମାନଙ୍କୁ ସକାଳ ଚା ବିସ୍କୁଟ ଏବଂ ଲଡ୍ଡୁ ବଣ୍ଟନ କରାଯାଇଥିଲା ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

ଏଥିରେ ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ର ଏବଂ ସର୍ବେଶ୍ୱର ଜେନାଙ୍କ ସହିତ ସମସ୍ତ ପୁରୁଷ, ମହିଳା କର୍ମକର୍ତ୍ତା ଉପସ୍ଥିତ ଥିଲେ। ନିୟମିତ ଭାବେ ବହୁ ସେବା ମୂଳକ ଜନ କଲ୍ୟାଣ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନରେ ଶ୍ରୀମା ଶ୍ରୀଅରବିନ୍ଦ ଯୋଗ ସାଧନା ଅନୁଷ୍ଠାନଟି ବଡ଼ସାହି ବ୍ଲକ ସ୍ତରରେ ଅଗ୍ରଣୀ ଭୂମିକା ନେଇ ଆଗେଇ ଚାଲିଛି। ଏଥିପାଇଁ ଜନସାଧାରଣ ଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ିଚାଲିଛି।

# ଏବିଭିପି ଫୁଲବାଣୀ ନଗର ସମ୍ମିଳନୀ




**କନ୍ଧମାଳ,୧୪।୧୨ (ସଂଚାର ବ୍ୟୁରୋ):** ଆଜି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କନ୍ଧମାଳ ଜିଲ୍ଲା ଫୁଲବାଣୀ ନଗର ସମ୍ମିଳନୀ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ନଗର ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କନ୍ଧମାଳ ଜିଲ୍ଲା ସଂଘ ଚାଳକ ମାନନୀୟ ରମେଶ ଚନ୍ଦ୍ର ସାହୁ , ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ରୁଦ୍ର ପ୍ରସାଦ ସେଠୀ, କନ୍ଧମାଳ ଜିଲ୍ଲା ସହ ପ୍ରମୁଖ ସୌମ୍ୟ ରଂଜନ ଡାକୁଆ, ଜିଲ୍ଲା ସହ ସଂଯୋଜକ ଶୁଭମ୍ ଜ୍ୟୋତି ପ୍ରଧାନ ମଞ୍ଚାସିନ ଥିଲେ। ଏହି ସମ୍ମିଳନୀରେ ଏବିଭିପି ର ଲକ୍ଷ୍ୟ ଆଦର୍ଶ ଉପରେ ଶ୍ରୀ ରୁଦ୍ର ପ୍ରସାଦ ନିଜର ବିଷୟ ରଖିଥିଲେ ଏବଂ ରାଷ୍ଟ୍ରୀୟ ନିର୍ମାଣ ଛାତ୍ର ଭୂମିକା ଉପରେ ମୁଖ୍ୟ ଅତିଥି ରମେଶ ଚନ୍ଦ୍ର ସାହୁ ନିଜର ବିଷୟବସ୍ତୁ ରଖିଥିଲେ ଓ ଆଗାମୀ ଶିକ୍ଷା ବର୍ଷ ନିମନ୍ତେ କନ୍ଧମାଳ ଜିଲ୍ଲା ସହ ପ୍ରମୁଖ ସୌମ୍ୟ ରଂଜନ ଡାକୁଆ ନୂତନ କାର୍ଯ୍ୟକାରିଣୀ ଘୋଷଣା କରିଥିଲେ । ନଗର ସଭାପତି ଭାବେ ଅଧାପକ ମୋଧୋପା ସୁନା ଦାୟିତ୍ୱ ପାଇବା ବେଳେ, ଛାତ୍ର ନେତା ବିଶ୍ୱଜିତ ସାମନ୍ତରା ନଗର ସମ୍ପାଦକ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି ଏବଂ ଫୁଲବାଣୀ ନଗର ର ସମସ୍ତ କ୍ୟାମ୍ପସ ଶାଖା ଘୋଷଣା ହୋଇଯାଇଛି। ଏହି ସମ୍ମିଳନୀରେ ରେ ଗଂଜାମ ବିଭାଗ (ଷ୍ଟୁଡେଣ୍ଟ୍ ଫର୍ ଡେଭ୍ଲପ୍ ମେଣ୍ଟ) ସଂଯୋଜକ ରଜତ ବେହେରା, କନ୍ଧମାଳ ଜିଲ୍ଲା ସହ ସଂଯୋଜିକା ଶୁଭଲକ୍ଷ୍ମୀ ସାହୁ, ବିଭାଗ ସୋସିଆଲ ମିଡ଼ିଆ ସଂଯୋଜକ ଆଶୁତୋଷ ବେହେରା , ପୂର୍ବତନ ଜିଲ୍ଲା ସଂଯୋଜକ ଅମ୍ଲାନ ପଟ୍ଟନାୟକ ଓ ବହୁ କାର୍ଯ୍ୟକର୍ତ୍ତା ଏହି ନଗର ସମ୍ମିଳନୀ ଉପସ୍ଥିତ ଥିଲେ।

# ତମାଖୁ ମୁକ୍ତ ଅଭିଯାନର ଜିଲ୍ଲାସ୍ତରୀୟ କର୍ମଶାଳା




**ବାରିପଦା,୧୪।୧୨ (ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ଉପରେ ତମାଖୁର କୁପ୍ରଭାବ ସମଗ୍ର ବିଶ୍ୱରେ ଏକ ଚିନ୍ତାର କାରଣ ହୋଇଛି। ଆଜି ଜିଲ୍ଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟ ରେ ପୋଲିସ, ଅବକାରୀ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଡ୍ରଗ ଇନ୍ସପେକ୍ଟର ମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ଅତିରିକ୍ତ ଏସପି ଦୀପକ ଗୋଛୟତ ଓ ସବିତା ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁବାଷ ନାୟକ ତମାଖୁର କୁପ୍ରଭାବ ଦ୍ୱାରା ସ୍ୱାସ୍ଥ୍ୟ ଜନିତ ସମସ୍ୟା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁଗ୍ମ ନିର୍ଦ୍ଦେଶକ ବିନୟ କୁମାର ଦାସ ମହାପାତ୍ର ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଦାୟିତ୍ୱ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଅଣ ସଂକ୍ରାମକ ରୋଗ ପରାମର୍ଶ ଦାତା ଡାକ୍ତର ଗିରିଜା ଶଙ୍କର ମିଶ୍ର କୋଟପା ଆକ୍ଟ ୨୦୦୩ ଓ ଅନ୍ୟାନ୍ୟ ତମାଖୁ ନିୟନ୍ତ୍ରଣ ଆଇନ ବିଷୟରେ ସମସ୍ତ ଅଧିକାରୀ ମାନଙ୍କ ର ଦାୟିତ୍ୱବ ବିଷୟରେ ଆଲୋକପତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧରେ ବିଭିନ୍ନ ଥାନା ର ଅଧିକାରୀ, ସବ ଇନ୍ସପେକ୍ଟର, ଅବକାରୀ ବିଭାଗ ର ଅଧିକାରୀ, ଡ୍ରଗ୍ ଇନ୍ସପେକ୍ଟର, ଖାଦ୍ୟ ସୁରକ୍ଷା ଅଧିକାରୀ ଓ ଶିକ୍ଷା ବିଭାଗ ରୁ ଜ୍ଞାନେନ୍ଦ୍ର ଆଚାର୍ଯ୍ୟ ଉପସ୍ଥିତ ଥିଲେ।

# ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ଥିବା ବାର ସୁରକ୍ଷା ଉପରେ ପ୍ରଶ୍ନ

## ନାହିଁ ଅଗ୍ନି ନିର୍ବାପକ ବ୍ୟବସ୍ଥା

**କାକଟପୁର/ଅସ୍ତରଙ୍ଗ,୧୪।୧୨ (ସଂଚାର ବ୍ୟୁରୋ):** ଗୋଆର ଏକ ନାଇଟି କ୍ଲବରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡ ଦେଶବ୍ୟାପି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ସେଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବାରୁ ୨୫ଜଣ ପ୍ରାଣ ହରାଇଥିଲେ। ଗୋଆ ଘଟଣା ମନରୁ ନ ଲିଭୁଣୁ ଶୁକ୍ରବାର ଦିନ ଭୁବନେଶ୍ୱର ର ଏକ ହୁକ୍କା ବାରରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଛି। ଏଭଳି ସ୍ଥିତିରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଅଂଚଳରେ ରହିଥିବା ହୋଟେଲ, ରେଷ୍ଟରାଣ୍ଟ,ଅବା ବାରରେ ଅଗ୍ନିନିର୍ବାପକ ବ୍ୟବସ୍ଥା ନଥିବା ସୂଚନା ମିଳିଛି। ସମୟ ଥାଉ ଥାଉ ଯଦି ପ୍ରଶାସନ, ଅବକାରୀ ବିଭାଗ, ଅଗ୍ନିଶମବାହିନୀ ସଜାଗ ନ ହୁଏ, ତେବେ ଆଗାମୀ ଦିନରେ ବଡ଼ କ୍ଷତି ଘଟିବାର ଆଶଙ୍କା ରହିଛି।

ସୂଚନା ମୁତାବକ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ତିନି ଟି ବାର ରହିଛି। ସେଥିମଧ୍ୟରୁ ୨ଟି କେବଳ ବାର ରହିଥିବା ବେଳେ ୧ଟି ବାର ଆଣ୍ଡ ହୋଟେଲ ଲଜିଂ ରହିଛି। ସେହିପରି କାକଟପୁର ବ୍ଲକ ଅଂଚଳରେ ଦୁଇଟି ବାର ମଧ୍ୟରୁ ୧ଟି ବାର ଅନ୍ୟ ଗୋଟିଏ ହୋଟେଲ ଲଜିଂ ରହିଛି। ଏହି ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ପ୍ରମାଣ ପତ୍ର ରଖିବା ବାଧତା ମୂଳକ ହୋଇଥିବା ବେଳେ ଫାୟାର ସେଫଟି ପାଇଁ ଉପକରଣ, ଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ପାଇଁ ପାଣି ଟାଙ୍କି, ଅଣ୍ଡର ଗ୍ରାଉଣ୍ଡ ଟାଙ୍କି ସହ ପମ୍ପ ଲାଗିବା କଥା। ବାର ଭିତରେ ଧୂମପାନ କୁ ବାରଣ କରିବା ଦରକାର। ମାତ୍ର ଅଧିକାଂଶ ନିୟମ ପାଳନ କରୁନାହାନ୍ତି।

ସବୁଠାରୁ ଚିନ୍ତାର ବିଷୟ କାକଟପୁର ଓ ଅସ୍ତରଙ୍ଗ ମୁଖ୍ୟ ବଜାର ସମେତ ରାସ୍ତା ପାର୍ଶ୍ୱରେ ବାର ଗୁଡିକ ଜନଗହଳିପୂର୍ଣ୍ଣ ଅଂଚଳରେ। ସେଠାରେ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବସ୍ଥା ରହୁନଥିବାରୁ କୌଣସି ଦୁର୍ଘଟଣା ଘଟିଲେ ବ୍ୟାପକ ଧନ ଜୀବନ ହାନୀ ହେବା ଭୟ ରହିଛି। ଯାହାର କୌଣସି ତଥ୍ୟ ପ୍ରଶାସନ କିମ୍ବା ଅଧିକାରୀ ମାନଙ୍କ ନିକଟରେ ନାହିଁ।

ଏ ସମ୍ପର୍କରେ ଅସ୍ତରଙ୍ଗ ଅଗ୍ନିଶମ କାର୍ଯ୍ୟାଳୟ ଷ୍ଟେସନ ଅଧିକାରି ପ୍ରହଲ୍ଲାଦ ରାୟ କହିଛନ୍ତି ଅସ୍ତରଙ୍ଗ ଓ କାକଟପୁର ଅଂଚଳରେ ଥିବା ବାର ଗୁଡିକ ଅଗ୍ନି ନିରାପତ୍ତା ନିୟମ ପାଳନ କରୁନାହାନ୍ତି, ଖୁବ ଶୀଘ୍ର ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହେବ।

ସଞ୍ଚାର SANCHAR
ସୋମବାର ୧୫ ଡିସେମ୍ବର ୨୦୨୫
ସ୍ୱାସ୍ଥ୍ୟ




# ବିବାହ ପୂର୍ବରୁ ତ୍ୱଚାକୁ କିପରି ଚମକାଇବେ



ବିବାହ ସମୟରେ ସମସ୍ତେ ସୁନ୍ଦର ଲାଗିବାକୁ ଚେଷ୍ଟା କରିଥାଆନ୍ତି। ବିଶେଷ କରି ମହିଳାମାନେ ବ୍ରାଇଡାଲ୍ ଲୁକ୍ ପାଇଁ ଅଧିକ ଚିନ୍ତିତ ଥାଆନ୍ତି। ସମସ୍ତେ ସେମାନଙ୍କ ବିବାହ ଦିନ କ୍ୟାମେରା ଆଗରେ ସୁନ୍ଦର ଦେଖାଯିବାକୁ ଚାହାଁନ୍ତି। ନିଜକୁ ସୁନ୍ଦର କରିବା ପାଇଁ ଯେତେବେଳେ ବିୟୁଟି ପାର୍ଲରକୁ ଯାଇଥାଉ ସେତେବେଳେ ଆମକୁ ଅନେକ ଟଙ୍କା ଖର୍ଚ୍ଚ କରିବାରୁ ପଡିଥାଏ। କିନ୍ତୁ ଆମେ ଆପଣଙ୍କ ପାଇଁ କିଛି ବ୍ରାଇଡାଲ୍ କିମ୍ବା ତ୍ୱଚା ଯତ୍ନ ଟିପ୍ସ ଆଣିଛୁ। ଯାହାକୁ ଆପଣ ଆପଣଙ୍କ ବିବାହ ପୂର୍ବରୁ ଅନୁସରଣ କଲେ ଏହା ଭଲ ଫଳ ଦେଇଥାଏ।

**ସବୁଦିନ ମୁହଁ ଧୁଅନ୍ତୁ:** ପ୍ରତିଦିନ ତ୍ୱଚାକୁ ଧୁଅନ୍ତୁ। ତ୍ୱଚାକୁ ଧୋଇବା ପାଇଁ କୌଣସି ଭଲ କମ୍ପାନିର ଫେସ୍ ୱାଶ୍ ବ୍ୟବହାର କରନ୍ତୁ। ଦିନକୁ ଥରେ ଆପଣଙ୍କ ତ୍ୱଚାକୁ ହାଲୁକା ଭାବରେ ଧୁଅନ୍ତୁ। ଏହା ଆପଣଙ୍କ ଚର୍ମରୁ ମଇଳା ଏବଂ ତେଲ ବାହାର କରିବା ସହ ଆପଣଙ୍କ ଛିଦ୍ରଗୁଡ଼ିକୁ ସଫା କରିବ। ତା'ପରେ, ଉଷୁମ ପାଣିରେ ବାଷ୍ପ ନିଅନ୍ତୁ। ଆପଣଙ୍କ ଛିଦ୍ରଗୁଡ଼ିକୁ ଖୋଲିବା ଏବଂ ରକ୍ତ ସଞ୍ଚାଳନ ବୃଦ୍ଧି କରିବାରେ ସହାୟକ ହେବ। କିନ୍ତୁ ଏହି ବାଷ୍ପ କେବଳ ୫ ମିନିଟ୍ ପାଇଁ ନିଅନ୍ତୁ।

**ହାଲୁକା ସ୍କ୍ରବ କିମ୍ବା ଫେସ ପ୍ୟାକ୍ ଲଗାନ୍ତୁ:** ତ୍ୱଚା ଭଲଭାବରେ ପରିଷ୍କାର ହେବା ହାଲୁକା ସ୍କ୍ରବ କିମ୍ବା ଫେସ୍ ପ୍ୟାକ୍ ଲଗାନ୍ତୁ। ମନେ ରଖିବେ ସ୍କ୍ରବକୁ ବେଶୀ ମୁହଁରେ ଘଷିବେ ନାହିଁ। ଏହାପରେ ମୁହଁକୁ ଭଲଭାବରେ ଧୋଇଦେଲା ପରେ ଫେସିଆଲ ମାସ୍କ ଲଗାନ୍ତୁ। ଫେସିଆଲ ମାସ୍କ ଭାବରେ ଆପଣ ଦହି ,ମହୁ କିମ୍ବା ଆଲୋଭେରାକୁ ବ୍ୟବହାର କରିପାରିବେ। ଏହାକୁ ପନ୍ଦର ମିନିଟ ଲଗାଇବା ପରେ ଥଣ୍ଡା ପାଣିରେ ମୁହଁକୁ ଧୋଇ ଦିଅନ୍ତୁ। ଏହା ଆପଣଙ୍କ ତ୍ୱଚାକୁ ନରମ ଏବଂ ହାଇଡ୍ରେଟେଡ୍ ରଖିବ।

**ଥଣ୍ଡା ଟୋନର ଏବଂ ମସାଜ:** ଫେସ୍ ମାସ୍କକୁ ଧୋଇବା ପରେ ଏକ କୁଲିଂ ଟୋନର କିମ୍ବା ଗୋଲାପ ଜଳ କୁ ଆପଣଙ୍କ ତ୍ୱଚାରେ ଥାପନ୍ତୁ। ଏହା ଆପଣଙ୍କ ତ୍ୱଚାକୁ ନରମ କରିବା ସହ ରକ୍ତ ସଞ୍ଚାଳନ ବୃଦ୍ଧି କରିଥାଏ।

**ମଇଶ୍ଚରାଇଜିଂ କରନ୍ତୁ:** ଆପଣଙ୍କ ତ୍ୱଚାକୁ ମଇଶ୍ଚରାଇଜ କରନ୍ତୁ। ଏହାକୁ ନରମ ଏବଂ ଉଜ୍ଜ୍ୱଳ ରଖିବା ପାଇଁ ଏକ ହାଲୁକା ଅଣ-ତୈଳଯୁକ୍ତ ମଇଶ୍ଚରାଇଜର ଲଗାନ୍ତୁ। ମାର୍କେଟରେ ଆପଣଙ୍କୁ ସହଜରେ ଭଲ କମ୍ପାନୀର ମଇଶ୍ଚରାଇଜ ମିଳିଯିବ। ଯଦି ଆପଣଙ୍କର ତ୍ୱଚାରେ ବ୍ରଣ ଅଛି, ତେବେ ସକାଳୁ ମୁହଁ ଧୋଇବା ପୁର୍ବରୁ ବାସି ଛେପ ବ୍ରଣ ହେଉଥିବା ସ୍ଥାନରେ ଲଗାନ୍ତୁ।

**ପ୍ରଚୁର ପାଣି ପିଅନ୍ତୁ:** ବିବାହ ଦିନ ବା ଏହାର କିଛି ଦିନ ପୁର୍ବରୁ ଦିନସାରା ପ୍ରଚୁର ପାଣି ପିଅନ୍ତୁ। ଏହା ଆପଣଙ୍କ ତ୍ୱଚାକୁ ହାଇଡ୍ରେଟ ରଖିଥାଏ। ଏହା ସହିତ ଭଲ ନିଦ ବା ବିଶ୍ରାମ ଅତ୍ୟନ୍ତ ଜରୁରୀ। ଯଦି ଆପଣ ରାତିରେ ଭଲ ନିଦରେ ଶୋଇବେ ତେବେ ସକାଳେ ଆପଣଙ୍କୁ ସତେଜ ଏବଂ ଉଜ୍ଜ୍ୱଳ ଅନୁଭବ ହୋଇଥାଏ। ଏହି ସରଳ ପଦକ୍ଷେପଗୁଡ଼ିକୁ ଅନୁସରଣ କଲେ ଆପଣ ଆପଣଙ୍କ ବିବାହ ଦିନ ଉଜ୍ଜ୍ୱଳ ଏବଂ ସୁନ୍ଦର ଦେଖାଯାଇପାରିବେ। ଏହା କେବଳ ଆପଣଙ୍କୁ ଉଜ୍ଜ୍ୱଳ କରିବ ନାହିଁ, ଏହି ଛୋଟ ଛୋଟ ଟିପ୍ସର ଅନୁସରଣ ଫଳରେ ଆପଣଙ୍କ ଆତ୍ମବିଶ୍ୱାସ ମଧ୍ୟ ବଢିଥାଏ।

# କାନରେ ପାଣି ପଶିଗଲେ



ଗାଧୋଇବା କିମ୍ବା ପହଁରିବା ବେଳେ କେବେ କେବେ କାନରେ ପାଣି ପଶିଯିବା ଏକ ସାଧାରଣ କଥା। ଏହାଦ୍ୱାରା କାନ ଭାରି ଲାଗିବା, କୁଣ୍ଡେଇ ହେବା କିମ୍ବା ତାବଦା ଲାଗିବା ଭଳି ଲକ୍ଷଣ ଦେଖାଦିଏ ଏବଂ ପାଣି ବାହାରିଗଲେ ବା ପୋଛି ଦେଲେ କାନ ସାଧାରଣ ଅବସ୍ଥାକୁ ଚାଲିଆସେ। ହେଲେ କେବେ କେବେ ଏହାକୁ ଠିକ ଭାବରେ ସଫା ନକଲେ କିମ୍ବା ଅଣଦେଖା କଲେ କାନର ଇନଫେକସନ ହୋଇ ଜଟିଳ ସମସ୍ୟା ବି ସୃଷ୍ଟି ହୋଇପାରେ। ଜାଣି ରଖନ୍ତୁ କାନରେ ପାଣି ପଶିଗଲେ କ'ଣ କରିବେ..।

ଯେଉଁ କାନରେ ପାଣି ପଶିଛି, ସେହି ପାଖ ମୁଣ୍ଡକୁ ତଳକୁ କରି କାନ ଉପରେ ପାପୁଲି ରଖି କିଛି ସମୟ ଚାପି ଧରନ୍ତୁ ଏବଂ ଛାଡ଼ି ଦିଅନ୍ତୁ, ଦେଖିବେ ପାଣି ବାହାରି ଆସିବ। ଏପରି ନ ବାହାରିଲେ ମୁଣ୍ଡକୁ ପୂର୍ବ ଅବସ୍ଥାରେ ନୁଆଁଇ ରଖି କାନ ଫରିକୁ ଧୀରେ ଧୀରେ ହଲାନ୍ତୁ। ଏହାଦ୍ୱାରା କାନର ନଳୀ ସିଧା ହୋଇ ପାଣି ବାହାରି ଆସିବ। ଶୁଖିଲା କପଡ଼ାରେ ଧୀରେ ଧୀରେ କାନକୁ ପୋଛି ଆଣନ୍ତୁ। ଏପରି କଲେ ମଧ୍ୟ ପାଣି ଶୁଖିଯିବ ଏବଂ ଫଙ୍ଗାଲ ଇନଫେକ୍ସନ ହେବ ନାହିଁ। ମନେ ରଖନ୍ତୁ, ଏହା ଯେପରି କାନ ଭିତରକୁ ଆଦୌ ନ ଯାଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ପାଣି ଭିତରକୁ ଥିଲେ ଏପରି କଲେ ବି କୌଣସି ଉପକାର ମିଳି ନଥାଏ। ଏମିତିରେ ହେୟାର ଡ୍ରାୟର ମଧ୍ୟ କାମରେ ଆସିପାରେ। ଏଥିପାଇଁ ହେୟାର ଡ୍ରାୟରକୁ ଲୋ ହିଟ ମୋଡ଼ରେ ସେଟ କରି କାନ ଠାରୁ ଏକ ଫୁଟ ଦୂରରେ ରଖି ଅନ କରନ୍ତୁ। ହାଲୁକା ଗରମ ପବନ ବାଜିଲେ କାନରେ ପଶି ରହିଥିବା ପାଣି ବାହାରି ଆସିବ ଏବଂ କାନ ଭିତରେ ଓଦା ନରହି ଶୀଘ୍ର ଶୁଖି ମଧ୍ୟ ଯିବ। ହେଲେ ଏଥିପାଇଁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ସହ ନିଜେ ହେୟାର ଡ୍ରାୟର ନ ଧରି ଅନ୍ୟର ସାହାଯ୍ୟ ନେବା ଭଲ। ଯଦି ଏହିସବୁ ଉପାୟ ପରେ ବି କାନରୁ ପାଣି ନବାହାରେ କିମ୍ବା କାନରେ ଯନ୍ତ୍ରଣା ଅନୁଭବ ହୁଏ, ତେବେ ଡାକ୍ତରଙ୍କ ପରାମର୍ଶ କ୍ରମେ ଇୟର ଡ୍ରପ ପକାଇ ପାରିବେ କିମ୍ବା ଡାକ୍ତରଖାନାରେ ପାଣି ବାହାର କରିପାରିବେ। ମନେରଖନ୍ତୁ ଇୟର ବଡ଼ କିମ୍ବା କୌଣସି କାଠି ଯେପରି ଦିଆସିଲି କାଠିରେ ତୁଳା ଗୁଡ଼ାଇ କିମ୍ବା ଚାପି ଆଦିକୁ ପାଣି ବାହାର କରିବା ଲାଗି କାନରେ ଆଦୌ ପୁରାନ୍ତୁ ନାହିଁ। ଏହାଦ୍ୱାରା କାନକୁ କ୍ଷତି ପହଞ୍ଚିପାରେ।

**ନାରାୟଣ ଚନ୍ଦ୍ର ବିଶ୍ୱାଳ**
ବାକ୍‌ଶ୍ରବଣ ବିଶେଷଜ୍ଞ, କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦

# ସ୍କ୍ରିନ ଟାଇମ୍ ବଢ଼ାଉଛି ହୃଦରୋଗ ଆଶଙ୍କା



ପିଲାମାନଙ୍କ ଠାରୁ ସେମାନଙ୍କ ଶୈଶବ ଛଡ଼ାଇ ନେଉଛି ଆଜିର ଡିଜିଟାଲ ଯୁଗ। ସତେ ଯେପରି ସେମାନଙ୍କ ଜୀବନ ବନ୍ଧା ପଡ଼ିଛି ସ୍ମାର୍ଟଫୋନ, ଅନଲାଇନ କ୍ଲାସ, ଗେମିଂ ଓ ଷ୍ଟ୍ରିମିଂରେ। ହୋମୱାର୍କ କରି ଟିକେ ଥକି ପଡ଼ିଲେ ସେମାନେ ଖୋଜୁଛନ୍ତି ମୋବାଇଲ, ପୁଣି ରାତିରେ ଶୋଇବା ଆଗରୁ ମୋବାଇଲ ନ କେଞ୍ଚିଲେ ପିଲାଙ୍କୁ ନିଦ ବି ଆସୁନାହିଁ। ସମବୟସ୍କଙ୍କ ସହ ଖେଳକୁଦ, ଜେଜେଜେଜୀଙ୍କ ପାଖରୁ କାହାଣୀ ଶୁଣିବା ବଦଳରେ ପିଲାଏ ଏବେ ମୋବାଇଲରେ ମନୋନିବେଶ କରିଛନ୍ତି। କିନ୍ତୁ ଶିଶୁଙ୍କ ଭିତରେ ବୃଦ୍ଧି ପାଉଥିବା ଏହି ଅଭ୍ୟାସ ହୃଦୟରୋଗର କାରଣ ପାଲଟୁଛି ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି।

ଆମେରିକୀୟ ହାର୍ଟ ଆସୋସିଏସନ ଜର୍ଣ୍ଣାଲରେ ପ୍ରକାଶିତ ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ମୋବାଇଲ କେବଳ ପିଲାମାନଙ୍କୁ ମାନସିକ ସ୍ତରରେ ନୁହେଁ, ବରଂ ଶାରୀରିକ ଭାବେ ବି ଅସୁସ୍ଥ କରିପକାଉଛି। ମାତ୍ରାଧିକ ମୋବାଇଲ ବ୍ୟବହାର ଶିଶୁ ଓ କିଶୋରଙ୍କ ମଧ୍ୟରେ ହୃଦରୋଗ ସୃଷ୍ଟି କରାଉଛି। ଏହା କେବଳ ପାଶ୍ଚାତ୍ୟର ସମସ୍ୟା ନୁହେଁ, ଭାରତୀୟ ଶିଶୁ ଓ କିଶୋର ମଧ୍ୟ ଏହାର କବଳିତ। ଏହି ଅଧ୍ୟୟନରେ ଗବେଷକମାନେ ଏକ ହଜାର ଯୋଡ଼ି ମହିଳା ଓ ଶିଶୁଙ୍କୁ ପର୍ଯ୍ୟବେକ୍ଷଣ ପରିସରଭୁକ୍ତ କରିଥିଲେ। ପିଲାଏ କେତେ ସମୟ ଧରି ମୋବାଇଲ ବ୍ୟବହାର କରୁଛନ୍ତି ସେ ତଥ୍ୟ ସଂଗ୍ରହ କରାଯାଇଥିଲା। ଅନ୍ୟପକ୍ଷରେ ଦୁଇ ସପ୍ତାହ ଧରି ସେମାନଙ୍କ ନିଦ୍ରା ଓ ଶାରୀରିକ କାର୍ଯ୍ୟକଳାପ ଆକ୍ସିଲେରୋମିଟର ଜରିଆରେ ନିରୀକ୍ଷଣ କରାଯାଇଥିଲା। ଏହା ବ୍ୟତୀତ ଅଣ୍ଟାର ପରିଧି ସିଷ୍ଟୋଲିକ୍ ବ୍ଲଡ଼ ପ୍ରେସର, ଏଚଡ଼ିଏଲ କୋଲେଷ୍ଟ୍ରଲ, ଟ୍ରାଇଗ୍ଲିସରାଇଡସ ଓ ରକ୍ତ ଶର୍କରା ଆଦି ପରିମାପ ଜରିଆରେ ହୃଦରୋଗଜନିତ ବିପଦ ଓ କାର୍ଡ଼ିଓମେଟାବୋଲିକ ରିଷ୍କ କେତେ ରହୁଛି, ତାହା ନିର୍ଣ୍ଣୟ କରାଯାଇଥିଲା। ଏଥିରୁ ଜଣା ପଡ଼ିଥିଲା ଯେ ମୋବାଇଲର ବହୁଳ ବ୍ୟବହାର ଶିଶୁଙ୍କ ଭିତରେ ହୃଦରୋଗ ଆଶଙ୍କା ବଢ଼ାଉଛି। ଅଧ୍ୟୟନରୁ ଜଣାପଡ଼ିଛି, ପ୍ରତ୍ୟେକ ଅତିରିକ୍ତ ଘଣ୍ଟା ମୋବାଇଲ ବ୍ୟବହାର ଶିଶୁଙ୍କ ମଧ୍ୟରେ ପ୍ରାୟ ୦.୦୮ ମାନକ ବିଚ୍ୟୁତି ଏବଂ କିଶୋର ମାନଙ୍କ ମଦ୍ୟରେ ୦.୧୩ କାର୍ଡ଼ିଓମେଟାବୋଲିକ ସମସ୍ୟା ସୃଷ୍ଟି କରୁଛି। ନିଦ୍ରାହୀନତା ଓ ନିଦ୍ରା ବିଶୃଙ୍ଖଳ ମଧ୍ୟ ହୃଦରୋଗ ଆଶଙ୍କା ବୃଦ୍ଧି କରୁଛି। ସ୍ୱଳ୍ପ କିମ୍ବା ବିଳମ୍ବିତ ଶୟନ ଅଭ୍ୟାସ ରଖିଥିବା ପିଲାଙ୍କ ମଧ୍ୟରେ ଏହି ବିପଦ ଅଧିକ। କୋଭିଡ଼ ମହାମାରୀ କାରଣରୁ ୨୦୨୦ ମସିହା ପରଠାରୁ ଭାରତରେ ଅନଲାଇନ ପାଠପଢ଼ାକୁ ଗୁରୁତ୍ୱ ଦିଆଯିବାରୁ ଛୋଟ ପିଲାଙ୍କ ସ୍କ୍ରିନ ଟାଇମ ବୃଦ୍ଧି ପାଇଥିଲା। ବର୍ଦ୍ଧିତ ମୋବାଇଲ ନିର୍ଭରଶୀଳତା କାରଣରୁ ନିଦ୍ରାହୀନତା, ମେଦବହୁଳତା, ଇନସୁଲିନ ପ୍ରତିରୋଧ ଭଳି କାର୍ଡ଼ିଓମେଟାବୋଲିକ ସମସ୍ୟା ମଧ୍ୟ ଶିଶୁଙ୍କ ଠାରେ ବୃଦ୍ଧି ପାଉଛି ବୋଲି ଗବେଷକମାନେ ଜାଣିବାକୁ ପାଇଛନ୍ତି।

**ପ୍ରଫେସର ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର**
ପ୍ରଫେସର, ହୃଦ୍‌ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ଋ-ଜ୍ଞବସକ୍ଷ : ଯକ୍ସମଳଜ୍ଞସଟ୍ଟଷକ୍ସବଅଶଜ୍ଞବସକ୍ଷ.ମକ୍ଟଜ୍ଞ

# ବାସି ରୁଟି ଖାଇଲେ କ'ଣ ହୁଏ ?



ରୁଟି ଭାରତୀୟ ଖାଦ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ମଧ୍ୟାହ୍ନ ଭୋଜନ ହେଉ କିମ୍ବା ରାତ୍ରୀ ଭୋଜନ, ଭାରତୀୟ ଘରର ଲୋକମାନେ ପ୍ରାୟତଃ ରୁଟି ଖାଇବାକୁ ପସନ୍ଦ କରନ୍ତି। କିନ୍ତୁ ବେଳେବେଳେ ରାତିରେ କିଛି ରୁଟି ବଳିଯାଏ ଯାହାକୁ ବାସି ରୁଟି କୁହାଯାଏ। ଅଧିକାଂଶ ଲୋକ ବାସି ରୁଟି ଖାଇବାକୁ ପସନ୍ଦ କରନ୍ତି ନାହିଁ। ଏଭଳି ପରିସ୍ଥିତିରେ ଘରର ମହିଳାମାନେ ଏହି ବାସି ରୁଟିକୁ ପଶୁମାନଙ୍କୁ ଖାଇବା ପାଇଁ ଦେଇଦିଅନ୍ତି। କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ବାସି ରୁଟି ସ୍ୱାସ୍ଥ୍ୟ ପାଇଁ ଏକ ବରଦାନ ସଦୃଶ ହୋଇଥାଏ। ଏହାର ବ୍ୟବହାର ଅନେକ ସ୍ୱାସ୍ଥ୍ୟ ଉପକାରିତା ପ୍ରଦାନ କରିଥାଏ। ଯଦି ଆପଣ ମଧ୍ୟ ବାସି ରୁଟି ଫିଙ୍ଗି ଦିଅନ୍ତି, ତେବେ ବର୍ତ୍ତମାନ ସାବଧାନ ରୁହନ୍ତୁ। କାରଣ ଆଜି ଆମେ ଆପଣଙ୍କୁ ବାସି ରୁଟି ଖାଇବାର ଏଭଳି ଲାଭ ବିଷୟରେ କହିବାକୁ ଯାଉଛୁ ଯାହା ବିଷୟରେ ଜାଣିଲେ ଆପଣ ରାତିରେ କିଛି ଅଧିକ ରୁଟି କରିବେ। ତେବେ ଆସନ୍ତୁ ଜାଣିବା ବାସି ରୁଟି ଖାଇବାର ଲାଭ...

**ବାସି ରୁଟି ଖାଇବାର ଉପକାରିତା: ହଜମ ପ୍ରକ୍ରିୟାରେ ଉନ୍ନତି ଆଣିଥାଏ:** ବାସି ରୁଟିରେ ଫାଇବରର ପରିମାଣ ଅଧିକ ରହିଥାଏ। ରାତିସାରା ରଖିବା ଦ୍ୱାରା ଏଥିରେ ପ୍ରତିରୋଧକ ଷ୍ଟାର୍ଚ୍ଚ ବିକଶିତ ହୁଏ, ଯାହା ପେଟର ଭଲ ବ୍ୟାକ୍ଟେରିଆ ଅର୍ଥାତ ପ୍ରିବାୟୋଟିକ୍ସକୁ ପୋଷଣ ଯୋଗାଇଥାଏ। ଏହା ହଜମ ପ୍ରକ୍ରିୟାକୁ ମଜବୁତ କରିବା ସହ କୋଷ୍ଠକାଠିନ୍ୟ, ଗ୍ୟାସ୍ ଏବଂ ଏସିଡ଼ିଟି ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ।

**ବ୍ଲଡ୍ ସୁଗାରକୁ ନିୟନ୍ତ୍ରଣ କରେ:** ତାଜା ରୁଟି ତୁଳନାରେ ବାସି ରୁଟିର ଗ୍ଲାଇସେମିକ୍ ଇଣ୍ଡେକ୍ସ ହ୍ରାସ ପାଇଥାଏ। ପ୍ରତିରୋଧକ ଷ୍ଟାର୍ଚ୍ଚ କାରଣରୁ, ଏହା ରକ୍ତରେ ଗ୍ଲୁକୋଜ୍ ଧୀରେ ଧୀରେ ଛାଡ଼ିଥାଏ, ଯାଁହା ବ୍ଲଡ୍ ସୁଗାର ବୃଦ୍ଧି ହେବାର ସମ୍ଭାବନା ହ୍ରାସ କରେ। ଏହା ଡାଇବେଟିସ ରୋଗୀଙ୍କ ପାଇଁ ଖୁବ ଲାଭଦାୟକ ହୋଇଥାଏ।

**ଶରୀରକୁ ଥଣ୍ଡା ରଖେ:** ଆୟୁର୍ବେଦ ଅନୁସାରେ ସକାଳେ ଥଣ୍ଡା କ୍ଷୀର କିମ୍ବା ଦହି ସହିତ ବାସି ରୁଟି ଖାଇବା ଦ୍ୱାରା ଶରୀରର ଉତ୍ତାପ କମିଯାଏ ଏବଂ ଶରୀର ଥଣ୍ଡା ରହିଥାଏ। ଗ୍ରୀଷ୍ମ ଋତୁରେ ଏହା ବିଶେଷ ଭାବରେ ଲାଭଦାୟକ ବୋଲି ବିବେଚନା କରାଯାଏ।

**ଓଜନ ହ୍ରାସ କରିବାରେ ସାହାଯ୍ୟ କରେ:** ପ୍ରତିରୋଧୀ ଷ୍ଟାର୍ଚ୍ଚ ଏବଂ ଫାଇବର କାରଣରୁ, ବାସି ରୁଟି ଖାଇବା ଦ୍ୱାରା ଆପଣ ଦୀର୍ଘ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ଅନୁଭବ କରିପାରନ୍ତି, ଯାହା ଆପଣଙ୍କ ଓଜନ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ।

## ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ବିଜେଡି କର୍ମୀଙ୍କ କଣାସ ବ୍ଲକସ୍ତରୀୟ ବୈଠକ



**କଣାସ, ୧୪।୧୨ (ସଂଚାର ବ୍ୟୁରୋ):** ଆଜି ଆଗାମୀ ଗ୍ରାମପଞ୍ଚାୟତ ନିର୍ବାଚନ ପାଇଁ ଏକ ପ୍ରସ୍ତୁତି ବୈଠକ କଣାସ ବ୍ଲକ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଶିଲକାନ୍ତ ରଉତଙ୍କ ଅଧ୍ୟକ୍ଷତାରେ ତ୍ରିଲୋଚନପୁର ଗ୍ରାମପଞ୍ଚାୟତ ନୂଆପଡ଼ା ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୪ନଂ ଜିଲ୍ଲା ପରିଷଦ ସଭ୍ୟ ଭିମସେନ ପାଇକରାୟ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଧିରେନ ରଣହାନ୍ଦଳ, ପୂର୍ବତନ ସରପଞ୍ଚ ରାଜକିଶୋର ରଣସିଂହ, ବିରାଟ ବଲବନ୍ତରାୟ, ପ୍ରଶନ୍ନ କୁମାର ସେଠି, ବରିଷ୍ଠ ବିଜେଡି ନେତା ଶିଖର ବାରିକ, ବାବୁଲି ଦାସ, ପ୍ରଶନ୍ନ ପଟ୍ଟନାୟକ, ବାବୁଲି ବିଶ୍ୱାଳ, ହରିହର ପଲେଇ, ରଙ୍କନଧି ବେହେରା, ମେହେଶ୍ୱର ବୈରିଗଞ୍ଜନ, ନଳିନୀ ପ୍ରଧାନ, ନନ୍ଦ ମାନସିଂହ ସମେତ କଣାସ ବ୍ଲକର ୨୮ଟି ଗ୍ରାମପଞ୍ଚାୟତରୁ ଶତାଧିକ କର୍ମୀ ଓ ଲୋକପ୍ରତିନିଧି ଯୋଗଦେଇ ଆଗାମୀ ଗ୍ରାମପଞ୍ଚାୟତ ନିର୍ବାଚନରେ ପୂର୍ବ ଭଳି କିପରି ଅଧିକ ସଂଖ୍ୟାରେ ବିଜେଡି ଜନ ପ୍ରତିନିଧିମାନେ ଜୟଯୁକ୍ତ ହେବେ ସେ ସମ୍ପର୍କରେ ଟିକିନିଖି ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ଏକ ବଡଧରଣର କର୍ମୀ ସମ୍ମିଳନୀ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା।

# କଲେଜ ଜମି ଜବରଦଖଲ ଲାଗି ରାତିଅଧିଆ ମସୁଧା



**ଜିଲ୍ଲା ପ୍ରଶାସନର ହସ୍ତକ୍ଷେପରେ ବର୍ତ୍ତମାନ ପାଇଁ ଟଳିଛି ସଙ୍କଟ**

**କେନ୍ଦ୍ରାପଡ଼ା, ୧୪।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା କଲେଜ ଜମିକୁ ଜବର ଦଖଲ କରିବା ପାଇଁ ଶନିବାର ବିଳମ୍ବିତ ରାତିରେ ଏକ ବିସ୍ଫୋରକ ଅବସ୍ଥା ସୃଷ୍ଟି ହୋଇଛି । ଭୀଷଣ ଶୀତରେ ସମସ୍ତେ ଘରେ ଥିବା ବେଳେ ୪/୫ଟି ହାଇୱା ଗାଡି ଓ ଏକ ଜେସିବି ମେସିନ ସାହାଯ୍ୟରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଖାଲ ଜମିରେ ବାଲି ଢାଳି ସମତୁଲ କରି ଦଖଲକୁ ନେବାର ଏକ ସୁଚିନ୍ତିତ ଚକ୍ରାନ୍ତକୁ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଫଳରେ ବର୍ତ୍ତମାନ ପାଇଁ ଫଳପ୍ରଦ ହୋଇପାରି ନାହିଁ । ଏହି ଖାଲ ଜମିଟି ହେଉଛି କଟକ-ଚାନ୍ଦବାଲି ରାସ୍ତାର ଉଦୟନଗର ଛକରୁ କଲେଜ ପରିସରକୁ ଯାଇଥିବା ରାସ୍ତାର ଡାହାଣ ପାର୍ଶ୍ୱର୍ରେ ଥିବା ଡେରାବିଶ ତହସିଲ ଅନ୍ତର୍ଗତ ଗୁଆଲସିଂ ମୌଜାର ପ୍ଲଟ ।

ଏହି ପ୍ଲଟକୁ କଲେଜ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଗଠିତ କେନ୍ଦ୍ରାପଡା ଟ୍ରଷ୍ଟି କମିଟି ପକ୍ଷରୁ ୧୯୫୮ମସିହାରେ ଦିବଂଗତ ମହମ୍ମଦ ଫଜଲେ ରବି, ଦୀନବନ୍ଧୁ ସାହୁ ଓ ନିମାଇଁ ଚରଣ ଦାସଙ୍କ ନାମରେ କିଣାଯାଇଥିଲା । ହେଲେ ପରବର୍ତ୍ତୀ କାଳରେ ଦାଖଲ ଖାରଜକୁ ଚଞ୍ଚକତା କରି ଅନ୍ୟମାନେ ତାକୁ ବାରମ୍ବାର ଗଳାବାଟରେ ଦଖଲ କରିବାକୁ ଉଦ୍ୟମ କରିଆସିଛନ୍ତି । ଏହି କାରଣରୁ କଲେଜର ସ୍ୱନିର୍ଦ୍ଧାରଣ କରିବାକୁ ଏସମ୍ପର୍କିତ ଏକ ମାମଲା କେନ୍ଦ୍ରାପଡା ଚକବନ୍ଦୀ ଉପନିର୍ଦ୍ଦେଶକଙ୍କ କୋର୍ଟରେ ବିଚାରାଧିନ ଥିବା ବେଳେ ସେହି ନ୍ୟାୟିକ ପ୍ରକ୍ରୀୟାକୁ ଏଡାଇଯାଇ ଏପରି ଜୋରଜୁଲମ କରି କଲେଜ ଜମିକୁ ଦଖଲ କରିବାର ଷଡଯନ୍ତ୍ରକୁ ନେଇ କଲେଜର ପୁରାତନ ଛାତ୍ରସଂସଦ ଉଦବେଗ ପ୍ରକାଶ କରିଛି ।

ଶନିବାର ପୁରାତନ ଛାତ୍ର ସଂସଦର ଏକ ଜରୁରୀ କାର୍ଯ୍ୟକାରିଣୀ ବୈଠକରେ ସଭାପତି ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ସମ୍ପାଦକ ଡ. ପ୍ରମୋଦ ଦାସ, ପ୍ରାକ୍ତନ ଅଧକ୍ଷ ନନ୍ଦକିଶୋର ପରିଡା, ପ୍ରାକ୍ତନ ଅତିରିକ୍ତ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ. ଅମୀୟ ମହାନ୍ତି, ଅଧାପକ ଅଜୟ ସାମଲ, ଡ. ପ୍ରଦୀପ୍ତ କିଶୋର ଦାଶ, ଡ. ତ୍ରୈଲୋକ୍ୟନାଥ ସାମଲ, ଶିଳ୍ପ ବିଭାଗର ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ ବିଶ୍ୱନାଥ ଆଚାର୍ଯ୍ୟ, ଅଧାପକ ଡ. ପ୍ରଭାକର ମଲ୍ଲିକ, ସାମ୍ବାଦିକ ଚିରଞ୍ଜନ ଦାସ, ଡ. ବାସୁଦେବ ଦାସ, ବିଶ୍ୱଜିତ ଦାସ, ଶରତ କୁମାର ସିଂହ, ଡ. ବିଦୁଭୂଷଣ ଦାସ, ଡ. ରଶ୍ମୀ କର ଓ ଦୈତାରୀ ସେଠୀଙ୍କ ସମେତ ଅନ୍ୟାନ୍ୟ ସଭ୍ୟମାନେ କଲେଜ ଜମିର ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଥିଲେ । ଅଥଚ ଶୀତ ରାତିର ବିଳମ୍ବିତ ମୁର୍ହୂରେ ଏତାଦୃଶ ଜବର ଦଖଲ ଉଦ୍ୟମ ସମସ୍ତଙ୍କୁ ହତଚକିତ କରିଦେଇଛି। ଛୁଟିଦିନ ଶୀତ ରାତିର ନିରୋଳା ମୁର୍ହୂରେ ଏପରି ଚଞ୍ଚକତା ଭବିଷ୍ୟତରେ ଯେପରି ଏଭଳି ସାହସ କରିବାକୁ ଆଉ କେହି ସାହାସ ନକରନ୍ତୁ ସେଥିପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି କରାଯାଇଛି ।

### ଟିପିସିଓଡିଏଲ୍‌ର ଆଡିସନାଲ ସିକ୍ୟୁରିଟି ଜମା ନୋଟିସ୍ ନେଇ

## ସାଲେପୁର ବିଦ୍ୟୁତ୍ ଡିଭିଜନ୍ ଉପଭୋକ୍ତା ସଂଘର ବୈଠକ



**ସାଲେପୁର,୧୪।୧୨(ସଂଚାର ବ୍ୟୁରୋ):** ଆଜି ସାଲେପୁର ବିଦ୍ୟୁତ୍ ଡିଭିଜନ୍ ଉପଭୋକ୍ତା ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବାଲିସାହି ପଞ୍ଚାୟତ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଆଡିସନାଲ ସିକ୍ୟୁରିଟି ଦେୟକୁ ବିରୋଧ କରି ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ନନ୍ଦକିଶୋର ଭୂୟାଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଟି.ପି.ସି.ଓ.ଡି.ଏଲ୍. ଯେଉଁଭଳି ମନଇଚ୍ଛା ବିଦ୍ୟୁତ୍ ଗ୍ରାହକମାନଙ୍କୁ ଶୋଷଣ କରିବା ଓ ମନମାନୀ ଚଳାଇଛି, ତାହାକୁ ବିରୋଧ କରାଯିବା ପାଇଁ ଏହି ବୈଠକରେ ସ୍ଥିର କରାଯାଇଥିଲା। ବିଶେଷ କରି ଡିଜିଟାଲ ମିଟର, ଗ୍ରାହକମାନଙ୍କର ବିଦ୍ୟୁତ୍ ସମସ୍ୟା ସୃଷ୍ଟି ହେଲେ ସିଧାସଳଖ ନିକଟସ୍ଥ କାର୍ଯ୍ୟାଳୟରେ ଅଭିଯୋଗ କରିବା ପାଇଁ କୌଣସି ବ୍ୟବସ୍ଥା କରାନଯିବା ଓ ସମସ୍ୟା ସମ୍ପର୍କରେ ଟୋଲ୍ ଫ୍ରି ନମ୍ବରରେ ଅବଗତ କଲେ ଦୀର୍ଘ ୧ଦିନରୁ ୨ଦିନ ବିଦ୍ୟୁତ୍ ସମସ୍ୟାକୁ ସୁଧାରିବାପାଇଁ ଟି.ପି.ସି.ଓ.ଡି. ଏଲ୍.ର କର୍ମଚାରୀ ଆସୁଥିବାରୁ ଗ୍ରାହକମାନେ ବିଦ୍ୟୁତ୍ ସମସ୍ୟାର ସମ୍ମୁଖୀନ ହେବା, ବିଶେଷ କରି ଟି.ପି.ସି.ଓ.ଡି.ଏଲ୍. ପକ୍ଷରୁ ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଥିବା ବିଦ୍ୟୁତ୍ ବିଲ୍‌କୁ ଆମ ମାତୃଭାଷା ଓଡ଼ିଆରେ ମୁଦ୍ରଣ କରାଯିବା ନେଇ ଆଲୋଚନା କରାଯାଇଥିଲା। ଏଥିରେ ସାଲେପୁର ବିଦ୍ୟୁତ୍ ଡିଭିଜନ୍ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକର ସମସ୍ତ ବିଦ୍ୟୁତ୍ ସେକ୍ସନ୍, ମାହାଙ୍ଗା ବ୍ଲକର ସମସ୍ତ ବିଦ୍ୟୁତ୍ ସେକ୍ସନ୍ ଏବଂ ସାଲେପୁର ବ୍ଲକର ସମସ୍ତ ବିଦ୍ୟୁତ୍ ସେକ୍ସନ୍ ଅଧିନରେ ରହିଥିବା ଉପଭୋକ୍ତା ସଂଘର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

ଏଥିରେ ଟି.ପି.ସି.ଓ.ଡି.ଏଲ୍. ପକ୍ଷରୁ କିଛି ଦିନ ହେବ ସମସ୍ତ ଉପଭୋକ୍ତାମାନଙ୍କ ମୋବାଇଲ୍‌କୁ ଆଡିସନାଲ ସିକ୍ୟୁରିଟି ଦେୟ ଦେବାକୁ ମେସେଜ୍ ଆସିବାରୁ ଉପଭୋକ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଆସନ୍ତା ୧୮ତାରିଖ ଗୁରୁବାର ଦିନ ସାଲେପୁର ବିଦ୍ୟୁତ୍ ଡିଭିଜନ୍ କାର୍ଯ୍ୟାଳୟକୁ ଉପଭୋକ୍ତା ସଂଘ ପକ୍ଷରୁ ଘେରାଉ ଓ ବିକ୍ଷୋଭ ପ୍ରଦର୍ଶନ କରାଯିବାପାଇଁ ସ୍ଥିର କରାଯାଇଥିବା ସୂଚନା ମିଳିଛି।

## ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

**ସୁବର୍ଣ୍ଣପୁର,୧୪।୧୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଜି ଜିଲ୍ଲା ଜଜ କୋର୍ଟ ପରିସରରେ ଚତୁର୍ଥ ଜାତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ପ୍ରାଧିକରଣର ସଭାପତି ତଥା ଜିଲ୍ଲା ଓ ଦୌରା ଜଜ ଧନୁର୍ଦ୍ଧର ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୮୫୬ଟି ବିଭିନ୍ନ ମାମଲା ର ଫଇସଲା



କରାଯାଇ ମୋଟ ୫୪ ହଜାର ୧୭ ଲକ୍ଷ ୬୩୪ ଟଙ୍କା ଜରିମାନ ଆଦାୟ କରାଯାଇଥିଲା । ଏଥିରେ ଫ୍ୟାମିଲି କୋର୍ଟ ଜଜ ପ୍ରଶାନ୍ତ କୁମାର ମିଶ୍ର, ଏଡିଜେ ଦିଲ୍ଲୀପ କୁମାର ବିଶ୍ୱାଳ, ସିଜେଏମ ବିଶ୍ୱ ବିଶୃତା କର, ରେଜିଷ୍ଟ୍ରାର ପ୍ରଜ୍ଞା ପ୍ରମିତା ପ୍ରତିହାରୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସେକ୍ରେଟାରୀ ଦେବାଶିଷ ଦାଶ, ସବ ଜଜ ଗଗନ ସାହୁ, ସବ ଜଜ(ମହିଳା) ବବିତା ପାତ୍ର, ଏସଡିଜେଏମ ସୁଦେଷ୍ଣା ପଟ୍ଟନାୟକ, ଜେଏମଏଫସି ପ୍ରଣତି ରଥ ପ୍ରମୁଖ ଯୋଗ ଦେଇ ସମସ୍ତ ମାମଲାର ବିଚାର କରିଥିଲେ।

## ଶ୍ରୀବଳଦେବଜୀଉ ମଣ୍ଡଳର କର୍ମକର୍ତ୍ତା ନିର୍ବାଚନ



**କେନ୍ଦ୍ରାପଡ଼ା,୧୪।୧୨(ସଂଚାର ବ୍ୟୁରୋ):** ଶ୍ରୀନିଳାଚଳ ନିଖିଳୋତ୍କଳ ପାଲାଗାୟକ ପରିଷଦର ଶାଖା ଶ୍ରୀବଳଦେବଜୀଉ ମଣ୍ଡଳର ଏକ ବୈଠକ ତିନିମୁହାଣୀସ୍ଥିତ ରାମମନ୍ଦିର ପରିସରରେ ଗାୟକ ରମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ, ଡେରାବିଶ ଓ କେନ୍ଦ୍ରାପଡା ବ୍ଲକର ସମସ୍ତ ଗାୟକ, ଗାୟିକା, ବାୟକ ଓ ଏହାର ସଂଗୀତକାରମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକରେ ସର୍ବସମ୍ମତିକ୍ରମେ ଶ୍ରୀବଳଦେବଜୀଉ ମଣ୍ଡଳର ନୂତନ କର୍ମକର୍ତାମାନଙ୍କୁ ଚୟନ କରାଯାଇଥିଲା । ମଣ୍ଡଳର ଉପଦେଷ୍ଟା ଭାବେ ଚିନ୍ମୟ ଦାଶ, ରମାକାନ୍ତ ପଣ୍ଡା, ପ୍ରଶାନ୍ତ କୁମାର ଦାସ, ଗଗନବିହାରୀ ସିଂହ, ପ୍ରଫୁଲ୍ଲ କୁମାର ପଣ୍ଡା ଓ ଗୋଲକ ବେହେରା ପ୍ରମୁଖଙ୍କୁ ଚୟନ କରାଯାଇଥିବା ବେଳେ ସ୍ଥାୟୀ ସଭାପତି ଭାବେ ଗୋଲକ ବିହାରୀ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ସୁଶାନ୍ତ କୁମାର ମଲ୍ଲିକ, ଉପସଭାପତି ଆରତୀ ଓଝା, ସମ୍ପାଦକ ସୁବାସ ଚନ୍ଦ୍ର ଶତପଥୀ, ସହସମ୍ପାଦକ ଶରତ ଚନ୍ଦ୍ର ସ୍ୱାଇଁ, ର୍ବା ସମ୍ପାଦକ କୈଳାସ ଚନ୍ଦ୍ର ବଳ, କୋଷାଧକ୍ଷ କ୍ଷୀରୋଦ କୁମାର ନାଥ, ସାଂସ୍କୃତିକ ସମ୍ପାଦକ ଶ୍ରୀଧର ସାହୁ ଓ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ସାଂଗଠନିକ ସମ୍ପାଦକ ସଦାଶିବ ପଣ୍ଡିତ୍ରା ଓ ମଞ୍ଜୁବାଳା ପତି ପ୍ରମୁଖଙ୍କୁ ଚୟନ କରାଯାଇଥିଲା । ନୂତନ କର୍ମକର୍ତାମାନେ ମଣ୍ଡଳ ସ୍ତରରେ ସଂଗଠନର ଉନ୍ନତି କଳ୍ପେ କାମ କରିବେ ବୋଲି ଶ୍ରୀରାମଲାଲଙ୍କ ସମ୍ମୁଖରେ ଶପଥ ପାଠ କରିଥିଲେ ।

## 'ନନ୍ଦ ମାଷ୍ଟର'ଙ୍କ ଚାଟଶାଳୀ ଫିଲ୍ମ ଦେଖିଲେ ବ୍ୟାସନଗର ପୌରାଞ୍ଚଳ ଦର୍ଶକ



**ଯାଜପୁର ରୋଡ଼,୧୪।୧୨(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳ ସହରର ଚୋରଦା ବାଇପାସ୍ ଛକ ଠାରେ ଥିବା ସିନେକମ୍ପ୍ଲେକ୍ସ ଫିଲ୍ମହଲ ଠାରେ ଗୁରୁ ଶିଷ୍ୟ ଉପରେ ଆଧାରିତ ନିଚ୍ଛକ ଚଳଚିତ୍ର ନନ୍ଦ ମାଷ୍ଟ୍ରେଙ୍କ ଚାଟଶାଳୀ ଫିଲ୍ମଟି ଏବେ ଦର୍ଶକ ମାନଙ୍କ ମନ ମୁଗ୍ଧ କରୁଥିବା ଦେଖିବାକୁ ମିଳୁଛି। ସାରା ଓଡିଶାରେ ପାଖାପାଖି ୨୦ଟି ପ୍ରେଖ୍ୟାଳୟ ଏବେ ଦର୍ଶକଙ୍କୁ ଏହି ଚଳଚିତ୍ର ଦେଖିବାର ସୁଯୋଗ ମିଳିଛି ।

ଓଡ଼ିଆ ସଂକୃତି, ପରମ୍ପରା ଓ଼ ଅସ୍ମିତା ଉପରେ ଆଧାର କରି ଅଭିସ୍ମିତା ପ୍ରଡ଼କ୍ସନର ପ୍ରଥମ ଅବଦାନ ନନ୍ଦ ମାଷ୍ଟ୍ରେଙ୍କ ଚାଟଶାଳୀ ଫିଲ୍ମଟି ସୁକିନ୍ଦା ବ୍ଲକ ବର୍ତ୍ତଣ୍ଡା ପଂଚାୟତ କନ୍ତିରା ଗ୍ରାମର ୧୦୪ ବର୍ଷରେ ପଦାର୍ପଣ କରି ୭୦ବର୍ଷ ଧରି ଚାଟଶାଳୀ କରି ପିଲାମାନଙ୍କୁ ଶିକ୍ଷାଦାନ କରି ଦେଶର ପଦ୍ମଶ୍ରୀ ପୁରସ୍କୃତ ପାଇ ଥିବା ନନ୍ଦ ସାରଙ୍କ ଜୀବନ୍ତ କାହାଣୀ ଉପରେ ଆଧାରିତ ଏହି ଚଳଚିତ୍ର ସମସ୍ତଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଥିବା ପ୍ରଯୋଜକ ଡ଼ଃ ଅଭୟ ପତି କହିଥିଲେ। ଓଡ଼ିଆ ଜାତି, ପରମ୍ପରା, ପୌରାଣିକ ଗାଥା ଓ଼ ଯାଜପୁରର ଐତିହକୁ ଆଧାର କରି ଏଭଳି ଏକ ଚଳଚିତ୍ରକୁ ରଚିଥିବା ଡାଇରେକଟର ତଥା ଲେଖକ ପ୍ରଣବ ଆଇଚ ଦର୍ଶକ'ଙ୍କୁ ହଲ ବାହାରେ ସୂଚାଇଥିଲେ।

ଆଜିର ଦିନରେ ଦର୍ଶକ ମଧ୍ୟ ଏହି ଚଳଚିତ୍ରକୁ ଦେଖି ବେଶ ଖୁସି ହେବା ସହିତ ଏହା ସମାଜ ପାଇଁ ଏବଂ ଶିକ୍ଷା କ୍ଷେତ୍ରରେ ଏକ ସୁଚିନ୍ତିତ ବାତାବରଣ ସୃଷ୍ଟି କରିବ ବୋଲି ଆଶା ରଖିଥିବା କହିଥିଲେ। ଆଜିର ଏହି ଫିଲ୍ମ ଟିକୁ ପ୍ରଯୋଜକ, ଲେଖକ, ଆକଟରଙ୍କ ସମେତ, ଅସ୍ମିତା ପତି, ସବିତା ରାଉତ, ଦେବସ୍ମିତା ସାହୁ ଓ଼ ବହୁ ସାମ୍ବାଦିକ, ଶିକ୍ଷାବିତ,ଛାତ୍ର ଛାତ୍ରୀ ମାନେ ଉପଭୋଗ କରିଥିଲେ। ଏହି ଫିଲ୍ମଟି ବିଭିନ୍ନ ରାଜ୍ୟରେ ଏବେ ପୁରସ୍କୃତ ହେଉଥିବା ବେଳେ ଗତ କାଲି ଝାରଖଣ୍ଡ ରାଜ୍ୟରେ ଏହି ଫିଲ୍ମର ପ୍ରଯୋଜକ ଶ୍ରୀପତିଙ୍କୁ ପୁରସ୍କୃତ କରିଥିବା ଦେଖିବାକୁ ମିଳିଛି।

## ସରିଆଁ ହାଇସ୍କୁଲର ରଜତ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ



**ନର୍ଲା,୧୪।୧୨(ସଂଚାର ବ୍ୟୁରୋ):** ଆସନ୍ତା ଡ଼ିସେମ୍ବର ୨୦ ଓ ୨୧ ଦୁଇ ଦିନ ଧରି ସରିଆଁ ହାଇସ୍କୁଲରେ ରଜତ ଜୟନ୍ତୀ ପାଳିତ ହେବ। ରବିବାର ଏନେଇ ଚୁଡାନ୍ତ ପ୍ରସ୍ତୁତି ବୈଠକ ପୁରାତନ ଶିକ୍ଷାର୍ଥୀ ସଂସଦ ସଭାପତି ଓମପ୍ରକାଶ ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦୁଇଦିନ ଧରି ଆୟୋଜିତ ହେବାକୁ ଥିବା ଏହି ଭବ୍ୟ କାର୍ଯ୍ୟକ୍ରମ ବିଷୟରେ ବିଶଦ ଭାବେ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ କୁମରମଣୀ ଶବର, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସରିଆଁର ପ୍ରଧାନଶିକ୍ଷକ ସାଧୁରାମ ଭୋଇ, ଗଣିତ ଶିକ୍ଷକ ଗଙ୍ଗା ନାରାୟଣ ଦାଶ, ଇଂରାଜୀ ଶିକ୍ଷକ କୈଳାସ ଚନ୍ଦ୍ର ଭୋଇ, ଅବସରପ୍ରାପ୍ତ ଶିକ୍ଷକ ଜଗୁଲାଲ ଭୋଇ ଓ ନିର୍ମଳ ଚନ୍ଦ୍ର ଭୋଇ, ପିଇଟି ଉମାକାନ୍ତ ଭୋଇ, ଆଇନଜୀବୀ ସଞ୍ଜୟ ଧଙ୍ଗଡାମାଝୀ, ଅବସରପ୍ରାପ୍ତ କିରାଣୀ ପ୍ରମୋଦ ଚନ୍ଦ୍ର ଭୋଇ, ଅବସରପ୍ରାପ୍ତ ମୁଖ୍ୟ ସେବକ ଭୋଳାନାଥ ଧଙ୍ଗଡାମାଝୀ, ସରିଆଁ ସମିତି ସଭ୍ୟ ଭାସ୍କର ଭୋଇ, ପୁରାତନ ଛାତ୍ର ସଂସଦ ଉପସଭାପତି ବିଜୟ ଧଙ୍ଗଡ଼ାମାଝୀ ଓ ରଘୁନାଥ ଦୀପ, ଉପଦେଷ୍ଟା ଜେମନ୍ତ ପୋଢ଼, ଯୁଗ୍ମ ସମ୍ପାଦକ ରୀନା ଭୋଇ ଓ ସୌମ୍ୟରଞ୍ଜନ ସା, କୋଷାଧ୍ୟକ୍ଷ ନରୋତ୍ତମ କରୁଆଁ, ସଦସ୍ୟ ଚନ୍ଦ୍ର ଶେଖର ସାହୁ, ହିମାଦ୍ରୀ ଭୋଇଙ୍କ ସମେତ ସଂସଦର କାର୍ଯ୍ୟକର୍ତ୍ତା ଓ ପୁରାତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ସଂସଦ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ଓ ଯୁଗ୍ମ ସମ୍ପାଦକ ଅଚ୍ୟୁତାନନ୍ଦ ଭୋଇ ସଭା ସଂଯୋଜନା କରିଥିଲେ।

## ଶ୍ରୀମଦ ଭାଗବତ କଥାମୃତ ଓଡ଼ିଶା ଗ୍ରୁପର ବାର୍ଷିକ ଉତ୍ସବ

**ନୀଳଗିରି/ପୁରୀ,୧୪।୧୨(ସଂଚାର ବ୍ୟୁରୋ):** ଭାଗବତ ଜନ ଜୀବନର ବେଦ । ଭକ୍ତିଭାବ ଉଦୟହେଲେ ଭକ୍ତର ଜୀବନ ରସମୟ ହୋଇଉଠେ। ସନାତନ ଧର୍ମ ପରମ୍ପରାରେ ଜଗନ୍ନାଥଦାସଙ୍କ କୃତ ଭାଗବତ ଘରେଘରେ ପାଠ ହେବାର ନିଶ୍ଚିତ ଆବଶ୍ୟକତା ଅଛି ବୋଲି ଆଜି ଶ୍ରୀକ୍ଷେତ୍ର ପୁରୀର ସିଦ୍ଧ ବକୁଳ ମଠରେ ଅନୁଷ୍ଠିତ ଶ୍ରୀମଦ୍ ଭାଗବତ କଥାମୃତ, ଓଡ଼ିଶା ଗ୍ରୁପର ପଞ୍ଚମ ବାର୍ଷିକ ସମାରୋହରେ ଅତିଥିଗଣ ମତବ୍ୟକ୍ତ କରିଛନ୍ତି । ଏହି ସମାରୋହରେ ସମଗ୍ର ଓଡ଼ିଶା ଓ ଛତିଶଗଡ଼ର ବହୁ ଭାଗବତ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ କିଛି ଭାଗବତପ୍ରେମୀଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମଗ୍ର ଓଡ଼ିଶା ଓ ଛତିଶଗଡ଼ ରାଜ୍ୟରୁ ଶତାଧିକ ଶ୍ରଦ୍ଧାଳୁ ଭକ୍ତ ଯୋଗଦାନ କରିଥିଲେ ।




## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସପ୍ତସତୀ ସଂଗମ କାର୍ଯ୍ୟକ୍ରମ

**ସାଲେପୁର,୧୪।୧୨ (ସଂଚାର ବ୍ୟୁରୋ):** ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସପ୍ତଶକ୍ତି ସଂଗମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ଅଳକା ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସତ୍ୟଭାମାପୁରସ୍ଥିତ କସ୍ତୁରୀବା ଟ୍ରଷ୍ଟର ମୁଖ୍ୟ ପରିଚାଳିକା ସନ୍ଧ୍ୟାରାଣୀ ମଲ୍ଲିକ, ପଞ୍ଚାୟତ ପ୍ରହଲ୍ଲାଦ କଲେଜର ଅଧକ୍ଷା ତଥା ଶିକ୍ଷାବିକାଶ ସମିତି ଯୋଜନାର କ୍ରିୟାଶୋଧନ ମୁଖ୍ୟ ସଂଯୋଜିକା ଡଃ ତରୁଲତା ଦେବୀ ଯୋଗଦେଇ କୁଟୁମ୍ବ ପ୍ରବନ୍ଧନ ଓ ପର୍ଯ୍ୟାବରଣ ଉପରେ ବକ୍ତବ୍ୟ ଦେଇଥିଲେ। ଆଚାର୍ଯ୍ୟା ତନୁଜା ସାହୁ ମଞ୍ଚ ସଂଯୋଜନା କରିଥିବାବେଳେ ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ଅନ୍ନପୂର୍ଣ୍ଣା ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ୭୫ଜଣ ମାତୃମଣ୍ଡଳୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାରୀ ସକଳ ଶକ୍ତିର ଆଧାର, କନ୍ୟାଭାରତୀର ଭଉଣୀମାନେ ସପ୍ତଶକ୍ତିର ମହତ୍ତ୍ୱ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଆଚାର୍ଯ୍ୟ ଦିପ୍ତିମୟୀ ରାଉତ ମା'ମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ପରିଚାଳନା କରିଥିଲେ।

# କେନ୍ଦ୍ରାପଡ଼ା ବ୍ଲକ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ



**କେନ୍ଦ୍ରାପଡା,୧୪।୧୨ (ସଂଚାର ବ୍ୟୁରୋ):** ଓଡିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) କେନ୍ଦ୍ରାପଡା ବ୍ଲକ ଅନୁକୁଲ୍ୟରେ ୪୨ତମ ମଣ୍ଡଳ ସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ବ୍ଲକ ଓଷ୍ଟା ସଭାପତି ତପନ କୁମାର ଦାଶଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ ଯୋଗଦେଇ ନୈତିକ ଶିକ୍ଷା ଉପରେ ପିଲାମାନଙ୍କୁ ଆର୍ଶ ବଚନ ପ୍ରଦାନ କରିଥିଲେ। ରାଜ୍ୟ ଓଷ୍ଟାର ସଂପାଦକ ଶିକ୍ଷକ ନେତା ପ୍ରଣବ କୁମାର ଜେନା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପିଲାମାନଙ୍କ ମଧ୍ୟରେ ଅନେକ ସମ୍ଭାବନା ଅଛି । ତାଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ପରିପ୍ରକାଶ କରିବା ସମସ୍ତ ଶିକ୍ଷକ, ଶିକ୍ଷିକା ମାନଙ୍କର ନୈତିକ କର୍ତ୍ତବ୍ୟ ।

ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂପାଦକ ଭଗବାନ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ତଥା ଅଭ୍ୟର୍ଥନା କମିଟି ଅଧକ୍ଷା କାଦମ୍ବିନୀ ନାୟକ, ବିଦ୍ୟାଳୟର ପସଖା ଶିକ୍ଷାସେତୁ ସଭାପତି ଡଃ ଉପେନ୍ଦ୍ରନାଥ ପ୍ରଧାନ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ କୁମାର ନାୟକ, ସି.ଆର.ସି.ସି ରଶ୍ମି ରଞ୍ଜନ ପ୍ରଧାନ ପ୍ରମୁଖ ପ୍ରତିଯୋଗୀ ମାନଙ୍କୁ ଆର୍ଶ ବଚନ ପ୍ରଦାନ କରିବା ସହ ଭବିଷ୍ୟତରେ ଭଲ ମଣିଷ ହୋଇ ଦେଶର ସୁନାମ ଆଣିବାକୁ ପରାମର୍ଶ ଦେଇଥିଲେ ।

ଦଶଟି ବିଭାଗରେ ୧୭ଟି ବିଦ୍ୟାଳୟରୁ ୧୩୯ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଉଦ୍‌ଯାପନ ଉତ୍ସବରେ ତପନ କୁମାର ଦାଶଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ବରିଷ୍ଠ ବିଜେପି ନେତ୍ରୀ ତଥା ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ବଶିଷ୍ଟ ଅତିଥି ରୂପେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ତଥା ବି.ଆର.ସି.ସି ବଳଦେବ ପ୍ରସାଦ ଜେନା, ମୁଖ୍ୟବକ୍ତା ଭାବେ ଓଷ୍ଟା ଜିଲ୍ଲା ସଭାପତି ଅଶୋକ କୁମାର ପରିଡା, ସମ୍ମାନିତ ଅତିଥି ରୂପେ ଅଲେଖ ଚନ୍ଦ୍ର ମହାନ୍ତି, ଜିଲ୍ଲା ଓଷ୍ଟା ଯୁଗ୍ମ ସଂପାଦିକା ସରୋଜିନୀ ସ୍ୱାଇଁ, ଡେରାବିଶ ବ୍ଲକ ସଂପାଦକ ଗଗନ ବିହାରୀ ସୁତାର, ସଭାପତି ପୀତବାସ ପଣ୍ଡା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଶିବ ପ୍ରସାଦ ବଳ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ ।

## ଯୁବକବି ପ୍ରମୋଦ ସେଠୀଙ୍କ ଅକାଳ ବିୟୋଗ



**ରାଜନଗର,୧୪।୧୨ (ସଂଚାର ବ୍ୟୁରୋ):** ରାଜନଗରବ୍ଲକ ଓସ୍ତିଆ ବନ୍ଧପାଟଣା ହାଇସ୍କୁଲର ପ୍ରଧାନଶିକ୍ଷକ ତଥା ଯୁବକବି ପ୍ରମୋଦ କୁମାର ସେଠୀଙ୍କର ଆଜି ଭୋର ୩ ଘଟିକା ସମୟରେ ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୧ ବର୍ଷ ବୟସ ହୋଇଥିଲା। ସେ ଏକାଧାରରେ କବି , ସୁସାହିତ୍ୟିକ , ସଂଗଠକ , ଛାତ୍ର ବତ୍ସଳ ଶିକ୍ଷକ , ଶିକ୍ଷକ ନେତା ପରଉପକାରୀ ଓ ପରିବେଶ ପ୍ରେମୀ ଭାବେ ସମଗ୍ର ରାଜନଗରରେ ପରିଚିତ ଥିଲେ। ସେ ସାମାଜିକ ଅନୁଷ୍ଠାନ ସହିତ ଜଡିତ ଥିଲେ। ଗତକାଲି ରାତିରେ ସେ ଅସୁସ୍ଥ ଅନୁଭବ କରିବାରୁ ମେଡିକାଲ ନେବାକୁ ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ତାଙ୍କୁ ରାଜନଗର ମେଡିକାଲ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଙ୍କର ଶେଷ ଦର୍ଶନ ପାଇଁ ସବୁ ବର୍ଗର ଲୋକଙ୍କ ଭିଡ ଜମିଥିଲା। ଶବ ବ୍ୟବଚ୍ଛେଦ ପରେ ନଗଡ , ଓସ୍ତିଆ , ବନ୍ଧପାଟଣା ଗାଁରେ ମରଶରୀରକୁ ଶୋଭାଯାତ୍ରା କରାଯାଇଥିଲା। ତାଙ୍କର ଶେଷ ଦର୍ଶନ ପାଇଁ ଶତାଧିକ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକ ତାଙ୍କ ଶବଧାରାରେ ସାମିଲ ହୋଇଥିଲେ।

# ପଣ୍ଡିତ ଅବନ୍ତୀନାଥ ଶତପଥୀଙ୍କ ସ୍ମୃତି ସମ୍ମାନ ସମାରୋହ



**ସାଲେପୁର,୧୪।୧୨ (ସଂଚାର ବ୍ୟୁରୋ):** ଆଜି ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶ୍ରୀରାମ କଥାବାଚକ ପ୍ରବଚକ ପଣ୍ଡିତ ଅବନ୍ତୀନାଥ ଶତପଥୀଙ୍କର ଏକାଦଶ ବାର୍ଷିକ ଶ୍ରାଦ୍ଧ ଦିବସ ଓ ପଣ୍ଡିତ ଅବନ୍ତୀନାଥ ସ୍ମୃତି ସମ୍ମାନ ସମାରୋହ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଡଃ ପୂର୍ଣ୍ଣଚନ୍ଦ୍ର ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ କୁମାର ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସ୍ୱର୍ଗତ ପଣ୍ଡିତ ଅବନ୍ତୀନାଥ ଶତପଥୀଙ୍କର ଦୀର୍ଘ ବର୍ଷର ଶିକ୍ଷାଦାନ ଓ ତାଙ୍କର କର୍ମନିଷ୍ଠା ଉପରେ ଆଲୋଚନା କରିଥିଲେ। ସେହିପରି ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ଅଧକ୍ଷ ବିରଞ୍ଚିନାରାୟଣ ପଣ୍ଡା ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ।

ଏହି ଅବସରରେ କଟକ ଜିଲ୍ଲାରେ ଶିକ୍ଷାକ୍ଷେତ୍ରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସାଲେପୁର, ସମାଜସେବା କ୍ଷେତ୍ରରେ ସଖା ସେବା ଟ୍ରଷ୍ଟ, ମଙ୍ଗରାଜପୁର, ସାମ୍ବାଦିକତା କ୍ଷେତ୍ରରେ ସାପ୍ତାହିକ ରାଷ୍ଟ୍ରଦୀପ, ଆଧାତ୍ମିକ କ୍ଷେତ୍ରରେ ଧର୍ମଜାଗରଣ ସମିତି ତେଲେଙ୍ଗା ପେଣ୍ଠ, କଟକଙ୍କୁ ମାନପତ୍ର ଦେଇ ପଣ୍ଡିତ ଅବନ୍ତୀନାଥ ସ୍ମୃତି ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଥିଲା।

ଏହି ଅବସରରେ ନିକଟସ୍ଥ ୮ଟି ବିଦ୍ୟାଳୟର ମାତୃଭାଷା ଓଡ଼ିଆ ଓ ସଂସ୍କୃତରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବନ୍ତୀନାଥ ସ୍ମୃତି ସଂସଦର ଆବାହକ ଚିନ୍ମୟ ରଞ୍ଜନ ଶତପଥୀଙ୍କର ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡଃ ଗୌତମ ମହାରଣା, ଡଃ ଚିତ୍ତରଞ୍ଜନ ପଣ୍ଡା, ପଣ୍ଡିତ ସଞ୍ଜୟ କୁମାର ଷଡ଼ଙ୍ଗୀ, ଡଃ କୁଜ୍ଞୟ ରଞ୍ଜନ ଶତପଥି, ଶିକ୍ଷକ ଦେବେନ୍ଦ୍ର ନାଥ ନାୟକ, ସାଲେପୁର ଶିଶୁବିଦ୍ୟାମନ୍ଦିରର ପ୍ରଶାସକ ରମାକାନ୍ତ ନାୟକ, ଡଃ ତରୁଲତା ଦେବୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

### ହରିଅଙ୍କରେ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ପହଞ୍ଚିଲା ଯାଜପୁର



**ଡେରାବିଶ,୧୪।୧୨ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ୨୪ ତମ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଆଜିର ଦ୍ୱିତୀୟ ସେମିଫାଇନାଲ୍‌ରେ ଯାଜପୁର ଫୁଟବଲ୍ ଟିମ୍ ଓ କଟକ ଜିଲ୍ଲାର ବରହମପୁର ଫୁଟବଲ୍ ଟିମ୍ ପରସ୍ପରକୁ ଭେଟିଥିଲେ। ଖେଳର ପ୍ରଥମାର୍ଦ୍ଧରେ ବରହମପୁର ଟିମ୍ ଯାଜପୁରକୁ ଗୋଟିଏ ଗୋଲ ଦେଇଥିବା ବେଳେ ଦ୍ୱୀୟାର୍ଦ୍ଧରେ ଯାଜପୁର ଏହାକୁ ଶୁଝେଇ ଦେଇଥିଲେ। ଶେଷରେ ରେଫରୀଙ୍କ ନିର୍ଦ୍ଦେଶ କ୍ରମେ ଟାଇ ବ୍ରେକର ଜରିଆରେ ଯାଜପୁର ଟିମ୍ ବରହମପୁର ୩-୨ ଗୋଲରେ ହରାଇ ଫାଇନାଲ୍ ମ୍ୟାଚ୍ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା।

ଯାଜପୁର ଟିମ୍‌ର ଗୋଲକିପର ଉତ୍ତମ ପ୍ରଦର୍ଶନ ଖେଳ କରିଥିବାରୁ ମ୍ୟାନ୍ ଅଫ୍‌ଦି ପ୍ଲେୟାର ଭାବେ ସାଇସଙ୍କର ଇଲେକ୍ଟ୍ରିକାଲସ୍ ପକ୍ଷରୁ ପୁରସ୍କୃତ ହୋଇଥିଲେ। ଆଜିର କ୍ରୀଡ଼ାରେ ମୁଖ୍ୟ ଅତିଥିଭାବେ ହାସ୍ୟ ଅଭିନେତ୍ରୀ ଐସୁରିଆ, ସମ୍ମାନିତ ଅତିଥିଭାବେ ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା, ଅଲମ୍ପିକ ବିଜେତା ଦିବ୍ୟାଙ୍ଗ କ୍ରୀଡ଼ାବିତ୍ ଲୋମା ସ୍ୱାଇଁ ଓ ଫିଲ୍ମ ପ୍ରଜୋଜକ ଶିବିର କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଜିତେନ୍ଦ୍ର ବାରିକ, ସୁଶାନ୍ତ ବିଶ୍ୱାଳ ଓ ରିଆଜ କାଦରି ରେଫରି ଭାବେ ପରିଚାଳନା କରିଥିଲେ।